Odia Spiritual Books #1005_8

ଭାଗବତ

bhAgabata - 8

୮

www.odia.org

ଭାଗବତ - ୮

Odia Spiritual Books ***#1005_8***

Version:- 1.0_010108

Publisher:- www.odia.org

Price:- Priceless

Not for any business use

অতিবড়ী জগন্নাথ দাসকৃত
শ্রীমদ্‌ভাগবত
অষ্টম স্কন্ধ

ଅଷ୍ଟମ ସ୍କନ୍ଧ

ପ୍ରଥମ ଅଧ୍ୟାୟ

ହରଷେ ଅଭିମନ୍ୟୁସୁତ । ଶୁଣି ଗୋବିନ୍ଦର ଚରିତ ।।୧
ଶୁକ ଚରଣେ ଦେଇ କର । ବୋଲେ ପରୀକ୍ଷ ଦଣ୍ଡଧର ।।୨

ରାଜା ଉବାଚ

ବିଷ୍ଣୁ-ଚରିତ ତୁମ୍ଭ ମୁଖେ । ଶୁଣିଲି ଅଦୃଷ୍ଟ-ସୁପାକେ ।।୩
ଭୋ ମୁନି ଦୟାକର ମୋତେ । ସଂସାରୁ ତରିବି ଯେମନ୍ତେ ।।୪
ମୋଠାରେ ସ୍ନେହ ବହ ଯେବେ । ପ୍ରସନ୍ନ ଚିତ୍ତେ କହ ଏବେ ।।୫
ପୂର୍ବେ ଯେ ସ୍ୱାୟମ୍ଭୁବ ମନୁ । ପ୍ରତ୍ୟକ୍ଷେ ପଦ୍ମଯୋନି ତନୁ ।।୬
ତାହାଙ୍କ ବଂଶେ ଯେ ଚରିତ । ଯେ ପୂର୍ବେ ଭୂତ-ଭବିଷ୍ୟତ ।।୭
ବିସ୍ତାରେ ତୁମ୍ଭ ମୁଖୁଁ ଶୁଣି । ତରିବି ଭବ-ତରଙ୍ଗିଣୀ ।।୮
ଯେ ବଂଶେ ବିଶ୍ୱସୃକଗଣ । ମନୁଦୁହିତା ଗର୍ଭେ ପୁଣ ।।୯
ପୁତ୍ର-ପୌତ୍ରାଦି ଏ ଜଗତେ । ଯେବା ଚରିତ କଲେ ଯେତେ ।।୧୦
ଯେ ମନୁବଂଶେ ଯେବା କୃତ୍ୟ । ଅଦ୍‌ଭୁତ ବିଷ୍ଣୁର ଚରିତ ।।୧୧
ଅଦ୍ୟାପି କବି-ଋଷିମାନେ । ଅଶେଷ-ଶାସ୍ତ୍ର-ଅନୁମାନେ ।।୧୨
ଗ୍ରନ୍ଥିଲେ କୃଷ୍ଣଗୁଣ ଗାଥା । ଅଶେଷ କର୍ମ ହରିକଥା ।।୧୩
ଯେ କଥା କର୍ଣ୍ଣରନ୍ଧ୍ରେ ପଶେ । ଅଶେଷ କଳୁଷ ବିନାଶେ ।।୧୪
ଯେ ମନୁ ଅନ୍ତରେ ଯେ କଥା । ବିଷ୍ଣୁ ଚରିତ ସାଧୁଗାଥା ।।୧୫
ଯେ ବର୍ତ୍ତମାନ ପୂର୍ବଭୂତେ । ଯେବା କରିବେ ଭବିଷ୍ୟତେ ।।୧୬
ସକଳ କହ ମୁନିବର । ଏ ଭବସାଗରୁ ଉଦ୍ଧର ।।୧୭
ଏମନ୍ତ ପରୀକ୍ଷିତ ଆଗେ । ଶୁକ କହନ୍ତି ଅନୁରାଗେ ।।୧୮

ଶୁକ ଉବାଚ

ପ୍ରଥମକଳ୍ପେ ମୁଁ ସମ୍ପ୍ରାଦି । କହିଲି ସ୍ୱାୟମ୍ଭୁବ ଆଦି ।।୧୯

ଏ ଷଟ ମନୁବଂଶ ଯେତେ । ଦେବାଦି ମନୁଷ୍ୟ ପର୍ଯ୍ୟନ୍ତେ ।।୨୦
ଆଦ୍ୟନ୍ତ ମଧ୍ୟେ କଲେ ଯେତେ । ପୂର୍ବେ ମୁଁ କହିଅଛି ତୋତେ ।।୨୧
ଆକୂତି ଦେବହୂତି ବେନି । ମନୁଦୁହିତା ବେନିଭଗ୍ନୀ ।।୨୨
ଧର୍ମଜ୍ଞାନର ଉପଦେଶେ । ପରମବ୍ରହ୍ମ ନିଜ ଅଂଶେ ।।୨୩
ଯଜ୍ଞବରାହ କଳ୍ପେ ପୂର୍ବେ । ଜନ୍ମିଲେ ଦେବହୂତି ଗର୍ଭେ ।।୨୪
କପିଳ ରୂପେ କଲେ ଯେତେ । ପୂର୍ବେ ମୁଁ କହିଅଛି ତୋତେ ।।୨୫
ଆକୂତି ଗର୍ଭେ ଯଜ୍ଞ ରୂପେ । ଯେ ଅବା କଲେ ପୂର୍ବକଳ୍ପେ ।।୨୬
ସେ କଥା ଶୁଣ ନୃପବର । ହରି-ଚରିତ ସୁଧାସାର ।।୨୭
ସେ ସ୍ୱାୟମ୍ଭୁବ ମନୁରାଜା । ସୃଷ୍ଟି-ସର୍ଜନେ ମହାତେଜା ।।୨୮
ସେ ପତ୍ନୀ ଶତରୂପା ସଙ୍ଗେ । ବିରକ୍ତ ଚିତ୍ତ କାମଭୋଗେ ।।୨୯
ବନେ ପଶିଲେ ତପ ଅର୍ଥେ । ସେ ପତିବ୍ରତାର ସମେତେ ।।୩୦
ସୁନନ୍ଦା-ତୀର୍ଥେ ଏକପାଦେ । ଉଭା ସେ ହୋଇ ଦୃଢ଼ବନ୍ଧେ ।।୩୧
ଗଗନଗତେ ମୁଖକରି । ଚଞ୍ଚଳ-ଚିତ୍ତକୁ ନିବାରି ।।୩୨
ସୁଘୋର ତପେ ରହି ବନେ । ସେ ରାଜା ବିଚାରଇ ବନେ ।।୩୩

ମନୁ ଉବାଚ

ଯେ ହରି ଏ ବିଶ୍ୱସଂସାରେ । ଚେତନା ରୂପେ ହୃଦେ ପୂରେ ।।୩୪
ଚେତନ-ଅଚେତନ-ରୂପୀ । ଜାଗ୍ରତ ସ୍ୱପ୍ନ ମଧ୍ୟେ ବ୍ୟାପୀ ।।୩୫
ଧାତା ନ ଜାଣେ ଯାର ଅନ୍ତ । ତେଣୁ ସେ ବୋଲାଇ ଅନନ୍ତ ।।୩୬
ଏ ବିଶ୍ୱଆତ୍ମା ଯେହୁ ହୋଏ । ବିରାଜେ ସ୍ୱୟଂ ସର୍ବଦେହେ ।।୩୭
ସୃଜଇ ପାଳଇ ସଂହାରେ । ବାଳକ-ଲୀଳାରେ ବିହରେ ।।୩୮
ଦେଖନ୍ତା ପ୍ରାଣୀଙ୍କି ନ ଦିଶେ । ଦୃଶ୍ୟ ଅଦୃଶ୍ୟ ରୂପେ ମିଶେ ।।୩୯
ସକଳ ରୂପେ ଯାର ବାସ । ବିରାଜେ ଯେହ୍ନେ ଘଟାକାଶ ।।୪୦
ସେ ସର୍ବପ୍ରାଣୀଙ୍କ ମନ୍ଦିର । ଜୀମୂତ ମଧ୍ୟେ ଯେହ୍ନେ ନୀର ।।୪୧
ସୁପର୍ଣ୍ଣ ପୃଷ୍ଠେ ଯାର ସ୍ଥିତି । ତା' ପାଦେ ରହୁ ମୋର ମତି ।।୪୨
ଆଦ୍ୟନ୍ତ ମଧ ଯାର ନାହିଁ । ସ୍ୱ ପର ଭେଦ ଅବା କାହିଁ ।।୪୩
ନ ମିଶେ ଅନ୍ତର ବାହାରେ । ଏ ମାୟା-ମୋହନ ସଂସାରେ ।।୪୪
ଏ ବିଶ୍ୱମୟ ଯେ ପ୍ରମାଣ । ସତ୍ୟ-ସ୍ୱରୂପ ପୂର୍ଣ୍ଣବ୍ରହ୍ମ ।।୪୫
ଯେ ବିଶ୍ୱକାୟ ପୁରୁହୂତ । ବିଶ୍ୱ-ସୃଜନେ ଉପଗତ ।।୪୬
ବିମୋହ ମୋହ ପାଶେ ଛନ୍ଦି । ଯାର କ୍ରୀଡ଼ାରେ ବିଶ୍ୱ ବନ୍ଦୀ ।।୪୭
ସତ୍ୟ ପରମଜ୍ୟୋତି ଅଜ । ପୁରାଣ ପୁରୁଷ ବିରାଜ ।।୪୮
ଜୀବର ଜନ୍ମ ଆଦି ଯେତେ । ଧରେ ଆତ୍ମଶକ୍ତି ଆୟତ୍ତେ ।।୪୯
ନିରୀହ ଚେଷ୍ଟା-ବିବର୍ଜିତ । ସ୍ୱରୂପେ ଯେବେ ହୋଏ ସ୍ଥିତ ।।୫୦
ଏ ଭାବ ଜାଣି ଋଷିଜନେ । କର୍ମ ଇଚ୍ଛନ୍ତି ଦୃଢ଼ମନେ ।।୫୧
ଯେ ଭାବେ କର୍ମ ହିଁ ନ ଫଳେ । ସେ ଭାବେ ଭଜନ୍ତି ନିଶ୍ଚଳେ ।।୫୨
ଈଶ୍ୱର ଭାବେ କର୍ମ କଲେ । ନିର୍ଗୁଣ ଲଭନ୍ତି ସେ ଭଲେ ।।୫୩
ଇଷ୍ଟ କରନ୍ତି ପ୍ରାଣୀଙ୍କର । ସେ ଭାବେ ଭଜେ ଦୁରାଚାର ।।୫୪
ଆତ୍ମାର ପୂର୍ଣ୍ଣଲାଭ ଅର୍ଥେ । ଯେ ତାଙ୍କୁ ଭଜନ୍ତି ଜଗତେ ।।୫୫
କେବେହେଁ ଭ୍ରଷ୍ଟ ସେ ନୁହନ୍ତି । ଅନ୍ତେ ଲଭନ୍ତି ବ୍ରହ୍ମଗତି ।।୫୬
ସକଳ ଆତ୍ମାର ଈଶ୍ୱର । ସ୍ୱଭାବେ ନାହିଁ ଅହଙ୍କାର ।।୫୭
ପୂର୍ଣ୍ଣ ଅନାଦି ନିରଞ୍ଜନ । କାହାର ନୋହେ ସେ ଅଧୀନ ।।୫୮
ସ୍ୱଭାବେ ନିଜମାର୍ଗେ ରହେ । କେ ଚିନ୍ତିପାରେ ତାକୁ ଦେହେ ।।୫୯
ଏଣୁ ସେ ସଂସାରର ସାର । ତା' ପାଦେ ମୋର ନମସ୍କାର ।।୬୦

ଶୁକ ଉବାଚ

ଶୁଣ ହୋ ଅଭିମନ୍ୟୁସୁତ । ସେ ସ୍ୱାୟମ୍ଭୁବ ଦୃଢ଼ଚିତ୍ତ ।।୬୧
ଚିନ୍ତା କରନ୍ତେ ତପବଳେ । ସୁଦୃଢ଼ ସମାଧି ନିଶ୍ଚଳେ ।।୬୨
ଅସୁର-ଯାତୁଧାନ ଗଣେ । ବେଗେ ମିଳିଲେ ଘୋରବନେ ।।୬୩
ଭକ୍ଷିବା ପାଇଁ କ୍ଷୁଧା ଆଶେ । ବେଗେ ମିଳିଲେ ତାର ପାଶେ ।।୬୪
ତାହାଙ୍କୁ ଦେଖି ନରହରି । ଯଜ୍ଞପୁରୁଷ ରୂପ ଧରି ।।୬୫
ନିବାରି ଯାତୁଧାନ ଗଣ । ସ୍ୱର୍ଗ ପାଳିଲେ ନାରାୟଣ ।।୬୬
ସେ ମନୁ ଅନ୍ତେ ସ୍ୱାରୋଚିଷ । ଦ୍ୱିତୀୟ ମନୁ ସେ ବିଶେଷ ।।୬୭

ଅଗ୍ନିର ପୁତ୍ର ସେ ସ୍ୱଭାବେ । ରାଜତ୍ୱ କଲା ବିଶ୍ୱଭାବେ ।।୬୮
ଦ୍ୟୁମାନ ସୁଷେଣ ରୋଚିଷ । ଏ ଆଦି ତାର ପୁତ୍ର ଦଶ ।।୬୯
ସେ ମନୁ କାଳେ ସୁରନାଥ । ରୋଚନ ନାମେ ବଳବନ୍ତ ।।୭୦
ଯାହାର କାଳେ ଦେବଗଣ । ତୁଷିତ ନାମେ ଉଚ୍ଚାରଣ ।।୭୧
ଋଷିଏ ଊର୍ଜ୍ଜସ୍ତମ୍ଭ ଆଦି । ଏ ସପ୍ତଋଷି ବ୍ରହ୍ମବାଦୀ ।।୭୨
ଯେ ବେଦଶିରା ନାମେ ମୁନି । ତୁଷିତା ନାମେ ତା ଭାମିନୀ ।।୭୩
ସେ ପତ୍ନୀ ଗର୍ଭେ ବିଭୁ ରୂପେ । ବିଷ୍ଣୁ ଜନ୍ମିଲେ ଆଦିକଳ୍ପେ ।।୭୪
ପୂର୍ବେ ଯେ ବାଳଖିଲ୍ୟା ରୂପେ । ଅଠାଶୀସସ୍ର ଆଦିକଳ୍ପେ ।।୭୫
ଯୋଗ-ଅଭ୍ୟାସେ ଉର୍ଦ୍ଧ୍ୱରେତା । ବିଷ୍ଣୁ-ଭଜନେ ବଳବନ୍ତା ।।୭୬
ବିଭୁର ଶିକ୍ଷା ଶିରେ ଧରି । ସେ ମୁନିଗଣେ ବ୍ରହ୍ମଚାରୀ ।।୭୭
କୁମାର-ବ୍ରତ ଆଚରିଲେ । ତେଣୁ ବାଳକ ସେ ହୋଇଲେ ।।୭୮
ତୃତୀୟ-ମନୁ ଯେ ଉତ୍ତମ । ସେ ପ୍ରିୟବ୍ରତର ନନ୍ଦନ ।।୭୯
ତାର ସୁଞ୍ଜୟ ଯଜ୍ଞହୋତ୍ର । ଏ ଆଦି ପୁତ୍ରେ ବଳବନ୍ତ ।।୮୦
ସେ କଳ୍ପେ ସପ୍ତଋଷି ଜନ । ବଶିଷ୍ଠଋଷିଙ୍କ ନନ୍ଦନ ।।୮୧
ପ୍ରମଦ ଆଦି ସପ୍ତସୁତେ । ସତ୍ୟ ଆଦି ଯେ ଦେବଯୁଥେ ।।୮୨
ସତ୍ୟଜିତ ଯେ ଦେବରାଜା । ହରି-ଭକତେ ମହାତେଜା ।।୮୩
ସୁନୃତା ଧର୍ମପତ୍ନୀ ଗର୍ଭେ । ପୁରୁଷୋତ୍ତମ ରୂପେ ପୂର୍ବେ ।।୮୪
ବହିଣ ସତ୍ୟସେନ ନାମ । ସତ୍ୟବ୍ରତଙ୍କ ସଙ୍ଗେ ପୁଣ ।।୮୫
ଜନ୍ମିଲେ ସତ୍ୟବ୍ରତ ତୁଲେ । ଶୁଣ ତୁ ଯେବା କର୍ମ କଲେ ।।୮୬
ଯକ୍ଷ ରାକ୍ଷସ ଭୂତଗଣ । ପ୍ରାଣୀଙ୍କି କରନ୍ତି ଭକ୍ଷଣ ।।୮୭
ତାହାଙ୍କୁ ମାରି ସତ୍ୟ ସଙ୍ଗେ । ଧର୍ମ ରଖିଲେ ସତ୍ୟଯୁଗେ ।।୮୮
ଚତୁର୍ଥେ ପ୍ରିୟବ୍ରତ-ସୁତ । ତାମସ ଉତ୍ତମର ଭ୍ରାତ ।।୮୯
ଯେ ପୃଥୁ କେତୁ ଖ୍ୟାତି ନର । ଏ ଆଦି ଦଶ ତା କୁମର ।।୯୦
ତାର ଅନ୍ତରେ ସ୍ୱର୍ଗପୁରେ । ତ୍ରିଶିଖ ନାମେ ସୁରେଶ୍ୱରେ ।।୯୧
ସତ୍ୟକ ହରି ବୀର ଆଦି । ଦେବତା ନାମେ ଏ ପ୍ରସିଦ୍ଧି ।।୯୨

ମୁନିଏ ଜ୍ୟୋତିର୍ଦ୍ଧାମ ଆଦି । ତାମସ ଅନ୍ତରେ ପ୍ରସିଦ୍ଧି ।।୯୩
ବୈଧୃତି ନାମେ ଦେବଗଣ । ଶୁଣ ହୋ ତାହାଙ୍କ ପ୍ରମାଣ ।।୯୪
କାଳେ ଯେ ବେଦ ନାଶ ଗଲେ । ସେ ମନ୍ୱନ୍ତରେ ସେ ରଖିଲେ ।।୯୫
ସେ ମନ୍ୱନ୍ତରରେ ଅଚ୍ୟୁତ । ହରିଣୀ ଉଦରେ ସମ୍ଭୂତ ।।୯୬
ତେଣୁ ବହିଲେ ହରି ନାମ । ରୂପେ ମୋହିତ କୋଟିକାମ ।।୯୭
ଯେ ହରିନାମ ଏ ସଂସାରେ । ଅଶେଷ ଦୁରିତ ସଂହରେ ।।୯୮
ଯେ ରୂପେ ଗଜେନ୍ଦ୍ର-ମୋକ୍ଷଣ । କୁମ୍ଭୀର-ଦର୍ପ ନିବାରଣ ।।୯୯
ଜଳେ କୁମ୍ଭୀର ମୁଣ୍ଡ ହାଣି । ଗଜ ରଖିଲେ ଚକ୍ରପାଣି ।।୧୦୦
ଯା ନାମ ଭୁବନମଙ୍ଗଳ । ଦୂରିତ ବନ-ଦାବାନଳ ।।୧୦୧
ଏକଥା ଶୁକ ମୁଖୁଁ ଶୁଣି । ପାଣ୍ଡବ ବଂଶ ଚୂଡ଼ାମଣି ।।୧୦୨
ଆନନ୍ଦେ ହୋଇ କୃତକୃତ୍ୟ । ବୋଇଲେ ନୃପ ପରୀକ୍ଷିତ ।।୧୦୩

ରାଜା ଉବାଚ

ଭୋ ମୁନି ଦୁର୍ଲ୍ଲଭ-ବଚନ । ଶୁଣି ଆନନ୍ଦ ମୋର ମନ ।।୧୦୪
କେମନ୍ତେ ପ୍ରଭୁ ନରହରି । ଗଜ ରଖିଲେ ଗ୍ରାହ ମାରି ।।୧୦୫
କୁମ୍ଭୀର କେଉଁ ଜଳେ ଥିଲା । ଗଜକୁ କେମନ୍ତେ ଧଇଲା ।।୧୦୬
ସେ ଜଳଜୀବ ଜଳେ ଥାଇ । ହସ୍ତୀ-ସଂଯୋଗ ତାର କାହିଁ ।।୧୦୭
ହସ୍ତୀ ସବଳ ମହାକାୟେ । କୁମ୍ଭୀର କେତେ ବଳ ବହେ ।।୧୦୮
ଏକଥା ସଂଶୟ ତ ମୋତେ । ଭୋ ମୁନି କହ ଶୁଦ୍ଧଚିତ୍ତେ ।।୧୦୯
ଏ ପୁଣ୍ୟକଥା ମହାଧନ୍ୟ । ମଙ୍ଗଳ ସର୍ବ ସ୍ୱସ୍ତ୍ୟୟନ ।।୧୧୦
ଏ ଯେ ପ୍ରସ୍ତାବ ହରିବାଣୀ । ଶ୍ରବଣମାର୍ଗେ ଯେବା ଶୁଣି ।।୧୧୧
ହରି ପ୍ରସାଦୁ ଭବୁ ତରେ । ନ ପଡ଼େ ମାୟା-ତମ-ଘୋରେ ।।୧୧୨

ସୁତ ଉବାଚ

ଏମନ୍ତେ ପରୀକ୍ଷିତ ବାଣୀ । ଆନନ୍ଦେ ଶୁକମୁନି ଶୁଣି ।।୧୧୩
ଗଙ୍ଗାର ତୀରେ ଅନ୍ତର୍ଜଳେ । ଅସଂଖ୍ୟ ମୁନିଗଣ ମେଳେ ।।୧୧୪
ଗୋବିନ୍ଦ ପାଦେ ଦେଇ ଚିତ୍ତ । ବୋଲଇ ଦାସ ଜଗନ୍ନାଥ ।।୧୧୫

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ମନ୍ୱନ୍ତରାନୁଚରିତେ ପ୍ରଥମୋଽଧ୍ୟାୟଃ ।।

ଦ୍ୱିତୀୟ ଅଧ୍ୟାୟ

ଶୁକ ଉବାଚ

କହନ୍ତି ବ୍ୟାସଙ୍କର ସୁତ । ଶୁଣ ରାଜନ ପରୀକ୍ଷିତ ।।୧
ପର୍ବତ ତ୍ରିକୂଟ ଯେ ନାମ । ସର୍ବସମ୍ପଦ ମୂଳଧାମ ।।୨
ଅୟୁତ-ଯୋଜନ ବିସ୍ତୃତ । କ୍ଷୀରସମୁଦ୍ରେ ସେ ଆବୃତ ।।୩
ଉଚ୍ଚ ଯେ ଅୟୁତଯୋଜନ । ଦେଖନ୍ତେ ହରେ ପ୍ରାଣୀମନ ।।୪
ବିରାଜେ ଅଷ୍ଟଦିଗ ମଧ୍ୟେ । ଆନନ୍ଦ କରେ ଦେବବୃନ୍ଦେ ।।୫
ତୃତୀୟ ଶୃଙ୍ଗ ବହେ ଶିରେ । ସୁବର୍ଣ୍ଣ ରୌପ୍ୟ ଲୌହ ଧରେ ।।୬
ରତ୍ନ ଧାରଣ କରି ଅଙ୍ଗେ । ବିରାଜି ଶୋହେ ଦଶଦିଗେ ।।୭
ନାନାପ୍ରକାରେ ଲତା-ଗୁଳ୍ମ । ନିର୍ଝରତଟେ ବହୁଦ୍ରୁମ ।।୮
ନିର୍ଝର ଶବଦ ଗମ୍ଭୀର । ଅତି ସୁରମ୍ୟ ମନୋହର ।।୯
ନିର୍ଝର-ଜଳର ସମୂହେ । ଗିରି-ଚରଣ କିବା ଧୁଏ ।।୧୦
ନିର୍ଝର-ଭୂମି ବାୟୁବଳେ । ସ୍ୱର୍ଣ୍ଣ-ବାଲୁକା ଶୋହେ କୂଳେ ।।୧୧
ମର୍କତ-ପାଷାଣ-ସମୂହେ । ଶ୍ୟାମଳବର୍ଣ୍ଣେ ଭୂମି ଶୋହେ ।।୧୨
ସିଦ୍ଧ ଚାରଣ ବିଦ୍ୟାଧର । ଗନ୍ଧର୍ବ ସଙ୍ଗତେ କିନ୍ନର ।।୧୩
ଉରଗଗଣ ଯୂଥ ଯୂଥ । ଅପ୍ସରା ମିଳି ନୃତ୍ୟ ଗୀତ ।।୧୪
ଅରଣ୍ୟେ ନାନା-ପଶୁଗଣେ । ଗିରି-କନ୍ଦରେ ଘୋରବନେ ।।୧୫
ନାଦ କରନ୍ତି ମନୋହର । ମୟୂର କୋକିଳ ଭ୍ରମର ।।୧୬
ସରିତ ସରୋବର ନଦ । ମଣିବାଲୁକା କୁଦ କୁଦ ।।୧୭
ଦେବକାମିନୀଗଣ ଯହିଁ । ସ୍ନାନ କରନ୍ତି ମୋଦ ବହି ।।୧୮
ତାହାଙ୍କ ଅଙ୍ଗରେ ଲେପିତ । ଗନ୍ଧ ଚନ୍ଦନ ପାରିଜାତ ।।୧୯
ସେ ଗନ୍ଧ ଶୀତଳ-ସମୀରେ । ସୁଗନ୍ଧେ ଦଶଦିଗ ପୂରେ ।।୨୦
ସେ ଗିରି-ଦ୍ରୋଣି ମଧ୍ୟେ ବନ । ବରୁଣ କ୍ରୀଡ଼ାର ଉଦ୍ୟାନ ।।୨୧
ଋତୁମାନ ନାମ ବନର । ସୁରକାମିନୀ କ୍ରୀଡ଼ାଘର ।।୨୨
ପର୍ବତେ ଅଳଙ୍କୃତ ବନ । ଫଳଫୁଲରେ ସୁଶୋଭନ ।।୨୩
ମନ୍ଦାର ପାଟଳୀ ଚମ୍ପକ । ପାରିଜାତକ କୁରୁବକ ।।୨୪
ଚୂତ ପିଆଳ ପନସଜ । ଆମ୍ର ଅଶୋକ ଆମ୍ରାତକ ।।୨୫
କଦମ୍ବ ନାରିକେଳ ବନ । ଖର୍ଜୁର ଦାଡିମ୍ବ ଅର୍ଜୁନ ।।୨୬
ମଧୁକ ଶାଳ ତାଳ ଶୋହେ । ତମାଳ ଅସନ ସମୂହେ ।।୨୭
ଅରିଷ୍ଟ ଉଡୁମ୍ବର ପ୍ଲକ୍ଷ । ନ୍ୟଗ୍ରୋଧ ଚନ୍ଦନ ରୁଦ୍ରାକ୍ଷ ।।୨୮
ନିମ୍ବ କୋବିଦାର ସରଳ । କିଂଶୁକ ଦେବଦାରୁ କୁଳ ।।୨୯
ଦ୍ରାକ୍ଷା ଇକ୍ଷୁ ଯେ ରମ୍ଭାବନ । ବଦରୀ ଅଭୟା ଯେ ଦ୍ରୁମ ।।୩୦
ବେଲ ଜମ୍ବୀର କପିତ୍‌ଥକ । ଅଁଳା ପୁଣି ଭଲ୍ଲାତକ ।।୩୧
ଯହିଁ ବରୁଣ ସରୋବର । ସୁବର୍ଣ୍ଣ ପଦ୍ମ ମନୋହର ।।୩୨
କହ୍ଲାର କୁମୁଦ ଉତ୍ପଳ । ସ୍ୱଭାବେ ସଗନ୍ଧ ଶୀତଳ ।।୩୩
ବିକଚ-ଶତପତ୍ରେ ଶୋଭା । କିବା ଉପମା ଆନେ ଦେବା ।।୩୪
ମତ୍ତଭ୍ରମର ପକ୍ଷୀଗଣ । ନାଦ କରନ୍ତି ଅନୁକ୍ଷଣ ।।୩୫
ହଂସ କାରଣ୍ଡକ ସମୂହେ । ସାରସ ଚକ୍ରବାକ ଶୋହେ ।।୩୬
ଜଳକୁକ୍କୁଟ କୋୟଷ୍ଟିକ । କୂଜିତ କୋମଳେ ଡାହୁକ ।।୩୭
ମତ୍ସ୍ୟ କଚ୍ଛପେ ଚଳେ ଜଳ । ପଦ୍ମ-ପରାଗରେ ଧୂସର ।।୩୮
କଦମ୍ବ ବଞ୍ଜୁଳକ ବେତ । ନୀପ କୀଚକ ଯୂଥ ଯୂଥ ।।୩୯
କୁନ୍ଦ ଅଶୋକ କୁରୁବକ । କୂଟଜ ଇଙ୍ଗୁଦି କୁବ୍ଜକ ।।୪୦
ଶିରୀଷ ପୁଣି ସ୍ୱର୍ଣ୍ଣଯୂଥୀ । ନାଗ ପୁନ୍ନାଗ ଆଉ ଜାତି ।। ୪୧
ମଲ୍ଲିକା ଶତପତ୍ର ଶୋହେ । ମାଧବୀ ମାଳତୀ ସମୂହେ ।।୪୨
ଅନ୍ୟାନ୍ୟ ଜଳ ସ୍ଥଳ ଫୁଲ । ଷଡ଼ଋତୁରେ ସମତୁଲ ।।୪୩
ଏମନ୍ତ ବନେ ଏକଦିନେ । ଗଜେନ୍ଦ୍ର ବିଚାରଇ ମନେ ।।୪୪

ଏ ଗ୍ରୀଷ୍ମକାଳେ ଏ ବନସ୍ତେ । ତୃଷାର୍ତ୍ତ ହୋଇଲୁ ସମସ୍ତେ ।।୪୫

ଜଳ ନ କରିଲେ ଆହାର । କେମନ୍ତେ ଧରିବା ଶରୀର ।।୪୬

ଏମନ୍ତ ମନେ ବିଚାରଇ । ଶୀତଳ-ଜଳ ଅଛି କାହିଁ ।।୪୭

ବ୍ୟାକୁଳେ ବନସ୍ତୁ ବାହାର । ତୃଷିତେ ଦିଶେ ଅନ୍ଧକାର ।।୪୮

ସେ ଗଜ ଆଶ୍ରେ ସେ ବନସ୍ତେ । ସୁଖେ ଚରନ୍ତି ପଶୁଯୂଥେ ।।୪୯

କଣ୍ଟକାକୀର୍ଣ୍ଣ ବେଣୁବନେ । ଭ୍ରମନ୍ତି ତୃଷିତ ବଦନେ ।।୫୦

ସ୍ୱଭାବେ ମତ୍ତଗଜ ଦନ୍ତା । ବନ-ବିହାରେ ବଳବନ୍ତା ।।୫୧

ଯାର ଚାଲନ୍ତେ ପାଦ ଲାଗି । ପଡ଼ନ୍ତି ବୃକ୍ଷ ଗୁଳ୍ମ ଭାଙ୍ଗି ।।୫୨

ତାହାର ମଦ-ଗନ୍ଧ ବାସେ । ପଶୁଏ ନ ଚରନ୍ତି ପାଶେ ।।୫୩

ବ୍ୟାଘ୍ର ଭଲ୍ଲୁକ ଖଡ଼୍‌ଗ ମୃଗ । ଯେବା ସଞ୍ଚରେ ମହୋରଗ ।।୫୪

ଶରଭ କୃଷ୍ଣସାର ହରି । ସେ ଶଲ୍ୟ ବୃକ ଯେ ଚମରୀ ।।୫୫

ବରାହ ମହିଷ ଶଶକ । ଗୋପୁଚ୍ଛ ଆଦି ଶାଳାବୃକ ।।୫୬

କ୍ଷୁଦ୍ର ହରିଣଗଣ ଯେତେ । ଚରନ୍ତି ଯେ ଯାହା ଆୟତ୍ତେ ।।୫୭

ସେ ଗଜପତି ଗଜଯୂଥେ । ଅନେକ ଭ୍ରମିଲା ବନସ୍ତେ ।।୫୮

ବରୁଣ-ହ୍ରଦ-ତୀରେ ଯାଇ । ତୃଷିତଲୋଚନେ ଅନାଇଁ ।।୫୯

ନିଦାଘ-ତାପେ କରୀଗଣ । ବ୍ୟାକୁଳ ବିଚଳିତ ମନ ।।୬୦

ମଦଜଳରେ ହୋଇ ଛନ୍ନ । ଅଙ୍ଗକୁ କଲେ ପ୍ରକମ୍ପନ ।।୬୧

ପଦ୍ମକୁ ତେଜି ଅଳିଗଣ । ହସ୍ତୀଙ୍କ ମଦ କଲେ ପାନ ।।୬୨

ଜଳ ଶୀତଳ ପୁଷ୍ପଗନ୍ଧେ । ଆଘ୍ରାଣ କରି ନାସାରନ୍ଧ୍ରେ ।।୬୩

କରିଣୀଯୂଥ ସଙ୍ଗେ ମିଶି । ସନ୍ତୋଷେ ଶୀତଜଳେ ପଶି ।।୬୪

ସୁବର୍ଣ୍ଣ-ପଦ୍ମବନ-ମଧ୍ୟେ । ସକଳେ ପଶିଲେ ଆନନ୍ଦେ ।।୬୫

ସକଳେ ହରଷ ବଦନ । ସନ୍ତୋଷେ କଲେ ଜଳପାନ ।।୬୬

ଜଳ ତୋଳନ୍ତି ଥୋର ହସ୍ତେ । ସିଞ୍ଚନ୍ତି ଅନ୍ୟେ ଅନ୍ୟଗାତ୍ରେ ।।୬୭

ନିଦାଘ କାଳେ ଶୀତଜଳେ । କ୍ରୀଡ଼ା କରନ୍ତି ସୁଖଭୋଳେ ।।୬୮

ଶବଦ ଶୁଭେ ଉଚ୍ଛୁଳିତ । ଯେସନେ ଜୀମୂତ-ଗର୍ଜିତ ।।୬୯

ଅଗାଧ-ଜଳେ ଗ୍ରାହ ଥିଲା । ଜଳେ ସେ ଶବଦ ଶୁଣିଲା ।।୭୦

ବେଗେ ଧାଇଁଲା କୋପମନେ । ମିଳିଲା ଗଜ ସନ୍ନିଧାନେ ।।୭୧

କେହି ନଦେଖେ ତାକୁ ଜଳେ । କୁମ୍ଭୀର ଅତି କୋପାନଳେ ।।୭୨

ଧଇଲା ଗଜପତି-ପାଦ । ଶବଦ କରି ଘୋରନାଦ ।।୭୩

ଦଇବ-ବଶେ ଯୋଗବଳେ । ହସ୍ତୀ ବିପତ୍ତି ଘୋରଜଳେ ।।୭୪

ଗ୍ରାହ ଧଇଲା ଅକସ୍ମାତେ । ଗଜଚରଣ ଦୃଢ଼ଘାତେ ।।୭୫

ସେ ଗଜପତି ବଳବନ୍ତ । ବଜ୍ରହୁଁ ଆଣ୍ଟ ତାର ଦନ୍ତ ।।୭୬

କି କରିପାରେ ତାର ଦନ୍ତେ । ବିଷ୍ଣୁଙ୍କ ମାୟାର ଆୟତ୍ତେ ।।୭୭

ଗଜ ସ୍ୱଭାବେ ମହାବଳୀ । ଚରଣ ନପାରିଲା ଚାଳି ।।୭୮

କରିଣୀଯୂଥ ତାହା ଦେଖି । ଦୁଃଖେ ହୋଇଲେ ଅଶ୍ରୁମୁଖୀ ।।୭୯

ସ୍ୱଭାବେ ଅତି ଶୀତ-ପାଣି । ଗଜ ନପାରେ ପାଦ ଆଣି ।।୮୦

ସେ ହସ୍ତୀପଲ ତାକୁ ଧରି । ଟାଣନ୍ତି ଘୋରନାଦ କରି ।।୮୧

ମୁଖରୁ ରୁଧିର ଗଳଇ । କେବେହେଁ ଗଜ ନ ଟଳଇ ।।୮୨

ବଳେ ଆଣନ୍ତି କିଛିଦୂର । କୁମ୍ଭୀର ଅତି ବଳୀୟାର ।।୮୩

ପୁଣି ଗଭୀର-ଜଳେ ଭରେ । ସୁଦୃଢ଼-ଦନ୍ତେ ପାଦ ଧରେ ।।୮୪

ଏମନ୍ତେ ଗଜ-ଗ୍ରାହ ଯୁଦ୍ଧ । ଗଗନେ ଦେଖନ୍ତି ବିବୁଧ ।।୮୫

ଗଜ ଟାଣନ୍ତେ ଅତି ଖରେ । ପୁଣି କୁମ୍ଭୀର ଜଳେ ଭରେ ।।୮୬

ଏମନ୍ତେ ସହସ୍ର-ବରଷ । ଯୁଦ୍ଧ ନୋହିଲା ଅବଶେଷ ।।୮୭

ଏମନ୍ତେ ଦୀର୍ଘକାଳ ଜଳେ । ଗଜ-କୁମ୍ଭୀର ମହାବଳେ ।।୮୮

କ୍ଷୀଣ ହୋଇଲା ଗଜପତି । ସଙ୍ଗତେ ଥିଲେ ଯେତେ ହସ୍ତୀ ।।୮୯

ଦଣ୍ଡେ ଚରନ୍ତି ଘୋରବନେ । ଜଳେ ବଞ୍ଚନ୍ତି ଚିତ୍ତଛନ୍ନେ ।।୯୦

ଗଜ କୁମ୍ଭୀର ଯୁଦ୍ଧଘାତେ । ସେ ଜଳେ ଜଳଜନ୍ତୁ ଯେତେ ।।୯୧

ଦୁଃଖିତେ ଛଟପଟ ହୋନ୍ତି । ଜଳୁ ପଳାଇ ନ ପାରନ୍ତି ।।୯୨

ଏହି ପ୍ରକାରେ ହୋଇ ଦୁଃଖୀ । ଗଜେ କାନ୍ଦନ୍ତି ତାହା ଦେଖି ।।୯୩

ଏମନ୍ତେ ପୂର୍ବ ପୁଣ୍ୟବଳେ । ବୁଦ୍ଧି ସ୍ଫୁରିଲା ତାକୁ ଜଳେ ।।୯୪

ଅନ୍ତରେ କରଇ ବିଚାର । ସେ ହରି ସଂସାରର ସାର ।।୯୫
ସଙ୍କଟୁ କରେ ପରିତ୍ରାଣ । ଯେ ତାରେ ପଶନ୍ତି ଶରଣ ।।୯୬
ଗଜ-କୁମ୍ଭୀର ଯୁଦ୍ଧବାଣୀ । ଆନନ୍ଦେ ଶୁଣନ୍ତି ଯେ ପ୍ରାଣୀ ।।୯୭
ଜନ୍ମମରଣେ ନାହିଁ ଭ୍ରାନ୍ତି । ହେଲେ ସଙ୍କଟୁ ତରିଯାନ୍ତି ।।୯୮
ଗୀତ-ପ୍ରବନ୍ଧେ ପରକାଶ । କହଇ ଜଗନ୍ନାଥ ଦାସ ।।୯୯

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଗଜେନ୍ଦ୍ରୋପାଖ୍ୟାନେ ଦ୍ୱିତୀୟୋଽଧ୍ୟାୟଃ ।।

ତୃତୀୟ ଅଧ୍ୟାୟ

ଶୁକ ଉବାଚ

ଶୁଣ ପାଣ୍ଡବ ଚୂଡ଼ାମଣି । ଗଜେନ୍ଦ୍ର ବୋଲେ ମୋକ୍ଷବାଣୀ ।।୧
ଏମନ୍ତ ବୁଦ୍ଧି ସେ ବିଚାରି । ଚଞ୍ଚଳ ମନ ସ୍ଥିର କରି ।।୨
ପରମ-ଜପ ସେ ଜପିଲା । । ଯେ ପୂର୍ବଜନ୍ମେ ଶିକ୍ଷା ଥିଲା ।।୩
ଶ୍ରୀକୃଷ୍ଣ ଆଦି ବ୍ରହ୍ମପଦେ । ବୋଲେ ଆନନ୍ଦ ଗଦଗଦେ ।।୪

ଗଜେନ୍ଦ୍ର ଉବାଚ

ନମସ୍ତେ ପ୍ରଭୁ ଭଗବାନ । ଅଶେଷ ବ୍ରହ୍ମାଣ୍ଡ ଜୀବନ ।।୫
ତୋର ମହିମା ଚିଦାତ୍ମକ । ଅନାଦି ପୁରୁଷ ବିବେକ ।।୬
ଜୀବର ଆଦିବୀଜ ତୁହି । ପରମେଶ୍ୱରେ ନମେ ମୁହିଁ ।।୭
ଯାହାର ଦେହେ ବିଶ୍ୱ ବସେ । ଯା ତହୁଁ ଏ ବିଶ୍ୱ ପ୍ରକାଶେ ।।୮
ଏ ବିଶ୍ୱ-ସର୍ଜନା ଯହିଁରେ । ସ୍ୱୟଂ ଯେ ବିଶ୍ୱରୂପ ଧରେ ।।୯
କାର୍ଯ୍ୟ-କାରଣରୁ ଯେ ପର । ତୁ ବ୍ରହ୍ମ ଶରଣସୋଦର ।।୧୦
ଏ ଯେ ସଂସାର ମାୟାବଳେ । ଆତ୍ମାରୁ କଳ୍ପେ ଯେ ନିଶ୍ଚଳେ ।।୧୧
ପ୍ରକାଶ କରି ତିରୋହିତ । କରଇ ଉର୍ଣ୍ଣନାଭି ବତ ।।୧୨
ମଧ୍ୟେ ଦେଖଇ ସାକ୍ଷୀ ରୂପେ । କ୍ରୀଡ଼ା କରଇ କଳ୍ପେ କଳ୍ପେ ।।୧୩
ସେ ହରି ରଖୁ ମୋର ପ୍ରାଣ । ତା ପାଦେ ପଶିଲି ଶରଣ ।।୧୪
କାଳେ ସକଳ ଜୀବଧରି । ଅନ୍ତକ ରୂପେଣ ସଂହରି ।।୧୫
ସକଳ ହେତୁ କରେ ଅନ୍ତ । ତମ-ନିବିଡ଼ ଘୋରପଥ ।।୧୬
ସେ ତମ ପରେ ସେହୁ ବସେ । ବିରାଜରୂପେ ପରକାଶେ ।।୧୭
ତାର ମହିମା ବିଚାରଣେ । ଏ ଯେତେ ଦେବେ ଋଷିଗଣେ ।।୧୮
କେହି ନଜାଣେ ପ୍ରଭୁ ତୋତେ । ଅନେକ-ଶାସ୍ତ୍ର-ଯୋଗମତେ ।।୧୯
କେ ପ୍ରାଣୀ ତତ୍ତ୍ୱ ତୋ ଜାଣିବ । ଯହିଁ ଭ୍ରମନ୍ତି ବ୍ରହ୍ମା ଶିବ ।।୨୦
ନଟ-ଆକୃତି ପ୍ରାୟେ ଖେଳେ । ଏ ମାୟା-ଗହନ-ଶୟଳେ ।।୨୧
ମନ-କର୍ମରୁ ଦୂର ଯେହି । ସେ ହରି ରଖୁ ମୋର ଦେହୀ ।।୨୨
ଯାର ମହିମା ମୁନିଜନେ । ସକଳ-ଶାସ୍ତ୍ରେ ଅନୁମାନେ ।।୨୩
ବିମୁକ୍ତ-ସଙ୍ଗ ସାଧୁଜନେ । ତପ ସାଧନ୍ତି ଘୋରବନେ ।।୨୪
ଭୂତଙ୍କ ଆତ୍ମଭୂତ ଯେହୁ । ସେ ହରି ମୋର ଗତି ହେଉ ।।୨୫
ଯାହାର ଜନ୍ମକର୍ମ ନାହିଁ । ଅପର ଗୁଣଦୋଷ କାହିଁ ।।୨୬
ତଥାପି ଲୋକରକ୍ଷା ଅର୍ଥେ । ଆପେ ସମ୍ଭବ ଏ ଜଗତେ ।।୨୭
ସ୍ୱମାୟାବଳେ ଏ ଜଗତ । ସ୍ଥିତି ପାଳନ କରେ ଅନ୍ତ ।।୨୮
ଅରୂପରୂପ ଯେ ଅଦ୍‌ଭୁତ । ଆତ୍ମା ପ୍ରଦୀପ ସାକ୍ଷୀମତ ।।୨୯
ମନ-ବଚନେ ଅଗୋଚର । ପରମଆତ୍ମା ସୁଖଘର ।।୩୦
ସୂକ୍ଷ୍ମ-ନିର୍ମଳ ରୂପ ଯାର । ପଣ୍ଡିତଜନଙ୍କ ଗୋଚର ।।୩୧
ଯାହାକୁ ସତ୍ତ୍ୱଗୁଣେ ପାଇ । ନିଷ୍କାମଚିତ୍ତେ ଯେବା ଧ୍ୟାୟି ।।୩୨
କୈବଲ୍ୟନାଥ ନମୋସ୍ତୁତେ । ନିର୍ବାଣସୁଖ ଯା ଉଦିତେ ।।୩୩
ତୁ ନାଥ ଶାନ୍ତ ଘୋରରୂପୀ । ମୂଢ଼ଧର୍ମେଣ ବିଶ୍ୱବ୍ୟାପୀ ।।୩୪
ଯେ ନିର୍ବିଶେଷ ସାମ୍ୟରୂପ । ନମସ୍ତେ ଜ୍ଞାନ-ଘନ-ରୂପ ।।୩୫
କ୍ଷେତ୍ରଜ୍ଞରୂପୀ ନମୋନମ । ସର୍ବଜ୍ଞ ସାକ୍ଷୀ ନିଜଧାମ ।।୩୬
ସେ ଏ ଜଗତ ଆଦିମୂଳ । ମୂଳ ପ୍ରକୃତି ସୂକ୍ଷ୍ମସ୍ଥୁଳ ।।୩୭
ସର୍ବ-ଇନ୍ଦ୍ରିୟଗଣ ଦ୍ରଷ୍ଟା । ସର୍ବ ବିଷୟ ଆଦିସ୍ରଷ୍ଟା ।।୩୮
ଅଭକ୍ତ ଜନେ ଅପ୍ରକାଶ । ଭକତପଦେ ରବିତ୍ରାସ ।।୩୯

ଅଖିଳକାରଣ-ସ୍ୱରୂପୀ । ଅଦ୍‌ଭୁତ ରୂପେ ବିଶ୍ୱବ୍ୟାପୀ ।।୪୦
ସର୍ବ-ଆଗମ ବେଦସ୍ଥାନ । ନମସ୍ତେ ମୋକ୍ଷପରାୟଣ ।।୪୧
ସ୍ୱୟଂପ୍ରକାଶ ଗୁଣପାଶେ । ବନ୍ଧନ ନୋହୁ ତୁ ବିଶେଷେ ।।୪୨
ତୁ ଅପବର୍ଗ-ପରାୟଣ । ନମଇଁ ତୋହର ଚରଣ ।।୪୩
ତୁ ନାଥ କରୁଣାସାଗର । ତୋ ପାଦେ ଶରଣ ମୋହର ।।୪୪
ଅଶେଷ-ଜନ୍ତୁ ହୃଦଗତେ । ତୋର ପ୍ରକାଶ ଆତ୍ମାମତେ ।।୪୫
ସକଳ ଦେଖୁ ନାଥ ତୁହି । ତୋ ଅନୁଭବ କେ ଜାଣଇ ।।୪୬
ତୁ ବ୍ରହ୍ମ ପରମମଙ୍ଗଳ । ନମସ୍ତେ ପ୍ରଭୁ ଆଦିମୂଳ ।।୪୭
ତୁ ନାଥ କରୁଣାସ୍ୱରୂପୀ । ତୃଣ-କାଷ୍ଠରେ ଅଛୁ ବ୍ୟାପୀ ।।୪୮
ମୋହର ପ୍ରାୟ ପଶୁଗଣ । ବିପଦ ପାଶୁଁ କର ତ୍ରାଣ ।।୪୯
ଆତ୍ମା-ଆତ୍ମଜ-ଗୃହ-ବିତ୍ତେ । ମମତା କରେ ଦୃଢ଼ଚିତ୍ତେ ।।୫୦
ଯେ ପ୍ରାଣୀ ଗୃହବନ୍ଧେ ମଜ୍ଜେ । ସେ ତୋତେ କେବେହେଁ ନ ଭଜେ ।।୫୧
ଯେ ମୁକ୍ତସଙ୍ଗ ଏ ଜଗତେ । ସେ ତୋତେ ଭଜେ ଅବିରତେ ।।୫୨
ଏଣୁ ବିବେକୀ ପ୍ରାଣୀଙ୍କର । ତୁ ନାଥ ଶୁଭ-ସୁଖଘର ।।୫୩
ହେ ଜ୍ଞାନାତ୍ମକ ଭଗବାନ । ସର୍ବ-ଈଶ୍ୱର ନମୋନମ ।।୫୪
ଧର୍ମାର୍ଥ-କାମ-ଲୋଭୁ ମୁକ୍ତ । ନିଷ୍କାମେ ଭଜେ ଅବିରତ ।।୫୫
ଅନ୍ତେ ଲଭନ୍ତି ଇଷ୍ଟଗତି । ଦୁଃଖେ ସଙ୍କଟେ ନ ପଡ଼ନ୍ତି ।।୫୬
ଅବ୍ୟୟସ୍ଥାନେ ରହେ ମନ । ଏଣୁ ଲଭନ୍ତି ଦିବ୍ୟଜ୍ଞାନ ।।୫୭
ମୁଁ ଏବେ ଶରଣ ତୋହର । ଏ ଗ୍ରାହ-ମୁଖୁ କର ପାର ।।୫୮
ଏକାନ୍ତ ଚିତ୍ତେ ଯେ ଭଜନ୍ତି । ବିଷୟ-ସୁଖ ନ ବାଞ୍ଛନ୍ତି ।।୫୯
ତୋ ଜ୍ଞାନ-ସୁଧା-ରସ ପାଇ । ଅଧିକ ବାଞ୍ଛା ତାଙ୍କ ନାହିଁ ।।୬୦
ଅତି ଅଦ୍‌ଭୁତ ତୋ ଚରିତ । ଆନନ୍ଦ ରୂପେ ସୁଲଳିତ ।।୬୧
ତୋ କଥା-ସୁଧା-ସିନ୍ଧୁ-ଜଳେ । ଅବଗାହନ ସୁଖଭୋଳେ ।।୬୨
କରି ତରନ୍ତି ଦିବ୍ୟଦେହୀ । ଏଣୁ ତୋ ମହିମା କେ କହି ।।୬୩
ଅକ୍ଷୟ କ୍ଷୟ ନାହିଁ ଯାର । ଯେ ବ୍ରହ୍ମ ପରମ ଈଶ୍ୱର ।।୬୪
ଅବ୍ୟକ୍ତ ଅଧ୍ୟାତ୍ମ ସ୍ୱରୂପୀ । ପରମ-ଯୋଗବଳେ ବ୍ୟାପୀ ।।୬୫
ଏଣୁ ଯେ ଅତିଦୂରେ ରହେ । ଅତ୍ୟନ୍ତ ସୂକ୍ଷ୍ମ ସୂକ୍ଷ୍ମ ହୋଏ ।।୬୬
ଅନନ୍ତ ଆଦି ପରିପୂର୍ଣ୍ଣ । ସେ ହରି ରଖୁ ମୋ ଜୀବନ ।।୬୭
ମନବଚନ ତା ଚରଣେ । ନିବେଦନ ମୋ ଅନୁକ୍ଷଣେ ।।୬୮
ଏ ଘୋର-ଗ୍ରାହ-ବନ୍ଧ-ପାଶୁ । ଉଦ୍ଧରି ସେ ମୋତେ ଆଶ୍ୱାସୁ ।।୬୯
ଯାର ଅଳପ କଳା ଘେନି । ବ୍ରହ୍ମାଦି ଦେବେ ସୁରମୁନି ।।୭୦
ସଂସାର ଚରାଚର ଯେତେ । ପ୍ରକାଣ୍ଡ ନାମ ରୂପ ମତେ ।।୭୧
ଅଗ୍ନି ସବିତା ଜ୍ୟୋତି ଯେହ୍ନେ । ପ୍ରକାଶି ପ୍ରବେଶନ୍ତି ତେହ୍ନେ ।।୭୨
ଗୁଣ ପ୍ରବାହ ଏ ସଂସାର । ଇନ୍ଦ୍ରିୟ ବୁଦ୍ଧି ଅହଙ୍କାର ।।୭୩
ଶରୀର ଆଦି ଏହିମତେ । ପ୍ରବେଶ ହୋନ୍ତି ତାର ଗାତ୍ରେ ।।୭୪
ଯେ ନୋହେ ଦେବାସୁର ମର୍ତ୍ତ୍ୟ । ନ ସ୍ତିରୀ ନ ପୁରୁଷ ଗାତ୍ର ।।୭୫
ଜନ୍ମ ଶରୀର ପଶୁ ଆଦି । ରୂପେ ଅରୂପେ ନ ସମ୍ବାଦି ।।୭୬
କେବେହେଁ ନୋହେ କର୍ମଗୁଣ । ସତ୍ୟ ଅସତ୍ୟ ନୋହେ ଜାଣ ।।୭୭
ନିଃଶେଷ ଶେଷ ପରିପୂର୍ଣ୍ଣ । ଏଣୁ ଏ ଅନାଦି କାରଣ ।।୭୮
ନମସ୍ତେ ନମସ୍ତେ ଅନନ୍ତ । ଅସହ୍ୟ ବେଗ ବଳବନ୍ତ ।।୭୯
ଯାହାର ଅଟେ ଶକ୍ତି-ତ୍ରୟ । ଅଖିଳ ବୁଦ୍ଧି ଗୁଣମୟ । ।।୮୦
ପ୍ରପନ୍ନଜନ ଯେ ପାଳଇ । ଦୁରନ୍ତ ଶକ୍ତି ଯାର ଦେହୀ ।।୮୧
କୁତ୍ସିତ ଇନ୍ଦ୍ରିଗଣେ ଯାର । ମାର୍ଗ ନ କରାନ୍ତି ଗୋଚର ।।୮୨
ମୁଁ ଗ୍ରାହଗ୍ରସ୍ତେ ଗ୍ରସ୍ତ ହୋଇ । ଆତ୍ମା ଶରୀର ନ ଜାଣଇ ।।୮୩
ଯେ ହରି ସଂସାର-କାରଣ । ତା ପାଦେ ପଶିଲି ଶରଣ ।।୮୪
ରଖୁ ନ ରଖୁ ସେ ଜାଣଇ । ତା ବିନୁ ଆନଗତି ନାହିଁ ।।୮୫
ବୋଲନ୍ତି ବ୍ୟାସଙ୍କ ନନ୍ଦନ । ରାଜନ ସାବଧାନେ ଶୁଣ ।।୮୬

ଶୁକ ଉବାଚ

ଏମନ୍ତେ ଗଜରାଜ ସ୍ତୁତି । ଗୋବିନ୍ଦ ପାଦେ ଦେଇ ମତି ।।୮୭

ଇନ୍ଦ୍ରାଦି ଦେବେ ଗମ୍ୟ ନୋହେ । ଯେ ପୂର୍ବଭାଗ୍ୟର ଉଦୟେ ।।୮୮
ଗଜ ବିକଳ ଶୁଣି ହରି । ସତ୍ୱରେ ଚିତ୍ତେ ମୋଦଭରି ।।୮୯
ଯେ ହରି ସର୍ବ-ଦେବମୟେ । ଅଶେଷ ବିଶ୍ୱ ଯାର ଦେହେ ।।୯୦
ସର୍ବଦେବତା ମିଳି ସଙ୍ଗେ । ସ୍ତୁତି କରନ୍ତି ନାନାରଙ୍ଗେ ।।୯୧
ଗରୁଡ଼ ପୃଷ୍ଠେ ବିଜେ କରି । କରେ ପ୍ରଚଣ୍ଡ-ଚକ୍ର ଧରି ।।୯୨
ବେଗେ ମିଳିଲେ ଗଜ ପାଶେ । ବିବୁଧେ ଦେଖନ୍ତି ଆକାଶେ ।।୯୩
ଗଜେନ୍ଦ୍ର ସରୋବର ଜଳେ । ଗ୍ରାହଗ୍ରସିତ ପାଦମୂଳେ ।।୯୪
ଦେଖଇ ଗରୁଡ଼-ପୃଷ୍ଠର । ଆକାଶେ ବିଜେ ଚକ୍ରଧର ।।୯୫
ପଦ୍ମ ଗୋଟିଏ ଘେନି ହସ୍ତେ । ଊର୍ଦ୍ଧ୍ୱେ ଚାହିଁଲା ଶୂନ୍ୟପଥେ ।।୯୬
ବେଗେ ନମିଲା ଶୁଣ୍ଢ ଟେକି । ଦେଖନ୍ତେ ପ୍ରଭୁ ବନମାଳୀ ।।୯୭
ଚକ୍ର ବିରାଜେ ଦକ୍ଷକରେ । ସୂର୍ଯ୍ୟ କି ଉଦିତ ଅମ୍ବରେ ।।୯୮
ଡାକଇ ଆରତଭଞ୍ଜନ । ଭୋ ନାଥ ରଖ ମୋ ଜୀବନ ।।୯୯
ହେ ନାରାୟଣ ବିଶ୍ୱଗୁରୁ । ଆରତଜନ ଦୁଃଖ ହରୁ ।।୧୦୦
ନମସ୍ତେ ପ୍ରଭୁ ଭଗବାନ । ତୁ ନାଥ ଜଗତ-ଜୀବନ ।।୧୦୧
ଗ୍ରାହ-ପୀଡ଼ିତ ଗଜ ଦେଖି । ତକ୍ଷଣେ ଗରୁଡ଼ ଉପେକ୍ଷି ।।୧୦୨
ଜଳେ ପଶିଲେ ଚକ୍ରପାଣି । ଚକ୍ରେ କୁମ୍ଭୀର ମୁଣ୍ଡ ହାଣି ।।୧୦୩
କୁମ୍ଭୀର ମୁଖୁଁ ବନମାଳୀ । ହସ୍ତୀ ଚରଣ ହସ୍ତେ ଟେକି ।।୧୦୪
ଦେଖନ୍ତି ଶୂନ୍ୟେ ଦିଗପାଳେ । ଗଜକୁ ଘେନି ବିଜେ କୂଳେ ।।୧୦୫
ଅଶେଷ ହରିର ମହିମା । କେ କହିପାରେ ଗୁଣସୀମା ।।୧୦୬
ଗଜକୁ ରଖିଲେ ଯେମନ୍ତେ । ଅଷ୍ଟମ ସ୍କନ୍ଧେ ଭାଗବତେ ।।୧୦୭
ଭାଷା-ପ୍ରବନ୍ଧେ ହରି ବାଣୀ । ଶୁଣି ସଂସାରୁ ତର ପ୍ରାଣୀ ।।୧୦୮
ବୋଲଇ ବିପ୍ର ଜଗନ୍ନାଥ । ସୁଜନେ ଶୁଣ ଏ ଚରିତ ।।୧୦୯

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଗଜେନ୍ଦ୍ର ମୋକ୍ଷଣେ ତୃତୀୟୋଽଧ୍ୟାୟଃ ।।

ଚତୁର୍ଥ ଅଧ୍ୟାୟ

ଶୁକ ଉବାଚ

ଶୁଣ ରାଜନ ହେତୁ ହୋଇ । ହରି-ଚରଣେ ମନ ଦେଇ ।।୧
ବରୁଣ ହ୍ରଦେ ଚକ୍ରପାଣି । ଗଜେନ୍ଦ୍ର ମୋକ୍ଷ କଲେ ଶୁଣି ।।୨
ଦେଖିବା ଅର୍ଥେ ଦେବଗଣେ । ମଙ୍ଗଳ-ସ୍ତୁତି ଉଚ୍ଚାରଣେ ।।୩
ବ୍ରହ୍ମା ଶଙ୍କର ଦେବଋଷି । ଗନ୍ଧର୍ବେ କୁସୁମ ବରଷି ।।୪
ହରିର କର୍ମ ପ୍ରଶଂସନେ । ମିଳିଲେ ଗଜ-ସନ୍ନିଧାନେ ।।୫
ଦେବଦୁନ୍ଦୁଭି ନାଦ କରି । ନୃତ୍ୟ କରନ୍ତି ଅପସରୀ ।।୬
ଗନ୍ଧର୍ବେ ଗୀତ ଗାନ୍ତି ସ୍ୱରେ । ମଙ୍ଗଳ-ସ୍ତୁତି ଉପଚାରେ ।।୭
ଋଷି-ଚାରଣ-ସିଦ୍ଧଗଣେ । ଆଗମ-ନିଗମ ପ୍ରମାଣେ ।।୮
ପୁରୁଷୋତ୍ତମ ରୂପ ଚାହିଁ । ସ୍ତୁତି କରନ୍ତି ଭାବବହି ।।୯
ଭୂମି ଅନ୍ତରୀକ୍ଷ ଗଗନେ । ମଙ୍ଗଳ ସ୍ତୁତି ତୋଷମନେ ।।୧୦
କରନ୍ତି ଜୟ ଜୟ ବାଣୀ । କୁମ୍ଭୀର-ଦେହ ଜଳୁ ପୁଣି ।।୧୧
ତକ୍ଷଣେ ହୋଇଲା ବାହାର । କି ଅବା ଦେବା ପଟାନ୍ତର ।।୧୨
ରବି-ଶଶାଙ୍କ-ଅଗ୍ନି ଗଞ୍ଜେ । ଅଦ୍‌ଭୁତ ରୂପ ତେଜପୁଞ୍ଜେ ।।୧୩
ଦେବଳ ଶାପୁଁ ପାର ଗଲା । ଯେ ବିଷ୍ଣୁଚକ୍ରେ ପ୍ରାଣ ଦେଲା ।।୧୪
ହୁହୁ ଗନ୍ଧର୍ବ ତାର ନାମ । ସ୍ୱଭାବେ ରୂପ ତେଜଧାମ ।।୧୫
ଦେଖନ୍ତି ସର୍ବ ଦେବଗଣେ । ବିଷ୍ଣୁ ଚରଣେ ତୋଷମନେ ।।୧୬
ଶତପ୍ରଣାମ ଦଣ୍ଡବତେ । ନମିଲା ହରି ପାଦାଗ୍ରତେ ।।୧୭
ଉଠି ଅଞ୍ଜଳି ଶିରେ ଦେଇ । ଗାନ୍ଧାର-ରାଗେ ଗୀତ ଗାଇ ।।୧୮
ଆନନ୍ଦେ ନମିଲା ଚରଣେ । ହରିର ଆଜ୍ଞା ପରମାଣେ ।।୧୯
ଦେଖନ୍ତି ସର୍ବ ଦେବତାଏ । ଗମିଲା ଗନ୍ଧର୍ବର ଦେହେ ।।୨୦
ଗଜ ଯେ ଥିଲା କୃଷ୍ଣପାଶେ । ଗୋବିନ୍ଦ ଚରଣ-ସ୍ମରଣେ ।।୨୧
ତକ୍ଷଣେ ହୋଇ କୃତକୃତ୍ୟ । ଅଜ୍ଞାନ-ବନ୍ଧନୁ ବିମୁକ୍ତ ।।୨୨
ବିଷ୍ଣୁର ରୂପ ପରକାଶେ । ରତ୍ନକୁଣ୍ଡଳ ରବି ତ୍ରାସେ ।।୨୩

କଟୀରେ ପୀତବସ୍ତ୍ର ଶୋହେ । ହାର କେୟୂର ଜନ ମୋହେ ।।୨୪
ସୁନ୍ଦର ଶୋହେ ଚାରିଭୁଜ । ବିଷ୍ଣୁ-ଆୟୁଧ ଦିବ୍ୟତେଜ ।।୨୫
ତକ୍ଷଣେ ଦିବ୍ୟରୂପ ହୋଇ । ଗରୁଡ଼ ପୃଷ୍ଠରେ ଆରୋହି ।।୨୬
ଗରୁଡ଼ ଉଡ଼ି ମହାଶୂନ୍ୟେ । ପଶିଲା ବିଷ୍ଣୁର ଭୁବନେ ।।୨୭
ଶୁଣ ପରୀକ୍ଷ ନରନାଥ । ସେ ଗଜଇନ୍ଦ୍ରର ଚରିତ ।।୨୮
ଦ୍ରାବିଡ଼ି-ଦେଶେ ପାଣ୍ଡ୍ୟନାମ । ଶୁଭସୁନ୍ଦର ଗୁଣଧାମ ।।୨୯
ରାଜା ଯେ ଇନ୍ଦ୍ରଦ୍ୟୁମ୍ନ ନାମ । ବିଷ୍ଣୁର ବ୍ରତ ପରାୟଣ ।।୩୦
ସେ ରାଜା ବସି ଏକଦିନେ । ବିଷ୍ଣୁପୂଜନେ ଦୃଢ଼ମନେ ।।୩୧
ନିଶ୍ଚଳେ ବସି କୁଳାଚଳେ । ମନ ନିବେଶି ପାଦମୂଳେ ।।୩୨
ମଉନବ୍ରତେ ଜପକରି । ଧ୍ୟାନେ ଚିନ୍ତଇ ନରହରି ।।୩୩
ଜଟା-କଳାପ ଶିରେ ସାଜେ । ପ୍ରକାଶେ ବନଭୂମି ତେଜେ ।।୩୪
ଅନେକ ଶିଷ୍ୟଗଣ ତୁଳେ । ଅଗସ୍ତି ମୁନି ବିଜେ କଲେ ।।୩୫
ତାହାଙ୍କୁ ଦେଖି ନ ଉଠିଲା । ସୁଖେ ସମ୍ଭାଷଣ ନ କଲା ।।୩୬
ଏମନ୍ତ ଦେଖି ମୁନିଗଣେ । ବେଗେ ଉଠିଲେ କୋପମନେ ।।୩୭
ବୋଲନ୍ତି ଏକ ଆରେ ଚାହିଁ । ଦେଖ ଏହାର ଜ୍ଞାନ ନାହିଁ ।।୩୮
ଅବଜ୍ଞା କଲା ବିପ୍ରଗଣେ । ଗଜର ପ୍ରାୟେ ମୂଢ଼ପଣେ ।।୩୯
ରାଜସମ୍ପଦ ଗର୍ବଭରେ । ବିପ୍ରଙ୍କୁ ଅମାନନା କରେ ।।୪୦
ଅନ୍ତେ ପଡ଼ିବ ତମଘୋରେ । କେବେହେଁ ଦୁଃଖୁଁ ନ ନିସ୍ତରେ ।।୪୨
ଏ ଧର୍ମଦୂଷଣ ପ୍ରସ୍ତାବେ । ଗଜ ଏ ହେବ ଏହି ଭାବେ ।।୪୨
ଗହନ-ବନେ ଚିରକାଳେ । ଗ୍ରାହ ଗ୍ରାସିବ ହ୍ରଦଜଳେ ।।୪୩
ଏମନ୍ତ ଶାପ ତାକୁ ଦେଇ । ମୁନିଏ ଗଲେ ପଥ ବାହି ।।୪୪
ସେ ରାଜା ପ୍ରାଣତ୍ୟାଗ କାଳେ । ଗଜ ଦେଖିଲା ବେନିଡ଼ୋଳେ ।।୪୫
ଯେ ଗଜଯୋନି ଜ୍ଞାନ ହରେ । ନିବାସ ଘନ-ବନ-ଘୋରେ ।।୪୬
ଯେଣୁ ଗୋବିନ୍ଦ ଭଜିଥିଲା । ସେ ଭାବେ ହରି ସୁମରିଲା ।।୪୭
ଏମନ୍ତେ ଗଜ ମୋକ୍ଷ କରି । ନିଜ ଭୁବନେ ଗଲେ ହରି ।।୪୮
ଏବେ ହୋ ପରୀକ୍ଷିତ ଶୁଣ । କହିଲି ଗଜେନ୍ଦ୍ରମୋକ୍ଷଣ ।।୪୯
ଏକଥା ଫଳ ଶୁଣ ଏବେ । ଯେ ନର ଶୁଣେ ଭକ୍ତିଭାବେ ।।୫୦
ଯେ ଅବା ଉଚ୍ଚାରେ ବଦନେ । ଯେବା ପୁଚ୍ଛନ୍ତି ଅନ୍ୟ ଅନ୍ୟେ ।।୫୧
ସର୍ବସମ୍ପଦ ଯଶସ୍କର । କଳି-କଳୁଷ ଦୁଃଖ ହର ।।୫୨
ଦୁଷ୍ଟ ସ୍ୱପନ ଗ୍ରହପୀଡ଼ା । ସ୍ମରଣେ ନାଶେ ସର୍ବପୀଡ଼ା ।।୫୩
ବ୍ରାହ୍ମଣ ଆଦି ଚାରିବର୍ଣ୍ଣେ । ଯେବା ଚିନ୍ତନ୍ତି ଏହା ମନେ ।।୫୪
ରଜନୀ ଅନ୍ତେ ଉଷାକାଳେ । କର-ବଦନ ଧୋଇ ଜଳେ ।।୫୫
ଗଜେନ୍ଦ୍ରମୋକ୍ଷ ଯେ ଶୁଣନ୍ତି । କି ଅବା ବଦନେ ଗୁଣନ୍ତି ।।୫୬
ଦୁଃସ୍ୱପ୍ନ ଗ୍ରହପୀଡ଼ା ନାଶେ । ନିର୍ମଳଜ୍ଞାନ ପରକାଶେ ।।୫୭
ସକଳ ଦେବଋଷି ମଧ୍ୟେ । ଗୋବିନ୍ଦ କହିଲେ ଆନନ୍ଦେ ।।୫୮
ଗଜେନ୍ଦ୍ର ମୁଖ ଚାହିଁ ହରି । କହନ୍ତି ଜନେ ଦୟାକରି ।।୫୯

ଭଗବାନ ଉବାଚ

ଗଜେନ୍ଦ୍ର ଶୁଣ ମୋ ବଚନ । ଅଶେଷ ଦୁରିତ ଦହନ ।।୬୦
ଯେ ନର ଅହୋରାତ୍ର ଅନ୍ତେ । ଶୁଚି ନିର୍ମଳ ଶୁଦ୍ଧଚିତ୍ତେ ।।୬୧
ମୋତେ ସ୍ମରିବ ସଙ୍ଗେ ତୋର । ଆବର ଏହି ସରୋବର ।।୬୨
ପର୍ବତ-କନ୍ଦର-କାନନ । ବେତ କୀଚକ ବେଣୁବନ ।।୬୩
ସୁରପାଦପ ଗୁଳ୍ମ ଆଦି । ପର୍ବତ-ତ୍ରିଶୃଙ୍ଗ ସମ୍ପାଦି ।।୬୪
ବ୍ରହ୍ମା-ଭୁବନ ମୋ ନିବାସ । ଶଙ୍କର ସ୍ଥାନ କପିଳାସ ।।୬୫
କ୍ଷୀରଜଳଧି ପ୍ରିୟ ମୋର । ଯେ ଶ୍ୱେତଦୀପ ମନୋହର ।।୬୬
ଶ୍ରୀବସ୍ତ୍ର କଉସ୍ତୁଭ ମଣି । ଚତୁରଭୁଜ ପରିମାଣି ।।୬୭
ଶଙ୍ଖ କମଳ ଚକ୍ର ଗଦା । ଚତୁରଭୁଜେ ଶୋହେ ସଦା ।।୬୮
ବିନତାନନ୍ଦନ ଅନନ୍ତ । କମଳା ମୋର ହୃଦେ ସ୍ଥିତ ।।୬୯
ବ୍ରହ୍ମା ଶଙ୍କର ଯେ ନାରଦ । ଭକତ ମଧ୍ୟେ ପ୍ରହଲ୍ଲାଦ ।।୭୦

ମତ୍ସ୍ୟକଚ୍ଛପ କୋଳ ଆଦି । ଯେ ରୂପ ଅଛି ମୁଁ ସମ୍ଭାଦି ।।୭୧
ଅଶେଷ ଗୁଣ କର୍ମ ଯେତେ । ମୋହର ଯଶ ଏ ଜଗତେ ।।୭୨
ରବି ଶଶାଙ୍କ ହୁତାଶନ । ପ୍ରଣବ ସତ୍ୟ ଯେ ବଚନ ।।୭୩
ଗୋ ବିପ୍ର ଆଦି ଧର୍ମ ଯେତେ । ଋଷି ଦେବତା ଯଜ୍ଞମତେ ।।୭୪
ଦକ୍ଷଦୁହିତା ମନୁ ଯେତେ । ପୂର୍ବେ ମୁଁ କହିଅଛି ତୋତେ ।।୭୫
ସୋମ କଶ୍ୟପବଂଶ ଆଦି । ସୃଷ୍ଟି-ସର୍ଜନେ ଯେ ପ୍ରସିଦ୍ଧି ।।୭୬
ଗଙ୍ଗା କାଳିନ୍ଦୀ ସରସ୍ୱତୀ । ଅଇରାବତ ନନ୍ଦାବତୀ ।।୭୭
ଧ୍ରୁବାଦି ସପ୍ତଋଷି ଯେତେ । ଯେ ପୁଣ୍ୟଶ୍ଳୋକ ଏ ଜଗତେ ।।୭୮
ସ୍ମରଣେ ସର୍ବପାପ ହରେ । ଏ ଘୋର-ସଙ୍କଟୁ ନିସ୍ତରେ ।।୭୯

ଶୁକ ଉବାଚ

ଏମନ୍ତ କହି ଦେବବୃନ୍ଦେ । ସେ ହରି ପରମଆନନ୍ଦେ ।।୮୦
ଆରୋହି ଗରୁଡ଼ ଉପରେ । ତକ୍ଷଣେ ଗଲେ ନିଜପୁରେ ।।୮୧
ସୁଜନ ହିତେ ଭାଗବତ । କହଇ ଦାସ ଜଗନ୍ନାଥ ।।୮୨

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଗଜେନ୍ଦ୍ର ମୋକ୍ଷଣଂ ନାମ ଚତୁର୍ଥୋଽଧ୍ୟାୟଃ ।।

ପଞ୍ଚମ ଅଧ୍ୟାୟ

ଶୁକ କହନ୍ତି ଗଙ୍ଗାକୂଳେ । ସକଳ ମହାଋଷି ମେଳେ ।।୧

ଶୁକ ଉବାଚ

ହରି ଚରିତ ସୁଧାସାର । ଗଜ କୁମ୍ଭୀରର ନିସ୍ତାର ।।୨
ପ୍ରସନ୍ନେ କହି ରାଜା ଆଗେ । ପୁଣ କହନ୍ତି ଅନୁରାଗେ ।।୩
ଶୁଣ ହେ ଅଭିମନ୍ୟୁସୁତ । ଅଦ୍‌ଭୁତ ଗୋବିନ୍ଦ ଚରିତ ।।୪
ତୋତେ କହିଲୁ ହରିଗୁଣ । ମନୁ-ଚରିତ ଏବେ ଶୁଣ ।।୫
ପଞ୍ଚମେ ତାମସ-ସୋଦର । ରୈବତ ନାମେ ମନୁବର ।।୬
ଅର୍ଜ୍ଜୁନ ବଳିବିନ୍ଧ୍ୟ ନାମ । ତାର ତନୟ ଅନୁପମ ।।୭
ଇନ୍ଦ୍ର ବସଇ ବିଭୁ ନାମ । ଘେନି ଦେବତା ଋଷିଗଣ ।।୮
ଦେବତା ଭୂତରୟ ଆଦି । ଏ ଭାବେ ଅମର ପ୍ରସିଦ୍ଧି ।।୯
ହିରଣ୍ୟରୋମା ବେଦଶିର । ଊର୍ଦ୍ଧ୍ୱବାହୁ ଯେ ମୁନିବର ।।୧୦
ବିକୁଣ୍ଠା ନାମେ ଶୁଭ୍ର ନାରୀ । ରୂପେ କମଳା ନୋହେ ସରି ।।୧୧
ବୈକୁଣ୍ଠପୁର ଲୋକ ସଙ୍ଗେ । ବିଷ୍ଣୁ ତାହାର ନିଜ ଅଙ୍ଗେ ।।୧୨
ଜନ୍ମ ହୋଇଲେ ନିଜଧାମ । ଏଣୁ ବୈକୁଣ୍ଠ ତାର ନାମ ।।୧୩
ବୈକୁଣ୍ଠପୁର ମନେ କଳ୍ପି । ଯହିଁ ବିଜୟେ ବିଶ୍ୱରୂପୀ ।।୧୪
ସେ ସର୍ବଲୋକ ନମସ୍କୃତ । ଶୁଣ ନୃପତି ପରୀକ୍ଷିତ ।।୧୫
ଲକ୍ଷ୍ମୀର ପ୍ରାର୍ଥନେ ମୁରାରି । କମଳା ତୁଲେ ପ୍ରୀତିକରି ।।୧୬
ନିବାସ କଲେ ପ୍ରିୟଭାବେ । ବିଷ୍ଣୁଭକତଙ୍କର ଲାଭେ ।।୧୭
ବୈକୁଣ୍ଠ ଗୁଣ ଭାବ ଯେତେ । ଭାବେ କହିଛି ତୋ ଅଗ୍ରତେ ।।୧୮
ଏ ବିଷ୍ଣୁଗୁଣ ପରିମାଣୁ । କେ ଗଣିପାରେ ଭୂମିରେଣୁ ।।୧୯
ଶୁଣ ରାଜନ ମନତୋଷେ । ଏବେ କହିବା ମନୁବଂଶେ ।।୨୦
ଷଷ୍ଠରେ ଚକ୍ଷୁଷଙ୍କ ସୁତ । ଚାକ୍ଷୁଷ ନାମେ ସେ ବିଦିତ ।।୨୧
ପୁରୁ ପୁରୁଷ ସୁଦ୍ୟୁମ୍ନ ଯେ । ପ୍ରମୁଖ ଚାକ୍ଷୁଷ ତନୁଜେ ।।୨୨
ଇନ୍ଦ୍ରର ନାମ ମନ୍ତ୍ରଦ୍ରୁମ । ଆପ୍ୟାଦି ଦେବଗଣ ନାମ ।।୨୩
ହବିଷ୍ମ ବୀରକାଦି ମୁନି । ଉଦୟେ ନିଜଗୁଣ ଘେନି ।।୨୪
ସେ ମନୁ କାଳେ ଚକ୍ରଧର । ଦେବ ସମ୍ଭୂତିର ଉଦର ।।୨୫
ଅଜିତ ନାମେ ଭଗବାନ । ବୈରାଜ ଋଷିର ନନ୍ଦନ ।।୨୬
ଯେ ରୂପେ ସମୁଦ୍ର ମନ୍ଥିଲେ । ସୁରଗଣଙ୍କୁ ସୁଧା ଦେଲେ ।।୨୭
ଜଳେ ବୁଡ଼ନ୍ତେ ଗିରିବର । କୂର୍ମ ରୂପେ ଧରି ମନ୍ଦର ।।୨୮
ଅମୃତ ଦେଲେ ଦେବଗଣେ । ଅସୁର ମୋହି ସ୍ତିରୀପଣେ ।।୨୯
ଶୁକ-ଚରଣ-ତଳେ ବସି । ବୋଲେ ପରୀକ୍ଷ କୁରୁବଂଶୀ ।।୩୦

ରାଜା ଉବାଚ

ଭୋ ମୁନି ଅସମ୍ଭବ କଥା । ସମୁଦ୍ର-ମନ୍ଥନ ବ୍ୟବସ୍ଥା ।।୩୧
କିମର୍ଥେ ପ୍ରଭୁ ଜନାର୍ଦ୍ଦନ । କଲ୍ପିଲେ କ୍ଷୀରବଧି-ମନ୍ଥନ ।।୩୨
କେମନ୍ତେ କୂର୍ମରୂପ ଧରି । ପୃଷ୍ଠେ ବହିଲେ ମହାଗିରି ।।୩୩
କେମନ୍ତେ ସର୍ବ ଦେବଗଣ । ସନ୍ତୋଷେ କଲେ ସୁଧାପାନ ।।୩୪
ଅନ୍ୟ ବା କି କି ଉପୁଜିଲା । କେତେ ବା ସମ୍ଭୂତ ହୋଇଲା ।।୩୫
ବିଷ୍ଣୁ-ଚରିତ ଅଗୋଚର । ଭ୍ରମନ୍ତି ବ୍ରହ୍ମା ଶିବ ସୁର ।।୩୬
ହରି-ମହିମା ତୁମ୍ଭ ମୁଖେ । ଶ୍ରବଣେ ପାନକରି ସୁଖେ ।।୩୭
ତୃପତ ନୋହିଲା ମୋ ପ୍ରାଣ । ଭୋ ମୁନି କର ପରିତ୍ରାଣ ।।୩୮
ଶୁକ କହନ୍ତି ବ୍ରହ୍ମମତେ । ସକଳ ଋଷିଙ୍କ ଅଗ୍ରତେ ।।୩୯

ସୂତ ଉବାଚ

ଏମନ୍ତେ ପରୀକ୍ଷିତ ବାଣୀ । ଶୁକ ଆନନ୍ଦ ମନେ ଗୁଣି ।।୪୦
ହରି-ମହିମା ସୁଖେ ମଜ୍ଜି । ଦଣ୍ଡେ ରହିଲେ ଚକ୍ଷୁ ବୁଜି ।।୪୧
ଅନ୍ତସ୍ମରଣେ ହରି ଧାୟୀ । କହନ୍ତି ରାଜାମୁଖ ଚାହିଁ ।।୪୨

ଶୁକ ଉବାଚ

ପୂର୍ବେ ଯେ ଦେବାସୁର-ରଣେ । ଯୁଦ୍ଧେ ହାରିଲେ ଦେବଗଣେ ।।୪୩
ପଡ଼ିଲେ ଗତପ୍ରାଣ ପ୍ରାୟେ । ଜ୍ଞାନ ନ ଲଭନ୍ତି କେବେହେଁ ।।୪୪
ଦୁର୍ବାସା ମୁନିଙ୍କର କ୍ରୋଧ । ଧ୍ୱଂସିଲା ଇନ୍ଦ୍ରର ସମ୍ପଦ ।।୪୫
ଯଜ୍ଞାଦିକ୍ରିୟା ନାଶ ଗଲା । ଏ ତିନିଭୁବନ କମ୍ପିଲା ।।୪୬
ଇନ୍ଦ୍ର ନ ପାରେ ସ୍ୱର୍ଗେ ରହି । ବନେ ପଶିଲା ବେଗେ ଯାଇ ।।୪୭
ଭୟେ ନ ରହି ସ୍ୱର୍ଗଲୋକେ । ବନେ ବୁଲନ୍ତି ଏକେ ଏକେ ।।୪୮
ତ୍ରୈଲୋକ୍ୟ ଦିଶେ ଅନ୍ଧକାର । ଭୂମି କମ୍ପଇ ଥରହର ।।୪୯
ଲକ୍ଷ୍ମୀ ବିହୁନେ ତିନିଲୋକେ । ଦୁଃଖେ ମଜ୍ଜିଲେ ଅତିରେକେ ।।୫୦
ଏମନ୍ତେ ଦେବଲୋକେ ଚାହିଁ । ବାସବ ସଙ୍ଗେ ସଙ୍ଗ ହୋଇ ।।୫୧
ଦିଗପାଳଙ୍କୁ ସଙ୍ଗ କରି । ଅନେକ ପ୍ରକାରେ ବିଚାରି ।।୫୨
ନିସ୍ତାର ନ ପାରିଲେ ଚିନ୍ତି । ମନେ ପାଇଲେ ମହାଭୀତି ।।୫୩
ଏମନ୍ତେ କେତେ ଦିନ ରହି । ପୁଣି ସକଳେ ରୁଣ୍ଡ ହୋଇ ।।୫୪
ବିଚାର କଲେ ଏକମତେ । କହିବା ବ୍ରହ୍ମାଙ୍କ ଅଗ୍ରତେ ।।୫୫
ଇନ୍ଦ୍ର ନଥିଲେ ସୃଷ୍ଟି କାହିଁ । ଆମ୍ଭେ ନ ପାରୁ ସ୍ୱର୍ଗେ ରହି ।।୫୬
ଲକ୍ଷ୍ମୀ-ବିହୀନେ ସୃଷ୍ଟି ନଶେ । ସଂସାରେ ଘୋରତମ ଗ୍ରାସେ ।।୫୭
ଏମନ୍ତେ ବିଚାରି ସକଳେ । ଶକ୍ରର ସଙ୍ଗେ ଦେବବଳେ ।।୫୮
ସୁମେରୁ-ଉର୍ଦ୍ଧ୍ୱେ ବ୍ରହ୍ମସଭା । ଯହିଁ ସକଳ ଋଷିଦେବା ।।୫୯
ସେ ସଭାମଧେ ଦେବଗଣେ । ନମିଲେ ଧାତାର ଚରଣେ ।।୬୦
ଇନ୍ଦ୍ରଙ୍କୁ କରି ଆଗୁସାର । ବୋଇଲେ ଶୁଣ ବେଦବର ।।୬୧
ଦୁର୍ବାସା-କୋପେ ଇନ୍ଦ୍ର ଦୁଃଖୀ । ଆମ୍ଭେ ସକଳ ତାହା ଦେଖି ।।୬୨
ତ୍ରୈଲୋକ୍ୟଲକ୍ଷ୍ମୀ କେଣେ ଗଲା । ଦୁଃଖ-ତିମିର ପ୍ରକାଶିଲା ।।୬୩
ରବି-ଶଶାଙ୍କ-ହୁତାଶନେ । ତେଜ ନ ଦିଶେ ଲକ୍ଷ୍ମୀହୀନେ ।।୬୪
ତ୍ରୈଲୋକ୍ୟଲକ୍ଷ୍ମୀ ଇନ୍ଦ୍ର ମୂଳେ । ସ୍ୱର୍ଗରେ ନ ରହେ ନିଶ୍ଚଳେ ।।୬୫
ଇନ୍ଦ୍ରର ତେଜ ଅସ୍ତ ଗଲା । ତେଣୁ ସମ୍ପଦ ନାଶ ହେଲା ।।୬୬
ଆମ୍ଭେ ତ ହୋଇଲୁ ଅନାଥ । ଋଷି ସକଳ ବେଦନାଥ ।।୬୭
ଏମନ୍ତେ ଦେବଙ୍କ ବଚନ । ଶୁଣି ପଦ୍ମଯୋନି ମଉନ ।।୬୮
ଦଣ୍ଡେ ରହିଲେ ଛନ୍ନ ହୋଇ । ଦେବଙ୍କୁ ଚାହିଁ ବିଚାରଇ ।।୬୯
ଏ ଇନ୍ଦ୍ରଆଦି ଦିଗପାଳେ । ଗଗନ-ଧରଣୀ-ପାତାଳେ ।।୭୦
ଯେତେ ଅଛନ୍ତି ରାଜାଗଣେ । ତେଜ ନ ଦେଖି ଲକ୍ଷ୍ମୀହୀନେ ।।୭୧
ଅଶୁଭ ପ୍ରାୟେ ତ ଦିଶଇ । ଏମନ୍ତେ ଦୁଃଖ ମନେ ବହି ।।୭୨
ପୁରୁଷୋତ୍ତମ ପାଦମୂଳେ । ଚିନ୍ତିଲେ ସମାଧି ନିଶ୍ଚଳେ ।।୭୩
ହରିପ୍ରସନ୍ନ ଲେଶ ପାଇ । ବୋଲନ୍ତି ଦେବଙ୍କୁ ଅନାଇଁ ।।୭୪
ଆନନ୍ଦମନେ ବେଦବର । ଦେବଙ୍କୁ ବୋଲନ୍ତି ଉତ୍ତର ।।୭୫

ବ୍ରହ୍ମା ଉବାଚ

ଶୁଣ ସକଳ ଦେବଗଣ । କହିବା ଏଥିର କାରଣ ।।୭୬
ବ୍ରହ୍ମା ଶଙ୍କର ଦେବଗଣ । ମନୁଷ୍ୟ ପଶୁ ଗୁଳ୍ମବନ ।।୭୭
ଯାହାର ଅଂଶ କଳା ବହି । ଆମ୍ଭେ ସକଳେ ବହୁ ଦେହୀ ।।୭୮
ସେ ହରି ଅବ୍ୟୟ ଈଶ୍ୱର । ଆମ୍ଭେ ଯେ ଶରଣ ତାହାର ।।୭୯
ଯାହାର ରିପୁ-ମିତ୍ର ନାହିଁ । ରକ୍ଷ-ଅରକ୍ଷ ତାର କାହିଁ ।।୮୦
ତଥାପି ସୃଷ୍ଟି ସେ ସଞ୍ଚଇ । ସ୍ୱଭାବେ ତିନିଗୁଣ ବହି ।।୮୧
ସୃଷ୍ଟି କରଇ ରଜଗୁଣେ । ସତ୍ତ୍ୱେ ପାଳଇ ବିଷ୍ଣୁପଣେ ।।୮୨
ତାମସଗୁଣେ ସଂହରାଇ । ଅନ୍ତରେ ସର୍ବଗୁଣ ବହି ।।୮୩
ଏଣୁ ଜଗତଗୁରୁ ପାଦେ । ଶରଣ ପଶ ଅପ୍ରମାଦେ ।।୮୪
ତାର ମହିମା ସୁରପ୍ରିୟ । ସୁର-ରକ୍ଷଣେ ବହେ ଦେହ ।।୮୫
ଆମ୍ଭ କୁଶଳ ସେ କରିବ । ଅନାଦି ପ୍ରଭୁ ପଦ୍ମନାଭ ।।୮୬

ଶୁକ ଉବାଚ

ଏମନ୍ତ ବୋଲି ପଦ୍ମଯୋନି । ସଙ୍ଗେ ସକଳ ଦେବ ଘେନି ।।୮୭
ଆନନ୍ଦେ ଜୟ ଜୟ ନାଦେ । ସର୍ବେ ମିଳିଲେ ବିଷ୍ଣୁପାଦେ ।।୮୮
ଯେ ବଇକୁଣ୍ଠ ଯୋଗଗମ୍ୟ । ପରମଆତ୍ମା-ପରଧାମ ।।୮୯
ପ୍ରକୃତି ନ ଜାଣଇ ଯାହା । ଯହିଁ ନ ପଶେ ବିଷ୍ଣୁମାୟା ।।୯୦
ଅଦୃଷ୍ଟ-ଅଶ୍ରୁତ-ଭୁବନେ । ଦେବେ ମିଳିଲେ ମହାଶୂନ୍ୟେ ।।୯୧
ଯହିଁ କି ଜୀବ ଆତ୍ମା ଗଲେ । ପୁଣି ନ ସଞ୍ଚରେ ଶୟଳେ ।।୯୨
ଧାତା କପୋଳେ କର ଦେଇ । ବୋଲେ ବୈକୁଣ୍ଠନାଥ ଧ୍ୟାୟୀ ।।୯୩

ବ୍ରହ୍ମା ଉବାଚ

ସତ୍ୟ ଅନନ୍ତ ଅବିକାର । ଯେ ନିରଞ୍ଜନ ନିରାକାର ।।୯୪
ନିଜ ବିଭୂତି ଅଗୋଚର । ଜନ୍ତୁଙ୍କ ହୃଦେ ଯାର ଘର ।।୯୫
ମନରୁ ବେଗବନ୍ତ ଯେହି । ମନ-ବଚନେ ଭେଦ କାହିଁ ।।୯୬
ବରେଣ୍ୟ-ଦେବବର ପାଦେ । ଆମ୍ଭେ ମିଳିଲୁ ଅପ୍ରମାଦେ ।।୯୭
ସ୍ୱଭାବେ ମନ ପ୍ରାଣ ବୁଦ୍ଧି । ଏ ଯହିଁ ନ ପାରନ୍ତି ଭେଦି ।।୯୮
ଇନ୍ଦ୍ରିୟଗଣେ ଯେ ଅଦୃଶ୍ୟ । ଉନିଦ୍ର-ଭାବେ ଅବିନାଶ ।।୯୯
ଛାୟା-ଆତପେ ଯେନ ମିଶେ । ଅକ୍ଷୟ-ଶୂନ୍ୟେ ପରକାଶେ ।।୧୦୦
ତ୍ରିଗୁଣ-ରୂପ ଯେ ବୋଲାଇ । ଆମ୍ଭେ ଶରଣ ଗଲୁ ତହିଁ ।।୧୦୧
ଏ ଜୀବ ଚକ୍ରରୂପ ଧରେ । ମାୟାରେ ମଣ୍ଡଳେ ସଞ୍ଚରେ ।।୧୦୨
ତ୍ରିଗୁଣେ ତ୍ରିନାଭି ତାହାର । ଯେ ଚକ୍ରେ ପଞ୍ଚଦଶ ଅର ।।୧୦୩
ଦଶଇନ୍ଦ୍ରିୟ ପଞ୍ଚପ୍ରାଣ । ଅଷ୍ଟପ୍ରକୃତି ନେମି ଜାଣ ।।୧୦୪
ସେ ଚକ୍ର ଅକ୍ଷ ଆତ୍ମାରୂପୀ । ଯେ ଆଦି-ଅନ୍ତ-ମଧ୍ୟେ ବ୍ୟାପୀ ।।୧୦୫
ସେ ସତ୍ୟସ୍ୱରୂପ ଚରଣେ । ଆମ୍ଭେ ଯେ ପଶିଲୁ ଶରଣେ ।।୧୦୬
ଯାହାର ଜ୍ୟୋତି ପରକାଶ । ନିର୍ମଳ କରେ ଦଶଦିଶ ।।୧୦୭
ଯୋଗୀଏ ଯୋଗମାର୍ଗେ ଥାଇ । କାଳ ହରନ୍ତି ଯାରେ ଧ୍ୟାୟୀ ।।୧୦୮
କେହି ଯାହାର ମାୟାଭ୍ରମ । ତରଣେ ନ ହୁଅନ୍ତି କ୍ଷମ ।।୧୦୯
ଯା ମାୟା ଜଗତେ ସଞ୍ଚରେ । ଅନନ୍ତ ନାନାରୂପ ଧରେ ।।୧୧୦
ନିର୍ଜିତମାୟା ମାୟାଗୁଣ । ପରମ ପୁରୁଷ ପୁରାଣ ।।୧୧୧
ଜନ୍ତୁଙ୍କ ଦେହେ ସମରୂପୀ । ତେଜେ ସଞ୍ଚରେ ସର୍ବବ୍ୟାପୀ ।।୧୧୨
ତାର ଚରଣେ ନମସ୍କାର । ଯେ ପ୍ରଭୁ ପରମଈଶ୍ୱର ।।୧୧୩
ଏ ଦେବଗଣ ବ୍ରହ୍ମା ଆଦି । ସେ କ୍ରୀଡ଼ା-ଅର୍ଥରେ ସମ୍ପାଦି ।।୧୧୪
ସତ୍ତ୍ୱ-ସଂଯୋଗ ସୃଷ୍ଟି କରି । ତହିଁ ଯେ ସୂକ୍ଷ୍ମରୂପ ଧରି ।।୧୧୫
ଦିଶଇ ଅନ୍ତର-ବାହିୟେ । ପ୍ରଦୀପ ଯେହ୍ନେ ଗୃହମାଝେ ।।୧୧୬
ଯାହାର ସୂକ୍ଷ୍ମଗତି ଆମ୍ଭେ । ଜାଣି ନ ପାରୁ ଜ୍ଞାନଦମ୍ଭେ ।।୧୧୭
ସଂସାର ମଧ୍ୟେ ଛନ୍ତି ଯେତେ । ସେ ଅବା ଜାଣିବେ କେମନ୍ତେ ।।୧୧୮
ଏ ମହୀ ଯାର ବେନିପାଦ । ସ୍ୱକୃତ-ପ୍ରାଣୀ ଚତୁର୍ବିଧ ।।୧୧୯
ଯେ କର୍ମ-ଗହଳେ ସଞ୍ଚରି । ଶରୀର ବହେ ନରହରି ।।୧୨୦
ମହାପୁରୁଷ ଆତ୍ମତନ୍ତ୍ର । ମହାବିଭୂତି ବ୍ରହ୍ମତତ୍ତ୍ୱ ।।୧୨୧

ପ୍ରସନ୍ନ ହେଉ ସେ ଆମ୍ଭଙ୍କୁ । ଶରଣ ପଶିଲୁ ତାହାଙ୍କୁ ।।୧୨୨
ଜଳ ଯାହାର ବୀର୍ଯ୍ୟ ହୋଇ । ସ୍ୱଭାବେ ତାର ତେଜ ବହି ।।୧୨୩
ଅଖିଳଲୋକ-ଲୋକପାଳେ । ତିନିଭୁବନ ଯାର ବଳେ ।।୧୨୪
ଭୂତ ସଞ୍ଚଇ ଜୀବ ରୂପେ । ସେ ହ୍ରାସ-ବୃଦ୍ଧି ଅନୁରୂପେ ।।୧୨୫
ମହାବିଭୂତି ବ୍ରହ୍ମ ଯେହୁ । ଆମ୍ଭ ବିଷୟେ ଦୟାବହୁ ।।୧୨୬
ସୋମ ଯାହାର ମନ ହୋଏ । ଦେବଙ୍କ ଅନ୍ନ-ଆୟୁ ବହେ ।।୧୨୭
ସ୍ଥାବରଙ୍କର ଯେ ଈଶ୍ୱର । ପ୍ରଜାଙ୍କ ରକ୍ଷା ବୃଦ୍ଧିକର ।।୧୨୮
ମହାବିଭୂତି ବ୍ରହ୍ମରୂପ । ସେ ହରି ହରୁ ଆମ୍ଭ ତାପ ।।୧୨୯
ଯାହାର ମୁଖୁଁ ଅଗ୍ନିଜାତ । ତେଜେ ପ୍ରତାପଇ ଜଗତ ।।୧୩୦
କ୍ରିୟାକାଣ୍ଡ ନିମିତ୍ତେ ଜନ୍ମ । ସେ ସର୍ବସାଧେ ସିଦ୍ଧକର୍ମ ।।୧୩୧
ଅନ୍ତଃ-ସମୁଦ୍ରେ ଅଗ୍ନି ବହି । ଆହାର ରୂପେ ଯେ ଭୁଞ୍ଜଇ ।।୧୩୨
ଯାହାର ଚକ୍ଷୁ ମାରତଣ୍ଡ । ତେଜେ ପ୍ରକାଶଇ ବ୍ରହ୍ମାଣ୍ଡ ।।୧୩୩
ସେ ଦେବପାଳ ତ୍ରୟୀମୟ । ବ୍ରହ୍ମର ସ୍ଥାନ ଶୁଦ୍ଧଦେହ ।।୧୩୪
ମୁକ୍ତିର ଦ୍ୱାର ସେ ବୋଲାଇ । ଅମୃତ ମୃତ୍ୟୁରୂପ ହୋଇ ।।୧୩୫
ଚରାଚରଙ୍କ ଦେହ-ପ୍ରାଣ । ଯେ କରେ ପ୍ରାଣୀ ପରିତ୍ରାଣ ।।୧୩୬
ପ୍ରକାଶେ ସହ-ଓଜ-ବଳେ । ଯାର ବିହାର ଏ ଶୟଳେ ।।୧୩୭
ଯାର ଶ୍ରବଣ ଦଶଦିଶ । ହୃଦୟ ପ୍ରକାଶେ ଆକାଶ ।।୧୩୮
ଯାହାର ନାଭି ଅନ୍ତରୀକ୍ଷ । ମସ୍ତକ ସ୍ୱର୍ଗ ଯା ପ୍ରତ୍ୟକ୍ଷ ।।୧୩୯
ପ୍ରାଣ ଇନ୍ଦ୍ରିୟ ଆତ୍ମାହେତୁ । ଯାର ପ୍ରସନ୍ନେ ଜ୍ଞାନତତ୍ତ୍ୱୁ ।।୧୪୦
ତ୍ରିଦଶଦେବଙ୍କର ନାଥ । ଇନ୍ଦ୍ର ଯାହାର ବଳୁଁ ଜାତ ।।୧୪୧
ଯାହାର ପ୍ରାଣେ ଜନ୍ତୁପ୍ରାଣ । ଏଣୁ ଏ ସର୍ବ ପରିତ୍ରାଣ ।।୧୪୨
ଯାହା ପ୍ରସାଦୁଁ ଦେବେ ହୋନ୍ତି । କ୍ରୋଧରୁ ହୋଏ ପଶୁପତି ।।୧୪୩
ବୁଦ୍ଧିରୁ ବ୍ରହ୍ମା ଜାତ ହୋଏ । ଲୋକେ ପ୍ରକାଶ ଯାର ଦେହେ ।।୧୪୪
ଇନ୍ଦ୍ରିୟ-ଛିଦ୍ରୁଁ ଜାତ ଛନ୍ଦେ । ମେଢ୍ରୁଁ ପ୍ରଜାପତି ଆନନ୍ଦେ ।।୧୪୫
କମଳା ତାର ବକ୍ଷସ୍ଥଳ । ଛାୟା ସମ୍ଭବେ ପିତୃକୁଳ ।।୧୪୬
ଧର୍ମ-ଉଦିତ ସ୍ତନଯୁଗେ । ଅର୍ଧମ ଯାର ପୃଷ୍ଠଭାଗେ ।।୧୪୭
ସ୍ୱର୍ଗ ଯା ଶିରୁଁ ଉତପନ୍ନ । ବିହାରୁ ଅପସରାଗଣ ।।୧୪୮
ଯେ ମହାବିଭୂତି ଶରଣ । ଆମ୍ଭଙ୍କୁ କରୁ ପରିତ୍ରାଣ ।।୧୪୯
ବିପ୍ର ଯାହାର ମୁଖୁଁ ଜାତ । ବ୍ରହ୍ମା-ନିର୍ମାଣ-ଗୁହ୍ୟତତ୍ତ୍ୱ ।।୧୫୦
କ୍ଷତ୍ରିୟ ଭୁଜୁଁ ଜନ୍ମ ବଳ । ଉରୁ ସମ୍ଭୂତ ବୈଶ୍ୟକୁଳ ।।୧୫୧
ଶୂଦ୍ର ଚରଣୁଁ ଉତପତ୍ତି । ଯେ ବ୍ରହ୍ମ ପରମ ବିଭୂତି ।।୧୫୨
ଉପର ଓଷ୍ଠୁ ପ୍ରୀତି ଜାତ । ଅଧରୁ ଲୋଭ ଯେ ସମ୍ଭୂତ ।।୧୫୩
କାନ୍ତି ଯାହାର ନାସିକାରୁ । ସମ୍ଭବ ହୁଅଇ ସ୍ପର୍ଶରୁ ।।୧୫୪
ପାଶବ୍ୟକାମର ସମ୍ଭବ । ଯମ ଯାହାର ଜାତ ଭ୍ରୁବ ।।୧୫୫
କାଳ ସମ୍ଭବ ପକ୍ଷ୍ମଦେଶେ । କରାଳ ଦିଶେ ବେନିପାଶେ ।।୧୫୬
ଦ୍ରବ୍ୟ ବୟସ କର୍ମ ଗୁଣ । ଯା ମାୟା ପ୍ରକାଶେ ଲକ୍ଷଣ ।।୧୫୭
ଯେ ଉପଶାନ୍ତି ଶକ୍ତି ବହେ । ଆମ୍ଭେ ଯେ ନମୁ ତାର ପାଏ ।।୧୫୮
ସତ୍ୟରେ ଯେ ପ୍ରତିପୂଜିତ । ମାୟା ଚରିତ ଗୁଣେ ସ୍ଥିତ ।।୧୫୯
ସେ ହରି ଦେଖାଉ ଶରୀର । ଯେ ନୋହେ କରଣେ ଗୋଚର ।।୧୬୦
ଯା ସୁଖ ଦେଖିବାର ଅର୍ଥେ । ଶରଣ ଗଲୁ ପାଦଗତେ ।।୧୬୧
ସୁଜନେ କର ଏଣେ ଭାବ । ଯେ ନାବେ ସଂସାରୁ ତରିବ ।।୧୬୨
କଳି-କଲ୍ମଷ ନାଶ ପାଇଁ । ଏ ବିନୁ ଆନଗତି ନାହିଁ ।।୧୬୩
ବୋଲଇ ଦାସ ଜଗନ୍ନାଥ । ଭାଷା-ପ୍ରବନ୍ଧେ ଭାଗବତ ।।୧୬୪

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଅମୃତମନ୍ଥନ ଆୟୋଜନେ ପଞ୍ଚମୋଽଧ୍ୟାୟଃ ।।

ଷଷ୍ଠ ଅଧ୍ୟାୟ

ଶୁକ ଉବାଚ

ଏମନ୍ତେ ଦେବସ୍ତୁତି ଶୁଣି । ଶୂନ୍ୟେ ପ୍ରକାଶ ଚକ୍ରପାଣି ।।୧
ସହସ୍ର-ସୂର୍ଯ୍ୟତେଜ ଦେଖି । ଦେବେ ବୁଜିଲେ ଭୟେ ଆଖି ।।୨
ଦିଗ ନ ପାରନ୍ତି ବିଚାରି । କେମନ୍ତେ ଦେଖିବେ ଶ୍ରୀହରି ।।୩
ରହିଲେ ଅନ୍ଧକାରାଚ୍ଛନ୍ନେ । ଚାହିଁ ନ ପାରନ୍ତି ଗଗନେ ।।୪
ମଧେ ଯେ ବ୍ରହ୍ମା-ରୁଦ୍ର ଥିଲେ । ଟେକି ଅନ୍ତରୀକ୍ଷେ ଚାହିଁଲେ ।।୫
ଦେଖିଲେ ବିଷ୍ଣୁର ପ୍ରକାଶ । ଶରୀରେ ପୂରିଛି ଆକାଶ ।।୬
ନୀଳ-ମହୀନ୍ଦ୍ର ପ୍ରାୟେ ଦିଶେ । ଅରୁଣ-ଲୋଚନ ପ୍ରକାଶେ ।।୭
ବିକଚ-ପୁଣ୍ଡରୀକ ପ୍ରାୟେ । କର୍ଣ୍ଣେ କୁଣ୍ଡଳ ବେନି ଶୋହେ ।।୮
ତପ୍ତକାଞ୍ଚନ ପ୍ରାୟେ ବର୍ଣ୍ଣ । ପୀତବସନ ପରିଧାନ ।।୯
ପ୍ରସନ୍ନ ଚାରୁ ସର୍ବଅଙ୍ଗେ । ଶ୍ରୀମୁଖ ସୁନ୍ଦର ଭ୍ରୂଭଙ୍ଗେ ।।୧୦
ଅମୂଲ୍ୟ-ମୁକୁଟ ଲଲାଟେ । କାଞ୍ଚନ ଭୂଷଣ ପ୍ରକଟେ ।।୧୧
ଆଜାନୁଲମ୍ବେ ଚାରିଭୁଜେ । କେୟୂର କଙ୍କଣ ବିରାଜେ ।।୧୨
କାଞ୍ଚିକଳାପ ବଳୟରେ । ଶୋଭିତ ହାର-ନୂପୁରରେ ।।୧୩
କୌସ୍ତୁଭମଣି କଣ୍ଠେ ଶୋହେ । ତେଜ ପ୍ରକାଶେ ଜନମୋହେ ।।୧୪
କମଳା ବନମାଳ ରଙ୍ଗେ । ହୃଦେ ଶୋହଇ ଅନୁରାଗେ ।।୧୫
ଏମନ୍ତ ରୂପ ଶୂନ୍ୟେ ଚିନ୍ତି । ଶିବ ସହିତେ ବେଦପତି ।।୧୬
ଧାନେ ଗୋବିନ୍ଦ-ପାଦେ ପଡ଼ି । ସ୍ତୁତି କରନ୍ତି କରଯୋଡ଼ି ।।୧୭

ବ୍ରହ୍ମା ଉବାଚ

ଅଜ-ନିର୍ମଳ ଯେ ସ୍ୱଭାବେ । ସୃଷ୍ଟିପାଳନ-ସ୍ଥିତି ଲାଭେ ।।୧୮
ଅଗୁଣେ ବିଶ୍ରାମ ତୁମ୍ଭର । ମହିମା-ଅମୃତ-ସାଗର ।।୧୯
ଅଣୁ ହୁଁ ଅଣୁଭାବ ହୋଇ । ସ୍ୱମାୟା ସୁଖେ ଯେ ଭଜଇ ।।୨୦
ମହାନୁଭବ ଏ ଜଗତେ । ମହାପୁରୁଷ ନମସ୍ତୁତେ ।।୨୧
ତୁ ନାଥ ସଂସାର-ଧାରଣ । ଏଣୁ ଅଶେଷ ମୁନିଗଣ ।।୨୨
ଆଗମ-ନିଗମେ ସମ୍ବାଦି । ବିଚାରି ସାଂଖ୍ୟଯୋଗ ବିଧି ।।୨୩
ବେଦ-ବିହିତେ ରବିତଳେ । ମନ-ପବନ ସୁନିଶ୍ଚଳେ ।।୨୪
ତୋହର ରୂପ ଧାନକରି । ମାୟା-ଗହନୁ ଯାନ୍ତି ତରି ।।୨୫
ତୁ ନାଥ ଆଦି-ମଧ-ଅନ୍ତ୍ୟେ । ଯେବା କରାଉ ଆତ୍ମତନ୍ତ୍ରେ ।।୨୬
ଜଗତେ ଆଦି ମଧ ତୁହି । ମୃତ୍ତିକାଘଟ ପ୍ରାୟେ ହୋଇ ।।୨୭
ତୋ ରୂପ ବିଶ୍ୱେ ପ୍ରକାଶଇ । ସେ ରୂପ କେ ପାରିବ କହି ।।୨୮
ଆତ୍ମା-ଆଶ୍ରୟେ ମାୟାକରି । ତୁ ଏ ସଂସାର-ରୂପ ଧରି ।।୨୯
ସଂସାରେ ପଶୁ ଆତ୍ମାରୂପେ । ସୁଖେ ବିହରୁ କଳ୍ପେ କଳ୍ପେ ।।୩୦
ନିର୍ମଳଚେତା ମୁନିଗଣେ । ତୋତେ ଦେଖନ୍ତି ଶୁଦ୍ଧମନେ ।।୩୧
ଯଥା ଅନଳ କାଷ୍ଠେ ଥାଏ । ଯେହ୍ନେ ଅମୃତ ଗୋରୁ ଦେହେ ।।୩୨
ଧରଣୀ ଦେହେ ଅନ୍ନ ଯେହ୍ନେ । ସଂଯୋଗେ କୃଷି-କରଷଣେ ।।୩୩
ମନୁଷ୍ୟ ନାନା ଯୋଗବଳେ । ଭଜନ୍ତି ତୋ ପାଦକମଳେ ।।୩୪
ନମିଣ ତୋ ଚରଣତଳେ । ଭବସାଗରୁ ତରିଗଲେ ।।୩୫
ସର୍ବେ ନମନ୍ତି ତୋ ଚରଣେ । ତୁ ଥାଉ ସଂସାର ଧାରଣେ ।।୩୬
ବାଞ୍ଛିତ ଅର୍ଥ ଫଳ ପାନ୍ତି । ନାନା ପ୍ରକାରେ ତୋତେ ଚିନ୍ତି ।।୩୭
ତୋ ରୂପ ଆତ୍ମାଗତେ ଦେଖି । ସଂସାର ତେଜି ହୋନ୍ତି ସୁଖୀ ।।୩୮
ଯେସନେ ଗଜ ଦାବାନଳେ । ପ୍ରବେଶ କରେ ଗଙ୍ଗାଜଳେ ।।୩୯
ଆମ୍ଭେ ସକଳ ଲୋକପାଳେ । ଶରଣ ତୋ ପାଦକମଳେ ।।୪୦
ଏ ଦେହ ଅନ୍ତର-ବାହାରେ । ତୋ ତହୁଁ କେବା ଅଛି ପରେ ।।୪୧
ଏ ଦେବଗଣେ ମୋର ତୁଲେ । ଦକ୍ଷାଦି ପ୍ରଜାପତି ମେଳେ ।।୪୨
ତୋ ଅନୁଗ୍ରହେ ବହୁଁ ଅଙ୍ଗ । ଅନଳୁ ଯେସନେ ସ୍ଫୁଲିଙ୍ଗ ।।୪୩
କିବା କହିବୁଁ ତୋ ଅଗ୍ରତେ । ଆମ୍ଭଙ୍କୁ ରଖ ଏ ଜଗତେ ।।୪୪

ଶୁକ ଉବାଚ

ଏମନ୍ତେ ବ୍ରହ୍ମା-ବାକ୍ୟ ଶୁଣି । ସଂସାର ହିତ ମନେ ଗୁଣି ।।୪୫
ପରମସୁଖେ ତନୁ ପୂରି । ଧାତାଙ୍କୁ ଅନୁଗ୍ରହ କରି ।।୪୬

ଜଳଧି-ମନ୍ଥନ-ପ୍ରସଙ୍ଗେ । ଆତ୍ମା ପ୍ରକାଶ ଅନୁରାଗେ ।।୪୭

ପ୍ରସନ୍ନ ଚିତ୍ତେ ଭାବଗ୍ରାହୀ । କହନ୍ତି ବ୍ରହ୍ମା ମୁଖ ଚାହିଁ ।।୪୮

ଭଗବାନ ଉବାଚ

ଶୁଣ ହୋ ବ୍ରହ୍ମା-ଶିବ-ଦେବେ । ଯେବା କରିବି ତୁମ୍ଭ ଲାଭେ ।।୪୯

ତୁମ୍ଭର ଶ୍ରେୟ ଯେଉଁମତେ । କହିବା ଶୁଣ ଏକଚିତ୍ତେ ।।୫୦

ଅସୁରଙ୍କର ସଙ୍ଗେ ଯାଇ । ବସ ବିଶ୍ୱାସଭାବ ହୋଇ ।।୫୧

ନାନା ପ୍ରକାରେ ସନ୍ଧି କର । ପ୍ରଲୋଭେ ତାଙ୍କ ଚିତ୍ତ ହର ।।୫୨

ଯାବତ ସିଦ୍ଧ ନୋହେ କାର୍ଯ୍ୟ । ତାବତ ମିତ୍ର ଭାବେ ଭଜ ।।୫୩

ଆପଣା କାର୍ଯ୍ୟ ସିଦ୍ଧଅର୍ଥେ । ଶତ୍ରୁକୁ ଭଜନ୍ତି ଜଗତେ ।।୫୪

କାର୍ଯ୍ୟ ସରିଲେ ନିଜ ଭାବେ । ସର୍ବେ ରହିବ ଆତ୍ମାଲାଭେ ।।୫୫

ଅହି -ମୂଷିକ କରି ସନ୍ଧି । ଯେମନ୍ତେ ଆତ୍ମକାର୍ଯ୍ୟ ସାଧି ।।୫୬

ଅମୃତ ଅର୍ଥେ ଯତ୍ନ କର । ଯା ପାନେ ହୋଇବ ଅମର ।।୫୭

ଶୁଣ କହିବା ଉପଦେଶ । ବେଗେ ଗହନ ବନେ ପଶ ।।୫୮

ଅମ୍ଳ-ଔଷଧି-ଗୁଳ୍ମ ଯେତେ । ବନସ୍ଥୁ ଆଣ ଅପ୍ରମିତେ ।।୫୯

ପାଷାଣେ ଛେଚି ବାହୁବଳେ । ନିକ୍ଷେପ କ୍ଷୀରସିନ୍ଧୁ-ଜଳେ ।।୬୦

ସେ ଅମ୍ଳ-ଗୁଣେ ବସୁ ଦଧି । ଯେଣେ ଲଭିବ ସର୍ବସିଦ୍ଧି ।।୬୧

ଏ ଯେ ମନ୍ଦର ମହୀଧର । ମନ୍ଥନଦଣ୍ଡ ଏହା କର ।।୬୨

ବାସୁକି ନାଗ ରଜ୍ଜୁ କରି । ମନ୍ଥିବ ଦେବାସୁରେ ଧରି ।।୬୩

ମୋହର ବୋଲେ ମହାଜଳେ । ମନ୍ଥନ କର ଯା ନିଶ୍ଚଳେ ।।୬୪

ତୁମ୍ଭେ ସେ ଅମୃତ ପିଇବ । ନିରାଶ ହୋଇବେ ଦାନବ ।।୬୫

ଇନ୍ଦ୍ର ଲଭିବ ସର୍ବସିଦ୍ଧି । ସର୍ବ ସମ୍ପାଦିବ ଜଳଧି ।।୬୬

ଶାନ୍ତି-ବଚନେ କାର୍ଯ୍ୟ ପାଇ । ଆଗମ ଶାସ୍ତ୍ରେ ଏହା କହି ।।୬୭

ପ୍ରଥମେ ବାସୁକି ବଦନେ । ଗରଳ ଛାଡ଼ିବ ମନ୍ଥନେ ।।୬୮

ତହିଁକି ନ କରିବ ଭୟ । ମୁଁ ପୁଣି କରିବି ଉପାୟ ।।୬୯

ମନ୍ଥନେ ଲଭି ବସ୍ତୁ ଯେତେ । ଲୋଭ ନ କରିବ ଯୁକତେ ।।୭୦

ପ୍ରାଣୀ ଯେ ଲୋଭେ ନାନାମତେ । ବସ୍ତୁ ଆବୋରନ୍ତି ଜଗତେ ।।୭୧

ଶୁକ ଉବାଚ

ଏମନ୍ତ ଦେବଗଣେ କହି । ତକ୍ଷଣେ ଗରୁଡ଼ ଆରୋହି ।।୭୨

ନିଜ ଭୁବନେ ହରି ଗଲେ । ଭକତ-ପାରିଷଦ ତୁଲେ ।।୭୩

ରୁଦ୍ର-ବ୍ରହ୍ମାଦି ଦେବଗଣେ । ନମିଲେ ବିଷ୍ଣୁର ଚରଣେ ।।୭୪

ସକଳେ ହୋଇ ଏକଚିତ୍ତ । ବଳି-ଭୁବନେ ଉପଗତ ।।୭୫

ଦ୍ୱାରେ ଅସୁରେ ଯେତେ ଥିଲେ । ଦେବଗଣଙ୍କୁ ନିରୋଧିଲେ ।।୭୬

ଦେବନିଷେଧ କଥା ଶୁଣି । ଅସୁର-କୁଳ-ଚୂଡ଼ାମଣି ।।୭୭

ସନ୍ଧି-ବିଗ୍ରହ ସେ ଜାଣଇ । ବୋଲଇ ନିଜଗଣ ରାଇ ।।୭୮

ଦେବଙ୍କୁ ଛାଡ଼ ତୁମ୍ଭେ ଦ୍ୱାର । କି ଅବା କରିବେ ବିଚାର ।।୭୯

ଏମନ୍ତେ ବଳି ଆଜ୍ଞା ପାଇ । ଦ୍ୱାର ଛାଡ଼ିଲେ ଭାବ ବହି ।।୮୦

ବଳି-ନିକଟେ ଦେବେ ଯାଇ । ଜୟଶବଦ ଉଚ୍ଚେ ଗାଇ ।।୮୧

ବଳିକି ଦେଖିଲେ ଆସନେ । ବେଷ୍ଟିତ ଅସୁର-ଗହଣେ ।।୮୨

ସର୍ବ-ସମ୍ପଦ ଯାର ପୁରେ । କିବା ଉପମା ଦେବା ତାରେ ।।୮୩

ନିଜ ସମ୍ପଦ ଜଗୁ ରଞ୍ଜେ । ଦିଗପାଳଙ୍କ ତେଜ ଗଞ୍ଜେ ।।୮୪

ଇନ୍ଦ୍ର ଯେ ବଳି ମୁଖ ଚାହିଁ । ବିଶ୍ୱାସେ ବଚନ ବୋଲଇ ।।୮୫

ଶୁଣ ରାଜନ ଏକଚିତ୍ତେ । ଏ ତିନିଲୋକ ସୁଖ ଅର୍ଥେ ।।୮୬

ଦୁର୍ବାସା-ଶାପ ମହାଘୋର । ନାଶିଲା ସମ୍ପଦ ମୋହର ।।୮୭

ସୋମ-ସବିତା-ତେଜ ଗଲା । ନିବିଡ଼ ତମ ପ୍ରକାଶିଲା ।।୮୮

କମ୍ପଇ ଏ ତିନିଭୁବନ । ସର୍ବେ ହୋଇଲେ ଦୁଃଖେ ଛନ୍ନ ।।୮୯

ଏଣୁ ବିଷ୍ଣୁଭୁବନେ ଯାଇ । କହିଲୁଁ ବ୍ରହ୍ମା ରୁଦ୍ର ଲଇଁ ।।୯୦

ସେ ପୁରୁଷୋତ୍ତମ-ବଚନ । ରାଜନ ତୋଷମନେ ଶୁଣ ।।୯୧

ବୋଇଲେ ଏ କ୍ଷୀରଜଳଧି । ଅମ୍ଳ-ସଂଯୋଗେ କର ଦଧି ।।୯୨

ମନ୍ଦର ଗିରିକି ଆଣିବ । ସମୁଦ୍ର ମଧରେ ସ୍ଥାପିବ ।।୯୩
ବାସୁକି ନାଗ ରଜ୍ଜୁ କରି । ଦେବ-ଦାନବେ ତାହା ଧରି ।।୯୪
ଯତନେ କରିବ ମନ୍ଥନ । ସୁଧା କରିବ ସୁଖେ ପାନ ।।୯୫
ଯେତେ ଉପୁଜିବ ମନ୍ଥନେ । ସକଳେ ମିଳି ତୋଷମନେ ।।୯୬
ସମାନ ଭାଗେ ଭୋଗକର । ସନ୍ତୋଷ ମନେ ଦେବାସୁର ।।୯୭
ସଂସାର ହେଉ ଏଣେ ରକ୍ଷା । ଏମନ୍ତ ବିଷ୍ଣୁ ଦେଲେ ଦୀକ୍ଷା ।।୯୮
ଏଣୁ ତୁମ୍ଭର ସଙ୍ଗେ ଆମ୍ଭେ । ମିଳିଲୁ ମନ୍ଥନ-ଆରମ୍ଭେ ।।୯୯
ତୁମ୍ଭ ଆମ୍ଭର ଏକଗତି । ଯାହା ବୋଇଲେ ଶିରୀପତି ।।୧୦୦
ଏମନ୍ତ ଇନ୍ଦ୍ରମୁଖୁଁ ଶୁଣି । ଅସୁର ମନେମନେ ଗୁଣି ।।୧୦୧
ବୋଇଲେ ଶୁଭକର୍ମ ଏହି । ବିଷ୍ଣୁମାୟାରେ ମନ ମୋହି ।।୧୦୨
ବଳି ସଙ୍ଗତେ ଉଠି ସର୍ବେ । ସମ୍ମତି କଲେ ପ୍ରିୟଭାବେ ।।୧୦୩
ଶମ୍ବରାରିଷ୍ଟ ନେମି ତୁଲେ । ଯେତେ ଦାନବବୀର ଥିଲେ ।।୧୦୪
ବିଷ୍ଣୁ-ମୋହନ-ମାୟା ମତେ । ହରଷ ଅସୁରଙ୍କ ଚିତ୍ତେ ।।୧୦୫
ଏମନ୍ତେ ଦେବାସୁରଗଣେ । ବେଗେ ମିଳିଲେ ଘୋରବନେ ।।୧୦୬
ତୀକ୍ଷ୍ଣ-କୁଠାରେ ବେଗେ ହାଣି । ଅମ୍ଳ-ଔଷଧି-ଗୁଳ୍ମ ଆଣି ।।୧୦୭
ପର୍ବତେ ଛେଚି ପ୍ରତି ଶିଳେ । କ୍ଷୀର ସମୁଦ୍ରେ ପକାଇଲେ ।।୧୦୮
ବାସୁଦେବର କଥାବାଗେ । ଦଧି ହୋଇଲା ଅମ୍ଳ ଯୋଗେ ।।୧୦୯
ଦେବଦାନବେ ଏକମନେ । ମିଳିଲେ ମେରୁ ସନ୍ନିଧାନେ ।।୧୧୦
ନାନା ତୀକ୍ଷଣ ଶସ୍ତ୍ର ଧରି । ଉପାଡ଼ି ଘୋରନାଦ କରି ।।୧୧୧
ଇନ୍ଦ୍ରର ତୁଲେ ଦେବେ ଯେତେ । ଅସୁରେ ବଳିର ସମେତେ ।।୧୧୨
ସମସ୍ତେ ମୁଣ୍ଡେ ଗିରି କଲେ । ବଳେ କେତେହେଁ ଦୂର ନେଲେ ।।୧୧୩
କାହୁଁ ବହିବେ ଗିରିବର । ଯେ ଗିରିବରଙ୍କ ଶେଖର ।।୧୧୪
ପଥେ ଆଣନ୍ତେ ଗିରିବରେ । ପଡ଼ିଲା ତାହାଙ୍କ ଉପରେ ।।୧୧୫
ଚୂର୍ଣ୍ଣ ହୋଇଲେ ମହାଭାରେ । ସକଳେ ପଡ଼ିଲେ ଭୂମିରେ ।।୧୧୬
ଶିର ଚରଣ ବାହୁ ଚୂରି । ପଥେ ପଡ଼ିଲା ମହାଗିରି ।।୧୧୭
ଦେବଙ୍କ ଦୁଃଖେ ଭଗବାନ । ତକ୍ଷଣେ ଗରୁଡ଼ ଆସନ ।।୧୧୮
ପଥେ ମିଳିଲେ ତାଙ୍କ ପାଶେ । ଦେବଙ୍କ ଭକତି ବିଶ୍ୱାସେ ।।୧୧୯
କରେ ମନ୍ଦରଗିରି କଲେ । ଦେବ-ଅସୁରଙ୍କୁ ଚାହିଁଲେ ।।୧୨୦
ଅମୃତ-ନୟନେ ଅନାଇଁ । ଜୀବନ ଦେଲେ ଭାବଗ୍ରାହୀ ।।୧୨୧
ଲାଗନ୍ତେ ଗୋବିନ୍ଦର କର । ତକ୍ଷଣେ ପାଇଲେ ଶରୀର ।।୧୨୨
ଗୋବିନ୍ଦ ଏକହସ୍ତେ ଗିରି । ନିଶ୍ଚଳେ ନିଜ କୋଳେ ଧରି ।।୧୨୩
ଗରୁଡ଼ ଉଡ଼େ ଶୂନ୍ୟପଥେ । ଦେବ-ଦାନବବଳେ ସାଥେ ।।୧୨୪
କ୍ଷୀର ଜଳଧିତଟେ ମିଳି । ଦେବଅସୁର ବନମାଳ ।।୧୨୫
ଗରୁଡ଼-କନ୍ଧୁ ଗିରିବର । କୂଳେ ନିବେଶି ଚକ୍ରଧର ।।୧୨୬
ଗରୁଡ଼ ଗଲା ନିଜପୁର । ଶୁଣ ପରୀକ୍ଷ ନୃପବର ।।୧୨୭
ଦେବ-ଅସୁରଙ୍କର ଭାବ । ଯହୁଁ ଅମୃତ ଉଦଭବ ।।୧୨୮
ସୁଜନେ ଏଣେ ଚିତ୍ତ କର । ମାୟା-ସଙ୍କଟରୁ ନିସ୍ତର ।।୧୨୯
ବୋଲଇ ଦାସ ଜଗନ୍ନାଥ । ଅଷ୍ଟ ସ୍କନ୍ଧେ ଭାଗବତ ।।୧୩୦

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଅମୃତମନ୍ଥନେ ମନ୍ଦରାଚଳ ଆନୟନଂ
ଆୟୋଜନେ ନାମ ଷଷ୍ଠୋଽଧାୟ ।।

ସପ୍ତମ ଅଧାୟ

ଶୁକ ଉବାଚ

ବ୍ୟାସନନ୍ଦନ ଅନୁରାଗେ । କହନ୍ତି ପରୀକ୍ଷିତ ଆଗେ ।।୧
ଦେବ-ଦାନବେ ଏକମେଳେ । ପ୍ରବେଶ ହୋଇଲେ ପାତାଳେ ।।୨
ବାସୁକି ନିକଟେ ମିଳିଲେ । ସମୁଦ୍ର-ମନ୍ଥନେ ବରିଲେ ।।୩
ଗୋବିନ୍ଦ ଆଜ୍ଞା ଶିରେଧରି । ଉଭୟ-ରୂପ ଅଙ୍ଗୀ କରି ।।୪
ଧରଣୀ ଧରି ଏକରୂପେ । ମିଳିଲା କ୍ଷୀରୋଦ ସମୀପେ ।।୫

ଦେହେ ବେଷ୍ଟିତ ମହାଗିରି । ରହିଲା ବିଶ୍ୱରୂପ ଧରି ।।୬
ଦେବେ ସକଳ ତୋଷମନେ । ଆରମ୍ଭ ସମୁଦ୍ର-ମନ୍ଥନେ ।।୭
ବାସୁକିଫଣା ଆଗ ଧରି । ଦେବଙ୍କ ତୁଲେ ନରହରି ।।୮
ବୋଲନ୍ତି ଅସୁରଙ୍କୁ ଚାହିଁ । ତୁମ୍ଭେ ହୋ ପୁଚ୍ଛ ଧର ଯାଇ ।।୯
ହରି-ବଚନ ଶୁଣି କର୍ଣ୍ଣେ । ଅସୁରେ ଭାଳି ଏକମନେ ।।୧୦
ବୋଇଲେ ବିଷ୍ଣୁ ମୁଖ ଚାହିଁ । ଏ କଥା ଉଚିତ ନୁହଇ ।।୧୧
ସ୍ୱଭାବେ ସର୍ପର ଲାଙ୍ଗୁଳ । କେବେହେଁ ନୁହଇ ମଙ୍ଗଳ ।।୧୨
ଆମ୍ଭେ ଦେବଙ୍କ ଅଗ୍ରେ ଜାତ । ପବିତ୍ର କଶ୍ୟପଙ୍କ ସୁତ ।।୧୩
ଧର୍ମ-ଅର୍ଧମ ଆମ୍ଭେ ଜାଣୁ । ଆଗମ-ନିଗମ ପ୍ରମାଣୁ ।।୧୪
ପ୍ରଖ୍ୟାତ-ଜନ-କୁଳ-ଶୀଳ । କେମନ୍ତେ ଧରିବୁ ଲାଙ୍ଗୁଳ ।।୧୫
ଆମ୍ଭର ଏଣେ କାର୍ଯ୍ୟ ନାହିଁ । ଏମନ୍ତେ ଭଗ୍ନଚିତ୍ତେ ରହି ।।୧୬
ସର୍ବ ଅସୁରେ ଏକମେଳେ । ରହିଲେ କ୍ଷୀରସିନ୍ଧୁ କୂଳେ ।।୧୭
ବସିଲେ ଆରମ୍ଭ ଉପେକ୍ଷି । ପୁରୁଷୋତ୍ତମ ତାହା ଦେଖି ।।୧୮
ପୁଚ୍ଛ ଧଇଲେ ଶିରୀରଙ୍ଗେ । ସର୍ବ ଦେବତା ଘେନି ସଙ୍ଗେ ।।୧୯
ମନ୍ଦର ଧରି ବାହୁବଳେ । ସ୍ଥାପିଲେ କ୍ଷୀରସିନ୍ଧୁ ଜଳେ ।।୨୦
ସ୍ୱଭାବେ ଗଭୀର ଜଳଧି । ଯୋଜନ ଶତଲକ୍ଷ ଭେଦି ।।୨୧
ଗିରି ପଡ଼ିଲା ରସାତଳେ । ଖୋଜି ନ ପାଇଲେ ସକଳେ ।।୨୨
ତୀରେ ଉଠିଲେ ଦୁଃଖମନେ । ବଦନ ଚାହିଁ ଅନ୍ୟ ଅନ୍ୟେ ।।୨୩
ନଶିଲା ନିଜ ପୃଷୁକାର । ହୃଦେ କେ ବହୁ ଅହଙ୍କାର ।।୨୪
ଦଇବ-ମାୟା ଯୋଗବଳ । ଆରମ୍ଭ ହୋଇଲା ନିଷ୍ଫଳ ।।୨୫
ଦେବ-ଦାନବ ବିଷ୍ଣୁପାଶେ । ରହି ଚାହିଁଲେ ଦଶଦିଶେ ।।୨୬
ତାହାଙ୍କ ଦର୍ପଭଙ୍ଗ ଚାହିଁ । ମହାମହିମ ଭାବଗ୍ରାହୀ ।।୨୭
ପାତାଳୁଁ କୂର୍ମରୂପ ଧରି । ପୃଷ୍ଠେ ବସାଇ ମହାଗିରି ।।୨୮
ଉଠିଲେ ଟେକି ଗିରିବର । ତୀରେ ଦେଖନ୍ତି ଦେବାସୁର ।।୨୯
ଯେସନେ ସରୋବର ମଧେ । ପଦ୍ମ ପ୍ରକାଶ ହୋଏ ଉର୍ଦ୍ଧ୍ୱେ ।।୩୦
ଗିରି ଯୋଜନ ଏକାଦଶ । ଜଳେ ରହିଲା ଅବଶେଷ ।।୩୧
ଗୋବିନ୍ଦ ଯୋଗମାୟା କରି । ତକ୍ଷଣେ ମାୟାରୂପ ଧରି ।।୩୨
ବହିଲେ ଗିରି ପୃଷ୍ଠଦେଶେ । ମସ୍ତକ ଲାଗିଲା ଆକାଶେ ।।୩୩
ଦେଖି ସାନନ୍ଦ ଦେବାସୁରେ । ବାସୁକି ଧରି ତେଜଭରେ ।।୩୪
ପର୍ବତେ ତିନିଗୁଣ କରି । ବେଢ଼ିଲେ ମନ୍ଥନ ଆବୋରି ।।୩୫
ଦେବ-ଅସୁରେ ବେନିଭାଗେ । ବାସୁକି ଧରି ଅତି ବେଗେ ।।୩୬
ହୁଂକାରେ କରନ୍ତି ମନ୍ଥନ । ଶୁଣ ହୋ ପରୀକ୍ଷ ରାଜନ ।।୩୭
ପୃଷ୍ଠରେ ଗିରି ଘରଷଣେ । ଅନଳ ଉଠିଲା ବହନେ ।।୩୮
କଣ୍ଡୁ ଯେ କୂର୍ମପୃଷ୍ଠେ ଥିଲା । ତକ୍ଷଣେ ଉଶ୍ୱାସ ହୋଇଲା ।।୩୯
କଣ୍ଡୁ-ଘର୍ଷଣ-ସୁଖ ବୁଝି । ସେ କୂର୍ମ ବେନିଚକ୍ଷୁ ବୁଜି ।।୪୦
ସୁଖେ ନିଦ୍ରିତ ନାରାୟଣ । କେ ସହେ ଅଚଳ ଧାରଣ ।।୪୧
ପୁଣି ଗୋବିନ୍ଦ ଅନ୍ତରୀକ୍ଷେ । ମିଳିଲେ ଦେବଙ୍କ ପ୍ରତ୍ୟକ୍ଷେ ।।୪୨
ଦେବ-ଅସୁର ଅଳ୍ପବଳ । ଜାଣିଲେ ପ୍ରଭୁ ଆଦିମୂଳ ।।୪୩
ତକ୍ଷଣେ ପ୍ରଭୁ ଭାବଗ୍ରାହୀ । ଦେବ-ଦାନବ ମଧେ ଯାଇ ।।୪୪
ପଶିଲେ ତାହାଙ୍କର ଚିତ୍ତେ । ବଳ ହୋଇଲା ଅପ୍ରମିତେ ।।୪୫
ବାସୁକି ଦେହେ ନରହରି । ପଶିଲେ ବଳ-ରୂପ ଧରି ।।୪୬
ସହସ୍ର ଭୁଜେ ଶୂନ୍ୟପଥେ । ଗିରି ଆବୋରି ହୃଦଗତେ ।।୪୭
ରହିଲେ ପ୍ରଭୁ ନାରାୟଣ । ଶୂନ୍ୟେ ଦେଖନ୍ତି ଋଷିଗଣ ।।୪୮
ଗଗନେ ବିମାନ ଆରୋହି । ସ୍ତୁତି କରନ୍ତି ବିଷ୍ଣୁଧାୟୀ ।।୪୯
ପୁଷ୍ପ ବରଷି ବେଦନାଦେ । ମୁନିଏ ପରମ-ଆନନ୍ଦେ ।।୫୦
ଦେଖନ୍ତି ଅଧ-ଉର୍ଦ୍ଧ୍ୱେ ଚାହିଁ । ହରିହୁଁ ଆନ ନ ଦିଶଇ ।।୫୧
ପ୍ରହୃଷ୍ଟମନେ ସୁରାସୁରେ । ଗିରି ଘୂରାନ୍ତି ଅତି ଖରେ ।।୫୨
ମହାପର୍ବତ ଘରଷଣେ । ଜଳେ ସେ ଥିଲେ ଜନ୍ତୁଗଣେ ।।୫୩
ଜଳଧି ମଧେ କ୍ଷୋଭ ପାଇ । ତୀରେ ରହିଲେ ସ୍ଥିର ହୋଇ ।।୫୪
ବାସୁକି ସହସ୍ର ବଦନେ । ନିଃଶ୍ୱାସ ଛାଡ଼େ ଘନଘନେ ।।୫୫

ତାର ନିଃଶ୍ୱାସ ଦାବାନଳ । ପୂରିଲା ଦିଗ-ଅନ୍ତରାଳ ।।୫୬
ନିଃଶ୍ୱାସ-ଅଗ୍ନି-ଧୂମ ଲାଗି । ଦେବ-ଦାନବେ ଦୁଃଖଭାଗୀ ।।୫୭
ଚାଳି ନ ପାରିଲେ ମନ୍ଦର । ତାହାଙ୍କୁ ଦେଖି ଚକ୍ରଧର ।।୫୮
ନିଃଶ୍ୱାସ-ବାତେ ହତପ୍ରାଣ । ତାହା ଜାଣିଲେ ନାରାୟଣ ।।୫୯
ତକ୍ଷଣେ ଶୂନ୍ୟେ ମେଘମାଳ । ଶୀତଳ ବରଷନ୍ତି ଜଳ ।।୬୦
କ୍ଷୀରସମୁଦ୍ରେ ଶୀତବାତ । ଯେଣୁ ପେଷିଲେ ଜଗନ୍ନାଥ ।।୬୧
ବାସୁକି ଆଦି ଜଳଜୀବେ । ତାପୁଁ ତରିଲେ ଶୀତଭାବେ ।।୬୨
ଦେବଦାନବ ଦେହଗତେ । ମାଳା କଙ୍କଣ ଥିଲା ଯେତେ ।।୬୩
ସକଳ ଧୂମେ ହତପ୍ରଭ । ଅନାଇ ପ୍ରଭୁ ପଦ୍ମନାଭ ।।୬୪
ଜଳ ସିଞ୍ଚନେ ସୁସ୍ଥ କଲେ । ବଳି ସମେତେ ଯେତେ ଥିଲେ ।।୬୫
ଏମନ୍ତେ ବାସୁକି ଶରୀରେ । ଅତି ମନ୍ଥନ ଖେଦଭରେ ।।୬୬
ଗରଳ ଛାଡ଼େ ଅତିଦୁଃଖେ । ବରଷା ପ୍ରାୟ ସସ୍ରମୁଖେ ।।୬୭
ଜଳେ ପଡ଼ନ୍ତେ ବିଷଜାଳେ । ଯେ ଜଳଜନ୍ତୁ ଥିଲେ ଜଳେ ।।୬୮
ବିକଳେ ବୁଲି ଛଟପଟେ । ପୁଣି ଗଭୀରେ ପୁଣି ତଟେ ।।୬୯
ସେ ବିଷ ବେଗବନ୍ତ-ଜଳେ । ଦିଗ ପୂରିଲା ଅନ୍ତରାଳେ ।।୭୦
ଚକିତେ ଅଧ-ଉର୍ଦ୍ଧ୍ୱ-ମଧ୍ୟେ । ଜନ୍ତୁଏ ପଳାନ୍ତି ବିଷାଦେ ।।୭୧
ଡାକନ୍ତି ଉର୍ଦ୍ଧ୍ୱମୁଖ କରି । ରଖ ହେ ପ୍ରଭୁ ଶୂଳଧାରୀ ।।୭୨
ସହି ନ ପାରବୁ କଷଣ । ତୋ ପାଦେ ପଶିଲୁ ଶରଣ ।।୭୩
ହର ସମୀପେ ମୁନିଗଣ । ମିଳି କରନ୍ତି ପ୍ରଦକ୍ଷିଣ ।।୭୪
ଯେ ଦୁଃଖବନ-ଧୂମକେତୁ । ଅଶେଷ-ଅପବର୍ଗ-ହେତୁ ।।୭୫
ମିଳି ସକଳ ପ୍ରଜାପତି । ସନ୍ନିଧେ ବସାଇ ପାର୍ବତୀ ।।୭୬
ବିକଳେ ମିଳି ଶିବ ପାଶେ । ସ୍ତୁତି କରନ୍ତି ବିଷତ୍ରାସେ ।।୭୭

ପ୍ରଜାପତିଗଣ ଉବାଚ

ହେ ମହାଦେବ ସଦାଶିବ । କେ ଜାଣିପାରେ ତୋର ଭାବ ।।୭୮
ତୁ ଭୂତଭାବନ-ଈଶ୍ୱର । ଆମ୍ଭର ପ୍ରାଣ ରକ୍ଷା କର ।।୭୯
ଏ ବିଷ ସଂସାର ଦହିବ । ଏଥୁଁ ଉଦ୍ଧର ସଦାଶିବ ।।୮୦
ସର୍ବ ଜଗତ-ବନ୍ଧ-ମୋକ୍ଷ । ତୁ ନାଥ ଈଶ୍ୱର ପ୍ରତ୍ୟକ୍ଷ ।।୮୧
କୁଶଳ ଇଚ୍ଛା ଯାର ମନେ । ସେ ତୋତେ ଚିନ୍ତେ ନିତ୍ୟେ ଧ୍ୟାନେ ।।୮୨
ଜଗତଗୁରୁ ନାଥ ତୁହି । ଯେ ତୋତେ ଶରଣ ପଶଇ ।।୮୩
ସ୍ୱଶକ୍ତି ତୋର ଗୁଣମୟୀ । ଯେ ଭାବେ ସର୍ଗ-ସ୍ଥିତି ହୋଇ ।।୮୪
ପ୍ରଳୟ କରୁ ନାଥ ତୁହି । ତୁ ବ୍ରହ୍ମା-ବିଷ୍ଣୁ-ରୁଦ୍ରଦେହୀ ।।୮୫
ତୁ ବ୍ରହ୍ମ ପରମ ଗୁପତ । ସଦ-ଅସଦ ଭାବମତ ।।୮୬
ପ୍ରକାଶୁ ନାନା ଶକ୍ତିରୂପେ । ତୁ ଆତ୍ମାରୂପ ମୋହକଳ୍ପେ ।।୮୭
ଜଗତ ଆଦି ଶବ୍ଦଯୋନି । ପ୍ରାଣ-ଇନ୍ଦ୍ରିୟ-ଗୁଣ ଘେନି ।।୮୮
ତୁ କାଳଯଜ୍ଞ ସତ୍ୟରତ । ତୁ ବ୍ରହ୍ମ ଅଛିଦ୍ର ତ୍ରିବୃତ୍ତ ।।୮୯
ଅନଳ ତୁମ୍ଭର ବଦନ । ଆଦିତ୍ୟ-ଶଶାଙ୍କ ଲୋଚନ ।।୯୦
ସର୍ବଦେବଙ୍କ ଆତ୍ମା ତୁମ୍ଭେ । ଅଶେଷ ଯଜ୍ଞର ଆରମ୍ଭେ ।।୯୧
ଏ ଭୂମି ତୋର ପାଦବେନି । ତୋ ବଳ ବହଇ ମେଦିନୀ ।।୯୨
କାଳ ତୋହର ନିଜ ଗତି । ତୋର ବୃଷଣ ପ୍ରଜାପତି ।।୯୩
ଏ ଅଷ୍ଟଦିଗ ତୋ ଶ୍ରବଣ । ତୋହର ରସନା ବରୁଣ ।।୯୪
ନଭ ତୋହର ନାଭିଦେଶ । ନିଃଶ୍ୱାସ ବାତ-ଅଣଚାଶ ।।୯୫
ପର୍ବତେ ତୋ ଅସ୍ଥି ସମୂହ । ବୃକ୍ଷ-ଔଷଧି ତନୁରୁହ ।।୯୬
ଏ ସପ୍ତଛନ୍ଦ ସପ୍ତଧାତୁ । ତୋ ହୃଦ ଧର୍ମସ୍ଥିତି-ହେତୁ ।।୯୭
ଭୋ ନାଥ ତୋ ପଞ୍ଚବଦନ । ପଞ୍ଚୋପନିଷଦ ବଚନ ।।୯୮
ଅଷ୍ଟଉତ୍ତର ତିନିଶତ । ମନ୍ତ୍ର ବର୍ଗ ଯହୁଁ ଉଦିତ ।।୯୯
ତୋ ପରମାତ୍ମା ତତ୍ତ୍ୱଧାମ । ଏଣୁ ତୋହର ଶିବ ନାମ ।।୧୦୦
ଜ୍ୟୋତିସ୍ୱରୂପେ ତୋର ବାସ । ତୁ ବ୍ରହ୍ମ ପରମ ପ୍ରକାଶ ।।୧୦୧
ଅଧର୍ମ ତୋ ଶରୀର ଛାୟା । ତୋର ଆଶ୍ରିତ ମୋହମାୟା ।୧୦୨
ତୋ ତିନିନେତ୍ର ତିନିଗୁଣ । ଯେ ଗୁଣେ ସଂସାର ଧାରଣ ।।୧୦୩
ଯେ ଛନ୍ଦୋମୟ ଶାସ୍ତ୍ରଈକ୍ଷା । ଯେ ଭାବେ ଋଷିଙ୍କର ଶିକ୍ଷା ।।୧୦୪

ଅଖିଳ-ଲୋକପାଳ ତୁହି । ତୋ ଅନ୍ତ କେହି ନଜାଣଇ ।।୧୦୫
ବିରଞ୍ଚି ବଇକୁଣ୍ଠ ଧାମ । ସୁରେନ୍ଦ୍ରଗଣେ ନୋହେ ଗମ୍ୟ ।।୧୦୬
ପରମଜ୍ୟୋତି ତୋ ଆନନ୍ଦ । କେବେହେଁ ଗୁଣେ ନୋହେ ଭେଦ ।।୧୦୭
କାମ ତ୍ରିପୁର ଘୋରକାଳ । ଦକ୍ଷର ଯଜ୍ଞ ଧ୍ୱଂସ କଲ ।।୧୦୮
ଯେବା ଅଛନ୍ତି ଭୂତଦ୍ରୋହ । ଯେ ଅବା କ୍ରୋଧ ଲୋଭ ମୋହ ।।୧୦୯
ଏହାଙ୍କୁ କରୁ ତୁ ଦହନ । ତୁ ନାଥ ଆଦି ନିରଞ୍ଜନ ।।୧୧୦
ସୃଷ୍ଟିକୁ ଅନ୍ତଃକାଳେ ଧରି । ତୃତୀୟନେତ୍ର ତୁ ଆବୋରି ।।୧୧୧
ପ୍ରାଣୀଙ୍କି କରୁ ଆତଯାତ । ଏଣୁ ତୋ ନାହିଁ ଆଦିଅନ୍ତ ।।୧୧୨
ଯେ ଆତ୍ମଜ୍ଞାନୀ ଏ ଜଗତେ । ତୋ ପଦ ଚିନ୍ତେ ଅବିରତେ ।।୧୧୩
ଯେବା ତପସ୍ୟା କରି ଭଜେ । ତୋ ରୂପ ଧ୍ୟାନଭାବେ ପୂଜେ ।।୧୧୪
ତୋତେ ଆଶ୍ରୟ ଯେ କରନ୍ତି । ଏ ଘୋର ସଂସାରୁ ତରନ୍ତି ।।୧୧୫
ଆମ୍ଭେ ଯେ ଘୋର-ବିଷ-ଭୟେ । ଶରଣ ଗଲୁ ତୋର ପାଏ ।।୧୧୬
ଏ ଘୋର ଭୟୁ କର ତ୍ରାଣ । ଭୋ ନାଥ ରଖ ଆମ୍ଭ ପ୍ରାଣ ।।୧୧୭

ଶୁକ ଉବାଚ

ତାହାଙ୍କ ଦୁଃଖ ଦେଖି ହର । କୃପାରେ ହୋଇଣ କାତର ।।୧୧୮
ସୁହୃଦ ସର୍ବଭୂତେ ସେହି । କହନ୍ତି ପ୍ରିୟାମୁଖ ଚାହିଁ ।।୧୧୯

ଶିବ ଉବାଚ

ଏ ବିଷ ତେଜେ ଦଶଦିଶ । କେବେହେଁ ନ ଦିଶେ ପ୍ରକାଶ ।।୧୨୦
ଏଣୁ ବ୍ରହ୍ମାଣ୍ଡ ନାଶ ଗଲା । ଅକାଳେ ପ୍ରଳୟ ହୋଇଲା ।।୧୨୧
ଭୟେ କମ୍ପଇ ତିନିପୁର । ଆକାଶେ କମ୍ପେ ସୁରେଶ୍ୱର ।।୧୨୨
ଦେଖି ଭବାନୀ ପ୍ରଜାଙ୍କର । ଦୁଃଖ ହୋଇଲା ଭୟଙ୍କର ।।୧୨୩
ସମୁଦ୍ର ମନ୍ଥନୁ ଏ ଜାତ । ଏଥି ରଖିବା ମୋ ଉଚିତ ।।୧୨୪
ଯେ କରେ ଦୀନ ଉପକାର । ସେ ଧର୍ମଜ୍ଞାନୀଙ୍କର ସାର ।।୧୨୫
ସାତ୍ତ୍ୱିକ ଧର୍ମ ସେ କରନ୍ତି । ଅଜ୍ଞାନୀଜନେ ନ ଜାଣନ୍ତି ।।୧୨୬
ଦୁଃଖୁଁ ଯେ ପରିତ୍ରାଣ କରେ । ସଙ୍କଟୁ ପ୍ରାଣୀଙ୍କି ଉଦ୍ଧରେ ।।୧୨୭
ତା ଜନ୍ମ ଧନ୍ୟ ଏ ସଂସାରେ । ଯେ ରହେ ପର ଉପକାରେ ।।୧୨୮
ସାଧୁଜନଙ୍କର ଏ ଗତି । କେବେହେଁ ଧର୍ମ ନ ଛାଡ଼ନ୍ତି ।।୧୨୯
କ୍ଷଣଭଙ୍ଗୁର ଏ ଶରୀର । ସୁଧର୍ମ ପର ଉପକାର ।।୧୩୦

ଶୁକ ଉବାଚ

ଏମନ୍ତ ଶିବଙ୍କ ବଚନ । ଅମ୍ବିକା ଶୁଣି ତୋଷମନ ।।୧୩୧
ରୁଦ୍ର ଚରଣ ଶିରେ ଧରି । ମଧୁରେ କହନ୍ତି ଗଉରୀ ।।୧୩୨

ଅମ୍ବିକା ଉବାଚ

ଭେ ନାଥ ଜଗତ ଈଶ୍ୱର । ଦେବଙ୍କ ବୋଲ ତୁମ୍ଭେ କର ।।୧୩୩
ଏ ଘୋର ବିଷ କର ଗ୍ରାସ । ସଂସାରେ ଥିବ ତୁମ୍ଭ ଯଶ ।।୧୩୪
ଧର୍ମ କରନ୍ତି ଯେତେ ପ୍ରାଣୀ । ତାହାଙ୍କୁ ତୋଷ ଚକ୍ରପାଣି ।।୧୩୫

ଶୁକ ଉବାଚ

ଏମନ୍ତେ ଗଉରୀ ବଚନେ । ରୁଦ୍ର ଉଠିଲେ ତୋଷମନେ ।।୧୩୬
କ୍ଷୀରାବ୍ଧି-ତଟେ ବିଜେକରି । କରଅଞ୍ଜଳି ବିଷେ ଭରି ।।୧୩୭
ଉତ୍କଟ ଘୋର ମହାବିଷ । ଏକାବେଳକେ କଲେ ଗ୍ରାସ ।।୧୩୮
ରଖିଲେ ଅଶେଷ ଭୁବନ । ଶୁଣ ହେ ପରୀକ୍ଷ ରାଜନ ।।୧୩୯
କଣ୍ଠୁ ଦିଶିଲା ନୀଳପ୍ରଭା । ସାଧୁଜନଙ୍କର ଏ ଶୋଭା ।।୧୪୦
ସାଧୁଜନଙ୍କ ମତ ଏହି । ଯେ ପରଦୁଃଖେ ଦୁଃଖୀ ହୋଇ ।।୧୪୧
କରନ୍ତି ପର ଉପକାର । ଧନ୍ୟ ଜୀବନ ତାହାଙ୍କର ।।୧୪୨
ଏମନ୍ତେ ରୁଦ୍ରକର୍ମ ଦେଖି । ସଂସାରଜନେ ହେଲେ ସୁଖୀ ।।୧୪୩
ବ୍ରହ୍ମା-ଗୋବିନ୍ଦ ଦେବ ମେଳେ । ସର୍ବେ ଶଙ୍କରେ ପ୍ରଶଂସିଲେ ।।୧୪୪
ରୁଦ୍ର ପିବନ୍ତେ ଘୋର ବିଷ । କୂଳେ ଯେ ଥିଲା ଅବଶେଷ ।।୧୪୫
ବୃଶ୍ଚିକ-ଦନ୍ଦ ଶୂକଗଣ । ଭକ୍ଷିଲେ ବିଷ-ଶେଷକଣ ।।୧୪୬
ଏ କ୍ଷୀର ସାଗର-ମନ୍ଥନ । ଶୁଣି ପବିତ୍ର ହୁଅ ଜନ ।।୧୪୭
ସୁସାଧୁ ଜନଙ୍କର ହିତେ । ଅଷ୍ଟମ ସ୍କନ୍ଧେ ଭାଗବତେ ।।୧୪୮
ଭାଷା ପ୍ରବନ୍ଧେ ଗୀତନାଦେ । ଶୁଣ ସୁଜନେ ଅପ୍ରମାଦେ ।।୧୪୯

ବୋଲଇ ଦାସ ଜଗନ୍ନାଥ । ବିଷ ଭକ୍ଷିଲେ ଉମାକାନ୍ତ ।।୧୫୦

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ସମୁଦ୍ରମନ୍ଥନେ ସଦାଶିବ ବିଷପାନେ ସପ୍ତମୋଽଧ୍ୟାୟଃ ।।

ଅଷ୍ଟମ ଅଧ୍ୟାୟ

ଶୁକ ଉବାଚ

ଶୁଣ ରାଜନ ତୋଷମନେ । ସଦାଶିବଙ୍କ ବିଷପାନେ ।।୧
ଦେବ ଦାନବ ମନତୋଷେ । ରୁଦ୍ର ବିରଞ୍ଚି ଘେନି ପାଶେ ।।୨
ପୁଣି ମନ୍ଥିଲେ କରି ମନ୍ୟୁ । ଜଳୁ ଉଠିଲା କାମଧେନୁ ।।୩
ସେ ଧେନୁ ଦେଖି ତୋଷମନେ । ବ୍ରାହ୍ମଣେ ମିଳିଲେ ମନ୍ଥନେ ।।୪
ହରଷେ ଅଗ୍ନିହୋତ୍ର ଅର୍ଥେ । ମିଳିଲେ ଅଗ୍ନିହୋତ୍ରୀ ଯେତେ ।।୫
ସ୍ୱଭାବେ ବିପ୍ରେ ବ୍ରହ୍ମବେତ୍ତା । ଅଗ୍ନିପୂଜନେ ସାମରଥା ।।୬
ସେ କାମଧେନୁ ଘେନିଗଲେ । ଆନନ୍ଦ ମନେ ଯଜ୍ଞ କଲେ ।।୭
ପୁଣି ମନ୍ଥିଲେ ସୁରଦେବା । ଉଠିଲା ଅଶ୍ୱ ଉଚ୍ଚୈଶ୍ରବା ।।୮
ସେ ସର୍ବଲକ୍ଷଣେ ସୁନ୍ଦର । ଶଶାଙ୍କ ସଦୃଶ ପାଣ୍ଡୁର ।।୯
ସେ ଅଶ୍ୱ ଦେଖି ବଳି ଚିତ୍ତେ । ଶ୍ରଦ୍ଧା ବସିଲା ଅନ୍ତର୍ଗତେ ।।୧୦
ଈଶ୍ୱର ତାର ମନ ଜାଣି । ବୋଇଲେ ଇନ୍ଦ୍ର ଶୁଣ ବାଣୀ ।।୧୧
ତୋହର ଅଶ୍ୱ ଏ ଉଚିତେ । ସେ ନେଇ ଆମ୍ଭ ସନମତେ ।।୧୨
ପୁଣି ମନ୍ଥିଲେ ଏକଚିତ୍ତେ । ଉଠିଲା ଗଜ ଐରାବତେ ।।୧୩
ଚତୁରଦନ୍ତ ଶୋଭାକର । କୈଳାସ ପର୍ବତ ଆକାର ।।୧୪
ଇନ୍ଦ୍ରର ଗଜ ସେ ସ୍ୱଭାବେ । ତେଣୁ ନ ଇଚ୍ଛିଲେ ଦାନବେ ।।୧୫
ସେ ଗଜ ଇନ୍ଦ୍ର ଆବୋରିଲେ । ପୁଣି ମନ୍ଥନ ଯାଇ କଲେ ।।୧୬
ଅଷ୍ଟଦିଗ୍‌ଗଜ ଐରାବଣ । ଅଭ୍ରମୁ ଆଦି ପତ୍ନୀ ନାମ ।।୧୭
ପୁଣି ମନ୍ଥନେ ମହାଭାଗ । ଉଠିଲା ମଣି ପଦ୍ମରାଗ ।।୧୮
କୌସ୍ତୁଭ ନାମେ ରତ୍ନ ହରି । ସ୍ନେହେ ଏହାକୁ ବକ୍ଷେ ଧରି ।।୧୯
ସୁନ୍ଦର ପୁଷ୍ପ ପାରିଜାତ । ସୁଗନ୍ଧେ ମୋହିଲା ଜଗତ ।।୨୦
ତକ୍ଷଣେ ଉଠିଲା ଗଗନେ । ମିଳିଲା ଶଚୀପତି ବନେ ।।୨୧
ପୁଣି ମନ୍ଥିଲେ ବାହୁବଳେ । ମନ୍ଦରଗିରି ସିନ୍ଧୁଜଳେ ।।୨୨
ଉଠିଲେ ଅପସରା ବୃନ୍ଦ । ସୁସ୍ୱରେ କରି ଗୀତନାଦ ।।୨୩
ରତ୍ନମେଖଳା କଟୀତଟେ । କୁଚେ କାଞ୍ଚଲା ସୁପ୍ରକଟେ ।।୨୪
ରତ୍ନଭୂଷଣେ ଶୋହେ ଗ୍ରୀବା । ରୂପେ କି ପଟାନ୍ତର ଦେବା ।।୨୫
ହାର କେୟୂର ଝଟକନ୍ତି । ଗଗନେ ଯେହ୍ନେ ତାରାପନ୍ତି ।।୨୬
ଚାହାନ୍ତେ କଟାକ୍ଷ-ଲୋଚନ । ଯେ ରୂପେ ତ୍ରୈଲୋକ୍ୟ-ମୋହନ ।।୨୭
ଗଗନମାର୍ଗେ ଶୂନ୍ୟେ ଗଲେ । ଇନ୍ଦ୍ରର ଭୁବନେ ମିଳିଲେ ।।୨୮
ଅସୁରେ ମନେ ଦୁଃଖେ ଭରି । ପୁଣି ମନ୍ଥିଲେ ଗିରି ଧରି ।।୨୯
ସୁନ୍ଦର ଦିଶେ ଦଶଦିଶ । ଧରଣୀ ହେଉଛି ଉଲ୍ଲାସ ।।୩୦
ଅମୃତ-ଶୁଭଲଗ୍ନ-ବଳେ । ଲକ୍ଷ୍ମୀ ଉଠିଲେ ମହାଜଳେ ।।୩୧
ଦିଗ ପ୍ରସରେ ଦେହ ଝଳି । ଜୀମୂତେ ଯେସନେ ବିଜୁଳି ।୩୨
କମଳା ରୂପ ଦେଖି ବନେ । ଲୋଭ ବସିଲା ସର୍ବମନେ ।।୩୩
ଲକ୍ଷ୍ମୀ-ବଦନ ଚାହିଁ ବେଗେ । ଇନ୍ଦ୍ର ମିଳିଲେ ପଦଯୁଗେ ।।୩୪
ରତ୍ନ ଆସନ ଦେଲେ ଆଣି । ଯହିଁ ବିଜୟେ କମଳିନୀ ।।୩୫
ଜାହ୍ନବୀ ଆଦି ନଦୀ ଯେତେ । ସର୍ବେ ମିଳିଲେ ପାଦଗତେ ।।୩୬
ସୁବର୍ଣ୍ଣ କୁମ୍ଭେ ଜଳ ଭରି । ମୁନିଏ ରହିଲେ ଉଭାରି ।।୩୭
ଧରଣୀ ଦେଲା ଅଉଷଧି । ଅପରେ ଅଭିଷେକ ବିଧି ।।୩୮
ଅଇରାବତ ପୁଣ୍ଡରୀକ । ଏ ବେନି ହସ୍ତୀଙ୍କ ନାୟକ ।।୩୯
ସୁବର୍ଣ୍ଣକୁମ୍ଭେ ନୀର ଭରି । ଢ଼ାଳିଲେ ଥୋର ହସ୍ତେ ଧରି ।।୪୦
ସୁରଭୀ ପଞ୍ଚାମୃତ ଧାରେ । ସିଞ୍ଚିଲା କମଳା ଉପରେ ।।୪୧
ମଧୁ-ମାଧବ ବେନିମାସେ । ମିଳିଲେ କୁସୁମ ସୁବାସେ ।।୪୨
ମିଳି ଅଶେଷ ମୁନିଗଣେ । ଆଗମ ନିଗମ ପ୍ରମାଣେ ।।୪୩
କଲେ ସେ ଅଭିଷେକ ବିଧି । ନିଗମ ମାର୍ଗେ ଯେ ପ୍ରସିଦ୍ଧି ।।୪୪

ଗନ୍ଧର୍ବେ କଲେ ଗୀତନାଦ । ନାଚନ୍ତି ଅପସରାବୃନ୍ଦ ।।୪୫

ପଣବ ମୃଦଙ୍ଗ ଗୋମୁଖ । ମୁରୁଜ ଯନ୍ତ୍ର ଯେ ଆନକ ।।୪୬

କମ୍ବୁ କାହାଳ ବେଣୁସ୍ୱନ । ଗର୍ଜନ୍ତି ଶୂନ୍ୟପଥେ ଘନ ।।୪୭

ସକଳେ ମିଳି ଚଉପାଶେ । ସୁବାକ୍ୟ ବେଦମନ୍ତ୍ର ଘୋଷେ ।।୪୮

ହସ୍ତୀଏ ରତ୍ନକୁମ୍ଭେ ନୀର । ଢାଳିଲେ କମଳାର ଶିର ।।୪୯

କ୍ଷୀର ଜଳଧି ଉଠି ତୋଷେ । ମିଳିଲା କମଳିନୀ ପାଶେ ।।୫୦

ପୀତପଟନୀ ବେନି ଦେଲା । ଅମ୍ଳାନ-ପଙ୍କଜର ମାଳା ।।୫୧

ବରୁଣ ଦେଲା ଦେବୀ ଗଳେ । ମତ୍ତ-ମଧୁପ ଯହିଁ ରୋଳେ ।।୫୨

ନାନା-ଭୂଷଣ ରତ୍ନଜ୍ୟୋତି । ସେ ବିଶ୍ୱକର୍ମା ପ୍ରଜାପତି ।।୫୩

ହାର କଙ୍କଣ ଅବତଂସ । ରତ୍ନ ଝଟକେ ରବି ତ୍ରାସ ।।୫୪

ସେ ଦେବୀ ଅଭିଷେକ ଅନ୍ତେ । ପଙ୍କଜମାଳା ଘେନି ହସ୍ତେ ।।୫୫

ପାଦେ ଚଳନ୍ତେ ମହୀତଳେ । ରତ୍ନକୁଣ୍ଡଳ କର୍ଣ୍ଣେ ଲୁଳେ ।।୫୬

ସୁଶୁଭ୍ରହାସ ଶୁଭ୍ରଦନ୍ତୀ । ହୃଦେ ପୟୋଧର ଚଳନ୍ତି ।।୫୭

ମୁକୁତାହାର କୁଚଶିଖେ । କୁଙ୍କୁମ ଲେପନ ସୁରେଖେ ।।୫୮

ଚରଣେ ରଣିତ ନୂପୁର । ସୁଘୋଷ ଶୁଭଇ ମଧୁର ।।୫୯

ପଥେ ଚାଲନ୍ତେ ଜନମାତା । ରୂପେ କି ଦିଶେ ହେମଲତା ।।୬୦

ବିଷ୍ଣୁଚରଣେ ମନଦେଇ । ଆନନ୍ଦେ ବେନିପାଶେ ଚାହିଁ ।।୬୧

ଅଶେଷ-ବ୍ରହ୍ମାଣ୍ଡ-କାରଣ । କଳ୍ପଇ ଯାହାର ଚରଣ ।।୬୨

ଯଦ୍ୟପି କନ୍ୟାରୂପ ଧରେ । ମନ ନ ରମେ ଅନ୍ୟ ବରେ ।।୬୩

ଗନ୍ଧର୍ବ ସିଦ୍ଧ ଯକ୍ଷ ସୁର । ଥିଲେ ଯେ ଚାରଣ ଅସୁର ।।୬୪

ଯେଣୁ ମିଶ୍ରିତ ଦୋଷ ଗୁଣ । ତେଣୁ ତାଙ୍କରେ ନାହିଁ ମନ ।।୬୫

ଚଞ୍ଚଳା ପୁଣ ଏହି ମତେ । ବିଷ୍ଣୁଚରଣ ଚିନ୍ତି ଚିତ୍ତେ ।।୬୬

ଗୋବିନ୍ଦ ଗଳେ ମାଳାଦେଇ । ଅନଙ୍ଗଲୋଚନେ ଅନାଇଁ ।।୬୭

କୋଳେ ବସିଲେ ଜନମାତା । ଯେ ଜୀବ-ଜୀବନର ଦାତା ।।୬୮

ଗୋବିନ୍ଦକୋଳେ ଲକ୍ଷ୍ମୀ ଦେଖି । ଅସୁରେ ମନ୍ଥନ ଉପେକ୍ଷି ।।୬୯

ତୂରୀ ମର୍ଦ୍ଦଳ ଶଙ୍ଖସ୍ୱନ । ନୃତ୍ୟ ଉତ୍ସବ ଘନ ଘନ ।।୭୦

ବ୍ରହ୍ମା ଶଙ୍କର ଆଦି ଯେତେ । ତକ୍ଷଣେ ମିଳିଲେ ସମସ୍ତେ ।।୭୧

ସକଳ ଦେବେ ମୋଦଭରି । ପୁଷ୍ପ-ବରଷି ସ୍ତୁତି କରି ।।୭୨

ଲକ୍ଷ୍ମୀ-କଟାକ୍ଷ ଦେହେ ଲାଗି । ସର୍ବେ ହୋଇଲେ ମୋକ୍ଷଭାଗୀ ।।୭୩

ସତ୍ୟାଦି ପୁଣ୍ୟଶୀଳ ଗୁଣେ । ଯୁକ୍ତ ହୋଇଲେ ତତକ୍ଷଣେ ।।୭୪

ବ୍ରହ୍ମାଶଙ୍କର ଆଦି ଦେବେ । ଲକ୍ଷ୍ମୀ-ଗୋବିନ୍ଦ ତୋଷଭାବେ ।।୭୫

ଲକ୍ଷ୍ମୀଙ୍କି ଦେଖି ବିଷ୍ଣୁ ଅଙ୍ଗେ । ମଙ୍ଗଳଗୀତ ସ୍ତୁତି ରଙ୍ଗେ ।।୭୬

ମିଳି ସକଳ ଦିଗପାଳେ । ପୁଷ୍ପ ବରଷିଲେ ଗହଳେ ।।୭୭

ଲକ୍ଷ୍ମୀ-ଗୋବିନ୍ଦ ମୁଖ ଦେଖି । ଦେବେ ହୋଇଲେ ସର୍ବସୁଖୀ ।।୭୮

ଶୀଳାଦି-ଅଷ୍ଟଗୁଣେ ଯୁତ । ସର୍ବେ ହୋଇଲେ କୃତକୃତ୍ୟ ।।୭୯

ଲକ୍ଷ୍ମୀଙ୍କି ନ ଲଭି ଅସୁରେ । ବିଗୁଣ ବହିଲେ ଅନ୍ତରେ ।।୮୦

ନିର୍ବଳ ହୋଇଲେ ସରାଗେ । ଲୋଭ ବସିଲା ହୃଦଭାଗେ ।।୮୧

ଉଦ୍‌ବେଗେ ହୋଇଲେ କାତର । ଲଜ୍ଜା-ସ୍ୱଭାବ ଗଲା ଦୂର ।।୮୨

ପୁଣି ମନ୍ଥିଲେ ମନଦୁଃଖେ । ଚାହାନ୍ତି ଅନ୍ୟେ ଅନ୍ୟ ମୁଖେ ।।୮୩

ମନ୍ଥନେ ଉଠିଲା ବାରୁଣୀ । ରୂପେ ଶୋଭିତ କମଳିନୀ ।।୮୪

ଅସୁରେ ହସିଣ ଉନ୍ମତ୍ତେ । ସେ କନ୍ୟା ଲଭିଲେ ସମସ୍ତେ ।।୮୫

ପୁଣି ମନ୍ଥିଲେ ତୋଷମନେ । ପୌରୁଷେ ହରଷ ବଦନେ ।।୮୬

ଅଦ୍‌ଭୁତ ପୁରୁଷ ଉପୁଜେ । ତେଜେ ସକଳ ରୂପ ଗଞ୍ଜେ ।।୮୭

ହସ୍ତୀର ଶୁଣ୍ଢ ପ୍ରାୟେ ହୋଇ । ଆଜାନୁଲମ୍ବେ ଭୁଜ ଦୁଇ ।।୮୮

ସୁନ୍ଦର କମ୍ବୁ-ଗ୍ରୀବା ସାଜେ । ଅରୁଣଲୋଚନ ବିରାଜେ ।।୮୯

ଶ୍ୟାମ-ତରୁଣ-ବୟ ଶୋହେ । ରତ୍ନଭୂଷଣ ମନ ମୋହେ ।।୯୦

ହୃଦେ ଲମ୍ବଇ ବନମାଳ । ସୁନ୍ଦର ଅଳକା କପୋଳ ।।୯୧

ସିଂହ ବିକ୍ରମ ଶୁଭ୍ରଅଙ୍ଗ । ପୀତବସନ କଟୀଭାଗ ।।୯୨

ରତ୍ନବଳୟ ମଣିବନ୍ଧେ । ଅମୃତ କୁମ୍ଭ ଘେନି ସ୍କନ୍ଧେ ।।୯୩

ସେ ରୂପ ନାରାୟଣ ଅଂଶେ । ଧନ୍ୱନ୍ତରି ରୂପ ପ୍ରକାଶେ ।।୯୪

ସ୍ୱଭାବେ ଆୟୁର୍ବେଦ-ଗୁରୁ । ଧୀର ସ୍ୱଭାବେ ଯେହ୍ନେ ମେରୁ ।।୯୫
ଅସୁରଗଣ ତାହା ଦେଖି । ଧାଇଁଲେ ମନ୍ଥନ ଉପେକ୍ଷି ।।୯୬
ଲୁଟିଲେ ସର୍ବବସ୍ତୁ ବଳେ । ଦେବଙ୍କୁ କରି ଅବହେଳେ ।।୯୭
ଅମୃତ କୁମ୍ଭ ଅତି ଖରେ । ଥିଲା ଯେ ଧନ୍ୱନ୍ତରି କରେ ।।୯୮
ସେ କୁମ୍ଭ ବଳେ ଅପହରି । ଧାଇଁଲେ ଘୋରନାଦ କରି ।।୯୯
ପ୍ରତାପେ ଗର୍ଜିଣ ଧାଇଁଲେ । ପର୍ବତ ଉପରେ ଉଠିଲେ ।।୧୦୦
ଦେବେ ଦୁଃଖିତମନ ହୋଇ । ଗୋବିନ୍ଦ ପାଦେ ଚିତ୍ତ ଦେଇ ।।୧୦୧
ବୋଲନ୍ତି ରଖ ନାରାୟଣ । ଘୋର ସଙ୍କଟୁ ଆମ୍ଭ ପ୍ରାଣ ।।୧୦୨
ଅମୃତ ଭକ୍ଷିଲେ ଅସୁରେ । ଆମ୍ଭେ କି ଥିବୁ ସ୍ୱର୍ଗପୁରେ ।।୧୦୩
ନିଶ୍ଚୟେ ହୋଇଲୁ ଅନାଥ । ଶରଣ ରଖ ଜଗନ୍ନାଥ ।।୧୦୪
ଏମନ୍ତ ଦେବଙ୍କ ବିକଳ । ଦେଖି ହସନ୍ତି ଆଦିମୂଳ ।।୧୦୫
ସ୍ୱଭାବେ ପରମ ଆନନ୍ଦ । ଭକ୍ତବତ୍ସଳ ଆଦିକନ୍ଦ ।।୧୦୬
ବୋଲନ୍ତି ଶୁଣ ଦେବତାଏ । ଚିତ୍ତେ ନ କର ତୁମ୍ଭେ ଭୟେ ।।୧୦୭
ମୁଁ ଆଜ ଯୋଗମାୟା ଛଳେ । ଅମୃତ ଆଣିବଇଁ ହେଳେ ।।୧୦୮
ତକ୍ଷଣେ ଅସୁରଙ୍କ ଦେହେ । ହରି ପଶିଲେ ମାୟାମୋହେ ।।୧୦୯
ଅସୁରେ ଚିତ୍ତେ କ୍ରୋଧ ବହି । ବୋଲନ୍ତି ଏକୁ ଆରେ ଚାହିଁ ।।୧୧୦
କେହି କାହାକୁ ନ ଗଣନ୍ତି । ମୁଁ ଆଗେ ଭକ୍ଷିବି ବୋଲନ୍ତି ।।୧୧୧
ଦେବଙ୍କ ଭାଗ ଆଗେ ଦେବା । କେ ବୋଲେ ଆମ୍ଭେ ହେ ଭୁଞ୍ଜିବା ।।୧୧୨
ଆମ୍ଭର ତୁଳେ ଦେବେ ଦୁଃଖୀ । ଆମ୍ଭେ ଯେ ତାହାଙ୍କୁ ଉପେକ୍ଷି ।।୧୧୩
ବଳେ ଆଣିଲୁ ସୁଧାକୁମ୍ଭ । ଏମନ୍ତ ବହି ମହାଦମ୍ଭ ।।୧୧୪
କେହି କାହାକୁ ନ ଗଣନ୍ତି । ଧର୍ମ ଅଧର୍ମ ବିଚାରନ୍ତି ।।୧୧୫
ମଧ୍ୟେ ଅମୃତ କୁମ୍ଭ ଥୋଇ । ବିଷ୍ଣୁମାୟାରେ ମନ ମୋହି ।।୧୧୬
ଏମନ୍ତ ସମୟେ ମୁରାରି । ତକ୍ଷଣେ ମାୟାରୂପ ଧରି ।।୧୧୭
ସ୍ୱରୂପେ ହୋଇଲେ କାମିନୀ । ଅଶେଷ ଜଗତମୋହିନୀ ।।୧୧୮
ଶ୍ୟାମଉତ୍ପଳ ସ୍ୱରୂପିଣୀ । କାମିନୀଗଣ ଶିରୋମଣି ।।୧୧୯
ବିବିଧ-ମଣିଗଣମାନ । ବିରାଜେ କେୟୂର କଙ୍କଣ ।।୧୨୦
ସୁନ୍ଦର ନାସା ଭୂରୁ ଶୋହେ । କଟାକ୍ଷେ ଜଗଜନ ମୋହେ ।।୧୨୧
ଉନ୍ନତ ନବଯଉବନ । ଯୌବନ ଭାରେ ମଝା କ୍ଷୀଣ ।।୧୨୨
ରଙ୍ଗ ଅଧରେ ଦନ୍ତପନ୍ତି । ହାସ ବଦନେ ଝଟକନ୍ତି ।।୧୨୩
ଉତ୍‌ଫୁଲ୍ଲ-ମଲ୍ଲୀମାଳ ଶିରେ । ଶୋହେ ସୁନୀଳ କଳେବରେ ।।୧୨୪
ସୁଗ୍ରୀବ-କଣ୍ଠେ ଆଭରଣ । ସୁଭୁଜେ ଅଙ୍ଗଦ ଭୂଷଣ ।।୧୨୫
ବିରଜ ଅମ୍ବରେ ଭୂଷିତ । ଉଦର ନିତମ୍ବ ଶୋଭିତ ।।୧୨୬
କଟୀମେଖଳା ମନରଞ୍ଜେ । ଉଜ୍ଜ୍ୱଳ ମଣିଗଣ ଗଞ୍ଜେ ।।୧୨୭
ଚରଣେ ନୂପୁର ବାଜେଣୀ । ସୀମନ୍ତ ମଧ୍ୟେ ଶୋହେ ମଣି ।।୧୨୮
ସର୍ବାଙ୍ଗେ ଭୂଷିତ ଭୂଷଣ । ଭୂରୁ-ବିଳାସ ବିମୋହନ ।।୧୨୯
ହାସ୍ୟେ ଅସୁର-ଚିତ୍ତ ହରି । ମୋହିନୀ ରୂପେ ବଶକରି ।।୧୩୦
ଚିତ୍ତେ ଅନଙ୍ଗ ଉଦ୍ଦୀପନ । ହରି ହରିଲେ ତାଙ୍କ ମନ ।।୧୩୧
ବ୍ରାହ୍ମଣ ଜଗନ୍ନାଥ କହେ । ଅସୁରେ ହରି ମାୟାମୋହେ ।।୧୩୨
ଅମୃତ ଭକ୍ଷଣ ପାସୋରି । ବିଷ୍ଣୁଙ୍କୁ ରହିଲେ ଆବୋରି ।।୧୩୩
ବିଷ୍ଣୁ-ମୋହିନୀ ରୂପ ବାଣୀ । ଶୁଣି ସଂସାରୁ ତର ପ୍ରାଣୀ ।।୧୩୪

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଭଗବତ୍ ମାୟା ଉପଲମ୍ଭନଂ ନାମ ଅଷ୍ଟମୋଽଧ୍ୟାୟଃ ।।

ନବମ ଅଧ୍ୟାୟ

ଶୁକ ଉବାଚ

ଅସୁରେ ବସି ଏକମେଳେ । ସୁଧା-ସମ୍ପୂର୍ଣ୍ଣ କୁମ୍ଭ କରେ ।।୧
ବିବିଧ-ପାନପାତ୍ର ଆଣି । ଏକ ଆରକେ ବାକ୍ୟ ଭଣି ।।୨
ସୁହୃଦପଣ ଦୂର କଲେ । ଦୁଷ୍ଟ-ଆଚାର ଆଚରିଲେ ।।୩
ଏମନ୍ତେ ଶୁଣ ପରୀକ୍ଷିତ । ମୋହିନୀ ରୂପେ ଜଗନ୍ନାଥ ।।୪
ମିଳିଲେ ଅସୁରଙ୍କ ପାଶେ । ଅମୃତ-ହରଣ ବିଶ୍ୱାସେ ।।୫

ବିଷ୍ଣୁମୋହିନୀ ରୂପ ଦେଖି । ନିଶ୍ଚଳ କଲେ ସର୍ବେ ଆଖି ।।୬
ଚକିତେ ଅନ୍ୟଅନ୍ୟେ ଚାହିଁ । ବୋଲନ୍ତି ବିଷ୍ଣୁରୂପେ ମୋହି ।।୭
ଦେଖି ଏ ରୂପ-କାନ୍ତି-ଧାମ । ନବଯୁବତୀ ଅନୁପମ ।।୮
କାହୁଁ ଅଇଲା କିବା ଅର୍ଥେ । ପାଦେ ଚାଲଇ ଦୃଷ୍ଟି ପଥେ ।।୯
ଏମନ୍ତ କହି କନ୍ୟା ଆଗେ । ପଥେ ମିଳିଲେ ଯାଇ ବେଗେ ।।୧୦
ନିଶ୍ଚଳେ ନ ପାରନ୍ତି ଚାହିଁ । ବୋଲନ୍ତି କନ୍ୟା ପାଶେ ରହି ।।୧୧
ହେ ପଦ୍ମଲୋଚନି ସୁନ୍ଦରି । ଯୁବାଜନଙ୍କ ମନୋହାରୀ ।।୧୨
କି ତୋର ନାମ କିବା ଅର୍ଥେ । କେଣେ ଅଇଲୁ କହ ଏଥେ ।।୧୩
କାହାର ପତ୍ନୀ ତୁ ବୋଲାଉ । ଜ୍ଞାନ ହରିଲୁ ଚାହୁଁ ଚାହୁଁ ।।୧୪
ଆମ୍ଭେ ଯେତେକ ଦେବାସୁରେ । ସିଦ୍ଧ ଗନ୍ଧର୍ବ ଯେ କିନ୍ନରେ ।।୧୫
ମୁନି ଚାରଣ ବିଦ୍ୟାଧର । ଯେ ଅନ୍ୟ ସିଦ୍ଧ ଯୋଗେଶ୍ୱର ।।୧୬
ଅଦୃଷ୍ଟପୂର୍ବ ରୂପ ତୁହି । ତୋତେ ତ କେହି ନ ଜାଣଇ ।।୧୭
ନିଶ୍ଚେ ଜାଣିଲୁ ତୋ ବାରତା । ତୋତେ ବା ସର୍ଜିଲା ବିଧାତା ।।୧୮
ପ୍ରାଣୀଙ୍କ ଇନ୍ଦ୍ରିୟ ହରଣେ । ମୋହନ-ଅଜ୍ଞାନ-କାରଣେ ।।୧୯
ତୋ ରୂପ ଅତି ମନୋହର । ତୁ ଏବେ ଆମ୍ଭ ବୋଲ କର ।।୨୦
ଆମ୍ଭେ ଯେ ଦେବତା ଦାନବେ । ଅମୃତପାନ ସମଭାବେ ।।୨୧
ଏ ବସ୍ତୁ ବେନିଭାଗ କରି । ଦିଅ ଗୋ ପରମା ସୁନ୍ଦରୀ ।।୨୨
କଶ୍ୟପପୁତ୍ର ଆମ୍ଭେ ଦୁଇ । କେବେ ଆମ୍ଭର ନ ପଡ଼ଇ ।।୨୩
ତୁ ଏ ଅମୃତ ଆମ୍ଭ ପାତ୍ରେ । ଦ୍ୱିଭାଗ କରି ଯଥାଅର୍ଥେ ।।୨୪
ପରଷି ଦିଅ ଶୁଦ୍ଧଚିତ୍ତେ । ସମାନ ଭାବେ ଆମ୍ଭ ପାତ୍ରେ ।।୨୫
କେବେହେଁ ନକରିବୁ ଭେଦ । ଯେମନ୍ତେ ଉଭୟ ଆନନ୍ଦ ।।୨୬
ଅସୁରଙ୍କର ବୋଲ ଶୁଣି । ମାୟା-ମୋହିନୀ-ଚକ୍ରପାଣି ।।୨୭
ମୋହନ-ମନ୍ଦହାସ ମୁଖେ । ଅପାଙ୍ଗ କଟାକ୍ଷ ସୁରେଖେ ।।୨୮
ଅମୃତ ସମାନ ବଚନ । କହନ୍ତି ଜଗତ-ମୋହନ ।।୨୯

ଭଗବାନ ଉବାଚ

ତୁମ୍ଭେ ଯେ କଶ୍ୟପ-ନନ୍ଦନ । ଶୁଣ ହୋ ମୋହର ବଚନ ।।୩୦
ସ୍ୱଭାବେ ସ୍ୱାମୀ ମୋର ନାହିଁ । କୁଳଟା-ବାଦ ମୋର ତହିଁ ।।୩୧
ଅସତୀ-ନାରୀଙ୍କ ସ୍ୱଭାବ । ଶ୍ୱାନର ପ୍ରାୟେକ ଜାଣିବ ।।୩୨
ନିତ୍ୟେ ଲୋଡ଼ଇ ନୂଆଭାବ । କେ ଅବା ବିଶ୍ୱାସ କରିବ ।।୩୩
କହିଲି ତୁମ୍ଭ ଆଗେ ସତ । ଏମନ୍ତ ପଣ୍ଡିତଙ୍କ ମତ ।।୩୪

ଶୁକ ଉବାଚ

କନ୍ୟାର ଚତୁର-ବଚନ । ଶୁଣି ଅସୁରେ ତୋଷମନ ।।୩୫
ଭାବ-ସୁଗଭୀର-ବଚନ । ମନୁଷ୍ୟେ ଯେହ୍ନେ ସୁଧାପାନ ।।୩୬
ଅମୃତଭାଣ୍ଡ ଆଣି ବେଗେ । ସମର୍ପି ଦେଲେ କନ୍ୟା ଆଗେ ।।୩୭
ହସି ବୋଇଲେ ତୋଷଚିତ୍ତେ । ଶୁଣ ରାଜନ ପରୀକ୍ଷିତେ ।।୩୮
ଅସୁରଙ୍କର ବୋଲ ଶୁଣି । ଆନନ୍ଦେ ପ୍ରଭୁ ଚକ୍ରପାଣି ।।୩୯
ଅମୃତଭାଣ୍ଡ କାଖେ ଧରି । ଅଳପ ହାସମୁଖ କରି ।।୪୦
ବୋଲନ୍ତି ପ୍ରଭୁ ଭାବଗ୍ରାହୀ । ସଭୟେ ଅସୁରଙ୍କୁ ଚାହିଁ ।।୪୧

ମୋହିନୀ ଉବାଚ

ସାଧୁ ଅସାଧୁ ନଜାଣଇ । ତୁମ୍ଭେ ସମାନ ବେନିଭାଇ ।।୪୨
ବିଭାଗେ ଦେବି ସୁଧାରସ । ସଂସ୍କାର ହୋଇ ତୁମ୍ଭେ ବସ ।।୪୩

ଶୁକ ଉବାଚ

ଏମନ୍ତେ ମୋହିନୀ ବଚନେ । ଦେବ-ଦାନବେ ତୋଷମନେ ।।୪୪
ପ୍ରଥମେ ଉପବାସ କରି । ପ୍ରାତଃ ସ୍ନାହାନ ସନ୍ଧ୍ୟା ସାରି ।।୪୫
ସନ୍ତୋଷ ଚିତ୍ତେ ହୋମ କଲେ । ଗୋ-ବିପ୍ର-ଚରଣେ ପୂଜିଲେ ।।୪୬
ଭୂତଙ୍କୁ ଦେଲେ ଭୂତବଳି । ସ୍ତୁତି ଯେ କଲେ ବିପ୍ରେ ମିଳି ।।୪୭
ଅହତ ବସ୍ତ୍ରଯୁଗ ପିନ୍ଧି । ଶୋଭନଗନ୍ଧେ ନାନାବିଧି ।।୪୮
କୁଶ ଆସନେ ସର୍ବେ ବସି । ବଦନ କଲେ ପୂର୍ବଦିଶି ।।୪୯
ଧୂପ ଆମୋଦ ଯଜ୍ଞଶାଳେ । ଆନନ୍ଦେ ବସିଲେ ସକଳେ ।।୫୦
ସୁଗନ୍ଧମାଳା ଦୀପପନ୍ତି । ଆବୋରି ପାନପାତ୍ର ଛନ୍ତି ।।୫୧

ସେ ଯଜ୍ଞଶାଳେ ନରହରି । ଅତି ମୋହିନୀ ରୂପ ଧରି ।।୫୨
ଅସୁରଙ୍କର ମନମୋହି । ଅମୃତକୁମ୍ଭ ତଳେ ଥୋଇ ।।୫୩
ଅତିମୋହନ ରୂପ ଦେଖି । ଦେବତା ଅସୁରଙ୍କ ଆଖି ।।୫୪
ରହିଲା ହରି-ବକ୍ଷସ୍ଥଳେ । ସୁସଞ୍ଚ-କୁଚଯୁଗ ମୂଳେ ।।୫୫
ହରି ବିଚାର କଲେ ମନେ । ଅସୁରଙ୍କର ସୁଧାପାନେ ।।୫୬
ଦେବେ ହୋଇବେ ଅରକ୍ଷିତ । ଏ କଥା ନୁହଇ ଉଚିତ ।।୫୭
ସର୍ପକୁ କ୍ଷୀର ଯେ ପିଆନ୍ତି । ସର୍ପର ଘାତେ ସେ ମରନ୍ତି ।।୫୮
ଜାତି ସ୍ୱଭାବେ ନୃଶଂସକ । ଅସୁରେ ନୁହନ୍ତି ବିବେକ ।।୫୯
ଏମନ୍ତ ଚିନ୍ତିଣ ଶ୍ରୀପତି । ବୋଇଲେ ହୁଅ ବେନିପନ୍ତି ।।୬୦
ବାମ-ଦକ୍ଷିଣେ ମୋର ବସ । କହି ହୁଅନ୍ତି ହସ ହସ ।।୬୧
ସ୍ୱରୂପେ ଅସୁରଙ୍କ ମନ । ବଳେ ହରିଲେ ଭଗବାନ ।।୬୨
ରୂପ ଦେଖନ୍ତି ହୋଇ ଛନ୍ନ । ବଦନୁ ନ ସ୍ଫୁରେ ବଚନ ।।୬୩
ଦକ୍ଷିଣେ ଦେବଗଣେ ଥିଲେ । ତାହାଙ୍କ ପାତ୍ରେ ସୁଧା ଦେଲେ ।।୬୪
ଅସୁରେ ସୁକୃତ ପାଳନେ । ନିଶ୍ଚଳେ ବସିଲେ ମଉନେ ।।୬୫
କାମିନୀ-ସମ୍ମତ ପାଳନେ । ଧର୍ମେ ରହିଲେ ଦୃଢ଼ମନେ ।।୬୬
ମାୟା ମୋହିଲେ ଚକ୍ରଧର । ବଦନେ ନଇଲା ଉତ୍ତର ।।୬୭
ଦେବଙ୍କୁ ପରଶିବା ବେଳେ । ରାହୁ ଯେ ଥିଲା ତାଙ୍କ ମେଳେ ।।୬୮
ଗୁପତେ ବସି ଦେବବୃନ୍ଦେ । ଅମୃତ ଭକ୍ଷିଲା ଆନନ୍ଦେ ।।୬୯
ରବି-ଶଶାଙ୍କ ତାହା ଦେଖି । ଉଠିଲେ ଆସନ ଉପେକ୍ଷି ।।୭୦
ଚାହିଁଣ ଗୋବିନ୍ଦ-ବଦନେ । ନୟନେ ଠାରିଲେ ମଉନେ ।।୭୧
ସୁଦରଶନେ ତାର ଶିର । ବେଗେ ଛେଦିଲେ ଚକ୍ରଧର ।।୭୨
ତକ୍ଷଣେ ହୋଇ ବେନିଖଣ୍ଡ । ଅମୃତପାତ୍ରେ ପଡ଼େ ମୁଣ୍ଡ ।।୭୩
ଅମର ହୋଇଲା ତକ୍ଷଣ । ଦେଖି ସନ୍ତୋଷ ନାରାୟଣ ।।୭୪
ବୋଇଲେ ବର ମାଗ ତୁହି । ରାହୁ ବୋଇଲା ବିଷ୍ଣୁ ଚାହିଁ ।।୭୫
ଭୋ ନାଥ ମୋର ଅବଶେଷ । ଅବଶ୍ୟ କରିବଇଁ ଗ୍ରାସ ।।୭୬
ଶୁଣି ସନ୍ତୋଷ ମହାବାହୁ । ବୋଇଲେ ଏହି ବର ହେଉ ।।୭୭
ଏମନ୍ତ କହି ଭଗବାନ । ଗ୍ରହମଣ୍ଡଳେ ଦେଲେ ସ୍ଥାନ ।।୭୮
ତେଣୁ ସେ ରାହୁ ପର୍ବକାଳେ । ଗ୍ରାସଇ ରବିଚନ୍ଦ୍ର ବଳେ ।।୭୯
ବଇରୀ ବୁଦ୍ଧି ନ ଛାଡ଼ଇ । ଅୟନେ ଅୟନେ ଗୋଡ଼ାଇ ।।୮୦
ଦେବଙ୍କୁ ଦେଇ ସୁଧାପାନ । ତକ୍ଷଣେ ପ୍ରଭୁ ଭଗବାନ ।।୮୧
ଦେଖନ୍ତି ଦେବତା ଅସୁର । ମାୟା ଛାଡ଼ିଲେ ମାୟାଧର ।।୮୨
ମୋହିନୀରୂପ ଗଲା କେଣେ । ଯେ ରୂପ ଅମୃତ କାରଣେ ।।୮୩
କଠୋର-ସାଧେ ଭଗବାନ । ଦେବଙ୍କୁ ଦେଲେ ସୁଧାପାନ ।।୮୪
ଏ ରୂପେ ସୁରାସୁରଗଣେ । ସମାନ-ଦେଶ-କାଳ-ଧର୍ମେ ।।୮୫
ମନ୍ଥିଲେ ସିନ୍ଧୁ ତୁଲ୍ୟବଳେ । ଲଭିଲେ ବିପରୀତ-ଫଳେ ।।୮୬
କୃଷ୍ଣର ପାଦ ଯେଣୁ ଧାୟୀ । ଦେବେ ଅମୃତ-ଫଳ ପାଇ ।।୮୭
ଅସୁରେ ନ ସେବି ଚରଣ । କର୍ମର ଫଳେ ହେଲେ ହୀନ ।।୮୮
ପୁତ୍ର-କଳତ୍ର ଦେହ ଅର୍ଥେ । ଯେ ଯାହା କରଇ ଯୁକତେ ।।୮୯
ତାହା ନ କଲେ କୃଷ୍ଣାର୍ପଣ । କେବଳ ଶ୍ରମମାତ୍ର ଜାଣ ।।୯୦
ମୂଳେ ସିଞ୍ଚିଲେ ସିନା ଜଳ । ବିକଶେ ବୃକ୍ଷ-ପତ୍ର-ଡାଳ ।।୯୧
ଶ୍ରୀକୃଷ୍ଣ ମାୟା-ବିଦ୍ୟମାନେ । ଯେ ରୂପେ ସମୁଦ୍ର-ମନ୍ଥନେ ।।୯୨
ଦେବଙ୍କୁ ସୁଧାପାନ ଦେଇ । ନିଜ ଭୁବନେ ଭାବଗ୍ରାହୀ ।।୯୩
ଦେଖନ୍ତି ସ୍ୱର୍ଗଲୋକେ ମିଳି । ଗରୁଡ଼େ ବସି ବନମାଳୀ ।।୯୪
ଯେ ରୂପ ଗରୁଡ଼ ଆସନେ । ସୁଜନେ ଚିନ୍ତ ସ୍ଥିର ମନେ ।।୯୫
ବୋଲଇ ଦାସ ଜଗନ୍ନାଥ । ଅଷ୍ଟମ ସ୍କନ୍ଧେ ଭାଗବତ ।।୯୬

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଅମୃତମନ୍ଥନେ ବିଷ୍ଣୁମୋହିନୀରୂପଧାରଣେ ଦେବଗଣ
ଅମୃତପାନେ ନବମୋଽଧ୍ୟାୟଃ ।।

ଦଶମ ଅଧ୍ୟାୟ

କହନ୍ତି ବ୍ୟାସଙ୍କର ସୁତ । ଶୁଣ ସୁମନେ ପରୀକ୍ଷିତ ।।୧
ଶୁକ ଉବାଚ
କଠୋରେ ସାଧି ଯାତୁଧାନେ । ବିମୁଖ ହେଲେ ସୁଧାପାନେ ।।୨
କୃଷ୍ଣଭକତି ଯେଣୁ ନାହିଁ । ଅମୃତ ପାଇବେ ସେ କାହିଁ ।।୩
ଦେବଙ୍କୁ ଅମୃତ ପିଆଇ । ଗରୁଡ଼େ ବସି ଭାବଗ୍ରାହୀ ।।୪
ନିଜ ଭୁବନେ ଗଲେ ହରି । ଶୁଣ ପରୀକ୍ଷ ଦଣ୍ଡଧାରୀ ।।୫
ଏମନ୍ତେ ବିଷ୍ଣୁର ମୋହନେ । ନିରାଶ ହୋଇ ସୁଧାପାନେ ।।୬
ସର୍ବ ଦାନବ ଏକମତେ । ଜଣାଇ ବଳିର ଅଗ୍ରତେ ।।୭
ବଳି ସଙ୍ଗତେ ବିଚାରିଲେ । ଯୁଦ୍ଧର ଉଦ୍ୟମ ସେ କଲେ ।।୮
ଶତ୍ରୁଙ୍କ କାର୍ଯ୍ୟ ସିଦ୍ଧି ଦେଖି । ଭାଳି ସକଳେ ମନଦୁଃଖୀ ।।୯
ଦୈତ୍ୟ-ଦାନବ ଯୂଥେ ଯୂଥେ । ବିଚାର କଲେ ଏକମତେ ।।୧୦
ଦେବଙ୍କୁ ବାହୁବଳେ ମାରି । ସର୍ବସମ୍ପଦ ଯେବେ ହରି ।।୧୧
ତେବେ ସେ ଜୀବନ ଆମ୍ଭର । ସଂଗ୍ରାମେ ହୋଇବ ସୁଫଳ ।।୧୨
ଏମନ୍ତେ ମନରେ ବିଚାରି । ଧାଇଁଲେ କରେ ଶସ୍ତ୍ର ଧରି ।।୧୩
ଅମୃତପାନେ ଦେବଗଣ । ଇଚ୍ଛନ୍ତି ଦୈତ୍ୟସଙ୍ଗେ ରଣ ।।୧୪
ସ୍ୱଭାବେ ହରି-ପରାୟଣ । ସୁଧା ସେ କରିଛନ୍ତି ପାନ ।।୧୫
ଏମନ୍ତ ଦେବାସୁର ରଣ । ସୁଘୋର ସୁଭୀମ ଦାରୁଣ ।।୧୬
ଶର ବରଷି ନିରନ୍ତରେ । ସମର କଲେ ଦେବାସୁରେ ।।୧୭
ଶବଦ କରି ବାହୁନାଦେ । ଯୁଝନ୍ତି ବିବିଧ-ଆୟୁଧେ ।।୧୮
ବଜାନ୍ତି ରଣଶଙ୍ଖ ଭେରୀ । ପଟହ ମଙ୍ଗଳ ମହୁରୀ ।।୧୯
ସକଳ ମଙ୍ଗଳ ସୁବାଦ୍ୟେ । ଗଜ ତୁରଙ୍ଗ ଘୋରନାଦେ ।।୨୦
ଶୁଭିଲା ଶବଦ ତୁମୁଳେ । ପ୍ରଳୟସିନ୍ଧୁ କି ଉଛୁଳେ ।।୨୧
ଯୁଦ୍ଧ କରନ୍ତି ଏକେଏକେ । ଦନୁଜଗଣେ ବୃନ୍ଦାରକେ ।।୨୨
ଅଶ୍ୱକୁ ଅଶ୍ୱ ସଜକଲେ । ହସ୍ତୀକି ହସ୍ତୀ ଘେନି ତୁଲେ ।।୨୩
ନାନା ବାହନେ ବିଜେକରି । ରଣେ ଧାଇଁଲେ ଶସ୍ତ୍ର ଧରି ।।୨୪
ଓଟର ପୃଷ୍ଠେ କେ ବସନ୍ତି । କେ ଉଚ୍ଚ ଅଶ୍ୱେ ଆରୋହନ୍ତି ।।୨୫
ଗର୍ଦ୍ଦଭେ ବସି ଅବା ଖରେ । କେ ମୃଗ ବାନର ସ୍କନ୍ଧରେ ।।୨୬
କେ ବ୍ୟାଘ୍ର କେ ସିଂହ ଆରୋହେ । କେ ଗୃଧ୍ର କଙ୍କ ବକେ ଧାଏଁ ।।୨୭
ଶ୍ୱେନ ଭାସ ବା ତିମିଙ୍ଗିଳେ । ଶରଭେ ମହିଷେ କେ ଚଳେ ।।୨୮
କେ ଶିବା କେହୁ କୃକଳାଶେ । ଶଶକେ କେ ଅବା ମାନୁଷ୍ୟେ ।।୨୯
ଅମୂଲ୍ୟ-ରତ୍ନ ଦଣ୍ଡଛତ୍ର । ନୀଳ ଲୋହିତ ଶ୍ୱେତ ପୀତ ।।୩୦
ବ୍ୟଜନ-ବରହୀ ଚାମରେ । ରଙ୍ଗଭୂଷଣ ପାଗ ଶିରେ ।।୩୧
ବିବିଧ ସଂଗ୍ରାମ-ଭୂଷଣେ । ଶୋଭନ୍ତି ଦେବାସୁର-ଗଣେ ।।୩୨
ବିବିଧ-ତୀକ୍ଷ୍ଣ-ଶସ୍ତ୍ର ଭୁଜେ । ବିରାଜେ ରବି ରଶ୍ମି ତେଜେ ।।୩୩
ଏମନ୍ତେ ଦେବାସୁରେ ବଳେ । ସ୍ୱଭାବେ ବଳିଷ୍ଠ ସକଳେ ।।୩୪
ଅତି କୁପିତ ଦେବାସୁର । କି ଅବା ଦେବା ପଟାନ୍ତର ।।୩୫
ଶୋଭନ୍ତି ମହାବୀରେ ରଣେ । ଯେସନେ ଜଳଧି ମନ୍ଥନେ ।।୩୬
ଅସୁର ବଳେ ଝଟକନ୍ତି । ଯେ ବଳେ ବଳି ସେନାପତି ।।୩୭
ଶୁଣ ରାଜନ କହୁଁ ତୋତେ । ବଳି ମହିମା ଅପ୍ରମିତେ ।।୩୮
ମୟ-ନିର୍ମିତ ଘୋରଯାନ । ସ୍ୱଭାବେ ବୈହାୟସ ନାମ ।।୩୯
ସମର ଅର୍ଥେ ସଜ ଯେତେ । ସର୍ବ ପୂରିତ ମୟ ରଥେ ।।୪୦
ମନବଚନେ ଅଗୋଚର । ଦୃଶ୍ୟ ଅଦୃଶ୍ୟ ଭୟଙ୍କର ।।୪୧
ଏମନ୍ତ ରଥେ ବଳି ବସେ । ବୀରେ ବେଷ୍ଟିତ ଚଉପାଶେ ।।୪୨
ବାମ-ଦକ୍ଷିଣେ ମହାବୀରେ । ଛତ୍ର ଚାମର ଧରି କରେ ।।୪୩
ମଧେ ବିରାଜେ ବଳିପ୍ରଭା । କିବା ଉପମା ତାକୁ ଦେବା ।।୪୪
ନକ୍ଷତ୍ରଗଣେ ପୂର୍ଣ୍ଣ ଶଶୀ । ଅସୁର ମଧେ ତେହ୍ନେ ଦିଶି ।।୪୫
ବଳି ସମୀପେ ପନ୍ତି ପନ୍ତି । ମିଳିଲେ ସର୍ବ ଯୂଥପତି ।।୪୬
ଦେବ ଅସୁରେ ଘୋରରଣେ । ବଳେ ଆବୋରି ଜଣେ ଜଣେ ।।୪୭

କରନ୍ତି ଅଦ୍‌ଭୁତ ସଂଗ୍ରାମ । ଶୁଣ ହୋ ଅସୁରଙ୍କ ନାମ ।।୪୮
ନମୁଚି ଶମ୍ବର ଯେ ବାଣ । ବିପ୍ରଚିତ୍ତି ଲୋହବଦନ ।।୪୯
ଦ୍ୱିମୂର୍ଦ୍ଧା କାଳନାଭ ହେତି । ଇଲ୍ୱଳ ଆଦି ସପ୍ରହେତି ।।୫୦
ଶକୁନି ଭୂତ ସନ୍ତାପନ । ବଜ୍ରଦଶନ ବିରୋଚନ ।।୫୧
ହୟଗ୍ରୀବ ଯେ ଶଙ୍କୁଶିରା । କପିଳ ନାମେ ମହାବୀରା ।।୫୨
ଜୀମୂତ ଦୁନ୍ଦୁଭି ଅଦ୍‌ଭୁତ । ତାରକା ପୁଣି ଚକ୍ରଜିତ ।।୫୩
ଉତ୍କଳ ଶୁମ୍ଭ ଯେ ନିଶୁମ୍ଭ । ଅରିଷ୍ଟନେମି ପୁଣି ଜମ୍ଭ ।।୫୪
ତ୍ରିପୁରାଧିପ ଯେଉଁ ମୟ । ପୌଲମ ଅରିଷ୍ଟ କାଳେୟ ।।୫୫
ନିବାତକବଚ ସହିତେ । ଅପରେ ଦୈତ୍ୟବୀର ଯେତେ ।।୫୬
ନ ପାଇ ଅମୃତର ଭାଗ । ମନେ ବହିଲେ ମହାରାଗ ।।୫୭
ଦେବଙ୍କୁ ଯୁଦ୍ଧ କରି ବଳେ । ଅସୁରେ ବେଢ଼ିଲେ ଗହଳେ ।।୫୮
କରନ୍ତି ସର୍ବେ ଶଙ୍ଖନାଦ । ଦୁନ୍ଦୁଭି ତୁଳେ ବହୁବାଦ୍ୟ ।।୫୯
ଏମନ୍ତେ ବଳି-ବଳ ଚାହିଁ । ସକଳ ଦେବେ କ୍ରୋଧ ବହି ।।୬୦
ସାଜିଲେ ସୁରପତି ସଙ୍ଗେ । ଅଶେଷ ଘୋର ରଣରଙ୍ଗେ ।।୬୧
ଅଇରାବତ ସ୍କନ୍ଧେ ବସି । ପୂର୍ଣ୍ଣିମା ରାତ୍ରେ ଯେହ୍ନେ ଶଶୀ ।।୬୨
ସେ ଯୂଥପତିଙ୍କି ଆବୋରି । ଆନନ୍ଦେ ବାଦ୍ୟନାଦ କରି ।।୬୩
ନିଜ ବାହନେ ଶସ୍ତ୍ର ତୁଳେ । ଅଶେଷ ଦେବେ ବିଜେ କଲେ ।।୬୪
ରଣସଙ୍କୁଳ ମହାଗୋଳେ । ସମୁଦ୍ରତୀରେ ବେନି ବଳେ ।।୬୫
ଶବଦ ଶୁଭଇ ତୁମୁଳେ । ମିଳିଲେ ସର୍ବ ଦିଗପାଳେ ।।୬୬
ଶସ୍ତ୍ର ଉଞ୍ଚାଇ କୋପମନେ । ନାମ ଡାକନ୍ତି ଅନ୍ୟ ଅନ୍ୟେ ।।୬୭
ନିକଟେ ମିଳି ଘୋରନାଦେ । ଯୁଦ୍ଧ କରନ୍ତି ମାଲବନ୍ଧେ ।।୬୮
ଇନ୍ଦ୍ରର ତୁଳେ ବଳି ଯୁଝେ । ଦାରୁଣ ଦେବାସୁର ମାଝେ ।।୬୯
ସ୍କନ୍ଦ ତାରକ ଅବହେଳେ । ଯୁଦ୍ଧ କରନ୍ତି ବାହୁବଳେ ।।୭୦
ବରୁଣ ହେତି ବେନିବୀରେ । ପ୍ରହେତି ମିତ୍ରେ ଯୁଦ୍ଧ କରେ ।।୭୧
ଯମର ତୁଳେ କାଳନାଭ । ବିଶ୍ୱକର୍ମା ମୟ ଦାନବ ।।୭୨

ଶମ୍ବର ତ୍ୱଷ୍ଟା ତୁଳେ ରଣ । ସବିତା ତୁଳେ ବିରୋଚନ ।।୭୩
ନମୁଚି ଯେ ଅପରାଜିତେ । ଅଶ୍ୱିନୀ ବୃଷପର୍ବା ସାଥେ ।।୭୪
ସୂର୍ଯ୍ୟର ତୁଳେ ବାଣାସୁର । ରାହୁର ତୁଳେ ନିଶାକର ।।୭୫
ପୁଲୋମା ସଙ୍ଗତେ ସମୀର । ଅନଳେ କାଳକେତୁ ବୀର ।।୭୬
ଶୁମ୍ଭ ନିଶୁମ୍ଭେ ଭଦ୍ରକାଳୀ । ଜମ୍ଭରେ ବୃଷାକପି ମିଳି ।।୭୭
ମହିଷେ ବିଭାବସୁ ଯୁଝେ । ଗହଳେ ଦେବାସୁର ମାଝେ ।।୭୮
ଇଲ୍ୱଳ ବାତାପି ସହିତେ । ରଣେ ପଶିଲେ ବ୍ରହ୍ମାପୁତ୍ରେ ।।୭୯
ସନକ ତୁଳେ ଅରିନ୍ଦମ । ନିର୍ଭୟେ କରନ୍ତି ସଂଗ୍ରାମ ।।୮୦
ଦୁର୍ମର୍ଷ ତୁଳେ ରତିପତି । ଉତ୍କଳେ ମାତୃକା ଯୁଝନ୍ତି ।।୮୧
ଗୁରୁ ଭାର୍ଗବେ ଯୁଦ୍ଧ ଘୋର । ନାରକା ତୁଳେ ଶନୈଶ୍ଚର ।।୮୨
ନିବାତକବଚ ମରୁତେ । କାଳେୟ ବସୁଙ୍କ ସଙ୍ଗତେ ।।୮୩
ପୌଲୋମା ବିଶ୍ୱଦେବା ସଙ୍ଗେ । ଯୁଦ୍ଧ କରନ୍ତି ରଣରଙ୍ଗେ ।।୮୪
ଦେବେ ଅସୁରଗଣ ସଙ୍ଗେ । ନିର୍ଘାତେ ଯୁଦ୍ଧେ ରଣରଙ୍ଗେ ।।୮୫
ରୁଦ୍ରଙ୍କ କ୍ରୋଧବଶ ଗଣ । ଆବୋରି କଲେ ଘୋରରଣ ।।୮୬
ଏମନ୍ତେ ମହାରଣ ମଧେ । ଦେବ ଦାନବ ବାହୁଯୁଦ୍ଧେ ।।୮୭
ସମସ୍ତେ ମାଲଯୁଦ୍ଧ ସାରି । ଧାଇଁଲେ କରେ ଶସ୍ତ୍ର ଧରି ।।୮୮
ଖଡ଼୍‌ଗ ତୋମର ଶର ବୃଷ୍ଟି । ଭୁଶୁଣ୍ଡି ଚକ୍ର ଗଦା ରିଷ୍ଟି ।।୮୯
ପଟ୍ଟିଶ ଶକ୍ତି ଉଲ୍ଲୁକରେ । ପ୍ରାସ ପରଶୁ କେ କୁଠାରେ ।।୯୦
ନିସ୍ତ୍ରିଂଶ ଭଲ୍ଲ ଯେ ମୁଦ୍‌ଗର । ପରିଘ ପୁଣି ଭିନ୍ଦିପାଳ ।।୯୧
ଏମନ୍ତେ ନାନାଶସ୍ତ୍ର ଭେଦି । ଅସୁରଙ୍କର ଶିର ଛେଦି ।।୯୨
ଗଜ ତୁରଙ୍ଗ ରଥ ରଥୀ । ଯୁଦ୍ଧେ ପଡ଼ିଲେ ପନ୍ତିପନ୍ତି ।।୯୩
ଶସ୍ତ୍ରେ ଖଣ୍ଡିତ କଳେବର । ନିରତେ ଗଳଇ ରୁଧିର ।।୯୪
ବାହୁ ହୃଦୟ ଶିର ଛିଡ଼ି । ପଡ଼ିଲେ ଦଶନ କାମୋଡ଼ି ।।୯୫
ନାନା-ଆଭରଣ-ଆୟୁଧେ । ଭୁଜ ସହିତେ ନାନା ଛନ୍ଦେ ।।୯୬
ଗଜ ତୁରଙ୍ଗ ମୃତ୍ୟୁପିଣ୍ଡେ । ଆଚ୍ଛାଦି ରହେ ଭୂମିଖଣ୍ଡେ ।।୯୭

କବନ୍ଧ ଉଠି ରଣମଧେ । ନୃତ୍ୟ କରନ୍ତି ବାଦ୍ୟନାଦେ ।।୯୮
ତୀକ୍ଷ୍ଣ-ଖଡ଼ଗ କରେ ଧରି । ଧାମନ୍ତେ କମ୍ପେ ବସୁନ୍ଧରୀ ।।୯୯
ବଳି ଯେ ଇନ୍ଦ୍ର ସଙ୍ଗେ ଥିଲା । ଅନେକ ବାହୁଯୁଦ୍ଧ କଲା ।।୧୦୦
ଜିଣି ନ ପାରି ବାହୁଯୁଦ୍ଧେ । ବସିଲା ମାୟାଯାନ ମଧେ ।।୧୦୧
ଧନୁକେ ଦଶଶର ଧରି । ଇନ୍ଦ୍ରେ ବିନ୍ଧିଲା କ୍ରୋଧଭରି ।।୧୦୨
ତିନି ନାରାଚ ଐରାବତେ । ବିନ୍ଧିଲା ଆତ୍ମାର-ଆୟତ୍ତେ ।।୧୦୩
ଚାରି ଅଶ୍ୱଙ୍କୁ ଚାରିବାଣ । ବେଗେ ବିନ୍ଧିଲା ଦୈତ୍ୟରାଣ ।।୧୦୪
ମାତଳି ସାରଥି ଇନ୍ଦ୍ରର । ଥିଲା ଯେ ରଥର ଉପର ।।୧୦୫
ଯହୁଁ ବିନ୍ଧିଲା ବୀର ଡାକି । ଇନ୍ଦ୍ର ଧାଇଁଲେ ତାହା ଦେଖି ।।୧୦୬
ବଳିର ଯେତେକ ନାରାଚ । ବେଗେ ଛେଦିଲେ ଦେବରାଜ ।।୧୦୭
ବଳିକି ଚାହିଁ ମନ୍ଦହାସେ । ବେଗେ ମିଳିଲେ ତାର ପାଶେ ।।୧୦୮
ଇନ୍ଦ୍ର ଅଦ୍‌ଭୁତ-କର୍ମ ଚାହିଁ । ବଳି ଅତ୍ୟନ୍ତ କ୍ରୋଧ ବହି ।।୧୦୯
ପୁଣି ଶକ୍ତିଏ ଧରି କରେ । ପେଷିଲା ବାସବ ଉପରେ ।।୧୧୦
ଉଲ୍‌କା ଯେସନେ ଶୂନ୍ୟମାର୍ଗେ । ପଡ଼ି ବିରାଜେ ଦଶଦିଗେ ।।୧୧୧
ଯେ ଶକ୍ତି ବଳି ପେଷିଥିଲା । ଇନ୍ଦ୍ର ତା ଈଷିତେ ଛେଦିଲା ।।୧୧୧
ଏମନ୍ତେ ଶୂଳ କୁନ୍ତ ଋଷ୍ଟି । ବଳି ହସ୍ତରୁ ଇନ୍ଦ୍ର କାଟି ।।୧୧୨
ହରଷେ କରେ ଶଙ୍ଖନାଦ । କ୍ଷୀଣ-ଶସ୍ତ୍ରେ ବଳି ସ୍ତବଧ ।।୧୧୩
ନ ପାରି ମାୟା ପ୍ରକାଶିଲା । ତକ୍ଷଣେ ଅନ୍ତର୍ଦ୍ଧାନେ ଗଲା ।।୧୧୪
ମାୟାରେ ଶିଳାବୃଷ୍ଟି ଘନେ । ମେଘ ଆଚ୍ଛାଦିଲା ଗଗନେ ।।୧୧୬
ଦେବଙ୍କ ଉପରେ ବରଷେ । ବିଜୁଳି ଯେହ୍ନେ ମେଘୁଁ ଖସେ ।।୧୧୭
ପୁଣି କ୍ଷଣକେ ବହୁବୃଷ୍ଟି । ଶୁଷ୍କ-ଇନ୍ଧନ କୋଟି କୋଟି ।।୧୧୮
ଦାବାଗ୍ନି ଦେବଙ୍କ ଉପରେ । ପଡ଼ନ୍ତି ମଣ୍ଡଳ ସମୀରେ ।।୧୧୯
ଶିଳା ବରଷେ ନିରନ୍ତରେ । ଗହଳେ ଦେବଙ୍କ ଉପରେ ।।୧୨୦
ପଡ଼ନ୍ତି ମହୋରଗଗଣ । ବୃଶ୍ଚିକ ବୃଷ୍ଟି ଅନୁକ୍ଷଣ ।।୧୨୧
ବରାହ ସିଂହ ବ୍ୟାଘ୍ର ହସ୍ତୀ । ସମ୍ମୁଖେ ଗର୍ଜନ କରନ୍ତି ।।୧୨୨
ଶତ ସହସ୍ର ଯାତୁଧାନୀ । ଅନେକ ଶାକିନୀ ଡାକିନୀ ।।୧୨୩
ବିବସ୍ତ୍ରହୋଇ ଶୂଳ କରେ । ପିଟନ୍ତି ଦେବଙ୍କ ଉପରେ ।।୧୨୪
ରାକ୍ଷସେ ଛେଦ-ଭେଦ ନାଦେ । ସମରେ ମିଳିଲେ ଆନନ୍ଦେ ।।୧୨୫
ପ୍ରଳୟକାଳେ ମେଘମାଳେ । ଯେସନେ ଗଗନ ମଣ୍ଡଳେ ।।୧୨୬
ଗଭୀର ଘୋରନାଦ କରି । ସଘନେ ବରଷନ୍ତି ବାରି ।।୧୨୭
ପୁଣି କ୍ଷଣକେ ଅଗ୍ନି ବୃଷ୍ଟି । ନାରାଚ ପେଷେ କୋଟିକୋଟି ।।୧୨୮
ପ୍ରଳୟ ପ୍ରାୟେ ଅତିବେଗେ । ଅଗ୍ନି ବେଢ଼ିଲା ଚାରିଦିଗେ ।।୧୨୯
ସମୁଦ୍ରେ ପ୍ରଳୟ ଲହରୀ । ଉଠିଲା ଘୋରନାଦ କରି ।।୧୩୦
ପ୍ରଚଣ୍ଡ ବାତେ ଉର୍ମିଗଣ । ଉଠନ୍ତେ ଦିଶଇ ଭୀଷଣ ।।୧୩୧
ଏମନ୍ତେ ଅସୁରଙ୍କ ମାୟା । ଦୃଶ୍ୟ-ଅଦୃଶ୍ୟ ନାନାକାୟା ।।୧୩୨
ନାନାପ୍ରକାର ମାୟାବଳେ । ଯୁଝିଲେ ଦେବଙ୍କର ତୁଳେ ।।୧୩୩
ଅସୁର ମାୟାବଳ ଦେଖି । ତ୍ରିଦଶେ ସମର ଉପେକ୍ଷି ।।୧୩୪
ବିକଳେ ଭ୍ରମନ୍ତି ଗଗନେ । ଅସୁର ମାୟାବଳେ ଛନ୍ନେ ।।୧୩୫
ରହି ନ ପାରି ସ୍ୱର୍ଗପଥେ । ବିଷ୍ଣୁଙ୍କୁ ଧ୍ୟାନ କଲେ ଚିତ୍ତେ ।।୧୩୬
ଦେବଙ୍କ ଭୟ ଦେଖି ହରି । ଗରୁଡ଼-ପୃଷ୍ଠେ ବିଜେ କରି ।।୧୩୭
ପୀତବସନ ପରିଧାନ । ସୁରଙ୍ଗ-କମଳଲୋଚନ ।।୧୩୮
ଯୁଦ୍ଧେ ଅଇଲେ ଅଷ୍ଟଭୁଜେ । କର୍ଣ୍ଣେ କୁଣ୍ଡଳ ରତ୍ନସାଜେ ।।୧୩୯
ଶ୍ରୀବତ୍ସ-କଉସ୍ତୁଭମଣି । ଅମୂଲ୍ୟ ରତ୍ନେ ସୁଖିଞ୍ଜଣି ।।୧୪୦
ଦିବ୍ୟମୌକ୍ତିକ ହାର ସଙ୍ଗେ । ବିବିଧ ରତ୍ନମାଳା ଅଙ୍ଗେ ।।୧୪୧
ଶସ୍ତ୍ରେ ଶୋଭିତ ଦିଶେ କର । ଶଙ୍ଖାବ୍ଜ-ଗଦା ଚକ୍ରଧର ।।୧୪୨
ଏମନ୍ତ ରୂପେ ଦଇତ୍ୟାରି । ଦେବଙ୍କ ମଧେ ବିଜେକରି ।।୧୪୩
ଦେବଙ୍କୁ ମାୟା ଘୋଟିଥିଲା । ବିଷ୍ଣୁ-ଦର୍ଶନେ ନାଶ ଗଲା ।।୧୪୪
ତ୍ରିଦଶେ ଦେଖନ୍ତି ଆକାଶେ । ତମ ଯେସନେ ରବିତ୍ରାସେ ।।୧୪୫
ଜାଗ୍ରତେ ସ୍ୱପ୍ନ ଯେହ୍ନେ ମିଛ । ଏ ଭାବେ ଦେଖିଲେ ପ୍ରତ୍ୟକ୍ଷ ।।୧୪୬
ଅସୁର ମାୟା ନାଶ ଗଲା । ଦେବଙ୍କ ଆନନ୍ଦ ବଢ଼ିଲା ।।୧୪୭

ହରି-ସ୍ମରଣେ ବନ୍ଧ-ମୋକ୍ଷ । ଏ ଭାବେ ବୁଝିଲେ ପ୍ରତ୍ୟକ୍ଷ ।।୧୪୮
ଦେବଙ୍କ ମଧ୍ୟେ କାଳନେମି । ଲୁଚି ଯେ ଥିଲା ମାୟାଘେନି ।।୧୪୯
ଶୂଳ ବୁଲାଇ ଅନ୍ତରୀକ୍ଷେ । ମିଳିଲା ଗୋବିନ୍ଦ ସମକ୍ଷେ ।।୧୫୦
ପିଟନ୍ତେ ଗରୁଡ଼ ଉପରେ । ହରି ଧଇଲେ ବାମକରେ ।।୧୫୧
ସେ ଶୂଳ କାଳନେମି ମୁଣ୍ଡେ । ହରି ପ୍ରହାରିଲେ ପ୍ରଚଣ୍ଡେ ।।୧୫୨
ବାଜି ସହିତେ ମହାସୁର । ତକ୍ଷଣେ ହେଲା ଶତେ ଚୂର ।।୧୫୩
ମାଳୀ ସୁମାଳୀ ବେନିବୀରେ । ଦେଖି ମିଳିଲେ ଅତିଖରେ ।।୧୫୪
ତ୍ରିଶୂଳ ଗୋବିନ୍ଦ ଉପରେ । ପ୍ରହାର କଲେ ମହାଘୋରେ ।।୧୫୫
ତାହାଙ୍କ ତେଜ ଦେଖି ହରି । ସୁଦରଶନ କରେ ଧରି ।।୧୫୬
ସେ ବେନିବୀର ମୁଣ୍ଡ ହାଣି । ଶଙ୍ଖ ଶବଦେ ଚକ୍ରପାଣି ।।୧୫୭
ମିଳିଲେ ଦେବାସୁର ମଧ୍ୟେ । ତ୍ରିଦଶେ ଦେଖନ୍ତି ଆନନ୍ଦେ ।।୧୫୮
ସେ ହରି ଚରଣକମଳେ । ସୁଜନେ ଚିନ୍ତ ଧ୍ୟାନବଳେ ।।୧୫୯
ଅଷ୍ଟମ ସ୍କନ୍ଧେ ଭାଗବତ । ଅଦ୍‌ଭୁତ ଗୋବିନ୍ଦ ଚରିତ ।।୧୬୦
ଭାଷା-ପ୍ରବନ୍ଧେ ହରିଗୀତ । କହଇ ବିପ୍ର ଜଗନ୍ନାଥ ।।୧୬୧

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଦେବାସୁରସଂଗ୍ରାମେ ଦଶମୋଽଧ୍ୟାୟଃ ।।

ଏକାଦଶ ଅଧ୍ୟାୟ

କହନ୍ତି ବ୍ୟାସଙ୍କର ଚାଟ । ଶୁଣ ହେ ପରୀକ୍ଷିତ ରାଟ ।।୧

ଶୁକ ଉବାଚ

ହରିଙ୍କି ଦେଖି ଦେବଗଣେ । ପୁଣି ମିଳିଲେ ଘୋରରଣେ ।।୨
ଗୋବିନ୍ଦ-ଅନୁକମ୍ପା ବଳେ । ସମରେ ରହିଲେ ନିଶ୍ଚଳେ ।।୩
ଇନ୍ଦ୍ର ପବନ ଆଦି ବଳେ । ବେଗେ ମିଳିଲେ ଦିଗପାଳେ ।।୪
ନିରତେ ଅସୁରଙ୍କ ଗାତ୍ରେ । ପ୍ରହାର କଲେ ନାନାଶସ୍ତ୍ରେ ।।୫
ଦେବଙ୍କ ଶସ୍ତ୍ରାଘାତେ ଫୁଟି । ଅସୁର ମଲେ କୋଟି କୋଟି ।।୬
ଅସୁରବଳ ଭଗ୍ନ ଦେଖି । ଇନ୍ଦ୍ର ଯେ ସମର ଉପେକ୍ଷି ।।୭
ବଳି ସମୀପେ ବେଗେ ମିଳି । ବଜ୍ର ଉଞ୍ଚାଇ ମହାବଳୀ ।।୮
ବୋଲଇ ଅତି କୋପମନେ । ଅତ୍ୟନ୍ତ କର୍କଶ ବଚନେ ।।୯
ତୁ ଯେ ବୋଲାଉ ମହାବୀର । ସମ୍ଭାଳ ବଜ୍ରାଘାତ ମୋର ।।୧୦
ଏମନ୍ତ କହି ବଜ୍ର ଧରି । ବୁଲାଇ ଅନ୍ତରାଳ କରି ।।୧୧
ଶୂନ୍ୟେ ବୁଲାନ୍ତେ ଶସ୍ତ୍ରବର । ଦେଖି ଡରିଲେ ଦେବାସୁର ।।୧୨
ଅସୁରେ ଦେଖି ହାହାପଦେ । ବଳି ଗର୍ଜଇ ଘୋରନାଦେ ।।୧୩
ବଳି-ବଦନ ଇନ୍ଦ୍ର ଚାହିଁ । ନିନ୍ଦିତ-ବଚନ ବୋଲାଇ ।।୧୪
ରେ ମୂଢ଼ ମୋତେ ମାୟା କରି । ଜିଣିବା ପ୍ରାୟ ମନେ ଧରି ।।୧୫
ନଟର ପ୍ରାୟେ ଛନ୍ଦ କଲୁ । ନିଜ ସ୍ୱଭାବ ଦେଖାଇଲୁ ।।୧୬
କୁହୁକେ ଯେହ୍ନେ ନଟଜନ । ମାୟାରେ ମୋହେ ପ୍ରାଣୀମନ ।।୧୭
ମାୟାର ବଳେ ସ୍ୱର୍ଗ ଜିଣି । ଇଚ୍ଛା କରନ୍ତି ଯେବା ପ୍ରାଣୀ ।।୧୮
ତାହାଙ୍କ ଦର୍ପ ଗଞ୍ଜି ବେଗେ । ମୁହିଁ କ୍ଷେପଇ ଅଧୋଭାଗେ ।।୧୯
ଏବେ ହୋ ମହାସୁର ତୋର । ଅଙ୍ଗ କୁଳିଶୁଁ ରକ୍ଷାକର ।।୨୦
ଏ ବଜ୍ରେ ତୋର ଶିର ଛେଦି । ରଖିବି ଅମରେ ସମ୍ବୋଦି ।।୨୧
ଏବେ ମୋ ବଜ୍ରାଘାତ ସହ । ଜ୍ଞାତିଙ୍କ ତୁଲେ ରୁଣ୍ଡ ହୁଅ ।।୨୨
ଏମନ୍ତେ ଇନ୍ଦ୍ରର ବଚନେ । ବଳି ବୋଲଇ କୋପମନେ ।।୨୩

ବଳି ଉବାଚ

କାଳର ବଳେ ଏ ସଂସାର । ଯୁଦ୍ଧେ ମିଳନ୍ତି ଯେତେ ବୀର ।।୨୪
ଜୟ ଅଜୟ କୀର୍ତ୍ତି ଯଶ । ଯେବା ରହଇ ଅବଶେଷ ।।୨୫
ଯୁଦ୍ଧେ ମାରିଣ ଜୟ ଘୋଷି । ମରଣେ ସ୍ୱର୍ଗେ ଯେଣୁ ବସି ।।୨୬
ଏଣୁ ଶୟଳେ ଯେତେ ଜନ । କାଳଗରାସେ ନିବନ୍ଧନ ।।୨୭
ପଣ୍ଡିତଜନ ଏହା ଜାଣି । ଧର୍ମ-ଅଧର୍ମ ପରିମାଣି ।।୨୮
ଶୋକ-ହରଷ ପଥେ ମନ । କେବେହେଁ ନକରନ୍ତି ଛନ୍ନ ।।୨୯

ଆମ୍ଭେ ସକଳ ଏହା ଜାଣି । ଆଗମ-ନିଗମ ପ୍ରମାଣି ।।୩୦
ଏଣୁ ଏ ତୋହର ବଚନେ । ମର୍ମ-ତାଡ଼ନ ଅନୁମାନେ ।।୩୧
ଆମ୍ଭେ ତା କେବେହେଁ ନ ଗଣୁ । ତୁମ୍ଭର ବୀରପଣ ଜାଣୁ ।।୩୨
ଶୁକ କହନ୍ତି ତୋଷମନ । ଶୁଣ ହେ ପରୀକ୍ଷ ରାଜନ ।।୩୩

ଶୁକ ଉବାଚ

ଏମନ୍ତ ଇନ୍ଦ୍ରଆଗେ କହି । ବଳି ଧନୁରେ ଗୁଣ ଦେଇ ।।୩୪
ଆକର୍ଣ୍ଣ ପୂରି ଦଶବାଣ । ବେଗେ ବିନ୍ଧିଲା ଦୈତ୍ୟରାଣ ।।୩୫
ଇନ୍ଦ୍ର ଉପରେ ବେଗେ ବାଜି । ତଳେ ପଡ଼ିଲେ ସର୍ବେ ଭାଜି ।।୩୬
ଗଜ ଶରୀରେ ପୁଷ୍ପମାଳ । ବାଜି ପଡ଼ଇ ଯେହ୍ନେ ତଳ ।।୩୭
ଇନ୍ଦ୍ର ଅମୋଘ ବ୍ରଜ ଧରି । ହୁଙ୍କାରେ ବଳିକି ପ୍ରହାରି ।। ୩୮
ହୃଦୟେ ବାଜି ଶସ୍ତ୍ରଗୋଟି । ତକ୍ଷଣେ ବକ୍ଷସ୍ଥଳ ଫୁଟି ।।୩୯
ବଳି ପଡ଼ିଲା ମହୀତଳେ । ଶୂନ୍ୟେ ଦେଖନ୍ତି ଦିଗପାଳେ ।।୪୦
ବଳିକି ଭୂମିଗତ ଚାହିଁ । ଜୟ ମିଳିଲା ବେଗେ ଯାଇ ।।୪୧
ଦେଖିଣ ସଖାର ମରଣ । ଆବୋରି କଲା ଘୋରରଣ ।।୪୨
ସିଂହ-ବାହନେ ମହାବଳୀ । ହୁଙ୍କାରନାଦେ ଗଦା ତୋଳି ।।୪୩
ଇନ୍ଦ୍ର ଉପରେ ପ୍ରହାରିଲା । ସେ ଗଦା ହସ୍ତୀରେ ବାଜିଲା ।।୪୪
ଗଦା-ପ୍ରହାରେ ଜ୍ଞାନ ହାରି । ଗଜ ପଡ଼ିଲା ଇନ୍ଦ୍ର ଧରି ।।୪୫
ଅଗ୍ରଚରଣ ବେନି ପାଡ଼ି । ଗର୍ଜଇ ମେଘ ଘଡ଼ଘଡ଼ି ।।୪୬
ପଡ଼ିଲା ଅଚେତନ ହୋଇ । ଦେଖି ମାତଳି ବେଗେ ଧାଇଁ ।।୪୭
ରଥେ ସହସ୍ର ଅଶ୍ୱ ଯୋଖି । ଇନ୍ଦ୍ର ନିକଟେ ଦେଲା ରଖି ।।୪୮
ବିମାନ ଦେଖି ସୁରପତି । ତକ୍ଷଣେ ତେଜି ନିଜ ହସ୍ତୀ ।।୪୯
ବିମାନେ ବସି ବଜ୍ରହସ୍ତେ । ସମରେ ରହିଲା ଆୟତ୍ତେ ।।୫୦
ଜୟ ମାତଳି-କର୍ମ ଚାହିଁ । ଧନ୍ୟ-ବଚନେ ପ୍ରଶଂସଇ ।।୫୧
ଜଳନ୍ତା ଶୂଳ ଧରି ବେଗେ । ପିଟିଲା ମାତଳିର ଅଙ୍ଗେ ।।୫୨
ସେ ଶୂଳ-ପ୍ରହାର ମାତଳି । ସହେ ସ୍ୱଭାବେ ମହାବଳୀ ।।୫୩
ଇନ୍ଦ୍ର ଧାଇଁଲା ଦେଖି ବେଗେ । ବଜ୍ର ପ୍ରହାରି ଜୟ ଅଙ୍ଗେ ।।୫୪
ବେଗେ ନାଶିଲା ତାର ପ୍ରାଣ । ଶୁଣ ପାଣ୍ଡବ ନୃପରାଣ ।।୫୫
ଜୟ ମରଣ ବଜ୍ରାଘାତେ । ଦେଖି ତାହାର ଜ୍ଞାତି ଯେତେ ।।୫୬
ନାରଦ ମୁଖୁଁ ବାକ୍ୟ ଶୁଣି । ଜୟ ଅଜୟ ନ ପ୍ରମାଣି ।।୫୭
ନମୁଚି ବଳ ପାକ ସଙ୍ଗେ । ଧାଇଁଲା ଶସ୍ତ୍ର ଘେନି ରାଗେ ।।୫୮
ଇନ୍ଦ୍ର ନିକଟେ ବେଗେ ମିଳି । ପରୁଷ ବାକ୍ୟେ ଦେଇ ଗାଳି ।।୫୯
ଶସ୍ତ୍ର ବରଷନ୍ତି ଗହଳେ । ଯେସନେ ଆକାଶମଣ୍ଡଳେ ।।୬୦
ପବନ ବଳେ ମେଘମାଳ । ପର୍ବତେ ବରଷନ୍ତି ଜଳ ।।୬୧
ଗର୍ଜନ କରି ବାଣପନ୍ତି । ରଥ ଉପରେ ବରଷନ୍ତି ।।୬୨
ବଳ ସହସ୍ରେ ଶର ସନ୍ଧି । ଅଶ୍ୱଙ୍କ ଉପରକୁ ବିନ୍ଧି ।।୬୩
ଦଶ ନାରାଚେ ଦେବରାଜ । ଛେଦିଲେ ସହସ୍ର ନାରାଜ ।।୬୪
ଶରସମୂହ ଭଗ୍ନ ଗଲା । ତା ଦେଖି ପାକ କୋପ କଲା ।।୬୫
ଧନୁ ଆକର୍ଷି କର୍ଣ୍ଣମୂଳେ । ବେନି ନାରାଚ କୋପାନଳେ ।।୬୬
ମାତଳି ଉପରେ ପ୍ରହାରେ । ଅଦ୍‌ଭୁତ ଘୋରନାଦ କରେ ।।୬୭
ନମୁଚି କରି ମହାରୋଷ । ବାଣ ବିନ୍ଧିଲା ପଞ୍ଚଦଶ ।।୬୮
ସୁବର୍ଣ୍ଣପକ୍ଷ ଲୌହମୁଖେ । ଇନ୍ଦ୍ର ତା ଦଟୂରେ ଥାଇ ଦେଖେ ।।୬୯
ବିନ୍ଧି ଗର୍ଜଇ ଘୋରରଣେ । ଜଳଦ ଅମ୍ବରେ ଯେସନେ ।।୭୦
ଏମନ୍ତେ ଅସୁରଙ୍କ ଶସ୍ତ୍ରେ । ଆଚ୍ଛାଦେ ଦେବରାଜ ରଥେ ।।୭୧
ବରଷାକାଳ ରବି ଯେହ୍ନେ । ଜୀମୂତ ଆଚ୍ଛାଦେ ଗଗନେ ।।୭୨
ଅସୁର-ରଣରଙ୍ଗ ଦେଖି । ଦେବେ ହୋଇଲେ ମହାଦୁଃଖୀ ।।୭୩
ଅନାଥ ହେଲେ ରିପୁ ଡରେ । ବଣିକେ ଯେହ୍ନେ ସିନ୍ଧୁନୀରେ ।।୭୪
ଅସୁରବଳ ମଧ୍ୟଗତେ । ଦେବେ ପଡ଼ିଲେ ଅନାୟତ୍ତେ ।।୭୫
ପିଞ୍ଜରେ ଯେହ୍ନେ ପକ୍ଷୀଗଣେ । ଇନ୍ଦ୍ର ଯେ ଥିଲେ ଘୋରରଣେ ।।୭୬
ଆବୋରି ଥିଲେ ଯେ ଦାନବ । ଏମନ୍ତ ସମୟେ ବାସବ ।।୭୭
ବାହାର ହେଲେ ଦିବ୍ୟରଥେ । ରବି ଯେସନେ ନିଶି ଅନ୍ତେ ।।୭୮

ଅସୁର-ବାଣେ ଦେବେ ଦୁଃଖୀ । ସମ୍ଭ୍ରମେ ଇନ୍ଦ୍ର ତାହା ଦେଖି ।।୭୯
ବେଗେ ଧାଇଁଲେ ରଣ ମଧ୍ୟେ । ବଜ୍ର ଉଞ୍ଚାଇ ଘୋରନାଦେ ।।୮୦
ସେ ଅଷ୍ଟଧାର ବଜ୍ରାଘାତେ । ଜୀମୂତେ ଯେହ୍ନେ ଘୋରବାତେ ।।୮୧
ବଳ ପାକର ଶିରହାଣି । ଘୋର ଶବଦେ ବଜ୍ରପାଣି ।।୮୨
ଦେଖି ତାଙ୍କର ବନ୍ଧୁକୁଳ । ବିକଳେ ପାଡ଼ନ୍ତି ଚହଳ ।।୮୩
ନମୁଚି ତାଙ୍କ ବଧ ଦେଖି । ଦଣ୍ଡେ ହୋଇଲା ଅଶ୍ରୁମୁଖି ।।୮୪
ଶୋକସାଗରେ ସେ ବୁଡ଼ିଲା । ପୁଣି କ୍ଷଣକେ କୋପକଲା ।।୮୫
ଲୌହ-ନିର୍ମିତ ଶୂଳ କରେ । ଘେନି ଧାଇଁଲା ଧାଡିକାରେ ।।୮୬
ସେ ଶୂଳ ସୁବର୍ଣ୍ଣେ ବିରାଜେ । ଚଳ-ପ୍ରଚଳେ ଘଣ୍ଟି ବାଜେ ।।୮୭
ସେ ଶୂଳ ଘେନି ଅତି ବେଗେ । ମିଳିଲା ସୁରନାଥ ଆଗେ ।।୮୮
ଇନ୍ଦ୍ର ଉପରେ ପ୍ରହାରିଲା । ନିର୍ଭୟେ ସିଂହନାଦ କଲା ।।୮୯
ଶୂଳ ଆସନ୍ତେ ଶୂନ୍ୟ ପଥେ । ବାସବ ଧନୁ ଧରି ହସ୍ତେ ।।୯୦
ବାଣେ ଛେଦିଲେ ଶତେ ଖଣ୍ଡେ । ପାଷାଣ ଯେହ୍ନେ ଛତୁପିଣ୍ଡେ ।।୯୧
ପୁଣି କୁଳିଶେ ପୁରନ୍ଦର । ପେଷିଲା ନମୁଚି କନ୍ଧର ।।୯୨
ବ୍ରଜ-ପ୍ରହାର ନ କାଟିଲା । କନ୍ଧରୁ ଚର୍ମ ନ ଛିଡ଼ିଲା ।।୯୩
ତା ଦେଖି ଇନ୍ଦ୍ର ବିଚାରଇ । ଅଦ୍‌ଭୁତ ଦେଖିଲା ତ ନାହିଁ ।।୯୪
ବଜ୍ରରୁ ବଞ୍ଚିଲା କେମନ୍ତେ । ଏ ବଡ଼ ସଂଶୟ ମୋ ଚିତ୍ତେ ।।୯୫
ଏ ଶସ୍ତ୍ର ଅସୁରଙ୍କୁ ରଣେ । ପ୍ରହାର କଲି ଅକାରଣେ ।।୯୬
ଏମନ୍ତେ ରଣ-ମଧ୍ୟଗତେ । ଶବଦ ଶୁଭେ ଅଦ୍‌ଭୁତେ ।।୯୭
ଶୁଣ ହେ ଶକ୍ର ଏକଚିତ୍ତେ । ନ ଭେଦେ ଶୁଷ୍କ ଆର୍ଦ୍ର ଶସ୍ତ୍ରେ ।।୯୮
ପୂର୍ବେ ଏ କଲା ତପ ଘୋର । ଏହାକୁ ଦେଇଅଛୁଁ ବର ।।୯୯
ଅଜେୟ ହୋଇଲା ସ୍ୱଭାବେ । ଅଜୟ ଯୁଦ୍ଧ-ମହାର୍ଣ୍ଣବେ ।।୧୦୦
ଶୁଷ୍କ-ଆର୍ଦ୍ରକ ଅସ୍ତ୍ରଶସ୍ତ୍ରେ । ଏଣୁ ନ ଭେଦେ ଏହା ଗାତ୍ରେ ।।୧୦୧
ଏବେ ତୁ ଶୁଣ ମଘବାନ । ଏହା ମରଣେ କର ଧ୍ୟାନ ।।୧୦୨
ଯେ ତୋତେ ଦିଶେ ଧ୍ୟାନମାର୍ଗେ । ତେଣେ ଜୀବନ ହରେ ବେଗେ ।।୧୦୩

ଏମନ୍ତେ ଶୂନ୍ୟବାଣୀ ଶୁଣି । ବାସବ ଧ୍ୟାନେ ମନେ ଗୁଣି ।।୧୦୪
ଧ୍ୟାନେ ଦେଖଇ ଜଳ-ଫେନ । ତା ଦେଖି ବିଚାରଇ ମନ ।।୧୦୫
ଏ ଆର୍ଦ୍ର-ଶୁଷ୍କ ଯେ ବୋଲାଇ । ଏଣେ ନାଶିବି ତାର ଦେହୀ ।।୧୦୬
ଏମନ୍ତ ମନେ ବିଚାରନ୍ତେ । ଫେନ ମିଳିଲା ଆସି ହସ୍ତେ ।।୧୦୭
ନମୁଚି ଅଙ୍ଗେ ପ୍ରହାରିଲା । ତକ୍ଷଣେ ଶିର ତା ଛିଡ଼ିଲା ।।୧୦୮
ସମରେ ନମୁଚି ମରଣେ । ମିଳିଲେ ଋଷି ଦେବଗଣେ ।।୧୦୯
ଇନ୍ଦ୍ର ଉପରେ ପୁଷ୍ପବୃଷ୍ଟି । କରନ୍ତି ଚିତ୍ତେ ହୋଇ ତୁଷ୍ଟି ।।୧୧୦
ଗନ୍ଧର୍ବେ ଅପସରାବୃନ୍ଦେ । ନୃତ୍ୟ କରନ୍ତି ଗୀତନାଦେ ।।୧୧୧
ଜୟଦୁନ୍ଦୁଭି ରଣେ ବାଜେ । ଦେବ-ଦାନବ ରଣମାଝେ ।।୧୧୨
ଏହି ପ୍ରକାର ଦିଗପାଳେ । ବରୁଣ ପବନ ଅନଳେ ।।୧୧୩
ଅସୁରବଳ ସର୍ବ ମାରି । ପଶୁଙ୍କୁ ଯେସନେ କେଶରୀ ।।୧୧୪
ଅସୁରବଳ ଭଗ୍ନ ଶୁଣି । ନାରଦେ ପେଷି କୁଶପାଣି ।।୧୧୫
ଦେବଗଣଙ୍କୁ ବୋଧକଲେ । ଯୁଦ୍ଧ ନ କର ଆଜ୍ଞାଦେଲେ ।।୧୧୬
ନାରଦ ସର୍ବ ଦେବଗଣେ । ପ୍ରବୋଧ କଲେ ଜଣେ ଜଣେ ।।୧୧୭
ବୋଲନ୍ତି ଦେବଗଣ ଚାହିଁ । ସମର କରୁଛ କିମ୍ପାଇଁ ।।୧୧୮
ସିନ୍ଧୁ ମନ୍ଥନେ ପାଇ ପ୍ରାସ । ଅସୁରେ ହୋଇଲେ ନିରାଶ ।।୧୧୯
ତୁମ୍ଭେ ଅମୃତ ପାନ କରି । ଲଭିଲ ସ୍ୱର୍ଗ-ଶୁଭ-ଶିରୀ ।।୧୨୦
କହନ୍ତି ଶୁକ ବ୍ରହ୍ମଯତି । ଶୁଣ ପରୀକ୍ଷ ମହୀପତି ।।୧୨୧
ନାରଦ ବାକ୍ୟ ଶୁଣି ଭଲେ । ତ୍ରିଦଶେ ସମର ନ କଲେ ।।୧୨୨
ଆନନ୍ଦେ ନୃତ୍ୟ ଗୀତ କରି । ଦେବେ ଚଳିଲେ ସ୍ୱର୍ଗପୁରୀ ।।୧୨୩
ଯୁଦ୍ଧେ ଅସୁର ଯେତେ ଥିଲେ । ନାରଦ ବାକ୍ୟେ ବାହୁଡ଼ିଲେ ।।୧୨୪
ବ୍ରହ୍ମାନନ୍ଦନ ବାକ୍ୟ ମାନି । ବଳିର ମୃତ୍ୟୁପିଣ୍ଡ ଘେନି ।।୧୨୫
ସକଳେ ମିଳି ଏକମେଳେ । ପଶ୍ଚିମ-ଅସ୍ତଗିରି ଗଲେ ।।୧୨୬
ଯେ ଅବା ଶିର ଉର ଛିଡ଼ି । ରଣଭୂମିରେ ଥିଲେ ପଡ଼ି ।।୧୨୭
ଶୁକ୍ରର ମୃତ୍ୟୁ ସଞ୍ଜୀବନେ । ସକଳେ ଲଭିଲେ ଜୀବନେ ।।୧୨୮

ବଳିକି ଶୁକ୍ର ଘେନି କୋଳେ । ଆସନେ ବସାଇ ନିଶ୍ଚଳେ ।।୧୨୯
ଶୁକ୍ର-ସ୍ମରଣେ ବଳି ସ୍ମୃତି । ଲଭିଲା ଇନ୍ଦ୍ରି-ବଳ-ବୃତ୍ତି ।।୧୩୦
ଶୁକ୍ରଙ୍କ ମନ୍ତ୍ରେ ତୋଷ ହୋଇ । ବଳି ଉଠିଲା ଜ୍ଞାନ ପାଇ ।।୧୩୧
ଯୁଦ୍ଧେ ହାରିବା କୋପାରମ୍ଭେ । ସଂହରି ରହେ ନିଜ ଦମ୍ଭେ ।।୧୩୨
ସୁଜନେ ଏଣେ କର ଭାବ । ଏ ଭାବେ ସଂସାରୁ ତରିବ ।।୧୩୩
ବୋଲଇ ଦାସ ଜଗନ୍ନାଥ । ଅମୃତ ବିଷ୍ଣୁର ଚରିତ ।।୧୩୪

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଦେବାସୁର ସଂଗ୍ରାମେ ଏକାଦଶୋଽଧ୍ୟାୟଃ ।।

ଦ୍ୱାଦଶ ଅଧ୍ୟାୟଃ

ଶୁକ କହନ୍ତି ତୋଷମନ । ଶୁଣ ଅଭିମନ୍ୟୁ-ନନ୍ଦନ ।।୧

ଶୁକ ଉବାଚ

କୃଷ୍ଣ ଯେ ମୋହିନୀ-ସ୍ୱରୂପେ । ଅମୃତ ହରି ମୋହକଳ୍ପେ ।।୨
ଦେବଙ୍କୁ କରାଇଲେ ପାନ । ମାୟାମୋହିନୀ ଭଗବାନ ।।୩
ସେ କଥା ଶୁଣି ବିପରୀତ । ବୃଷେ ଆରୋହି ବିଶ୍ୱନାଥ ।।୪
ସକଳ ଭୂତଗଣ ମେଳେ । ଅମ୍ବିକା ଘେନି ନିଜକୋଳେ ।।୫
ଦେଖିବା ଅର୍ଥେ ଗଲେ ହର । ଯହିଁ ବିଜୟେ ମାୟାଧର ।।୬
ଗୋବିନ୍ଦ ରୁଦ୍ର ଦେଖି ତୋଷେ । ଆସନେ ବସାଇ ହରଷେ ।।୭
ପୂଜିଲେ ହରଗୌରୀ ପାଦେ । ରୋମହରଷ ଗଦଗଦେ ।।୮
ସାନନ୍ଦ ସେ ହରଗଉରୀ । ହରଷେ ହସ୍ତେ ହସ୍ତ ଧରି ।।୯
ସନ୍ତୋଷ କରି କୃଷ୍ଣମନ । ବୋଲନ୍ତି ମଧୁର-ବଚନ ।।୧୦

ମହାଦେବ ଉବାଚ

ହେ ଦେବଦେବ ଜଗଦ୍‌ବ୍ୟାପୀ । ଜଗଦୀଶ୍ୱର ବିଶ୍ୱରୂପୀ ।।୧୧
ସର୍ବ ଶରୀରେ ଆତ୍ମାରୂପେ । ତୁ ନାଥ ବସୁ ମୋହକଳ୍ପେ ।।୧୨
ସକଳ ହେତୁ ତୋ ଗୋଚର । ତୁ ନାଥ ଧର୍ମ-ନିରାକାର ।।୧୩
ନାହିଁ ତୋ ଆଦି ମଧ ଅନ୍ତ । ଏଣୁ ତୁ ବୋଲାଉ ଅନନ୍ତ ।।୧୪
ଚରଣ କମଳ ତୋହର । ଚିନ୍ତନେ ଶ୍ରେୟ ପ୍ରାଣୀଙ୍କର ।।୧୫
ବିଷୟ-ସଙ୍ଗ ଦୂର କରି । ମୁନି ସନ୍ନ୍ୟାସୀ ବ୍ରହ୍ମଚାରୀ ।।୧୬
ଚିନ୍ତନ୍ତି ତୋ ଚରଣ ହୃଦେ । ଅନ୍ତେ ପଶନ୍ତି ମୋକ୍ଷପଦେ ।।୧୭
ତୁ ପୂର୍ଣ୍ଣବ୍ରହ୍ମ ସୁଧାସାର । ନିର୍ଗୁଣ ବିଶୋକ-ମନ୍ଦିର ।।୧୮
ଆନନ୍ଦ-ମାତ୍ର ନିର୍ବିକାର । ଅନ୍ୟୋନ୍ୟେ ଥାଇ ତୁ ଅନ୍ତର ।।୧୯
ବିଶ୍ୱର ହେତୁ ନିରଞ୍ଜନ । ସ୍ଥିତି ଉଦୟ ସଞ୍ଚମନ ।।୨୦
ଆତ୍ମାର ଆତ୍ମଜ୍ଞାନରୂପୀ । ଏଣୁ ଅଶେଷ-ଦେହବ୍ୟାପୀ ।।୨୧
ସୁବର୍ଣ୍ଣ-କୁଣ୍ଡଳକ ପ୍ରାୟେ । ସ୍ୱଭାବେ ଅଭେଦ ତୋ ଦେହେ ।।୨୨
ଅଜ୍ଞାନୀ ଦମ୍ଭେ ତୋରଠାରେ । ବିକଳ୍ପ ବିକଳ୍ପ ସଂସାରେ ।।୨୩
ତୁ ନିରୁପାଧି ତୋର ଗୁଣେ । ଭେଦ କରନ୍ତି ଅକାରଣେ ।।୨୪
ସଦ ଅସଦ ପରେ ସ୍ଥିତି । ପରମ ପୁରୁଷ କେ ଚିନ୍ତି ।।୨୫
ସଦ ଅସଦ ଏକ ରୂପୀ । ଅବ୍ୟୟ ଆତ୍ମା ବିଶ୍ୱବ୍ୟାପୀ ।।୨୬
ତୁ ବ୍ରହ୍ମ ହେତୁ ଚିଦାନନ୍ଦ । ଅନାଦିକନ୍ଦ ଆଦିକନ୍ଦ ।।୨୭
ପ୍ରକୃତି ପୁରୁଷ ରୂପର । କେ ସାଂଖ୍ୟେ କରନ୍ତି ବିଚାର ।।୨୮
ଅନ୍ୟେ ବଦନ୍ତି ନବଶକ୍ତି । ଯେ ଅବା ଛନ୍ତି ପାଞ୍ଚରାତ୍ରି ।।୨୯
ଅବ୍ୟୟ ଆତ୍ମତନ୍ତ୍ରରୂପୀ । ତୁ ନାଥ ଠୁଳଶୂନ୍ୟ ବ୍ୟାପୀ ।।୩୦
ମୁଁ ବ୍ରହ୍ମା ଦେବ ମୁନି ଯେତେ । ତୋ ମାୟାବଳେ ଏ ଜଗତେ ।।୩୧
ତୋ ରୂପ ନ ଜାଣନ୍ତି କେହି । ଦୁଷ୍ଟେ ଜାଣିବେ ଅବା କାହିଁ ।।୩୨
ଜଗତ ଜାତ ସ୍ଥିତି ନାଶ । ଭୂତଙ୍କ ଦେହେ ତୋ ପ୍ରକାଶ ।।୩୩
ଜୀବର ବନ୍ଧ-ମୋକ୍ଷ ବେନି । ତୁ ନାଥ କରୁ ମାୟା ଘେନି ।।୩୪
ଆକାଶେ ଯେହ୍ନେ ବାୟୁ ରହେ । ପାର୍ଥିବରେଣୁ ବହେ ଦେହେ ।।୩୫
ତୋ ଦେହେ କେହି ନ ଲାଗନ୍ତି । ଏମନ୍ତ ଈଶ୍ୱରର ଗତି ।।୩୬
ସଚରାଚର ତୋର ଦେହେ । ପବନେ ରେଣୁ ପ୍ରାୟ ରହେ ।।୩୭
ତୁ ଏ ସଂସାର-ଉପକାରୀ । ତ୍ରିଗୁଣେ ନାନାରୂପ ଧରି ।।୩୮

ଯେତେ ସାଧିଲୁ କ୍ରୀଡ଼ାଅର୍ଥେ । ସେ ରୂପେ ଦେଖିଲି ମୁଁ ତୋତେ ।।୩୯
ଏବେ ଯେ ସମୁଦ୍ର-ମନ୍ଥନେ । ଦେବ ଦାନବ ଏକମନେ ।।୪୦
ଅମୃତ ଅର୍ଥେ ଅନ୍ୟଅନ୍ୟେ । ତା ଦେଖି ଦେବେ ଦୁଃଖମନେ ।।୪୧
ତୋତେ ଚିନ୍ତିଲେ ଧ୍ୟାନ କରି । ତୁ ନାଥ ମାୟାରୂପ ଧରି ।।୪୨
ମୋହିନୀରୂପେ ଭଗବାନ । ମୋହିଲୁ ଅସୁରଙ୍କ ମନ ।।୪୩
ସେ ରୂପ ଦେଖାଅ ତୁ ମୋତେ । ଦେଖିବି ଗଉରୀ ସମେତେ ।।୪୪
ଯେ ରୂପ ପରମମଙ୍ଗଳେ । ମୁଁ ତା ଦେଖିବି କୁତୂହଳେ ।।୪୫
ଏମନ୍ତେ ରୁଦ୍ରବାଣୀ ଶୁଣି । ହସି ବୋଲନ୍ତି ଚକ୍ରପାଣି ।।୪୬

ଭଗବାନ ଉବାଚ

ଅସୁରେ ସୁଧା ନେଲେ ବଳେ । ମୁହିଁ ଯେ ଦେବଙ୍କ ବିକଳେ ।।୪୭
ମାୟାମୋହିନୀ ରୂପ ଧରି । ଅସୁରଗଣେ ମାୟା କରି ।।୪୮
ଅମୃତ ଦେବଗଣେ ଦେଲି । ପୁଣି ସେ ରୂପ ସଂହରିଲି ।।୪୯
ଏବେ ତୁ ଦେଖିବାର ଆଶେ । ଯେବେ ମିଳିଲୁ ମୋର ପାଶେ ।।୫୦
ସେ ରୂପ ଦେଖାଇବି ମୁହିଁ । ଯେବେ ସମ୍ଭାଳିପାରୁ ତୁହି ।।୫୧
କାମୀମାନଙ୍କ ମହାମୋହ । ପୁରୁଷ କେ ଧରିବ ଦେହ ।।୫୨
ଆନନ୍ଦେ ଶୁକମୁନି କହେ । ଶୁଣ ପରୀକ୍ଷ ମହାରାୟେ ।।୫୩

ଶୁକ ଉବାଚ

ଏମନ୍ତ କହି ଭଗବାନ । ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ ।।୫୪
ରୁଦ୍ର ଚାହାଁନ୍ତି ଦଶଦିଶେ । ଗଉରୀ ସଙ୍ଗେ ପ୍ରିୟବଶେ ।।୫୫
ଅଗ୍ରେ ଯେ ଅଛି ଉପବନ । ନାନା କୁସୁମେ ତରୁଘନ ।।୫୬
ତହିଁ ବିଜୟେ ଦଇତ୍ୟାରି । ଜଗମୋହିନୀ ରୂପ ଧରି ।।୫୭
କରେ କନ୍ଦୁକ ସାର ଶୋହେ । ଯେ ରୂପେ ଜଗୁଜନ ମୋହେ ।।୫୮
ନିତମ୍ବେ ବେଷ୍ଟିତ ଅମ୍ବର । କଟି-ମେଖଳା ରତ୍ନସାର ।।୫୯
ହୃଦେ କମ୍ପଇ ଘନ-କୁଚ । ହାର କାଞ୍ଚଲା ଅତି ସଞ୍ଚ ।।୬୦
ଅତି ସୁସଞ୍ଚ କ୍ଷୀଣମଝା । କି ପଟାନ୍ତର ଦେବା ଦୁଜା ।।୬୧
ସ୍ୱଭାବେ ଡମ୍ବରୁ ଆକାର । ଖଚିତ ନାନା ଅଳଙ୍କାର ।।୬୨
ଶିର ସୀମନ୍ତ ମଣିମୟେ । ନୀଳ-ଅଳକେ ମୁଖଶୋହେ ।।୬୩
ଶିରେ ସୁନ୍ଦର ଭୁରୁ ସାଜେ । ଚଞ୍ଚଳ-ଲୋଚନ ବିରାଜେ ।।୬୪
ଭାଲେ ସିନ୍ଦୂରବିନ୍ଦୁ ସାଜେ । କମଳଲୋଚନ ବିରାଜେ ।।୬୫
ହେମକୁଣ୍ଡଳ ଶୋହେ କର୍ଣ୍ଣେ । ଦଶନ ହସିତ-ବଦନେ ।।୬୬
କବରୀ ମଧ୍ୟେ ପୁଷ୍ପ ଦିଶେ । କି ଏ କନ୍ଦର୍ପ ଦେଖି ହସେ ।।୬୭
କବରୀ ଶ୍ଳଥ ଫିଟେ ବାସ । କରଇ କନ୍ଦର୍ପ ବିକାଶ ।।୬୮
ଅଳକା ତୋଳେ କାମକରେ । ସୁରଙ୍ଗ ଅଙ୍ଗୁଳି ଅଗ୍ରରେ ।।୬୯
କନ୍ଦୁକ ଦକ୍ଷକରେ ଧରି । ସେ ଲୀଳା ଲୁବ୍‌ଧେ ମୋଦଭରି ।।୭୦
ଏମନ୍ତ ରୂପ ହର ଦେଖି । ପିଛାଡ଼ି ନ ପାରନ୍ତି ଆଖି ।।୭୧
ଲୀଳା କଟାକ୍ଷେ ରୂପ ଚାହିଁ । ହୃଦୟେ ଚିତ୍ତ ନ ରହଇ ।।୭୨
ସ୍ୱଗଣ-ଗଉରୀ-ସମେତେ । ସକଳେ ଚାହାନ୍ତି ଚକିତେ ।।୭୩
ଏମନ୍ତେ ମୋହିନୀର କରେ । ଥିଲା କନ୍ଦୁକ ଖସି ଧୀରେ ।।୭୪
ତକ୍ଷଣେ ଭୂମିରେ ପଡ଼ିଲା । ପଡ଼ି ଅନେକ ଦୂର ଗଲା ।।୭୫
କନ୍ଦୁକ ଆଣିବାର ଛଳେ । ବୃକ୍ଷ-ଉହାଡ଼େ ଅତି ଖରେ ।।୭୬
ଧାମନ୍ତେ ଅଦ୍‌ଭୁତ-ଅବଳା । କୁଚରୁ ବସ୍ତ୍ର ଉଡ଼ିଗଲା ।।୭୭
ପବନେ ଉଡ଼େ ଜାନୁବାସ । ଜାନୁଯୁଗଳ ହେଲା ଦୃଶ୍ୟ ।।୭୮
ପବନେ ଉଡ଼ିଯାନ୍ତେ ବାସ । ରୂପ ଦେଖିଣ ହର ବଶ ।।୭୯
ବସ୍ତ୍ର ତୋଳନ୍ତି ବାମହସ୍ତେ । ପୀଡ଼ିତ ଲଜ୍ଜା-ଭୟ-ଚିତ୍ତେ ।।୮୦
ଅଳକା ଅଙ୍ଗୁଳିର ଅଗ୍ରେ । କପୋଳୁ ତୋଳେ ଅତି ବ୍ୟଗ୍ରେ ।।୮୧
ଏମନ୍ତ ରୂପ ତାର ଦେଖି । ଶଙ୍କର ଗଉରୀ ଉପେକ୍ଷି ।।୮୨
ମନ ବୁଡ଼ିଲା ତାର ସଙ୍ଗେ । ମଦନବାଣ ପୀଡ଼େ ଅଙ୍ଗେ ।।୮୩
ଉମା ଦେଖନ୍ତେ ଲଜ୍ଜା ଛାଡ଼ି । ଧାମନ୍ତି କାମେ ମନ ବୁଡ଼ି ।।୮୪
ହରକୁ ଦେଖି ବେଗେ ଧାଇଁ । ବୃକ୍ଷ-ଗହଳେ ସେ ଲୁଚଇ ।।୮୫
ରୁଦ୍ର ଧାଇଁଲେ ଅତି ବେଗେ । ମିଳିଲେ ବୃକ୍ଷଙ୍କର ଲାଗେ ।।୮୬

ବୃକ୍ଷକୁ ବୃକ୍ଷ ଯାନ୍ତି ଗଳି । ହସ୍ତ ଦେଖାନ୍ତି ବେଗେ ଟେକି ।।୮୭
ଦେଖି ଧାମନ୍ତି ରୁଦ୍ର ବେଗେ । ବସନ ନାହିଁ କଟିଭାଗେ ।।୮୮
ଜଟା-କଳାପ ଅସମ୍ଭାଳ । କପୋଳୁ ଗଳେ ଶ୍ରମ ଝାଳ ।।୮୯
କରିଣୀ ଦେଖି ଯେହ୍ନେ ଗଜ । ଧାମଇଁ ଉଚ୍ଚେ ଟେକି ଭୁଜ ।।୯୦
ରୁଦ୍ର ଧଇଲେ ତାଙ୍କୁ କୋଳେ । ଆବୋରି ବେନିଭୁଜେ ବଳେ ।।୯୧
ପୁଣି ମୋହିନୀ କରୁଁ ଗଳି । ଧାମଇଁ ଜାନୁବସ୍ତ୍ର ଟେକି ।।୯୨
କବରୀଭାର ଫିଟି ତଳେ । ବିଞ୍ଛି ପଡ଼ନ୍ତି ଫୁଲମାଳେ ।।୯୩
ପୁଣି ଧରନ୍ତେ ହର କୋଳେ । ମୋହିନୀ ଗଳେ ଭୁଜତଳେ ।।୯୪
ମୁକୁଳା କେଶ ଅଧୋମୁଖେ । ଧାମଇଁ ବଦନ-ସୁରେଖେ ।।୯୫
ପୃଥୁ-ନିତମ୍ବ ଚଳେ ଧୀରେ । ପୁଣି ଧଇଲେ ରୁଦ୍ର କୋଳେ ।।୯୬
ଏମନ୍ତେ ବିଷ୍ଣୁମାୟା ବଳେ । ଶଙ୍କର ମଦନ ଆକୁଳେ ।।୯୭
ବଇରୀ-ବାଣେ ସେ ବିକଳେ । ପୁଣି ଧରନ୍ତି କାମଭୋଳେ ।।୯୮
ପୁଣି ପଳାନ୍ତି ଭୁଜ ଟେକି । ରୁଦ୍ର-ଶରୀରୁ ରେତ ଗଳି ।।୯୯
ସୁରଭୀ ଅର୍ଥେ ବୃଷ ଯେହ୍ନେ । ଧାମଇଁ ଉଠିଣ ଅଜ୍ଞାନେ ।।୧୦୦
ରେତ ପଡ଼ିଲା ଯହିଁ ତହିଁ । ମୋହିନୀ ବେଶେ ମୋହ ପାଇ ।।୧୦୧
ସୁନା ରୂପା ହେଲା ତକ୍ଷଣେ । ଲତା-ଗହନ-ଘୋରବନେ ।।୧୦୨
ନଦୀ-ପର୍ବତ-ସରୋବରେ । ପଡ଼ଇ ରେତ ବୃଷ୍ଟିଧାରେ ।।୧୦୩
ଏମନ୍ତେ ବିଷ୍ଣୁମାୟା-ବଶେ । ଶଙ୍କର ଧାଇଁ ବନଦେଶେ ।।୧୦୪
ନିରାଶ ହୋଇ ନିବର୍ତ୍ତିଲେ । ଗଉରୀ ନିକଟେ ମିଳିଲେ ।।୧୦୫
ବିଷ୍ଣୁମାୟାରେ ମୋହି ମନ । ରୁଦ୍ର ହୋଇଲେ ଛନଛନ ।।୧୦୬
ଈଶ୍ୱର ଦୁଃଖ କୃଷ୍ଣ ଦେଖି । ମୋହିନୀ ଶରୀର ଉପେକ୍ଷି ।।୧୦୭
ନିଜ ମୂରତି ଧରି ହରି । ଶଙ୍କର ପାଶେ ବିଜେ କରି ।।୧୦୮
କହନ୍ତି ରୁଦ୍ର-ମୁଖ ଚାହିଁ । କୋମଳ-ବାକ୍ୟେ ଭାବଗ୍ରାହୀ ।।୧୦୯
ବୋଲନ୍ତି ପ୍ରଭୁ ଜଗନ୍ନାଥ । ଦେଖିଣ ଈଶ୍ୱର-ଆରତ ।।୧୧୦

ଭଗବାନ ଉବାଚ

ହେ ଦେବଦେବ ବିଶ୍ୱନାଥ । ତୁ ହେଲୁ ମାୟାରେ ମୋହିତ ।।୧୧୧
ଅଶେଷଜନ ମାୟାବଳେ । ଭ୍ରମନ୍ତି ଅବନୀମଣ୍ଡଳେ ।।୧୧୨
ନାନା ପ୍ରକାରେ ତନୁ ଧରି । କେବା ପାରିବ ମାୟା ତରି ।।୧୧୩
ଭୋ ରୁଦ୍ର ମହିମା ତୋହର । ଅଜ୍ଞାନୀଜନେ ଅଗୋଚର ।।୧୧୪
ଯେ ବିଷ୍ଣୁମାୟା ଗୁଣମୟୀ । ସେ ମାୟା କଳି ତ ନୁହଁଇ ।।୧୧୫
ତୁ ନାଥ ନିଜ ମାୟାବଳେ । ତ୍ରିଗୁଣ ଗ୍ରାସୁ ଅନ୍ତଃକାଳେ ।।୧୧୬
ଶୁକ ଶ୍ରୀକୃଷ୍ଣପାଦ ଧ୍ୟାୟି । କହନ୍ତି ପରୀକ୍ଷିତ ଚାହିଁ ।।୧୧୭

ଶୁକ ଉବାଚ

ଶୁଣ ରାଜନ ଏକଚିତ୍ତେ । ହରଙ୍କୁ ପ୍ରବୋଧି ଏମନ୍ତେ ।।୧୧୮
ଶିବଙ୍କୁ ପ୍ରଦକ୍ଷିଣ କରି । ନିଜ ଭୁବନେ ଗଲେ ହରି ।।୧୧୯
ରୁଦ୍ର ଭବାନୀଗଣ ତୁଲେ । ନିଜ ଭୁବନେ ବିଜେ କଲେ ।।୧୨୦
ଋଷିଙ୍କ ମଧ୍ୟେ ହର ବସି । ବିଷ୍ଣୁଙ୍କ ମାୟା ପରଶଂସି ।।୧୨୧

ଈଶ୍ୱର ଉବାଚ

ଶୁଣ ଅଶେଷ ଋଷିବରେ । ବିଷ୍ଣୁର ମାୟା ଏ ଶୟଳେ ।।୧୨୨
ଅଶେଷ-ଜନ-ମନ ହରେ । କେବା ଏ ସଂସାରୁ ନିସ୍ତରେ ।।୧୨୩
ଶୁଣ ଗୋ ପ୍ରିୟେ କହି ଯାହା । ଦେଖିଲ ବିଷ୍ଣୁଙ୍କର ମାୟା ।।୧୨୪
ମୁଁ ମାୟାଧରଙ୍କର ଈଶ । ତା ମାୟା ଦେଖି କଲି ତ୍ରାସ ।।୧୨୫
ତା ମାୟାବଳେ ମୋହେ ଶିବ । ଆନ କେ ସେ ମାୟା ତରିବ ।।୧୨୬
ବିଷ୍ଣୁର ମାୟା ଅଗୋଚର । ଯହିଁ ଭ୍ରମନ୍ତି ବ୍ରହ୍ମାସୁର ।।୧୨୭
କହନ୍ତି ବ୍ୟାସଙ୍କ ତନୁଜ । ଶୁଣ ପରୀକ୍ଷ ମହାରାଜ ।।୧୨୮

ଶୁକ ଉବାଚ

ଏମନ୍ତ ଶ୍ରୀକୃଷ୍ଣ ମହିମା । କେ କହିପାରେ ଗୁଣସୀମା ।।୧୨୯
ଯେ ହରି ଜଗତ ଉଦ୍ଧରେ । କପଟେ କୂର୍ମରୂପ ଧରେ ।।୧୩୦
ତାର ଚରିତ ଶୁଣି କର୍ଣ୍ଣେ । ମୁଖେ ଗୁଣନ୍ତି ଯେବା ଜନେ ।।୧୩୧
ଯେ ଅବା ପ୍ରସ୍ତାବେ କହନ୍ତି । ଘୋର ସଂସାରୁ ତରିଯାନ୍ତି ।।୧୩୨

ଅଷ୍ଟମ ସ୍କନ୍ଧେ ହରି-ବାଣୀ । ଶୁଣି ସଂସାରୁ ତର ପ୍ରାଣୀ ।।୧୩୩
ବୋଲଇ ବିପ୍ର ଜଗନ୍ନାଥ । ଭାଷା-ପ୍ରବନ୍ଧେ ଭାଗବତ ।।୧୩୪

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଶଙ୍କରମୋହନଂ ନାମ ଦ୍ୱାଦଶୋଽଧ୍ୟାୟଃ ।।

ତ୍ରୟୋଦଶ ଅଧ୍ୟାୟ

ଶ୍ରୀକୃଷ୍ଣ ପାଦ ହୃଦେ ଚିନ୍ତି । କହନ୍ତି ଶୁକ ବ୍ରହ୍ମଯତି ।।୧

ଶୁକ ଉବାଚ

ଶୁଣ ହେ ଅଭିମନ୍ୟୁସୁତ । ସପ୍ତମେ ମନୁବଂଶେ ଜାତ ।।୨
ସୂର୍ଯ୍ୟତନୟ ଅନୁପମ । ତାହାର ଶ୍ରାଦ୍ଧଦେବ ନାମ ।।୩
ବର୍ତ୍ତମାନ ଯା ଭୋଗକାଳ । ଯେ ଶୁଦ୍ଧ ସୁଗୁଣ ସୁଶୀଳ ।।୪
ତାର ସନ୍ତତି ହେଲେ ଯେତେ । ଶୁଣ କହିବି ଏକଚିତ୍ତେ ।।୫
ଇକ୍ଷବାକୁ ନଭଗ ଶର୍ଯ୍ୟାତି । ଧୃଷ୍ଟ ନରିଷ୍ୟନ୍ତ ସନ୍ତତି ।।୬
ନାଭାଗ ଦିଷ୍ଟ ଯେ ସପ୍ତମ । କରୂଷ ପୃଷଧ୍ର ନବମ ।।୭
ଦଶମ ବସୁମାନ ନାମ । ବୈବସ୍ୱତର ଏ ନନ୍ଦନ ।।୮
ସେ ମନୁକାଳେ ଦେବଗଣ । ନାମ କହିବା ତାଙ୍କ ଶୁଣ ।।୯
ଆଦିତ୍ୟ ବସୁ ରୁଦ୍ର ବିଶ୍ୱ । ଅଶ୍ୱିନୀ ଋଭୁ ଅଣଚାଶ ।।୧୦
ତାହାଙ୍କ ମଧ୍ୟେ ଦେବବର । ଇନ୍ଦ୍ରର ନାମ ପୁରନ୍ଦର ।।୧୧
ସେ ମନୁ କାଳେ ସପ୍ତଋଷି । ଭ୍ରମନ୍ତି ଧ୍ରୁବଚକ୍ରେ ବସି ।।୧୨
କଶ୍ୟପ ଅତ୍ରି ଋଷିଶ୍ରେଷ୍ଠ । ତୃତୀୟ ମୁନି ଯେ ବଶିଷ୍ଠ ।।୧୩
ଗୌତମ ବିଶ୍ୱାମିତ୍ର ଦ୍ୱିଜ । ଜମଦଗ୍ନି ଯେ ଭରଦ୍ୱାଜ ।।୧୪
ଏ ଆଦି ନାମେ ସପ୍ତମୁନି । ଚକ୍ରେ ଭ୍ରମନ୍ତି କର୍ମ ଘେନି ।।୧୫
ବଇବସ୍ୱତ ମନୁ କଳ୍ପେ । ଗୋବିନ୍ଦ ବାମନ ସ୍ୱରୂପେ ।।୧୬
ଜନ୍ମିଲେ ଅଦିତି ଉଦରେ । କଶ୍ୟପ ଋଷିଙ୍କର ଘରେ ।।୧୭
ଏ ସପ୍ତ ମନ୍ୱନ୍ତର ଯେତେ । କହିଲୁ ତୁମ୍ଭର ଅଗ୍ରତେ ।।୧୮
ଏବେ ଭବିଷ୍ୟ ମନୁ ସପ୍ତ । ଶୁଣ ସୁମନେ ପରୀକ୍ଷିତ ।।୧୯
ବିଶ୍ୱକର୍ମାର କନ୍ୟା ବେନି । ସୂର୍ଯ୍ୟେ ବରିଲେ ଭାବ ଘେନି ।।୨୦
ରୂପେ ଦିଶନ୍ତି ଅନୁପମ । ତାହାଙ୍କ ସଂଜ୍ଞା ଛାୟା ନାମ ।।୨୧
ସୂର୍ଯ୍ୟର ତେଜ ଅସହନେ । ସଂଜ୍ଞା ଯେ ଅଶ୍ୱରୂପେ ବନେ ।।୨୨
ସୂର୍ଯ୍ୟ ରମିଲେ ତାର ତୁଲେ । ଅଶ୍ୱିନୀକୁମାର ଜନ୍ମିଲେ ।।୨୩
ପ୍ରଥମେ ସୂର୍ଯ୍ୟ ତୁଲେ ରମି । ସଂଜ୍ଞା ପ୍ରସବେ ଗର୍ଭ ତିନି ।।୨୪
ଯମ ଯମୁନା ଭାଇ ଭଗ୍ନୀ । ଜନ୍ମିଲେ ଶ୍ରାଦ୍ଧଦେବ ତିନି ।।୨୫
କହୁଅଛଇ ତୋତେ ଭାବେ । ଛାୟା-ଅପତ୍ୟ ଶୁଣ ଏବେ ।।୨୬
ସାବର୍ଣ୍ଣି ନାମେ ଏକ ସୁତ । କନ୍ୟା ତପତୀ ରୂପେ ଜାତ ।।୨୭
ତୃତୀୟ ପୁତ୍ର ଶନୈଶ୍ଚର । ଏବେ ହୋ ଶୁଣ ନୃପବର ।।୨୮
ସାବର୍ଣ୍ଣି ଅଷ୍ଟ ମନ୍ୱନ୍ତରେ । ଭଜିବ ସଂସାର ବେଭାରେ ।।୨୯
ନିର୍ମୋକ ବୀରଯସ୍କ ଆଦି । ସାବର୍ଣ୍ଣି ତନୟ ସମ୍ପାଦି ।।୩୦
ବିରଜ ଆଦି ଦେବଗଣେ । ଜନମ ସଂସାର କାରଣେ ।।୩୧
ତାହାଙ୍କ ପାଳନ ପ୍ରବନ୍ଧେ । ବଳି ବସିବ ଇନ୍ଦ୍ରପଦେ ।।୩୨
ତାହାଙ୍କୁ ଛଳିବେ ବାମନ । ଯଜ୍ଞେ ପୃଥିବୀ ଦେବେ ଦାନ ।।୩୩
ତିନି ଚରଣ ଦାନ ଦେଇ । ବାମନ ପାଦ ମୁଣ୍ଡେ ବହି ।।୩୪
କେତେହେଁ କାଳ ଦାନ ଫଳେ । ସେ ଭୋଗ ଭୁଞ୍ଜିବ ପାତାଳେ ।।୩୫
ସ୍ୱର୍ଗେ ବସିବ ଇନ୍ଦ୍ରପଣେ । ଅନ୍ତେ ପଶିବ ନାରାୟଣେ ।।୩୬
ସେ ବଳି କାଳେ ସପ୍ତମୁନି । ଉଦୟ ନିଜ ତେଜ ଘେନି ।।୩୭
ଯେ ରୂପେ ସଂସାର ଧାରଣ । ତାହାଙ୍କ ନାମ ଏବେ ଶୁଣ ।।୩୮
ଗାଲବ ଦୀପ୍ତିମାନ ରାମ । କୃପାଚାର୍ଯ୍ୟ ଦ୍ରୋଣନନ୍ଦନ ।।୩୯
ଅପରେ ଋଷ୍ୟଶୃଙ୍ଗ ବ୍ୟାସ । କହିଲି ଋଷିଙ୍କ ବିଶେଷ ।।୪୦
ଏ ଆଦି ସପ୍ତ ଋଷିଗଣେ । ବ୍ରହ୍ମାର ଆଜ୍ଞା ପରମାଣେ ।।୪୧
ହୋଇବେ ଭବିଷ୍ୟତ କାଳେ । ଅଛନ୍ତି ଆଶ୍ରମମଣ୍ଡଳେ ।।୪୨
ଏହି ସାବର୍ଣ୍ଣି ମନ୍ୱନ୍ତରେ । ବିଷ୍ଣୁ ଯେ ଦେବଗୁହ୍ୟ ଘରେ ।।୪୩

ସରସ୍ୱତୀର ଗର୍ଭୁ ଜାତ । ନାମରେ ସାର୍ବଭୌମ ଖ୍ୟାତ ।।୪୪
ସେ କାଳେ ବିଷ୍ଣୁ ନିଜ ଭାବେ । ବଳିକି ଇନ୍ଦ୍ରପଦ ଦେବେ ।।୪୫
ହୋଇବ ସେହୁ ସୁରେଶ୍ୱର । ଅମରପୁରେ ପୁରନ୍ଦର ।।୪୬
ତଦନ୍ତେ ଶୁଣ ହେ ରାଜନ । ନବମ ମନୁ ବିବରଣ ।।୪୭
ଏ ଅନ୍ତେ ବରୁଣ ନନ୍ଦନ । ଦକ୍ଷସାବର୍ଣ୍ଣି ଯେ ନବମ ।।୪୮
ପୁତ୍ର ଜନ୍ମିବେ ତାର ରେତୁ । ଯେ ଭୂତକେତୁ ଦୀପ୍ତକେତୁ ।।୪୯
ପାରା ମରୀଚିଗର୍ଭ ଆଦି । ଏ ନାମେ ଦେବତା ପ୍ରସିଦ୍ଧି ।।୫୦
ଦେବଅଦ୍‌ଭୁତ ନାମେ ଇନ୍ଦ୍ର । ଭୋଗ କରିବ ସ୍ୱର୍ଗପଦ ।।୫୧
ଋଷିଏ ଦ୍ୟୁତିମାନ ଆଦି । ହୋଇବେ ସେ ମନୁ ସମ୍ପାଦି ।।୫୨
ବିପ୍ର ଯେ ଆୟୁଷ୍ମାନ ଘରେ । ସେ ଅମ୍ବୁଧାର ଗର୍ଭରେ ।।୫୩
ଋଷଭ ନାମେ ଜାତ ହେବେ । ଇନ୍ଦ୍ରକୁ ସ୍ୱର୍ଗପଦ ଦେବେ ।।୫୪
ଦଶମେ ଉପଶ୍ଲୋକ ସୁତ । ବ୍ରହ୍ମସାବର୍ଣ୍ଣି ନାମେ ଖ୍ୟାତ ।।୫୫
ତାର କୁମରେ ବ୍ରହ୍ମବାଦୀ । ଜନ୍ମିବେ ଭୂରିଷେଣ ଆଦି ।।୫୬
ସୁକୃତି ସତ୍ୟ ହବିଷ୍ମାନ । ଜୟ ଆବର ମୂର୍ତ୍ତି ପୁଣ ।।୫୭
ଏ ଆଦି ଋଷିଏ ବ୍ରାହ୍ମଣ । ଏବେ ଦେବତା ନାମ ଶୁଣ ।।୫୮
ଦେବେ ବିରୁଦ୍ଧ ସୁବାସନ । ଇନ୍ଦ୍ରର ନାମ ଶମ୍ଭୁ ଜାଣ ।।୫୯
ବିଶ୍ୱସୃଜର ଘରେ ହରି । ବିଷୂଚି ଗର୍ଭେ ଅବତରି ।।୬୦
ବିଶ୍ୱକସେନ ନାମ ବହି । ପାଳିବେ ନିଜ ଧର୍ମେ ମହୀ ।।୬୧
ବିଶ୍ୱକେସନ ଶମ୍ଭୁ ସଙ୍ଗେ । ମିତ୍ର ହୋଇବେ ସତ୍ୟଯୁଗେ ।।୬୨
ଧର୍ମସାବର୍ଣ୍ଣି ମନୁ ହୋଇ । ପାଳିବେ ଏକାଦଶେ ମହୀ ।।୬୩
ସତ୍ୟ ଧର୍ମାଦି ସୁତ ଦଶ । ପାଳିବେ ମହୀ ସ୍ୱର୍ଗଦେଶ ।।୬୪
ନିର୍ବାଣରୁଚି ବିହଙ୍ଗମ । ଦେବଙ୍କ ନାମ କାଳଗମ ।।୬୫
ଇନ୍ଦ୍ର ହୋଇବେ ବଇଧୃତ । ଋଷି ଅରୁଣ ଆଦି ଖ୍ୟାତ ।।୬୬
ବୈଧୃତା ଗର୍ଭେ ଧର୍ମସେତୁ । ଜନମି ସେ ଆର୍ଯ୍ୟକ ରେତୁ ।।୬୭
ସେ ଇନ୍ଦ୍ର ଧର୍ମସେତୁ ବଳେ । ତ୍ରୈଲୋକ୍ୟ ପାଳିବ ନିଶ୍ଚଳେ ।।୬୮
ରୁଦ୍ରସାବର୍ଣ୍ଣି ଯେ ଦ୍ୱାଦଶେ । ଜନ୍ମିବେ ନାରାୟଣ ଅଂଶେ ।।୬୯
ଯେ ଦେବବାନ ଉପଦେବ । ଦେବଶ୍ରେଷ୍ଠ ଆଦି ସମ୍ଭବ ।।୭୦
ଇନ୍ଦ୍ର ହୋଇବେ ଋତଧାମ । ହରିତ ଆଦି ଦେବେ ଜାଣ ।।୭୧
ତପୋମୂର୍ତ୍ତି ଆର ତପସ୍ୱୀ । ଆଗ୍ନୀଧ୍ରକାଦି ସପ୍ତଋଷି ।।୭୨
ସ୍ୱଧାମା ନାମେ ଦେବ ହରି । ସୁନୃତା ଗର୍ଭେ ଅବତରି ।।୭୩
ସତ୍ୟସହ ଯେ ବିପ୍ର ଘରେ । ସାଧିବେ ଏହି ମନ୍ୱନ୍ତରେ ।।୭୪
ଦେବସାବର୍ଣ୍ଣି ତ୍ରୟୋଦଶେ । ହୋଇବେ ନାରାୟଣ ଅଂଶେ ।।୭୫
ବିଚିତ୍ର ଚିତ୍ରସେନ ଆଦି । ଦେବସାବର୍ଣ୍ଣି ପୁତ୍ର ସାଧି ।।୭୬
ସୁକର୍ମ ସୁତ୍ରାମ ଏ ଆଦି । ଦେବତା ରୂପେଣ ପ୍ରସିଦ୍ଧି ।।୭୭
ଇନ୍ଦ୍ର ଯେ ଦିବସ୍ପତି ନାମେ । ସୁଖେ ବସିବ ସ୍ୱର୍ଗଗ୍ରାମେ ।।୭୮
ନିର୍ମୋକ ତତ୍ତ୍ୱଦର୍ଶୀମାନେ । ହୋଇବେ ସପ୍ତଋଷିଗଣେ ।।୭୯
ହରିର ଅଂଶେ ଯୋଗେଶ୍ୱର । ଔରସେ ଦେବହୋତ୍ରଙ୍କର ।।୮୦
ବୃହତୀ ଗର୍ଭେ ଜାତ ହେବେ । ଇନ୍ଦ୍ରଙ୍କୁ ସାହାଯ୍ୟ କରିବେ ।।୮୧
ଇନ୍ଦ୍ର ସାବର୍ଣ୍ଣି ଚତୁର୍ଦ୍ଦଶେ । ହୋଇବେ ନାରାୟଣ ଅଂଶେ ।।୮୨
ଉରୁ ଗମ୍ଭୀରବୁଦ୍ଧି ଆର । ଜନ୍ମିବେ ତାହାର କୁମର ।।୮୩
ପବିତ୍ର ଚାକ୍ଷୁଷ ନାମରେ । ଦେବତା ସେହି ମନ୍ୱନ୍ତରେ ।।୮୪
ହୋଇବେ ଶୁଚି ନାମେ ଇନ୍ଦ୍ର । ସୁଖେ ପାଳିବେ ଦେବବୃନ୍ଦ ।।୮୫
ଅଗ୍ନିବାହୁ ଯେ ଶୁଚି ଶୁଦ୍ଧ । ମାଗଧ ଆଦି ଋଷି ସିଦ୍ଧ ।।୮୬
ଏ ସର୍ବେ ନିତ୍ୟେ ତପସ୍ୱୀନ । ହୋଇବେ ଏକଥା ପ୍ରମାଣ ।।୮୭
ବୃହଦଭାନୁ ଅବତାରେ । ବିଷ୍ଣୁ ଯେ ସତ୍ରାୟଣ ଘରେ ।।୮୮
ଜନ୍ମିବେ ବିତାନା ଉଦରେ । ଏବେ ହେ ଶୁଣ ନୃପବରେ ।।୮୯
ଚତୁରଦଶ ମନୁ ଯେତେ । ଭାବେ କହିଲି ତୋ ଅଗ୍ରତେ ।।୯୦
କଳ୍ପାନ୍ତେ ମନୁ ଚତୁର୍ଦ୍ଦଶ । ଏ ଭାବେ ବ୍ରହ୍ମାର ଦିବସ ।।୯୧
ସହସ୍ରଯୁଗ ଏହି ମତେ । କଳ୍ପ ବୋଲାଇ ଏ ଜଗତେ ।।୯୨
ଏମନ୍ତେ ବେନିକଳ୍ପ ଗଲେ । ବ୍ରହ୍ମାର ଅହୋରାତ୍ର ଭଲେ ।।୯୩

ଏମନ୍ତେ ଶୁକ ମୁଖୁଁ ଶୁଣି । କହେ ପାଣ୍ଡବ-ଚୂଡ଼ାମଣି ।।୯୪

ରାଜା ଉବାଚ

ଏ ଭାବେ ବ୍ରହ୍ମାର ଦିବସ । ଭାଷନ୍ତି ମନୁ ଚତୁର୍ଦ୍ଦଶ ।।୯୫

ଯେ ମନୁକାଳେ ଯେବା କର୍ମ । ଯୁଗ ସ୍ୱଭାବେ ଯଥା ଧର୍ମ ।।୯୬

ବିଷ୍ଣୁର ଆଜ୍ଞା ପରମାଣେ । ଯେବା ସାଧିଲେ ଜଣେ ଜଣେ ।।୯୭

ସେ କଥା କହ ମୁନି ମୋତେ । କେ ଅବା କର୍ମ କଲେ କେତେ ।।୯୮

ରାଜାର ତହୁଁ ଏହା ଶୁଣି । ଶୁକ କହନ୍ତି ମନେ ଗୁଣି ।।୯୯

ଶୁକ ଉବାଚ

ଯେ ମନୁ ମନୁର ତନୁଜେ । ଯେ ସପ୍ତଋଷି ସୃଷ୍ଟି-ମାଝେ ।।୧୦୦

ଯେତେ ଏ ଇନ୍ଦ୍ର ଦେବଗଣ । ଏ ସର୍ବରୂପ ନାରାୟଣ ।।୧୦୧

ତା ବିନୁ ଆନ ନାହିଁ କେହି । ସେ ସର୍ବ ଆତ୍ମା ମଧ୍ୟେ ରହି ।।୧୦୨

ଯଜ୍ଞାଦି କ୍ରିୟା ତା ଶରୀର । ସେ ହରି ଧର୍ମ-ନିରାକାର ।।୧୦୩

କଳ୍ପ ଅନ୍ତରେ କାଳବଳେ । ତ୍ରୈଲୋକ୍ୟ ମଜ୍ଜଇ ସଲିଳେ ।।୧୦୪

କାଳ ଗରାସେ ଶ୍ରୁତିପଥ । ତ୍ରୈଲୋକ୍ୟ ଦିଶଇ ଅନାଥ ।।୧୦୫

ଋଷି ସକଳେ ତପୋବଳେ । ଧର୍ମକୁ ଦେଖାନ୍ତି ଶୟଳେ ।।୧୦୬

ଧର୍ମ ପାଳନ୍ତି ମନୁଗଣେ । ଶ୍ରୁତି-ସଂଯୋଗ-ବିଚାରଣେ ।।୧୦୭

ଇନ୍ଦ୍ର ପାଳଇ ତ୍ରିଭୁବନ । ଆଦରି ବିଷ୍ଣୁର ବଚନ ।।୧୦୮

ସେ ହରି ସିଦ୍ଧରୂପ ବହେ । ଯୁଗାନୁକଳ୍ପେ ଜ୍ଞାନ କହେ ।।୧୦୯

ସେ ହରି ପ୍ରଜାପତି ରୂପେ । ସଂସାର-ସର୍ଜନକୁ କଳ୍ପେ ।।୧୧୦

ଆତ୍ମାର ମାୟାଯୋଗ ବଳେ । ନାନା ଶରୀରେ ଏ ଶୟଳେ ।।୧୧୧

ବିହାର କରେ ପଦ୍ମନାଭ । ଯା ନାମ ଭବଜଳେ ନାବ ।।୧୧୨

ଦୃଶ୍ୟ-ଅଦୃଶ୍ୟେ ସେ ନ ମିଶେ । କେବଳ ବୀଜ ରୂପେ ଦିଶେ ।।୧୧୩

କହିଲୁ କଳ୍ପସଂଖ୍ୟା ତୋତେ । ଯେ କଳ୍ପେ ଭୁଞ୍ଜନ୍ତି ସେ ଯେତେ ।।୧୧୪

ଯେ ଏହା ଶୁଣେ କର୍ଣ୍ଣପଥେ । ନିଶ୍ଚଳ ମନେ ଶୁଦ୍ଧଚିତ୍ତେ ।।୧୧୫

ଚିତ୍ତେ ନ ରହେ ଭବଭ୍ରାନ୍ତି । ଘୋର-ସଂସାରୁ ତରିଯାନ୍ତି ।।୧୧୬

ବୋଲଇ ଦାସ ଜଗନ୍ନାଥ । ଭାଷା-ପ୍ରବନ୍ଧେ ଭାଗବତ ।।୧୧୭

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ମନ୍ୱନ୍ତରାନୁବର୍ଣ୍ଣନଂ ନାମ ତ୍ରୟୋଦଶୋଽଧ୍ୟାୟଃ ।।

ଚଦୁର୍ଦ୍ଦଶ ଅଧ୍ୟାୟ

ଶୁକ ଚରଣ କରେ ଧରି । ବୋଲେ ପରୀକ୍ଷ ଦଣ୍ଡଧାରୀ ।।୧

ପରୀକ୍ଷିତ ଉବାଚ

ଭୋ ମୁନି ତୁମ୍ଭ ମୁଖୁଁ ଶୁଣି । ଦୁର୍ଗମ ଅସମ୍ଭବ ବାଣୀ ।।୨

ସଂଶୟ କଲି ମୁହିଁ ଚିତ୍ତେ । ସେ କଥା କହ ମୁନି ମୋତେ ।।୩

ବଳିର ଯଜ୍ଞ ଭଗ୍ନ ଅର୍ଥେ । ବାମନ ଜନ୍ମିଲେ କେମନ୍ତେ ।।୪

କାହାର ତପକର୍ମ ବଳେ । ଜନ୍ମ ଲଭିଲେ କାହା କୋଳେ ।।୫

ଧରଣୀ ତିନିପାଦ ଦାନେ । ବଳିକି ଛଳିଲେ ବାମନେ ।।୬

ସେ ପୂର୍ଣ୍ଣ-ସ୍ୱଭାବେ ଈଶ୍ୱର । ଅଶେଷ ଦ୍ରବ୍ୟେ ଅଧିକାର ।।୭

କୃପଣ ପ୍ରାୟେ ତାକୁ ଧରି । କିମ୍ପା ବାନ୍ଧିଲେ ନରହରି ।।୮

ଏମନ୍ତେ ରାଜା-ବାକ୍ୟ ଶୁଣି । ଶୁକ କହନ୍ତି ମଞ୍ଜୁବାଣୀ ।।୯

ଶୁକ ଉବାଚ

ଶୁଣ ହେ ଅଭିମନ୍ୟୁସୁତ । ଅଦ୍‌ଭୁତ କୃଷ୍ଣର ଚରିତ ।।୧୦

ଯେମନ୍ତେ ବିପ୍ର ରୂପେ ଛଳେ । ବଳିକି ଚାପିଲେ ପାତାଳେ ।।୧୧

ପୂର୍ବେ ଯେ ଦେବାସୁର ରଣେ । ଯୁଦ୍ଧେ ଜିଣିଲେ ଦେବଗଣେ ।।୧୨

ବଳି ସହିତେ ମରିଗଲେ । ଶେଷେ ଦାନବ ଯେତେ ଥିଲେ ।।୧୩

ବଳିର ମୃତ୍ୟୁପିଣ୍ଡ ନେଇ । ପଶ୍ଚିମ-ଗିରିପୃଷ୍ଠେ ଥୋଇ ।।୧୪

ଶୁକ୍ରଙ୍କୁ ଆଣି ଗଉରବେ । ବିଶ୍ୱାସ କହିଲେ ଦାନବେ ।।୧୫

ଅସୁରଙ୍କର ଭାବ ଘେନି । ଶୁକ୍ର ଯେ ମୃତସଞ୍ଜୀବନୀ ।।୧୬

ମନ୍ତ୍ରେ ଜିଆଇଲେ ତକ୍ଷଣେ । ଯେ ଅବା ମରିଥିଲେ ରଣେ ।।୧୭

ସକଳେ ଉଠିଲେ ତକ୍ଷଣେ । ନମିଲେ ଶୁକ୍ରଙ୍କ ଚରଣେ ।।୧୮

ବୋଇଲେ ଶୁକ୍ରମୁଖ ଚାହିଁ । ଅନାଥ ହୋଇଲୁ ଗୋସାଇଁ ।।୧୯
ଦେବେ ଯେ ଅମୃତ-ଭକ୍ଷଣେ । ଅମର ହୋଇ ଘୋରରଣେ ।।୨୦
ଆମ୍ଭଙ୍କୁ ମାରିଗଲେ ସର୍ବେ । ତୁମ୍ଭେ ଜୀବନ ଦେଲ ଏବେ ।।୨୧
ତୁମ୍ଭେ ଯେ ଆମ୍ଭର ସହାୟ । ଏବେ ହୋ କି କରିବୁ କହ ।।୨୨
ଏମନ୍ତେ ଅସୁରଙ୍କ ବାକ୍ୟେ । ଶୁକ୍ର ଚିନ୍ତିଲେ ବସି ଏକେ ।।୨୩
ବିଚାର କରି ଶୁଦ୍ଧଚିତ୍ତେ । କହନ୍ତି ବଳିର ଅଗ୍ରତେ ।।୨୪
ତୁ ମହାଯଜ୍ଞ ବେଗେ କର । ଯେମନ୍ତେ ଜିଣିବୁ ଅମର ।।୨୫
ଏମନ୍ତେ ଗୁରୁବାକ୍ୟ ଶୁଣି । ବଳି ଯଜ୍ଞର ବିଧି ଆଣି ।।୨୬
ଋତ୍ୱିଜ ଆଣି ଜଣେ ଜଣେ । ବରିଲା ଯଜ୍ଞର କାରଣେ ।।୨୭
ତ୍ରିପୁର ଜୟ ନାମ କ୍ରତୁ । କଲା ଅମର ଜୟ ହେତୁ ।।୨୮
ବ୍ରାହ୍ମଣେ ମିଳି ବେଦବାକ୍ୟେ । ମାର୍ଜନ କଲେ ଏକେ ଏକେ ।।୨୯
ତ୍ରିଲୋକ ମଧ୍ୟେ ରାଜା ଏକ । ଏ ଭାବେ କଲେ ଅଭିଷେକ ।।୩୦
ସୁବର୍ଣ୍ଣ ରଥ ମନ୍ତ୍ରତେଜେ । ବାହାର ହେଲା ଅଗ୍ନି ମାଝେ ।।୩୧
ହରିତବର୍ଣ୍ଣ ଅଶ୍ୱଜ୍ୟୋତି । ଯେସନେ ରବିରଥ-ଗତି ।।୩୨
ଗଗନ ମାର୍ଗେ ରଥ ସାଜେ । ସୁବର୍ଣ୍ଣ-ସିଂହ ଥାଇ ଧ୍ୱଜେ ।।୩୩
ହେମ ନିର୍ମିତ ଧନୁ ତୂଣେ । ଅଭେଦ କବଚ ଭୂଷଣେ ।।୩୪
ଅମ୍ଳାନ-ପଦ୍ମମାଳା ପୁଣି । ଗଳେ ପ୍ରହ୍ଲାଦ ଦେଲା ଆଣି ।।୩୫
ଭୃଗୁ ଯେ ଶଙ୍ଖ ଦେଲେ କରେ । ଯେ ନାଦେ ତ୍ରିଭୁବନ ପୂରେ ।।୩୬
ବିପ୍ରେ ଆଶିଷ ମନ୍ତ୍ରବଳେ । ସ୍ୱସ୍ତିବାଚନ ସୁମଙ୍ଗଳେ ।।୩୭
ବିପ୍ରଙ୍କୁ ପ୍ରଦକ୍ଷିଣ କରି । ରୋମାଞ୍ଚ-ଗାତ୍ରେ ମୋଦଭରି ।।୩୮
ପ୍ରହ୍ଲାଦ ପାଦେ ପ୍ରଣମିତ । ବଳି ଆରୋହି ଦିବ୍ୟରଥ ।।୩୯
ମାଳା କବଚ କଳେବରେ । ଧନୁ ଖଡ଼୍‌ଗ ଶୋହେ କରେ ।।୪୦
ରତ୍ନ-କେୟୂର ବାହୁମୂଳେ । ବିରାଜେ ମୁକୁଟ କୁଣ୍ଡଳେ ।।୪୧
ସେ ବଳି ରଥ ମଧ୍ୟେ ବସି । ଅନଳ ତେଜ ପ୍ରାୟ ଦିଶି ।।୪୨
ଅଷ୍ଟ ଐଶ୍ୱର୍ଯ୍ୟ ବଳ ତେଜେ । ଅସୁରବଳ ମଧ୍ୟେ ରାଜେ ।।୪୩
ଏମନ୍ତ ଦୈତ୍ୟବଳ ଘେନି । ଚଳନ୍ତେ କମ୍ପଇ ମେଦିନୀ ।।୪୪
ସକଳେ ହୋଇ ଏକମନ । ଦିଶେ କି ପିଇବେ ଗଗନ ।।୪୫
ଅସୁରସେନା ରଥେ ବସି । ଧାଇଁଲେ ଗଗନ ଗରାସି ।।୪୬
ଚଳନ୍ତେ କମ୍ପେ ଦଶଦିଶ । କେ ସହୁ ଅସୁରଙ୍କ ତ୍ରାସ ।।୪୭
ମିଳିଲେ ଇନ୍ଦ୍ରର ଭୁବନେ । ସକଳେ ବିଧିର ବିଧାନେ ।।୪୮
ନନ୍ଦନବନେ ପନ୍ତିପନ୍ତି । କଳ୍ପ-ପାଦପେ ବିରାଜନ୍ତି ।।୪୯
ବିହଙ୍ଗ-ମିଥୁନେ ନାଚନ୍ତି । ମତ୍ତକୋକିଳେ ରାବ ଦ୍ୟନ୍ତି ।।୫୦
ହଂସ ସାରସ ଚକ୍ରବାକ । କାରଣ୍ଡବ ଆଦି ଡାହୁକ ।।୫୧
ପଲ୍ଲବ-ଫଳ-ପୁଷ୍ପଭରେ । ପାଦପେ ଲୋଟନ୍ତି ଭୂମିରେ ।।୫୨
ନଳିନୀବନ ମନୋହର । ସୁରକାମିନୀ କ୍ରୀଡ଼ାଘର ।।୫୩
ସୁସଞ୍ଚ ପରିଖା ଯେସନ । ଆକାଶ ଗଙ୍ଗାରେ ଭୂଷଣ ।।୫୪
ପାଚେରୀ ଦିଶେ ଅଗ୍ନିବର୍ଣ୍ଣ । ଅଟ୍ଟାଳୀ ଭେଦିଛି ଗଗନ ।।୫୫
ଦ୍ୱାରେ କବାଟ ହେମମୟେ । ଦେଖନ୍ତା ପ୍ରାଣୀ ମନ ମୋହେ ।।୫୬
ସ୍ଫଟିକମୟ ପୁରଦ୍ୱାର । ଯେହ୍ନେ ବିରାଜେ ନିଶାକର ।।୫୭
କେ କହୁ ରୂପରାଶି ସୀମା । ଯାହା ଗଢ଼ିଲା ବିଶ୍ୱକର୍ମା ।।୫୮
ସଭା ଚତ୍ୱର ପଥ ଶୋହେ । ତପସ୍ୱୀଜନ ମନ ମୋହେ ।।୫୯
ଅପୂର୍ବ-ବିମାନ ସମୂହେ । ମଣି ନିର୍ମିତ ଝରା ଶୋହେ ।।୬୦
ପ୍ରବାଳ-ବେଦିକା ବିରାଜେ । ମଣି ଶୋଭିତ ମହାତେଜେ ।।୬୧
ଦିବ୍ୟ କାମିନୀଗଣ ଯହିଁ । ନବବୟସୀ ରୂପ ବହି ।।୬୨
ଶ୍ୟାମ-ବିରଜ-ବସ୍ତ୍ର-ଯୁତ । ଯହିଁ ଚଳନ୍ତି ଯୂଥ ଯୂଥ ।।୬୩
ଶୋଭା ଦିଶନ୍ତି ନାନାବର୍ଣ୍ଣେ । ପ୍ରଦୀପ-ଶିଖା-ଅଗ୍ନି ଯେହ୍ନେ ।।୬୪
କବରୀବନ୍ଧେ ଭୃଙ୍ଗମାଳା । ଅମର-ପ୍ରସୂନ ମେଖଳା ।।୬୫
ନାନାସୁଗନ୍ଧ ଲେପ ଦେହେ । ପ୍ରମୋଦ ମୋଦବାୟୁ ବହେ ।।୬୬
ସୁବର୍ଣ୍ଣକାନ୍ତେ ଜଳାରନ୍ଧ୍ରେ । ମୋହେ ଅଗୁରୁ ଧୂପ ଗନ୍ଧେ ।।୬୭
ମାର୍ଗେ ସୁଗନ୍ଧ ଧୂପ ଧୂଆଁ । ମଧ୍ୟେ ଚଳନ୍ତି ସୁରପ୍ରିୟା ।।୬୮

ପାଣ୍ଡୁର ଦିଶେ ପନ୍ତିପନ୍ତି । ଧୂମମଣ୍ଡଳ ସଞ୍ଚରନ୍ତି ।।୬୯
ମଣ୍ଡିମଣ୍ଡିତ ହେମକାନ୍ତେ । ଛାୟା ଦିଶନ୍ତି ମାର୍ଗେ ଯାନ୍ତେ ।।୭୦
ଜଗତୀ ଅଟ୍ଟାଳୀ ସୁସଞ୍ଚେ । ପତାକା ଶୋହେ ଅତି ଉଚ୍ଚେ ।।୭୧
ମୟୂର ପାରାବତ ନାଦେ । ସଙ୍ଗୀତ ମଙ୍ଗଳ ଶବଦେ ।।୭୨
ମୃଦଙ୍ଗ ଶଙ୍ଖ ଭେରୀ ନାଦ । ତାଳ ମୁରଲୀ ବୀଣାବାଦ୍ୟ ।।୭୩
ତାଣ୍ଡବେ ନାନା ବାଦ୍ୟ ଶୋହେ । ଗୀତ-ପ୍ରବନ୍ଧେ ମନମୋହେ ।।୭୪
ଯେ ପୁର ଭୋଗେ ତପଦାହି । ପାପିଷ୍ଟେ ନ ପାରନ୍ତି ଯାଇ ।।୭୫
ଭୂତ-ସନ୍ତାପୀ ଖଳ ଜନେ । ସୁଜନେ ପୀଡ଼ନ୍ତି ଅଜ୍ଞାନେ ।।୭୬
ଶଠ ହୃଦୟ କାମୀ ଲୋଭୀ । ଯେ ଚିତ୍ତେ ପରହିଂସା ଭାବି ।।୭୭
ସେ କାହିଁ ଯିବେ ସେ ଭୁବନେ । ଯାହା ଚିନ୍ତନ୍ତି ଯୋଗୀଜନେ ।।୭୮
ଏମନ୍ତ ପୁରେ ରାତ୍ରକାଳେ । ବଳି ମିଳିଲା ବାହୁବଳେ ।।୭୯
ବେଗେ ରୁନ୍ଧିଲା ଅଷ୍ଟଦିଗ । କେ ସହୁ ଅସୁରଙ୍କ ବେଗ ।।୮୦
ଭୂମି-ଗଗନ-ଅନ୍ତରାଳେ । ବାକ୍ୟ ନ ଶୁଭଇ ଚହଳେ ।।୮୧
ଶୁକ୍ରର ଶଙ୍ଖ କରେ ଘେନି । ବଳି କରଇ ଘୋର ଧ୍ୱନି ।।୮୨
ଶବଦେ ଭୁବନ କମ୍ପିଲା । ସେ ରବେ ଇନ୍ଦ୍ର ଭୟ କଲା ।।୮୩
ବଳି-ଉଦ୍ୟମ ଇନ୍ଦ୍ର ଶୁଣି । ସଭୟ ଚିତ୍ତେ ମନେ ଗୁଣି ।।୮୪
ବିଚାର କଲା ଗୁରୁମେଳେ । କେମନ୍ତେ ରହିବି ନିଶ୍ଚଳେ ।।୮୫
ଅସୁରେ ଅମୃତ ନ ପାଇ । ସମରେ ମଲେ ରୋଷ ବହି ।।୮୬
ଶୁକ୍ରର ମୃତ୍ୟୁସଞ୍ଜୀବନେ । ପ୍ରାଣ ପାଇଲେ ଯାତୁଧାନେ ।।୮୭
କିବା ଉଦ୍ୟମ ପରିମାଣି । ଅଇଲେ ଆମ୍ଭେ ତ ନ ଜାଣି ।।୮୮
ଭୋ ଗୁରୁ ନମୁଁ ତୋର ପାୟେ । ସ୍ୱର୍ଗେ କେମନ୍ତେ ଥିବୁ ଭୟେ ।।୮୯
କହ କି କରିବୁ ଉପାୟେ । ଯାବତ ରଜନୀ ନ ପାହେ ।।୯୦
ଦେଖ ଏହାର ତେଜରାଶି । ଅଗ୍ନିର ଶିଖାପ୍ରାୟ ଦିଶି ।।୯୧
ମୁଖେ କି ଆକାଶ ପିଇବ । ତ୍ରିଦଶେ ଜିହ୍ୱାରେ ଲେହିବ ।।୯୨
ଇନ୍ଦ୍ରର ବାକ୍ୟେ ବୃହସ୍ପତି । ଇନ୍ଦ୍ରକୁଶଳ ମନେ ଚିନ୍ତି ।।୯୩
ବୋଲନ୍ତି ଶୁଣ ସୁରପତି । ତୁ ବେଗେ ଛାଡ଼ ବାରସ୍ପତି ।।୯୪
ଶୁକ୍ର ଯେ ଅସୁରଙ୍କୁ ତାରି । ଚିତ୍ତେ ପ୍ରତିଜ୍ଞା ଅଛି କରି ।।୯୫
ସଙ୍କଳ୍ପ କରି ପୁରୋହିତେ । ଯଜ୍ଞ-କଳ୍ପିଲା ଇନ୍ଦ୍ର-ଜିତେ ।।୯୬
ତାହାର ମନ୍ତ୍ରବଳ-ତେଜେ । ତୁ କାହିଁ ଥିବୁ ଦେବରାଜ୍ୟେ ।।୯୭
ଜୀବନେ ଯେବେ ଅଛି କାର୍ଯ୍ୟ । ବେଗେ ଅମରାବତୀ ତେଜ ।।୯୮
ମୁଁ ଏହା ଜାଣେ ଯୋଗଧ୍ୟାନେ । ବଳି ଯେ ଶୁକ୍ରର ବଚନେ ।।୯୯
ଘୋରସମରେ ତୋତେ ଜିଣି । ତିନିଭୁବନେ ବୀରମଣି ।।୧୦୦
ରାଜା ହୋଇବ ଯଜ୍ଞବଳେ । ତୁ ଏବେ ରହ ଯା ନିରୋଳେ ।।୧୦୧
ହରିଙ୍କି ପଶ ଯା ଶରଣ । ତୋତେ ରଖିବେ ନାରାୟଣ ।।୧୦୨
କାଳର ବଶେ ବଞ୍ଚ ଏବେ । ଚିନ୍ତି ଶ୍ରୀହରିପାଦ ଭାବେ ।।୧୦୩
ଯାବତ ବଳି ତେଜ ନାଶେ । ତାବତ ରହ ବନବାସେ ।।୧୦୪
ଦୁର୍ଗମେ କାମରୂପେ ଚର । ଯହିଁ ପର୍ବତ ବନଘୋର ।।୧୦୫
ଏମନ୍ତ ଗୁରୁବାକ୍ୟ ଶୁଣି । ଅମୃତ ପ୍ରାୟ ଚିତ୍ତେ ମଣି ।।୧୦୬
ମିଳି ସକଳ ଦେବଗଣେ । ଭୟେ ପଶିଲେ ଘୋରବନେ ।।୧୦୭
ଏମନ୍ତେ ରଜନୀ ପ୍ରଭାତେ । ବଳି ଅସୁରଙ୍କ ସମେତେ ।।୧୦୮
ବସିଲା ଇନ୍ଦ୍ରର ଆସନେ । ଭୃଗୁବଚନେ ତୋଷମନେ ।।୧୦୯
ଇନ୍ଦ୍ରଆସନେ ବସି ତୋଷେ । ତ୍ରିଲୋକ କଲା ଆତ୍ମବଶେ ।।୧୧୦
ଶତାଶ୍ୱମେଧ ଯାଗ ଫଳେ । ସଂସାରେ ଯଶ ଲଭେ ହେଳେ ।।୧୧୧
ସୁଜନେ ଏଣେ କର ମତି । ତରିବ ବିଷୟ ଦୁର୍ଗତି ।।୧୧୨
ମନ ନିବେଶ ହରିପାଦେ । ମାୟା ତରିବ ଅପ୍ରମାଦେ ।।୧୧୩
ମନବଚନେ ଭାବ ଏବେ । ତରିବ ବିଷ୍ଣୁମାୟା ଯେବେ ।।୧୧୪
ବୋଲଇ ଦାସ ଜଗନ୍ନାଥ । ଭାଷା ପ୍ରବନ୍ଧେ ଭାଗବତ ।।୧୧୫

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ବଳିରାଜା ସ୍ୱର୍ଗବିଜୟେ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ।।

ପଞ୍ଚଦଶ ଅଧ୍ୟାୟ

କହନ୍ତି ବ୍ୟାସଙ୍କର ସୁତ । ଶୁଣ ସୁମନେ ପରୀକ୍ଷିତ ।।୧

ଶୁକ ଉବାଚ

ଏମନ୍ତେ ପୁତ୍ରଙ୍କର ରିଷ୍ଟ । ସେ ଦେବମାତା ମନେ କଷ୍ଟ ।।୨
ଇନ୍ଦ୍ରର ଇନ୍ଦ୍ରପଣ ଗଲା । ଗିରି-ଦୁର୍ଗମେ ଆଶ୍ରେ କଲା ।।୩
ଦେବେ ଲୁଚିଲେ ଘୋରବନେ । ଶୁଣି ଅଦିତି ଦୁଃଖ ମନେ ।।୪
ରାତ୍ର-ଦିବସ ନ ଜାଣଇ । ନିରତେ ଥାଏ ଗୃହେ ଶୋଇ ।।୫
ତାର ଭୁବନେ ଏକବେଳେ । କଶ୍ୟପ ଋଷି ବିଜେ କଲେ ।।୬
ଅଦିତି ଶୟନ ସମୀପେ । କଶ୍ୟପ ବସି ମନସ୍ତାପେ ।।୭
ଦେଖିଲେ ଅଦିତିଭୁବନ । ଅଷ୍ଟସମ୍ପଦ ଅତିହୀନ ।।୮
ଉତ୍ସବ ଆନନ୍ଦ ନ ଦିଶେ । ଆଦିତ୍ୟ ଯେହ୍ନେ ଧୂମତ୍ରାସେ ।।୯
ଶୟନ ସେ କୁଶ ଆସନେ । ଚାହିଁଲେ ଅଦିତି ବଦନେ ।।୧୦
ଦେଖିଲେ ମୁଖେ ସୁଖ ନାହିଁ । ଶୋକଆକୁଳେ କମ୍ପେ ଦେହି ।।୧୧
ଶୋକ-କଲୁଷ ଦେଖି ମନ । ବୋଲନ୍ତି ମରୀଚିନନ୍ଦନ ।।୧୨
ଶୁଣ ସୁନ୍ଦରୀ ଶୁଦ୍ଧଚିତ୍ତେ । କହଇ ତୋହର ଅଗ୍ରତେ ।।୧୩
ବ୍ରହ୍ମା ସଞ୍ଚିତ ସୃଷ୍ଟିମଧେ । ବ୍ରାହ୍ମଣେ ବସନ୍ତି ଆନନ୍ଦେ ।।୧୪
ତାହାଙ୍କ ଗୃହେ ଦୁଃଖ ନାହିଁ । ଏବେ ବିପରୀତ ଦେଖଇ ।।୧୫
ଧନସମ୍ପଦ ସୁଖ ନୋହେ । ଶୁଣ ନିଗମ ଯାହା କହେ ।।୧୬
ଅଶେଷ ବିଷ୍ଣୁର ଜଗତ । କର୍ମର ବଳେ ଆତଯାତ ।।୧୭
ଶୁଭ-ଅଶୁଭ ଭାବବଳେ । କାଳ କ୍ରୀଡ଼ଇ ଅନ୍ତରାଳେ ।।୧୮
କାଳର ବଶ ଏ ସଂସାର । କେ ଭୃତ୍ୟ କେ ଅବା ଈଶ୍ୱର ।।୧୯
ଭୋଗ ସମ୍ପଦ ଅର୍ଥ ଗୃହେ । ପ୍ରାଣୀ ସାଧନ୍ତି ଅତି ମୋହେ ।।୨୦
ଏ ଭାବେ ସଂସାର ରଚିତ । କିବା ହୋଇଲା ଆଚମ୍ବିତ ।।୨୧
ବିପ୍ର ଅତିଥି କିବା ଘରେ । କୁଟୁମ୍ବ ଭରଣ ବେଭାରେ ।।୨୨
ପୂଜା ନ ପାଇ ଏ ଭୁବନେ । କି ଅବା ଗଲେ ଦୁଃଖମନେ ।।୨୩
ଯା ପୁରୁ ଅତିଥି ବାହୁଡ଼େ । ସେ ପ୍ରାଣୀ ପ୍ରେତ ମୁଖେ ପଡ଼େ ।।୨୪
ତାର ସଞ୍ଚିଲା ପୁଣ୍ୟ ଯେତେ । ଗମନ୍ତି ଅତିଥି ସଙ୍ଗତେ ।।୨୫
ଅଗ୍ନିରେ ଯଥାକାଳେ ହବି । ନ ଦେଇ ହୁଅ ପରାଭବୀ ।।୨୬
ମୋର ପ୍ରବାସେ ତୋର ଚିତ୍ତ । କିବା ହୋଇଲା ମୋହଗତ ।।୨୭
ଅଗ୍ନି-ପୂଜନେ ଶୁଦ୍ଧମନେ । ସେ କାମଧେନୁ ଯଜମାନେ ।।୨୮
ସମ୍ପଦ ବିପ୍ରଜନେ ଦ୍ୟନ୍ତି । ଦେବେ ଯେ କଲ୍ୟାଣ ବାଞ୍ଛନ୍ତି ।।୨୯
ବିପ୍ର ଅଗ୍ନିକି ନ ପୂଜିଲେ । କଲ୍ୟାଣ ଲଭେ କାହିଁ ଭଲେ ।।୩୦
ହରିଙ୍କି କାହିଁ ସେ ପାଇବ । ଯାକୁ ନ ପାନ୍ତି ବ୍ରହ୍ମାଶିବ ।।୩୧
ଉଭୟ ଲୋକେ ନାହିଁ ସୁଖି । ସର୍ବଦା ଲଭନ୍ତି ବିମୁଖି ।।୩୨
ତୋର ତନୁଜ ଦେବତାଏ । ସ୍ୱର୍ଗେ ଅଛନ୍ତି ନା ନିର୍ଭୟେ ।।୩୩
ଇନ୍ଦ୍ରର କୁଶଳ ନ ଦେଖି । କିବା ହୋଇଛୁ ମନେ ଦୁଃଖୀ ।।୩୪
ଏମନ୍ତ ସ୍ୱାମୀବାକ୍ୟ ଶୁଣି । କହଇ ଦକ୍ଷର ଦୁଲଣୀ ।।୩୫

ଅଦିତି ଉବାଚ

ଗୋରୁ-ବ୍ରାହ୍ମଣ-ସୃଷ୍ଟିଲୋକେ । ଏ ସର୍ବେ ଛନ୍ତି ନାନାସୁଖେ ।।୩୬
ଧର୍ମ ହିଁ ଅଛି ମୋର ପୁରେ । ଆଗମ ନିଗମ ବେଭାରେ ।।୩୭
ତ୍ରିବର୍ଗ ମୋହର ଭୁବନେ । କେବେହେଁ ନ ତୁଟଇ ଦିନେ ।।୩୮
ଅଗ୍ନି-ଅତିଥି ମୋର ଗୃହେ । ନିରାଶ ନୁହଁନ୍ତି କେବେହେଁ ।।୩୯
ସକଳ ଶୁଭ ତୁମ୍ଭ ବଳେ । ଯେ ଯାହା କର୍ମର କୁଶଳେ ।।୪୦
ତୁମ୍ଭେ କହିଲ ଯେତେ ଧର୍ମ । ଗୃହସ୍ଥ ସ୍ୱଭାବେ ଯେ କର୍ମ ।।୪୧
ସର୍ବସମ୍ପଦେ ମୋର ଚିତ୍ତ । କେବେହେଁ ନୁହଁଇ ମୋହିତ ।।୪୨
ତୁମ୍ଭେ ଯେ ଦେବଙ୍କ କୁଶଳେ । ନିରତେ ଭଜ ଯୋଗବଳେ ।।୪୩
ଏ ସୃଷ୍ଟିମଧେ ଯେତେ ଜନ । ସକଳେ ତ୍ରିଗୁଣେ ବନ୍ଧନ ।।୪୪
ଅର୍ଜିଲା କର୍ମର ଆୟତ୍ତେ । ଜନ୍ତୁ ସଞ୍ଚରନ୍ତି ଜଗତେ ।।୪୫
ତଥାପି ଭକ୍ତକୁ ଭଜନ୍ତି । ବ୍ରହ୍ମା ଶଙ୍କର ଲକ୍ଷ୍ମୀପତି ।।୪୬
ଶୁଣ ହେ ସ୍ୱାମୀ ବ୍ରହ୍ମାସୁତ । ତୁମ୍ଭ ପ୍ରସାଦେ ମୋର ଚିତ୍ତ ।।୪୭

ଦୁର୍ଲ୍ଲଭ ଚତୁର୍ବର୍ଗ ନୋହେ । ସେବକୀ ପଣେ ତୁମ୍ଭ ଗୃହେ ।।୪୮
ତୁମ୍ଭର ଚିତ୍ତ ପ୍ରଜାହିତେ । ଯେ ଧର୍ମ କହ ମୋ ଅଗ୍ରତେ ।।୪୯
ତୁମ୍ଭର ପୁତ୍ର ଦୁଇମତେ । ଦେବ-ଅସୁର ଏ ଜଗତେ ।।୫୦
ଏହାଙ୍କ ଭଲ ତୁମ୍ଭେ ଇଚ୍ଛ । ଏହା ମୁଁ ଦେଖଇ ପ୍ରତ୍ୟକ୍ଷ ।।୫୧
ମୋ ପୁତ୍ରେ ସତ୍ତ୍ୱଗୁଣେ ଥାନ୍ତି । ଅସୁରେ ରଜ-ତମ ଚିନ୍ତି ।।୫୨
ପୀଡ଼ା କରନ୍ତି ସାଧୁଜନେ । ଧର୍ମ ରଖନ୍ତି ମୋ ନନ୍ଦନେ ।।୫୩
ମୋ ସୁତେ ଅସୁରଙ୍କ ଡରେ । ଲୁଚିଲେ ବନ-ଗିରି ଘୋରେ ।।୫୪
ଇନ୍ଦ୍ରକୁ ନ ଦେଖି ମୋ ମନ । ନିରତେ ହୁଏ ଛନଛନ ।।୫୫
କହ କି କରିବି ଉପାୟେ । କେମନ୍ତେ ଇନ୍ଦ୍ର ସ୍ୱର୍ଗେ ରହେ ।।୫୬
ମୋର ସପତ୍ନୀପୁତ୍ର ବଳେ । ବିଚାର କରି ଗୁରୁମେଳେ ।।୫୭
ଶୁକ୍ରର ମନ୍ତ୍ରବଳ-ତେଜେ । ବଳି ବସିଲା ସ୍ୱର୍ଗରାଜ୍ୟେ ।।୫୮
ମିଳିଲେ ଅନେକ ଦାନବ । ହରିଲେ ଇନ୍ଦ୍ରର ବିଭବ ।।୫୯
ସେ ଏବେ ହୋଇ ସ୍ଥାନଭ୍ରଷ୍ଟ । ଅନେକ ପାଉଅଛି କଷ୍ଟ ।।୬୦
ମୋ ତହୁଁ ଦୁଃଖୀ କେ ଶୟଳେ । କହିଲି ତୁମ୍ଭ ପାଦତଳେ ।।୬୧
ତୋର କୃମରେ ଭଲେ ଥିବେ । ମୋ ପୁତ୍ରେ ସ୍ୱସ୍ଥାନେ ରହିବେ ।।୬୨
ଏମନ୍ତ ଆଜ୍ଞା ମୋତେ କର । ତୁମ୍ଭେ ତ ବୁଦ୍ଧିରେ ଈଶ୍ୱର ।।୬୩
ଏମନ୍ତ ଅଦିତି ବଚନେ । କଶ୍ୟପ ବିଚାରନ୍ତି ମନେ ।।୬୪
ଦେଖ ଏ ବିଷ୍ଣୁମାୟା ବଳେ । ଜୀବର ବନ୍ଧନ ଶୟଳେ ।।୬୫
ପଞ୍ଚଭୌତିକ ଏ ଶରୀର । ଆତ୍ମା ନିର୍ଲେପ ନିରାକାର ।।୬୬
ଶରୀର ପତ୍ନୀ ପୁତ୍ର ଆଦି । ଏ ବିଷ୍ଣୁ ମାୟାରେ ସମ୍ପାଦି ।।୬୭
କେ ଏହା ଅନ୍ୟଥା କରିବ । ବ୍ରହ୍ମା ଶଙ୍କର ବାସୁଦେବ ।।୬୮
ପତ୍ନୀର ବଚନ ପ୍ରଶଂସି । କହନ୍ତି ପ୍ରଜାପତି ହସି ।।୬୯
ତୁ ଏବେ ମୋର ବୋଲ କର । ହରି ଚରଣ ମନେ ଧର ।।୭୦
ସେ ହରି ତୋର ମନଦୁଃଖ । ନିବାରି ଦେବେ ସ୍ୱର୍ଗସୁଖ ।।୭୧
ଆରତ ଜନ-ବନ୍ଧୁ ହରି । ସେ ପାରେ ଆରତ ନିବାରି ।।୭୨
ଯାର ଚରଣ ଆଶ୍ରେ କଲେ । ସଙ୍କଟୁ ତରେ ପ୍ରାଣୀ ଭଲେ ।।୭୩
ତାର ଚରଣେ ସେବା କର । ନିର୍ଭୟେ ମନଦୁଃଖୁଁ ତର ।।୭୪
କଶ୍ୟପ ମୁଖୁଁ ଏହା ଶୁଣି । ଅଦିତି କହେ ଯୋଡ଼ି ପାଣି ।।୭୫

ଅଦିତି ଉବାଚ

ଭୋ ନାଥ କହ ବୁଦ୍ଧି ମୋତେ । ହରିଙ୍କି ସେବିବି କେମନ୍ତେ ।।୭୬
ଯେମନ୍ତେ ମୋର ମନୋରଥ । ସଫଳ କରେ ଜଗନ୍ନାଥ ।।୭୭
ପୁତ୍ର ବସିଣ ଇନ୍ଦ୍ରପଦେ । ଭୋ ନାଥ ନମେ ତୋର ପାଦେ ।।୭୮
ଏମନ୍ତେ ପତ୍ନୀ-ବାକ୍ୟ ଶୁଣି । ବ୍ରହ୍ମାନନ୍ଦନ ମନେ ଗୁଣି ।।୭୯

କଶ୍ୟପ ଉବାଚ

ବୋଲନ୍ତି ଶୁଣ ମୋ ଘରଣୀ । ହରିତୋଷଣ ସେବାବାଣୀ ।।୮୦
ଯେ ବ୍ରତେ ପ୍ରଭୁ ହୃଷୀକେଶ । ତୋହର ଉଦରେ ପ୍ରବେଶ ।।୮୧
ସେ ବିଷ୍ଣୁ ଦ୍ୱିଜ ଖର୍ବ ରୂପେ । ବଳିକି ଛଳି ଦାନକଳ୍ପେ ।।୮୨
ତୋର ପୁତ୍ରକୁ ସେ ରଖିବ । ତୁ ଏବେ ହରି ପାଦେ ସେବ ।।୮୩
ହରିତୋଷଣ ବ୍ରତ କର । ଏ ଦୁଃଖସାଗରୁ ନିସ୍ତର ।।୮୪
ଶୁଣ କହିବା ବେଦମତେ । ଏ ବ୍ରତ କରିବୁ ଯେମନ୍ତେ ।।୮୫
ଫାଲ୍‌ଗୁନ-ଶୁକ୍ଳପକ୍ଷ-ଯୁତେ । ଦ୍ୱାଦଶଦିନ ପୟେ ବ୍ରତେ ।।୮୬
ଅର୍ଚ୍ଚନ କରି ଭକ୍ତିବଳେ । ଶ୍ରୀକୃଷ୍ଣ ଚରଣ କମଳେ ।।୮୭
ସେବା କରିବ ଯେବାମତେ । ଶୁଣ କହିବା କଲ୍ପ ତୋତେ ।।୮୮
ପ୍ରାତହୁଁ ଅମାବାସ୍ୟା ଦିନ । ମନ୍ଦିରୁ ଗମିବ ବହନ ।।୮୯
ବରାହ ଦନ୍ତ ଖାତେ ଯାଇ । ମୃତ୍ତିକା ବାମ ହସ୍ତେ ଲଇଁ ।।୯୦
ଶୁଣ ମନ୍ତ୍ରିବ ଯେଉଁ ମନ୍ତ୍ରେ । ଅଙ୍ଗେ ଘେନିବ ଯେବା ତନ୍ତ୍ରେ ।।୯୧
ଭୋ ଦେବି ତୁ ଯେ ଅନ୍ତଃକାଳେ । ନିମଗ୍ନେ ଥିଲୁ ମହାଜଳେ ।।୯୨
ପାତାଳ-ଜଳ-ପଙ୍କେ ଥିଲୁ । ବରାହ-ଦଶନେ ଉଠିଲୁ ।।୯୩
ବରାହ-ଦନ୍ତ-ଅଗ୍ରବାସୀ । ତୁ ମୋର ହର ପାପରାଶି ।।୯୪
ଏମନ୍ତେ ମୃତ୍ତିକା ମନ୍ତ୍ରିବ । ଶରୀର- ସର୍ବାଙ୍ଗେ ଲେପିବ ।।୯୫

ସ୍ନାନ କରିବ ପ୍ରାତଃକାଳେ । ସୂର୍ଯ୍ୟ-ଉଦୟେ ଶୁଦ୍ଧଜଳେ ।।୯୬
ମାର୍ଜନା ସାରି ଶୁଦ୍ଧଗାତ୍ରେ । ସଂଯମ ଆତ୍ମା ଶୁଦ୍ଧଚିତ୍ତେ ।।୯୭
ମୂର୍ତ୍ତିରେ ଅଥବା ଅନଳେ । ସ୍ଥଣ୍ଡିଳେ ଆଦିତ୍ୟମଣ୍ଡଳେ ।।୯୮
ଜଳେ ଅଥବା ଗୋରୁଗାତ୍ରେ । ଅର୍ଚ୍ଚନା କରିବ ଏ ମତେ ।।୯୯
ଏମନ୍ତେ ପୂଜାସ୍ଥାନେ ଚିନ୍ତି । ଶୁଣ କରିବ ଯେବା ସ୍ତୁତି ।।୧୦୦
ନମସ୍ତେ ପ୍ରଭୁ ଭଗବାନ । ମହାପୁରୁଷ ଶୁଦ୍ଧଧାମ ।।୧୦୧
ହେ ଭଗବତ ନମସ୍ତୁତେ । ସାକ୍ଷୀ ସ୍ୱରୂପ ଏ ଜଗତେ ।।୧୦୨
ସକଳ-ଭୂତର ନିବାସ । ନମସ୍ତେ ପ୍ରଧାନ ପୁରୁଷ ।।୧୦୩
ଚତୁର୍ବିଂଶତି-ଗୁଣ-ଜ୍ଞାତା । ଗୁଣ ସଂଖ୍ୟାନେ ହେତୁ କର୍ତ୍ତା ।।୧୦୪
ଦ୍ୱିଶିର ତ୍ରିଚରଣ ତୁହି । ଚରଇ ଶୃଙ୍ଗ ତନୁ ଦେହୀ ।।୧୦୫
ସପତହସ୍ତ ଯଜ୍ଞରୂପୀ । ଆତ୍ମା ତୋ ତିନିବେଦ ବ୍ୟାପୀ ।।୧୦୬
ନମସ୍ତେ ଶିବ-ରୁଦ୍ରବର । ନମସ୍ତେ ସର୍ବ-ଶକ୍ତିଧର ।।୧୦୭
ସକଳ ବିଦ୍ୟା ଅଧିପତି । ସର୍ବଭୂତଙ୍କ ଆତ୍ମାଗତି ।।୧୦୮
ହିରଣ୍ୟଗର୍ଭ ନମୋନମ । ଜଗତ-ପ୍ରାଣ ଆତ୍ମାରାମ ।।୧୦୯
ଯୋଗ-ଐଶ୍ୱର୍ଯ୍ୟ ଯା ଶରୀର । ଯୋଗର ହେତୁ ଯୋଗେଶ୍ୱର ।।୧୧୦
ନମସ୍ତେ ଆଦିଦେବଦେବ । ନମସ୍ତେ ସଂସାର-ପ୍ରଭବ ।।୧୧୧
ନମସ୍ତେ ନର-ନାରାୟଣ । ନମସ୍ତେ ପରମ-କଲ୍ୟାଣ ।।୧୧୨
ନମୋ ମର୍କତ-ଶ୍ୟାମ-ଦେହ । ନମସ୍ତେ କମଳା-ଆଶ୍ରୟ ।।୧୧୩
ନମୋ ଗୋବିନ୍ଦ ପୀତବାସ । ନମସ୍ତେ ଭକତ-ବିଶ୍ୱାସ ।।୧୧୪
ନମସ୍ତେ ସର୍ବବରଦାତା । ନମସ୍ତେ ସର୍ବ ମାତାପିତା ।।୧୧୫
ଶରଣ ଜନେ ରକ୍ଷାକରୁ । ନମୋ ଭକତ-କଳ୍ପତରୁ ।।୧୧୬
ତୋ ପାଦରେଣୁ ଧରି ଶିରେ । ମୋକ୍ଷ-ସାଧନ ଯୋଗବଳେ ।।୧୧୭
ଯେ ପାଦପଦ୍ମେ ଭକ୍ତ ସେବେ । ଭାବେ ଖଟନ୍ତି ଦେବୀଦେବେ ।।୧୧୮
ତୋ ପାଦସରୋଜ-ସୁବାସେ । ଅଶେଷ-ଭବଭୟ ନାଶେ ।।୧୧୯
ଏମନ୍ତେ ଆବାହନ କରି । ନିଶ୍ଚଳଚିତ୍ତେ ଭାବଭରି ।।୧୨୦

ଏମନ୍ତେ ପାଦ୍ୟ ଅର୍ଘ୍ୟ ଆଦି । ଶ୍ରଦ୍ଧା-ଭକତିରେ ନିବେଦି ।।୧୨୧
ଅର୍ଚ୍ଚନା କରି ଗନ୍ଧମାଲ୍ୟେ । ପୂଜିବ ଆନନ୍ଦେ ନିଶ୍ଚଳେ ।।୧୨୨
ଉତ୍ତମ ବସ୍ତ୍ର-ଅଳଙ୍କାର । ସୁଗନ୍ଧ-ଧୂପ ମନୋହର ।।୧୨୩
ନୈବେଦ୍ୟ କରି ଷଡ଼ରସେ । ପୂଜିବ ପ୍ରପାନ-ପାୟସେ ।।୧୨୪
ଦଧି-ଶାକର-ମଧୁ-ଘୃତେ । ସୁଶାଳିଅନ୍ନ ଦୁଗ୍ଧଯୁତେ ।।୧୨୫
ନାନା ପ୍ରକାରେ ଭୋଗ ଦେଇ । ହୃଦେ ଭକତିଭାବ ବହି ।।୧୨୬
ଯେ ମନ୍ତ୍ର ଦ୍ୱାଦଶ ଅକ୍ଷର । ଜପିବ ଶହେଆଠ ବାର ।।୧୨୭
ହୋମ କରିବ ହୁତାଶନେ । ଉଚ୍ଚାରି ମୂଳମନ୍ତ୍ର ଧ୍ୟାନେ ।।୧୨୮
ଶ୍ରୋତ୍ରିୟ-ବ୍ରାହ୍ମଣ ବସାଇ । ସୁସ୍ୱାଦୁ ଅନ୍ନ ଭୋଗ ଦେଇ ।।୧୨୯
ବିପ୍ରଙ୍କୁ ଦେଇ ଆଚମନ । ନିବେଦି ସୁମୁଖବାସନ ।।୧୩୦
ଅତିଥି ଅନ୍ଧ ରଙ୍କୀ ଦୁଃଖୀ । ତାଙ୍କୁ ଭୋଜନେ କରି ସୁଖୀ ।।୧୩୧
ତାହାଙ୍କୁ ଅନ୍ନଦାନ ଦେଇ । ସନ୍ତୋଷ ଚିତ୍ତେ ଆଜ୍ଞା ପାଇ ।।୧୩୨
ଅନ୍ନ ଭୁଞ୍ଜିବ ସାୟଂକାଳେ । ବାଳକ ପାଞ୍ଚ ସାତ ମେଳେ ।।୧୩୩
ରାତ୍ରେ ବଞ୍ଚିବ ବିଷ୍ଣୁଗୀତେ । ସଂଯତ-ବ୍ରହ୍ମଚାରୀ-ବ୍ରତେ ।।୧୩୪
ରାତ୍ର ଅନ୍ତରେ ପ୍ରାତଃକାଳେ । ସ୍ନାନ କରିବ ଶୁଦ୍ଧଜଳେ ।।୧୩୫
ଯଥାର୍ଥ ବିଧି ସମଚିତ୍ତେ । ସୁଗନ୍ଧଜଳ ଦୁଗ୍ଧଯୁତେ ।।୧୩୬
ସ୍ନାନ କରାଇ ଦେବମୂର୍ତ୍ତି । ପୟ-ଭକ୍ଷଣେ ପୟୋବ୍ରତୀ ।।୧୩୭
ପୂର୍ବରେ ପ୍ରାୟ ହୋମକରି । ବିପ୍ରମାନଙ୍କୁ ଭୋଜ୍ୟେ ବରି ।।୧୩୮
ଦ୍ୱାଦଶ ଦିନ ଏହିମତେ । ବଞ୍ଚିବ ଶୁଚି ପୟୋବ୍ରତେ ।।୧୩୯
ଏମନ୍ତ ହରି-ଆରାଧନେ । ହୋମାଦି ବ୍ରାହ୍ମଣ ଭୋଜନେ ।।୧୪୦
ପ୍ରତୀପଦିନୁ ଏ ଅଭ୍ୟାସି । ଯାବତ-ଶୁକ୍ଳ-ତ୍ରୟୋଦଶୀ ।।୧୪୧
ତ୍ରିକାଳେ କରିବ ସ୍ନାହାନ । ରଜନୀ ଧରଣୀ ଶୟନ ।।୧୪୨
ଅସାଧୁ-ଆଳାପ ତେଜିବ । ନିନ୍ଦିତଭୋଗ ନ କରିବ ।।୧୪୩
ହିଂସା ତେଜିବ ସର୍ବଭୂତେ । ବିଷ୍ଣୁ-ଆଶ୍ରୟ କରି ନିତ୍ୟେ ।।୧୪୪
ଏମନ୍ତେ ତ୍ରୟୋଦଶୀ ଦିନ । ବିଷ୍ଣୁଙ୍କୁ କରାଇ ସ୍ନାହାନ ।।୧୪୫

ଶାସ୍ତ୍ର-ପ୍ରମାଣେ ପଞ୍ଚାମୃତେ । କରିବ ବେଦବିଧି-ମତେ ।।୧୪୬
ପୂଜା କରିବ ଶୁଦ୍ଧଚିତ୍ତେ । ସମ୍ଭାର ଶକ୍ତି-ଅନୁମତେ ।।୧୪୭
ଶ୍ରୀହରି ରୂପ ଧ୍ୟାନେ ଧରି । ଅନଳେ ମନ୍ତ୍ରେ ହୋମ କରି ।।୧୪୮
ପାୟସ ଚରୁ ପଞ୍ଚାମୃତେ । ମନ୍ତ୍ର ଉଚ୍ଚାରି ଶୁଦ୍ଧଚିତ୍ତେ ।।୧୪୯
ନାନା ପ୍ରକାରେ ନଇବେଦ୍ୟ । କଟୁ ମଧୁର ଆଦି ସ୍ୱାଦ ।।୧୫୦
ନିବେଦି ବିଷ୍ଣୁ-ପ୍ରୀତିଅର୍ଥେ । ପୂଜା କରିବ ନାନାମତେ ।।୧୫୧
ଅଗ୍ନିପୂଜନ କର୍ମ ସାରି । ଗୁରୁ-ଆଚାର୍ଯ୍ୟ ପାଦ ଧରି ।।୧୫୨
ଧନ-ବସନ-ଅଳଙ୍କାର । ଯେବା ଦକ୍ଷିଣା ବ୍ରତସାର ।।୧୫୩
ଋତ୍ୱିଜଜନ ମନ ତୋଷି । ଦୁଃଖୀ-ଦରିଦ୍ରଙ୍କୁ ଆଶ୍ୱାସି ।।୧୫୪
ଭୋଜନେ ତୋଷି ସର୍ବପ୍ରାଣୀ । ଯେଣେ ସନ୍ତୋଷ ଚକ୍ରପାଣି ।।୧୫୫
ସକଳ ଜ୍ଞାତି-ବନ୍ଧୁମେଳେ । ଭୋଜନ ସାରି ସାୟଂକାଳେ ।।୧୫୬
ସୁବାଦ୍ୟ-ନୃତ୍ୟ-ଗୀତସ୍ୱରେ । ଉତ୍ସବ କରିବ ମନ୍ଦିରେ ।।୧୫୭
ଏମନ୍ତେ ପୟୋବ୍ରତ କରି । ଯେବା ଜଗତେ ନରନାରୀ ।।୧୫୮
ମନୋବାଞ୍ଛିତ ସେ ଲଭନ୍ତି । ଅନ୍ତେ ବିଷ୍ଣୁମାୟା ତରନ୍ତି ।।୧୫୯
ଏ ବ୍ରତ ବ୍ରହ୍ମାମୁଖୁଁ ପୂର୍ବେ । ମୁହିଁ ଯେ ଶୁଣିଛି ପ୍ରସ୍ତାବେ ।।୧୬୦
ତୁ ଯେଣୁ ମୋହର ଭାବିନୀ । ତେଣୁ କହିଲି ଭାବଘେନି ।।୧୬୧
ଏହା ତୁ ଶୁଦ୍ଧଚିତ୍ତେ ଧର । ଏ ବ୍ରତ ସର୍ବ ଯଜ୍ଞସାର ।।୧୬୨
ହରି-ସନ୍ତୋଷେ ବ୍ରତ କର । ଦୁର୍ଗମ-ସଙ୍କଟୁ ଉଦ୍ଧର ।।୧୬୩
ସର୍ବଭୂତଙ୍କ ପୂଜା ଏହି । ଦାନ-ଯଜ୍ଞାଦି ଯେତେ ଧାୟି ।।୧୬୪
ଏ ବ୍ରତେ ଇଶ୍ୱର-ଅର୍ପଣ । ଚତୁରବର୍ଗର କାରଣ ।।୧୬୫
ଯମ-ନିୟମ ଏଣେ ସାଧି । ଏ ଧର୍ମେ ବିଷ୍ଣୁଙ୍କୁ ସମ୍ପାଦି ।।୧୬୬
ତୁ ଏହା ଏକମନେ ଧର । ହରି-ସନ୍ତୋଷେ ବ୍ରତ କର ।।୧୬୭
ତୋର ବାଞ୍ଛିତ ହରି ଦେବେ । ଦେବଙ୍କୁ ନିଶ୍ଚିନ୍ତେ ରଖିବେ ।। ୧୬୮
କହଇ ଦାସ ଜଗନ୍ନାଥ । ଅଦିତି ଶୁଣି ପୟୋବ୍ରତ ।।୧୬୯
ଚିତ୍ତେ ଚିନ୍ତିଲା ଭଗବାନ । ସୁଜନେ ଏଣେ କର ଧ୍ୟାନ ।।୧୭୦

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ଅଦିତି-ପୟୋବ୍ରତ-କଥନଂ ନାମ ପଞ୍ଚଦଶୋଽଧ୍ୟାୟଃ ।।

ଷୋଡ଼ଶ ଅଧ୍ୟାୟ

ଶ୍ରୀକୃଷ୍ଣେ ଚିନ୍ତି ମନେମନ । କହନ୍ତି ବ୍ୟାସଙ୍କ ନନ୍ଦନ ।।୧

ଶୁକ ଉବାଚ

ଶୁଣ ପରୀକ୍ଷ ନୃପମଣି । କଶ୍ୟପ ମୁଖୁଁ ଏହାଶୁଣି ।।୨
ଅଦିତି କଲ୍ପି ଅନ୍ତର୍ଗତେ । ବିଧିପୂର୍ବକ ପୟୋବ୍ରତେ ।।୩
ଦ୍ୱାଦଶ ଦିନ ବିଧିମତେ । ସଂଯମେ ରହିଲା ଯୁଗତେ ।।୪
ଏକାଗ୍ରଚିତ୍ତେ ହରିପାଦେ । ସେବା କଲ୍ପିଲା ଅପ୍ରମାଦେ ।।୫
ସୁଦୃଢ଼ ମନ ବୁଦ୍ଧିବଳେ । ଇନ୍ଦ୍ରିଙ୍କି ନିରୋଧି ନିଶ୍ଚଳେ ।।୬
ଏକାନ୍ତଚିତ୍ତେ ହରିପାଦେ । ଧ୍ୟାନ ସମ୍ପାଦି ଅପ୍ରମାଦେ ।।୭
ଦ୍ୱାଦଶଦିନ ପୟୋବ୍ରତ । ବିଷ୍ଣୁ ସେବିଲା ଅବିରତେ ।।୮
ଅଦିତି ପୟୋବ୍ରତ ତୋଷେ । ବିଷ୍ଣୁ ମିଳିଲେ ତାର ପାଶେ ।।୯
ଶରୀର କାନ୍ତି ନୀଳଘନ । ପୀତବସନ ପରିଧାନ ।।୧୦
ଆଜାନୁଲମ୍ବେ ଚାରିଭୁଜେ । ଗଦାବ୍ଜ-ଶଙ୍ଖ-ଚକ୍ର ସାଜେ ।।୧୧
ସମୀପେ ବିଷ୍ଣୁ ରୂପ ଦେଖି । ଉନ୍ମୀଳ କଲା ବେନି ଆଖି ।।୧୨
ଉଠିଲା ଅଶ୍ରୁ ଗଦଗଦେ । ଶିର ନିବେଶି ପଦ୍ମପାଦେ ।।୧୩
ଭୂମିରେ ଦଣ୍ଡବତେ ଶୋଇ । କରଅଞ୍ଜଳି ଶିରେ ଦେଇ ।।୧୪
ଆନନ୍ଦ-ସାଗରେ ବୁଡ଼ିଲା । ନିଜ ଶରୀର ପାସୋରିଲା ।।୧୫
ଶରୀର କମ୍ପିଲା ବିକଳେ । କଣ୍ଠ କୁଣ୍ଠିତ ଅଶ୍ରୁଜଳେ ।।୧୬
ବଦନୁ ବଚନ ନ ସ୍ଫୁରେ । ପ୍ରାଣ ହୋଇଲା କଣ୍ଠଦ୍ୱାରେ ।।୧୭
ଚକୋର ଚନ୍ଦ୍ର ଦେଖି ଯେହ୍ନେ । ଅମୃତ ପିଅଇ ଲୋଚନେ ।।୧୮
ମନ ନିବେଶି କୃଷ୍ଣପାଦେ । ଆନନ୍ଦେ ଶୋକ ଗଦଗଦେ ।।୧୯
ବୋଲଇ ବିଷ୍ଣୁମୁଖ ଚାହିଁ । ସାନନ୍ଦେ ଶିରେ କର ଦେଇ ।।୩୦

ଅଦିତି ଉବାଚ

ହେ ଯଜ୍ଞେଶ୍ୱର ଜଗନ୍ନାଥ । ତୋର ଚରଣେ ସର୍ବତୀର୍ଥ ।।୨୧
ସର୍ବମଙ୍ଗଳ ତୋର ନାମ । ରୂପ-ଅରୂପ ଅନୁପମ ।।୨୨
ଶରଣାଗତ ଦୁଃଖ ହର । ତୁ ନାଥ କରୁଣାସାଗର ।।୨୩
କରୁଣାକର ବିଶ୍ୱବ୍ୟାପୀ । ବିଶ୍ୱଭାବନ ବିଶ୍ୱରୂପୀ ।।୨୪
ସ୍ଥିତି ଉତ୍ପତ୍ତି ସଂହାରଣ । ତୁ ନାଥ ପରମକାରଣ ।।୨୫
ଆୟୁ ସମ୍ପଦ ବୃଦ୍ଧି ଜ୍ଞାନ । ତୋର ସନ୍ତୋଷେ ପାନ୍ତି ଜନ ।।୨୬
କୈବଲ୍ୟ-ପ୍ରାପ୍ତ ତୋ ସନ୍ତୋଷେ । ଅନ୍ତେ ପରମପଦେ ମିଶେ ।।୨୭
ଭୋ ନାଥ ତୋର ଶ୍ରୀଚରଣ । ଯେ ପ୍ରାଣୀ ପଶନ୍ତି ଶରଣ ।।୨୮
ସେ ସର୍ବ ଦୁର୍ଗତି ତରନ୍ତି । ଜନ୍ମ-ମରଣୁଁ ନିସ୍ତରନ୍ତି ।।୨୯
ଭୋ ନାଥ ପ୍ରଭୁ ଆଦିମୂଳ । ଶୁଣିମା ମୋହର ବିକଳ ।।୩୦
ଦୁଃଖେ କୁଣ୍ଠିତ ମୋର ପ୍ରାଣ । ପଶିଲି ତୋ ପାଦେ ଶରଣ ।।୩୧
ପୁତ୍ରେ ନ ରହି ସ୍ୱର୍ଗପୁରେ । ଲୁଚିଲେ ବନ-ଗିରି-ଘୋରେ ।।୩୨
ସର୍ବ ଦାନବ ସଙ୍ଗେ ମିଳି । ବସିଲା ଇନ୍ଦ୍ରାସନେ ବଳି ।।୩୩
ଶୁକ୍ରର ଯଜ୍ଞତେଜ ବଳେ । ଭୟେ ଭାଜିଲେ ଦିଗପାଳେ ।।୩୪
ଇନ୍ଦ୍ର ହୋଇଲା ଅରକ୍ଷିତ । ତ୍ରାହି କରିବ ଜଗନ୍ନାଥ ।।୩୫
ମୋର ପୁତ୍ରଙ୍କୁ ରକ୍ଷାକର । ଭୋ ନାଥ ଶରଣ ତୋହର ।।୩୬
ସପତ୍ନୀ ଦୁଃଖ କି ନ ଜାଣୁ । ତୁ ନାଥ ଅନ୍ତର୍ଯ୍ୟାମୀ ଯେଣୁ ।।୩୭

ଶୁକ ଉବାଚ

ଶୁଣିଣ ଅଦିତି-ବଚନ । ପ୍ରସନ୍ନେ କମଳଲୋଚନ ।।୩୮
ଅଦିତି ବଦନକୁ ଚାହିଁ । ବୋଲନ୍ତି ପ୍ରଭୁ ଭାବଗ୍ରାହୀ ।।୩୯

ଭଗବାନ ଉବାଚ

ଶୁଣ ଅଦିତି ଦେବମାତ । ଜାଣଇଁ ତୋର ମନୋରଥ ।।୪୦
ବଳି ଯେ ବଳେ ସ୍ୱର୍ଗ ନେଲା । ବିକଳେ ଇନ୍ଦ୍ର ପଳାଇଲା ।।୪୧
ତାର ସଙ୍ଗତେ ଦେବଗଣେ । ପଶିଲେ ଗିରି-ଘୋରବନେ ।।୪୨
ଏବେ ସେ ଆସି ସ୍ୱର୍ଗପୁରେ । ଶତ୍ରୁକୁ ଜିଣି ରଣଘୋରେ ।।୪୩
ସ୍ୱର୍ଗେ ସେ ବସିବ ନିଶ୍ଚିନ୍ତେ । ତୁ ଏହା କଳ୍ପଅଛୁ ଚିତ୍ତେ ।।୪୪
ସମରେ ଅସୁର-ମରଣେ । କାନ୍ଦିବେ ତାଙ୍କ ବଧୂଗଣେ ।।୪୫
ସ୍ୱାମୀ-ମରଣେ ଅତି ଦୁଃଖୀ । ତୁ ତାହା ଦେଖି ହେବୁ ସୁଖୀ ।।୪୬
ସ୍ୱର୍ଗେ ବସିବ ଇନ୍ଦ୍ର ତୋର । ସଙ୍ଗତେ ଘେନି ସର୍ବ ସୁର ।।୪୭
ସକଳ ସମ୍ପଦ ମିଳିବ । ତ୍ରିଲୋକ ନିଶ୍ଚିନ୍ତେ ପାଳିବ ।।୪୮
ଏମନ୍ତ ଚିତ୍ତେ କଳ୍ପୁ ତୁହି । ଶୁଣ କହଇ ଯାହା ମୁହିଁ ।।୪୯
ଅସୁରେ ଯାଇ ସ୍ୱର୍ଗପୁର । ବଳେ ହୋଇଲେ ବଳୀୟାର ।।୫୦
ବଳି ସଙ୍ଗତେ ଘୋରରଣେ । କାହିଁ ଜିଣିବେ ଦେବଗଣେ ।।୫୧
ଏକଥା ଭଲେ ମୁଁ ଜାଣଇଁ । ତୋର ପୁତ୍ରଙ୍କୁ ଭୟ ନାହିଁ ।।୫୨
ଯେମନ୍ତେ ତୋହର କୁମରେ । ସୁଖେ ବସିବେ ସ୍ୱର୍ଗପୁରେ ।।୫୩
ତୁ ଯେ ମୋହର ପାଦଗତେ । ସେବିଲୁ ପୟୋବ୍ରତ ମତେ ।।୫୪
ଏ କଥା ଅନ୍ୟଥା ନୋହିବ । ଏହା ଜାଣନ୍ତି ବ୍ରହ୍ମାଶିବ ।।୫୫
ବ୍ରତେ ତୁ ତୋଷିଅଛୁ ମୋତେ । ଇନ୍ଦ୍ର-ସମ୍ପଦ ରକ୍ଷା ଅର୍ଥେ ।।୫୬
ମୋହର ସେବା-ବ୍ରତ ଫଳ । କେବେହେଁ ନୁହଁଇ ବିଫଳ ।।୫୭
ମୁଁ ନିଜ-ଅଂଶେ ତୋର ଗର୍ଭେ । ଜନ୍ମିବି ପୟୋବ୍ରତ-ଭାବେ ।।୫୮
ଏ ବ୍ରତ ମହିମା ଏମନ୍ତ । ଅବଶ୍ୟ ମୋତେ ଲଭେ ସୁତ ।।୫୯
ତୋର ପୁତ୍ରଙ୍କୁ ମୁଁ ରଖିବି । ଶତ୍ରୁଙ୍କ ଭୟ ନିବାରିବି ।।୬୦
ନିଶ୍ଚେ ରଖିବି ଦେବକୁଳ । ତୁ ସ୍ୱାମୀ ସଙ୍ଗେ କର ମେଳ ।।୬୧
ଏ ବ୍ରତଫଳ ଯେବେ ପାଇ । ବିଶ୍ୱାସେ ପରକୁ ନ କହି ।।୬୨
ସର୍ବସମ୍ପଦ ଲଭ ତୁହି । ଦେବମାତାଙ୍କୁ ଏତେ କହି ।।୬୩
ତକ୍ଷଣେ ହୋଇଲେ ଅନ୍ତର । ଶୁଣ ପରୀକ୍ଷ ନୃପବର ।।୬୪
ଏମନ୍ତ ବିଷ୍ଣୁର ବଚନ । ଶୁଣି ଅଦିତି ତୋଷମନ ।।୬୫
ଆନନ୍ଦେ ପ୍ରଭୁ ହୃଷୀକେଶ । କଶ୍ୟପ-ଶରୀରେ ପ୍ରବେଶ ।।୬୬
ବିଷ୍ଣୁର ତେଜେ ବ୍ରହ୍ମଋଷି । ଉଦୟ-ରବି ପ୍ରାୟେ ଦିଶି ।।୬୭

ଅମରଗୁରୁ-ଲଗ୍ନ ବେଳେ । ଉଚ୍ଚେ ଅଛନ୍ତି ଗ୍ରହବଳେ ।।୬୮

ମୁହୂର୍ତ୍ତ ନାମ ଅଭିଜିତ । ପତିକ-କାମିନୀ ଏକ ଯୁକ୍ତ ।।୬୯

ରତି ଆନନ୍ଦେ ରଜ-ବୀର୍ଯ୍ୟେ । ଗର୍ଭ-ସଞ୍ଚାର ଅତି ତେଜେ ।।୭୦

ଦାରୁ-ସଂଯୋଗେ ଅଗ୍ନି ଯେହ୍ନେ । ତେଜ ପ୍ରକାଶେ ଅନୁଦିନେ ।।୭୧

ଅଦିତି ବିଷ୍ଣୁ ଗର୍ଭେ ଧରି । ଶଶାଙ୍କ ପ୍ରାୟେ ମନୋହାରୀ ।।୭୨

ଦିଶଇ ଅତି ରୂପକାନ୍ତି । ବିଜୁଳି ଯେହ୍ନେ ଝଟକନ୍ତି ।।୭୩

ଦିନକୁ ଦିନ ଶୁଭ୍ରଜ୍ୟୋତି । ଯହିଁ ବିଜୟେ ବିଷ୍ଣୁମୂର୍ତ୍ତି ।।୭୪

ଅଦିତି-ଗର୍ଭର ସଞ୍ଚାର । ଜାଣିଲେ ପ୍ରଭୁ ବେଦବର ।।୭୫

ରଜନୀ-ଅର୍ଦ୍ଧକାଳେ ଆସି । ଅଦିତି ନିଦ୍ରାସ୍ଥାନେ ବସି ।।୭୬

ଗର୍ଭକୁ ଚାହିଁ ପ୍ରଜାପତି । ଆନନ୍ଦେ କଲେ ଦିବ୍ୟସ୍ତୁତି ।।୭୭

ବ୍ରହ୍ମା ଉବାଚ

ଜୟ ଅନନ୍ତ ଉରୁକ୍ରମ । ନମସ୍ତେ ପ୍ରଭୁ ତ୍ରିବିକ୍ରମ ।।୭୮

ନମୋ ବ୍ରହ୍ମଣ୍ୟ ଭାଗବତ । ନମସ୍ତେ ତ୍ରିଗୁଣ ଅଜିତ ।।୭୯

ନମସ୍ତେ ବିଶ୍ୱଗର୍ଭ-ରୂପୀ । ନମସ୍ତେ ତ୍ରୟବେଦବ୍ୟାପୀ ।।୮୦

ତ୍ରିନାଭ ତ୍ରିପୃଷ୍ଠ ତୋ ନାମ । ଶିପିବିଷ୍ଟ ଯେ ତୋର ଧାମ ।।୮୧

ଏ ସୃଷ୍ଟି ଆଦ୍ୟ-ମଧ୍ୟ-ଅନ୍ତେ । ତୁ ନାଥ ବିହରୁ ନିଶ୍ଚିନ୍ତେ ।।୮୨

ତୁ ସେ ଅନନ୍ତ-ଶକ୍ତିଧର । ମନ-ବଚନେ ଅଗୋଚର ।।୮୩

ତୁ କାଳରୂପେ ଏ ଜଗତ । ସୃଷ୍ଟି ପାଳନ କର ଅନ୍ତ ।।୮୪

ତୃଣ ଯେସନେ ଜଳସ୍ରୋତେ । ପଶେ ଜଳଧି ଗର୍ଭଗତେ ।।୮୫

ଏ ସୃଷ୍ଟି ସଂହରୁ ତେମନ୍ତେ । ଅନନ୍ତଶୟନେ ନିଶ୍ଚିନ୍ତେ ।।୮୬

ସ୍ଥାବର ଆଦି ଜନ୍ତୁ ଚାରି । ତୁ ବସୁ ଆତ୍ମାରୂପ ଧରି ।।୮୭

ତୋର ମାୟାର ବଳେ ଜନେ । ତୋ ରୂପ ଜାଣିବେ କେସନେ ।।୮୮

ଜନ୍ତୁଙ୍କ ବାହ୍ୟ-ଅଭ୍ୟନ୍ତରେ । ତୋ ତହୁଁ କେବା ଅଛି ପରେ ।।୮୯

ଜଳେ ପଡ଼ନ୍ତି ଯେତେ ପ୍ରାଣୀ । ଯେବେ ନ ଲଭନ୍ତି ତରଣୀ ।।୯୦

ସେ କାହିଁ ଜଳଧି ତରିବେ । ଯେ ନ ପଶନ୍ତି ତୋର ଭାବେ ।।୯୧

ଏମନ୍ତେ କରି ଦିବ୍ୟସ୍ତୁତି । ନିଜ ଭୁବନେ ପ୍ରଜାପତି ।।୯୨

ଆନନ୍ଦମନେ ବିଜେ କଲା । ଶୁଣ ରାଜନ ବିଷ୍ଣୁଲୀଳା ।।୯୩

ବାମନ ରୂପ ଧରି ଭାବେ । ବିଷ୍ଣୁ ଯେ ବଳି କି ଛଳିବେ ।।୯୪

ଏ ବାଣୀ ଏକମନେ ଶୁଣି । ନିସ୍ତର ଭବ ତରଙ୍ଗିଣୀ ।।୯୫

ସଂସାର ଅନ୍ଧକୂପେ ଥାଇ । ଏ ବିନୁ ଉପାୟ ତ ନାହିଁ ।।୯୬

କହିଲା ଦାସ ଜଗନ୍ନାଥ । ଭାଷା ପ୍ରବନ୍ଧେ ଭାଗବତ ।।୯୭

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ବାମନ ପ୍ରାଦୁର୍ଭାବ ଷୋଡ଼ଶୋଽଧ୍ୟାୟଃ ।।

ସପ୍ତଦଶ ଅଧ୍ୟାୟ

ଶ୍ରୀକୃଷ୍ଣ ଚିନ୍ତି ରାଜା ଚାହିଁ । ଶୁକ କହନ୍ତି ଭାବବହି ।।୧

ଶୁକ ଉବାଚ

ଶୁଣ ଅଭିମନ୍ୟୁନନ୍ଦନ । ଯେମନ୍ତେ ଜନ୍ମିଲେ ବାମନ ।।୨

ଅଦିତି ପୟୋବ୍ରତ ଫଳେ । ବିଷ୍ଣୁ ଜନ୍ମିଲେ ତାର କୋଳେ ।।୩

ତାଙ୍କ ଚରିତ ଶୁଣ ଏବେ । ଯେ ରୂପେ ବଳିକି ଛଳିବେ ।।୪

ବ୍ରହ୍ମାର ସ୍ତୁତି ଶୁଣି ତୋଷେ । ସେ ହରି ପରମ-ହରଷେ ।।୫

ଅମୃତବେଳେ ସୁଶରୀରେ । ହେଲେ ବାମନ ଅବତାରେ ।।୬

ଗଗନେ ଯେହ୍ନେ ଦିନକର । ବାମନ ଉଦରୁ ବାହାର ।।୭

ଅଦିତି ତହୁଁ ଭୂମିଗତେ । ବାମନ ଦେଖିଲେ ଅଗ୍ରତେ ।।୮

ନୀଳନୀରଦ ତନୁ ବର୍ଣ୍ଣ । ପ୍ରକାଶ କମଳଲୋଚନ ।।୯

ଆଜାନୁ ଲମ୍ବେ ଭୁଜ ଚାରି । ଶଙ୍ଖାବ୍ଜ ଗଦା ଚକ୍ର ଧରି ।।୧୦

ପୀତବସନ କଟୀଭାଗେ । ତଡ଼ିତ ଯେହ୍ନେ ନୀଳ ମେଘେ ।।୧୧

ରତ୍ନକୁଣ୍ଡଳ କର୍ଣ୍ଣଯୁଗେ । ଶ୍ରୀବତ୍ସଚିହ୍ନ ହୃଦଭାଗେ ।।୧୨

ଉରେ ଲମ୍ବଇ ବନମାଳ । ସୁନ୍ଦର ଅଳକା କପୋଳ ।।୧୩

ମଣିମୁକୁଟ ଶିରେ ସାଜେ । ରତ୍ନମେଖଳା କଟି ମାଝେ ।।୧୪

ନୂପୁର କଙ୍କଣ ବିରାଜେ । ତେଜେ ଅନଙ୍ଗ-ରୂପ ଗଞ୍ଜେ ।।୧୫
କଣ୍ଠେ ଶ୍ରୀକଉସ୍ତୁଭ ମଣି । ଅମୂଲ୍ୟ ରତ୍ନ ସୁଖଞ୍ଜଣି ।।୧୬
ପ୍ରସନ୍ନ ଦଶଦିଗ ଦିଶେ । ସଲିଳେ କମଳ ପ୍ରକାଶେ ।।୧୭
ଜଳଧି ଉଚ୍ଛୁଳେ ଉଲ୍ଲୋଳେ । କାନନେ ନାନାପୁଷ୍ପ ଲୋଳେ ।।୧୮
ଋତୁ ବହଇ ଗୁଣମତେ । ପ୍ରସରେ ଶରଦ ବସନ୍ତେ ।।୧୯
ସୁଗନ୍ଧ ପବନେ ଆମୋଦ । ଗଗନେ ମଙ୍ଗଳ-ଶବଦ ।।୨୦
ବ୍ରାହ୍ମଣଗଣେ ବେଦନାଦେ । ଅନଳ ପୂଜନ୍ତି ସମିଧେ ।।୨୧
ଗୋ ବିପ୍ର ଦେବ ଭୂ ପର୍ବତ । ଆକାଶ ହେଲେ ପ୍ରଫୁଲ୍ଲିତ ।।୨୨
ଭାଦ୍ରବ ମାସ ଶୁକ୍ଳପକ୍ଷେ । ଦ୍ୱାଦଶୀ ଶ୍ରବଣା ଯେ ଋକ୍ଷେ ।।୨୩
ମୁହୂର୍ତ୍ତ ନାମ ଅଭିଜିତ । ଗ୍ରହ ନକ୍ଷତ୍ର ସୁପ୍ରଶସ୍ତ ।।୨୪
ସର୍ବ ନକ୍ଷତ୍ର ତାରାଗଣେ । ପ୍ରଶସ୍ତ ମଙ୍ଗଳ ଦକ୍ଷିଣେ ।।୨୫
ବିଜୟାଯୋଗର ମଧ୍ୟାହ୍ନେ । ଶଙ୍ଖଦୁନ୍ଦୁଭି ବାଦ୍ୟସ୍ୱନେ ।।୨୬
ମୃଦଙ୍ଗ ପଟହ ସମାନେ । ଶୁଭନ୍ତି ଭେରୀନାଦ ସ୍ୱନେ ।।୨୭
ବାଜନ୍ତି ଗୋମୁଖ ଆନକ । ପଣବ ତୂରୀ ଯେ ଅନେକ ।।୨୮
ଗୀତ ବିନୋଦ ନୃତ୍ୟଗୋଳ । ଦିଗ ଉଚ୍ଛୁଳନ୍ତି ତୁମୁଳ ।।୨୯
ନାଚନ୍ତି ଅପସରାବୃନ୍ଦ । ଗନ୍ଧର୍ବେ ତାଳ ଯନ୍ତ୍ରବାଦ୍ୟ ।।୩୦
ଦେବତା-ପିତୃ-ମୁନିଗଣେ । ଅଗ୍ନି ସହିତେ ଜଣେ ଜଣେ ।।୩୧
ସ୍ତବନ୍ତି ସିଦ୍ଧ-ବିଦ୍ୟାଧରେ । ତୁଲେ କିଂପୁରୁଷ-କିନ୍ନରେ ।।୩୨
ଚାରଣ ଯକ୍ଷ ରକ୍ଷ ଆଦି । ପିଶାଚ ଗୁହ୍ୟକ ପ୍ରସିଦ୍ଧି ।।୩୩
ସ୍ତୁତି-ବଚନେ ଗୀତସ୍ୱରେ । ପୁଷ୍ପ ବର୍ଷନ୍ତି ନିରନ୍ତରେ ।୩୪
ଅଦିତି ପରେ ପୁଷ୍ପବୃଷ୍ଟି । ଯେଣେ ଖଣ୍ଡିବ ଜନ୍ମରିଷ୍ଟି ।।୩୫
ଅଦିତି ନିଜ ପୁତ୍ର ଦେଖି । ନିର୍ମଳ କଲା ବେନିଆଖି ।।୩୬
ଶ୍ରୀହରି ନିଜ ଯୋଗତେଜେ । ଜନ୍ମିଲେ କଶ୍ୟପର ବୀର୍ଯ୍ୟେ ।।୩୭
କଶ୍ୟପ ଜୟ ଜୟ ବାଣୀ । ମଙ୍ଗଳ ବେଦବାକ୍ୟ ଭଣି ।।୩୮
ତକ୍ଷଣେ ପ୍ରଭୁ ଭଗବାନ । ରୂପ ପ୍ରକାଶିଲେ ବାମନ ।।୩୯
ଦେଖିଲେ ସର୍ବଦିଗପାଳେ । ଦେବୀ ଦେବତା ଅନ୍ତରାଳେ ।।୪୦
ବଟୁ ବାମନ ରୂପ ଦେଖି । ମୁନିଏ ଆଶ୍ରମ ଉପେକ୍ଷି ।।୪୧
କଶ୍ୟପ-ଆଶ୍ରମେ ମିଳିଲେ । ଜୟମଙ୍ଗଳ ସ୍ତୁତି କଲେ ।।୪୨
ବିଧାତା ଆଦି ମୁନି ତୁଲେ । ପୁତ୍ରର ଜାତକର୍ମ କଲେ ।।୪୩
ବାମନ-ଉପନୟ ଦେଖି । ସବିତା ଗଗନ ଉପେକ୍ଷି ।।୪୪
ସାବିତ୍ରୀମନ୍ତ୍ର କର୍ଣ୍ଣେ କହେ । ଯେଣେ ସବିତା ତେଜ ବହେ ।।୪୫
ଗୁରୁ ପଇତା ଦେଲେ କନ୍ଧେ । କଶ୍ୟପ ମେଖଳା ଆନନ୍ଦେ ।।୪୬
ଅବନୀ କୃଷ୍ଣାଜିନ ଦେଲା । ଶଶାଙ୍କ ଦଣ୍ଡ ସମର୍ପିଲା ।।୪୭
ଅଦିତି ଦେଲା କଉପୀନ । ଆକାଶ କଲା ଛତ୍ର ଦାନ ।।୪୮
ମୁନିଏ କରେ ଦେଲେ ଦର୍ଭ । କମଣ୍ଡଳୁ ଯେ ବେଦଗର୍ଭ ।।୪୯
ଶାରଦା ଦେଲେ ଅକ୍ଷମାଳା । ଯେମନ୍ତେ ବୁଦ୍ଧି ଅନର୍ଗଳା ।।୫୦
କୁବେର ରାଜା ଶୁଦ୍ଧଚିତ୍ତେ । ଭିକ୍ଷାପାତ୍ରେକ ଦେଲା ହସ୍ତେ ।।୫୧
ଅମ୍ବିକା ଭିକ୍ଷା ଦେଲେ ଆଣି । ସଙ୍ଗତେ ବିପ୍ରଗଣ ଘେନି ।।୫୨
ମୁନିଏ ବ୍ରହ୍ମତେଜ ଦେଲେ । ସ୍ତୁତିବଚନେ ତୋଷ କଲେ ।।୫୩
କଶ୍ୟପ ହୋମ କରାଇଲେ । ବିଧାତା ପୁରୁଷର ବୋଲେ ।।୫୪
ଏମନ୍ତେ ବିପ୍ରରୂପ ଧରି । ପୂର୍ଣ୍ଣ ଆହୁତି ହୋମ କରି ।।୫୫
ତେଣେ ଶୁକ୍ର ଯେ ଯଜ୍ଞବିଧି । ବଳିର ଶତେ ଅଶ୍ୱମେଧି ।।୫୬
କରାଏ ନିଜ ମନ୍ତ୍ରବଳେ । ଅମରେ ସ୍ଥାପିବ ନିଶ୍ଚଳେ ।।୫୭
ସେ କଥା ଜାଣି ଭଗବାନ । ଯେ ରୂପ ଅଦ୍‌ଭୁତ ବାମନ ।।୫୮
ବଳି-ଭୁବନକୁ ଗମନ୍ତେ । ଭୂମି କମ୍ପଇ ପାଦଘାତେ ।।୫୯
ନର୍ମଦା ନଦୀର ଉତ୍ତରେ । ଭୃଗୁକଚ୍ଛେ ଯେ ବିପ୍ରବରେ ।।୬୦
ବଳିକି ଯଜନମାନେ ବରି । ମିଳି ଭୃଗୁଙ୍କୁ ଆଗ କରି ।।୬୧
ଯଜ୍ଞ କରନ୍ତି ମନ୍ତ୍ରବଳେ । ଯେମନ୍ତେ ଅମର ମଣ୍ଡଳେ ।।୬୨
ବଳି ବସିବ ଦୃଢ଼ଚିତ୍ତେ । ନିର୍ଭୟେ କଳ୍ପ ପରିଯନ୍ତେ ।।୬୩
ଏମନ୍ତେ ବଳି-ଯଜ୍ଞବାଟେ । ବାମନ ମିଳିଲେ କପଟେ ।।୬୪

ରବି-କିରଣେ ତାରାପନ୍ତି । ଯେସନେ ହୋନ୍ତି ହତଜ୍ୟୋତି ।।୬୫
ଭାର୍ଗବ ଆଦି ପୁରୋହିତେ । ସଦସ୍ୟ ଯଜମାନ ଯେତେ ।।୬୬
ବାମନ-ତେଜେ ଅନ୍ତଗଲେ । ତମ ଯେସନେ ପ୍ରାତଃକାଳେ ।।୬୭
ରବି ଶଶାଙ୍କ କିବା ବହ୍ନି । ମିଳିଲେ ନିଜ ତେଜ ଘେନି ।।୬୮
କିବା ସନତ ବ୍ରହ୍ମାସୁତ । ଯଜ୍ଞ ପ୍ରେକ୍ଷଣେ ଉପଗତ ।।୬୯
ଏମନ୍ତେ ଜାଣି ନ ପାରିଲେ । ବାମନ ତେଜେ ଅସ୍ତ ଗଲେ ।।୭୦
ମୁହୂର୍ତ୍ତେ ରହି ଖେଦମନେ । ଚାହାନ୍ତି ମୋହିତ ନୟନେ ।।୭୧
କରି ନ ପାରି ଅନୁମାନ । ସର୍ବେ ହୋଇଲେ ହତଜ୍ଞାନ ।।୭୨
ଉଦକ କମଣ୍ଡଳୁ ଘେନି । କରନ୍ତି ସାମବେଦ ଧ୍ୱନି ।।୭୩
ବିଷ୍ଣୁ ମିଳିଲେ ଯଜ୍ଞବାଟେ । ବଳି ନୃପତିର ନିକଟେ ।।୭୪
କଟିରେ ମର୍କତ ମେଖଳା । ଯଜ୍ଞୋପବୀତ ଅକ୍ଷମାଳା ।।୭୫
କନ୍ଧରେ କୃଷ୍ଣାଜିନ ଶୋହେ । ଉତ୍ତରୀ ପ୍ରାୟ ନିଜଦେହେ ।।୭୬
ଅଦ୍‌ଭୁତ ବାମନ ଶରୀର । ଶିରେ ବିରାଜେ ଜଟାଭାର ।।୭୭
ମାୟାବାମନ ରୂପ ଦେଖି । ତକ୍ଷଣେ ଆସନ ଉପେକ୍ଷି ।।୭୮
ଭୃଗୁ ସହିତେ ଶିଷ୍ୟ ଯେତେ । ଆସନୁ ଉଠିଲେ ତ୍ୱରିତେ ।।୭୯
ଅଞ୍ଜଳିହସ୍ତ କରି ବେଗେ । ମିଳିଲେ ବାମନର ଆଗେ ।।୮୦
ବଳି ବାମନ ରୂପ ଚାହିଁ । ଆସନ ଦେଲା ବେଗେ ନେଇ ।।୮୧
ଚରଣେ ନମସ୍କାର କରି । କୁଶଳ ବାରତା ପଚାରି ।।୮୨
ପବିତ୍ରଜଳେ ଧୋଇ ପାଦ । ଆନନ୍ଦେ କଣ୍ଠ ଗଦଗଦ ।।୮୩
ପାଦ ଉଦକ ଘେନି ଶିରେ । ରୋମହରଷ କଳେବରେ ।।୮୪
ଯାର ଚରଣସ୍ପର୍ଶ-ଜଳ । ଖଣ୍ଡଇ ସର୍ବ ଅମଙ୍ଗଳ ।।୮୫
ଗିରୀଶ ପରମ ଭକ୍ତିରେ । ଯେ ପାଦୋଦକ ଧରେ ଶିରେ ।।୮୬
ବଳି ଯେ ବେନିକର ଯୋଡ଼ି । କହେ ବାମନ ପାଦେ ପଡ଼ି ।।୮୭

ବଳି ଉବାଚ

ଭୋ ବିପ୍ର ନମୁଁ ତୋ ଚରଣେ । ଅଶେଷ କୁଶଳ କାରଣେ ।।୮୮
ବ୍ରହ୍ମଋଷିଙ୍କ ତେଜପ୍ରାୟେ । ମୁହିଁ ଦେଖଇ ତୋର ଦେହେ ।।୮୯
ତୁ ବ୍ରହ୍ମସ୍ୱରୂପ ସାକ୍ଷାତେ । ତୋ ରୂପ ନାହିଁ ଏ ଜଗତେ ।।୯୦
କି ଅର୍ଥେ ତୋହର ଆଗମ । କହ ତୋହର କିସ ନାମ ।।୯୧
ମୋ ପିତୃଗଣେ ଆଜ ତୋଷ । ପବିତ୍ର ମୋର ଗୃହବାସ ।।୯୨
ଆଜ ମୋ ସୁଫଳ ଜୀବନ । ଯେଣୁ ତୋହର ଆଗମନ ।।୯୩
ପବିତ୍ର ହୋଇଲା ମୋ କୁଳ । ଲଭିଲି ଶତକ୍ରତୁ ଫଳ ।।୯୪
ଆଜ ଅନଳେ ଘୃତରାଶି । ଶୁଦ୍ଧେ ଜଳିବ ମୋତେ ତୋଷି ।।୯୫
ଏ ଭୂମି ପବିତ୍ର ମୋହର । ନିର୍ମଳ ଯେହ୍ନେ ସ୍ୱର୍ଗପୁର ।।୯୬
ଭୋ ବିପ୍ର ଦାନ ମାଗ ମୋତେ । ଯେ ଅବା ଇଚ୍ଛା କର ଚିତ୍ତେ ।।୯୭
ଗୋରୁ କାଞ୍ଚନ ଦିବ୍ୟପୁର । କିବା ପ୍ରାସାଦ ମନୋହର ।।୯୮
ଗ୍ରାମ ପାଟଣା କନ୍ୟାଧନ । ଅମୂଲ୍ୟ ବସ୍ତୁ ରତ୍ନମାନ ।।୯୯
ଅନ୍ନବସନ ଆଦି ଯେତେ । ଭୋ ବିପ୍ର ମାଗ ତୋଷଚିତ୍ତେ ।।୧୦୦
ଗଜ ତୁରଙ୍ଗ ସୁଖାସନ । ରଥ ପଲ୍ୟଙ୍କ ଯହିଁ ମନ ।।୧୦୧
କି ଅବା ଅଛି ତୋର ଚିତ୍ତେ । ଭୋ ବିପ୍ର ମାଗ ଇଚ୍ଛା ଯେତେ ।।୧୦୨
ଦେବି ମୁଁ ସତ୍ୟ ମୋ ବଚନ । ଦାରା ତନୟ ବା ଜୀବନ ।।୧୦୩
ଏମନ୍ତେ ବଳି ଶୁଦ୍ଧଚିତ୍ତେ । କହିଲା ବାମନ ଅଗ୍ରତେ ।।୧୦୪
ଏମନ୍ତ ବଳି ବାକ୍ୟ ଶୁଣି । ବାମନ ଧରି କୁଶ ପାଣି ।।୧୦୫
ମଙ୍ଗଳ ସ୍ୱରେ ବେଦଧ୍ୱନି । କରନ୍ତି ବଳି ମନଘେନି ।।୧୦୬
ତିନିଭୁବନ କମ୍ପେ ନାଦେ । ସୁଜନେ ଚିନ୍ତ କୃଷ୍ଣପାଦେ ।।୧୦୭
କହଇ ବିପ୍ର ଜଗନ୍ନାଥ । ଭାଷା ପ୍ରବନ୍ଧେ ଭାଗବତ ।।୧୦୮

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ବାମନ ପ୍ରାଦୁର୍ଭାବେ ବଳିବାମନ ସମ୍ବାଦେ ସପ୍ତଦଶୋଽଧ୍ୟାୟଃ ।।

ଅଷ୍ଟାଦଶ ଅଧ୍ୟାୟ

ଶୁକ କହନ୍ତି ତୋଷମନେ । ଶୁଣ ପରୀକ୍ଷ ସାବଧାନେ ।।୧

ଶୁକ ଉବାଚ

ଏମନ୍ତେ ବଳି ବାକ୍ୟ ଶୁଣି । ସନ୍ତୋଷେ ପ୍ରଭୁ ପଦ୍ମପାଣି ।।୨
ବଳିର ବାକ୍ୟେ ପ୍ରୀତି କରି । ବଟୁ ବାମନ ରୂପ ଧରି ।।୩
ବୋଲନ୍ତି ମଧୁର ବଚନ । ଯେ ବାକ୍ୟ ମୋହେ ପ୍ରାଣୀ ମନ ।।୪

ଭଗବାନ ଉବାଚ

ହେ ବଳିରାଜା ତୁହି ଧନ୍ୟ । କୁଳ ଉଚିତ ତୋ ବଚନ ।।୫
ଧର୍ମସଂଯୁତ ଯଶସ୍କର । ପାରଲୌକିକ ଧର୍ମପର ।।୬
ଯାହାର ବଂଶେ ପୁରୋହିତ । ଭାର୍ଗବ ପଦ୍ମଯୋନିସୁତ ।।୭
ପ୍ରହ୍ଲାଦ ଯାର ପିତାମହ । ବିଷ୍ଣୁ ଭଜନେ ମହାଶୟ ।।୮
ଏ କୁଳେ ନାହିଁ ବଳହୀନ । ନିଃସତ୍ତ୍ୱ କୃପଣ ଜୀବନ ।।୯
ବ୍ରାହ୍ମଣେ ଦାନ ତୁମ୍ଭ କୁଳେ । ପ୍ରସିଦ୍ଧି ଭୁବନ ମଣ୍ଡଳେ ।।୧୦
ଯାହାର ବଂଶେ ରଣତୀର୍ଥ । ସଂଗ୍ରାମେ ନୁହଁନ୍ତି ନିସତ ।।୧୧
ଅତିଥି ଆଗମନେ ସୁଖୀ । ଦୁଃଖିଜନଙ୍କ ଦୁଃଖେ ଦୁଃଖୀ ।।୧୨
ନିର୍ମଳ ଯଶ ଯାର କୁଳେ । ବିଖ୍ୟାତ ଭୁବନମଣ୍ଡଳେ ।।୧୩
ପ୍ରହ୍ଲାଦ ଜାତ ଯେଉଁ କୁଳେ । ଯେହ୍ନେ ଶଶାଙ୍କ ତାରା ମେଳେ ।।୧୪
ଯେ ବଂଶେ ହିରଣ୍ୟାକ୍ଷ ବୀର । ଦେବ-ଦାନବେ ଅଗୋଚର ।।୧୫
ହିରଣ୍ୟାକ୍ଷ ଯେ ଗଦାପାଣି । ଉଦ୍ଦଣ୍ଡେ ଭ୍ରମଇ ଧରଣୀ ।।୧୬
ତାହାର ସଙ୍ଗେ ଗଦାଯୁଦ୍ଧେ । କେହି ନ ମିଳେ ରଣମଧ୍ୟେ ।।୧୭
ଯଜ୍ଞବରାହ ରୂପ ହରି । ଦନ୍ତାଗ୍ରେ ଧରଣୀ ଉଦ୍ଧରି ।।୧୮
ପାତାଳୁ ଆଗମନ କାଳେ । ସେ ବୀର ଥିଲା ମହାଜଳେ ।।୧୯
ଅନେକ ମାୟାଯୁଦ୍ଧ କଲା । ବିଷ୍ଣୁର ଗଦାଘାତେ ମଲା ।।୨୦
ତାର ମହିମା ଚକ୍ରପାଣି । ଆନନ୍ଦେ ରୁଦ୍ର ଆଗେ ଭଣି ।।୨୧
ହରଗଉରୀଙ୍କ ଅଗ୍ରତେ । ସେ ବିଷ୍ଣୁ କହେ ତୋଷଚିତ୍ତେ ।।୨୨
ସେ ହରି ହିରଣ୍ୟାକ୍ଷ ମାରି । ଦନ୍ତାଗ୍ରେ ଧରଣୀ ଉଦ୍ଧରି ।।୨୩
ଆତ୍ମାକୁ ବୀରଜୟୀ ମଣି । ସକଳ ସଭାମଧ୍ୟେ ଭଣି ।।୨୪
ତାହାର ବଧ ଶୁଣି ରଣେ । ହିରଣ୍ୟକଶିପୁ ତକ୍ଷଣେ ।।୨୫
ଭ୍ରାତୃ ମରଣେ କ୍ରୋଧ କରି । ପ୍ରଚଣ୍ଡ ଶୂଳ କରେ ଧରି ।।୨୬
ଶମନ ତୁଲ୍ୟେ କୋପମନେ । ମିଳିଲା ବିଷ୍ଣୁର ଭୁବନେ ।।୨୭
ଗୋବିନ୍ଦ ତାର ଆଗମନ । ଦେଖିଣ ତେଜିଲେ ଆସନ ।।୨୮
କୃତାନ୍ତ ପ୍ରାୟ ଶୂଳ ତୋଳି । ଧାମଇଁ କୋପେ ମହାବଳୀ ।।୨୯
ସେ ବିଷ୍ଣୁମାୟା ଯୋଗବଳେ । ଅଦ୍‌ଭୁତ ଦେଖି ପଳାଇଲେ ।।୩୦
ଲୀଳାଏ ଯାନ୍ତେ ବନମାଳୀ । ଦେଖି ବିଚାରେ ମହାବଳୀ ।।୩୧
ଏ ମୋର ମାରିଅଛି ଭାଇ । ନିଶ୍ଚୟେ ଶତ୍ରୁ ମୋର ଏହି ।।୩୨
ଏହାକୁ ପ୍ରାଣେ ନାଶ କଲେ । ତେବେ ଜୀବନେ ଥିବି ଭଲେ ।।୩୩
ଏମନ୍ତେ ଚିନ୍ତି ଶୂଳ ଧରି । ପଛେ ଧାଇଁଲା ରୋଷଭରି ।।୩୪
ବିଷ୍ଣୁ ପଳାନ୍ତି ତାକୁ ଦେଖି । ସଂଭ୍ରମେ ଭୁବନ ଉପେକ୍ଷି ।।୩୫
ଯେଣେ ପଳାନ୍ତେ ନରହରି । ଧାଏଁ ଅସୁର ଶୂଳ ଧରି ।।୩୬
ସେ ବିଷ୍ଣୁ କରନ୍ତି ବିଚାର । ସ୍ୱଭାବେ ଅଜେୟ ଅସୁର ।।୩୭
ଏହାକୁ ମାୟା ମୁଁ ନକଲେ । କେମନ୍ତେ ପୁରେ ଥିବି ଭଲେ ।।୩୮
ଏହାର ହୃଦୟେ ମୁଁ ପଶି । ମାୟାରେ ମନକୁ ଆକର୍ଷି ।।୩୯
ଯେମନ୍ତେ ମୋତେ ଏ ନ ପାଇ । ବିମୁଖେ ନିଜ ପୁରେ ଯାଇ ।।୪୦
ମୋର ବିଷୟେ କରି କ୍ରୋଧ । କାଳେ ହୋଇବ ପ୍ରାଣେ ବଧ ।।୪୧
ଏମନ୍ତେ ବିଷ୍ଣୁ ବିଚାରିଲେ । ମାୟାରେ ଅନ୍ତର ହୋଇଲେ ।।୪୨
ତାର ଶରୀର ପ୍ରାଣରନ୍ଧ୍ରେ । ବିଷ୍ଣୁ ପଶିଲେ ଯୋଗବନ୍ଧେ ।।୪୩
ବିଷ୍ଣୁ ନ ଦେଖି ମହାକ୍ରୋଧେ । ଗର୍ଜିଲା ଭୟଙ୍କର ନାଦେ ।।୪୪
ଆକାଶ ଦିଗ ଯେ ବିବର । ପୃଥିବୀ ସ୍ୱର୍ଗ ଯେ ସାଗର ।।୪୫
ସର୍ବତ୍ର ଅନ୍ୱେଷଣ କଲା । କୁତ୍ରାପି ହରି ନ ପାଇଲା ।।୪୬
ସେ ବୀର ବିଚାରଇ ମନେ । ଏ ତ ଭାଜିଲା ଭୟଛନ୍ନେ ।।୪୭
ନିଶ୍ଚୟ ବୈକୁଣ୍ଠକୁ ଗଲା । ଏମନ୍ତ ବୋଲି ବାହୁଡ଼ିଲା ।।୪୮
ପଥେ ଚଳନ୍ତେ ମନେ ଭାବି । ବୋଲଇ ଅବଶ୍ୟ ମାରିବି ।।୪୯

ସେ ମୋର ଭ୍ରାତୃ-ହତ୍ୟାକାରୀ । ଏମନ୍ତେ ମନେ କ୍ରୋଧଭରି ।।୫୦
ଜୀବନ ଥିବା ପରିଯନ୍ତେ । ବିଷ୍ଣୁ ନ ଭଜେ କୋପଚିତ୍ତେ ।।୫୧
ହରିର ତୁଲେ ବାଦ କଲା । ଅନ୍ତେ ସେ ବୈକୁଣ୍ଠକୁ ଗଲା ।।୫୨
ତାର ତନୟ ପ୍ରହଲ୍ଲାଦ । ତୋ ପିତା ତାହାର ଦାୟାଦ ।।୫୩
ବିଷ୍ଣୁଭକତ ମହାଶୟ । ଦେବଦାନବେ ସେ ଅଜେୟ ।।୫୪
ଦେବଙ୍କ କପଟ ଜାଣିଲା । ବ୍ରାହ୍ମଣ ବୋଲି ଆୟୁ ଦେଲା ।।୫୫
ତାହାର ବଂଶେ ତୁହି ଜାତ । ସ୍ୱଭାବେ ଅଟୁ ଭାଗ୍ୟବନ୍ତ ।।୫୬
ବ୍ରହ୍ମାଣ୍ଡେ ମହିମା ତୋହର । ଏ କୁଳେ ଅତି ଯଶସ୍କର ।।୫୭
ତିନିଭୁବନେ ତୁ ଯେ ରାଜା । ସର୍ବେ କରନ୍ତି ପାଦପୂଜା ।।୫୮
ଏଣୁ ତୋହର ହସ୍ତେ ତୁହି । ନିବାସ ଅର୍ଥେ କିଛି ଭୂଇଁ ।।୫୯
ମୋହର ପାଦେ ପାଦ ତିନି । ମାପିଣ ଦିଅ ହେ ମେଦିନୀ ।।୬୦
ଦାରା ତନୟ ମୋର ନାହିଁ । କେବଳ ବାସ୍ତୁ ମୁଁ ଇଚ୍ଛଇ ।।୬୧
ଏ ଭୂମିଦାନ ଦିଅ ମୋତେ । ଯେମନ୍ତେ ରହିବି ନିଶ୍ଚିନ୍ତେ ।।୬୨
ତୁ ଅଟୁ ଜଗତ ଈଶ୍ୱର । ଆନେ କି ପ୍ରୟୋଜନ ମୋର ।।୬୩
କହନ୍ତି ବ୍ୟାସଙ୍କ ତନୁଜ । ଶୁଣ ପରୀକ୍ଷ ମହାରାଜ ।।୬୪
ବଳି ବାମନ-ବାକ୍ୟ ଶୁଣି । ହସି କହଇ ମନେ ଗୁଣି ।।୬୫

ବଳି ଉବାଚ

ଭୋ ବିପ୍ର ଶୁଣ ମୋ ଉତ୍ତର । ତୁ ଅଟୁ ବାଳକ ଶରୀର ।।୬୬
ବୃଦ୍ଧର ପ୍ରାୟେ କଥା କହୁ । ବିଚାରେ ବାଳକ ତୁ ନୋହୁ ।।୬୭
ସ୍ୱଭାବେ ବାଳବୃଦ୍ଧି ଘେନି । ନ ଜାଣୁ ଆତ୍ମା-ଲାଭ-ହାନି ।।୬୮
ଅଜ୍ଞାନ ପ୍ରାୟେ ବହୁମତି । ଏ ତୋର ବିପରୀତ ଗତି ।।୬୯
ମୁହିଁ ତ୍ରିଲୋକେ ଏକ ରାଜା । ସର୍ବେ କରନ୍ତି ପାଦପୂଜା ।।୭୦
ତ୍ରିପାଦ ଭୂମି ମାଗୁଁ ମୋତେ । ଏ ଦାନ ଦେବି ମୁଁ କେମନ୍ତେ ।।୭୧
ଲୋକେ କରିବେ ଉପହାସ । ଏ କଥା ନୋହଇ ବିଶ୍ୱାସ ।।୭୨
ଯେ ବିପ୍ର ମୋର ଦାନ ନେବ । ସେ କିମ୍ପା ଆନକୁ ମାଗିବ ।।୭୩
ଏଣୁ ବହୁତ-ବୃତ୍ତିକାରୀ । ଭୋ ବିପ୍ର ମାଗ ବସୁନ୍ଧରୀ ।।୭୪
ଏମନ୍ତ ବଳି ମୁଖୁଁ ଶୁଣି । ବଟୁ-ବାମନ କହେ ପୁଣି ।।୭୫

ବାମନ ଉବାଚ

ଶୁଣ ହୋ ବଳି ନୃପନାଥ । ଅଜ୍ଞାନୀଜନଙ୍କର ମତ ।।୭୬
ସମୁଦ୍ର ଆବରଣେ ମହୀ । ଏତେ ସମ୍ପଦ ଯେବେ ପାଇ ।।୭୭
ତେବେ ହେଁ ଆଶା ନ ପୂରଇ । ଶୁଣ ନୃପତି ମନଦେଇ ।।୭୮
ସପତଦ୍ୱୀପେ ଅଧିପତି । ଥିଲେ ଯେ ଅନେକ ନୃପତି ।।୭୯
ବେଣତନୟ ଗୟ ଆଦି । ଅସଂଖ୍ୟ-ଅତୁଳ-ସମ୍ପତ୍ତି ।।୮୦
ସେ ଅର୍ଥ-କାମ ଯେତେ କଲେ । ତୃଷ୍ଣାର ଅନ୍ତ ନ ପାଇଲେ ।।୮୧
ପୂର୍ବର କର୍ମଫଳ ଲଇ । ଯେ ଦିନେ ଯେ ଅବା ମିଳଇ ।।୮୨
ତେଣେ ସନ୍ତୋଷ ଚିତ୍ତ ଯାର । ସେ ପ୍ରାଣୀ ତ୍ରିଜଗତେ ସାର ।।୮୩
ସନ୍ତୋଷେ ତେଜ ବଢ଼େ ଭଲେ । ଘୃତେ ଅନଳ ଯେହ୍ନେ ଜଳେ ।।୮୪
ଯେ ଅର୍ଥ-କାମେ ଅସନ୍ତୋଷ । ହେଲେ ତା ତେଜ ହୋଏ ନାଶ ।।୮୫
ଉଭୟଲୋକେ ସୁଖ ନାହିଁ । ସେ ପ୍ରାଣୀ ଥିବ ଅବା କାହିଁ ।।୮୬
ଅର୍ଜନେ ଅସନ୍ତୋଷ ହେଲେ । ଅତୁଷ୍ଟେ ପଡ଼ଇ ପାତାଳେ ।।୮୭
ଅତୁଷ୍ଟି ଜଳବିନ୍ଦୁ ହୋଇ । ଅଗ୍ନିର ତେଜ ସେ ଲିଭାଇ ।।୮୮
ଏଣୁ ସମ୍ପଦେ କାର୍ଯ୍ୟ ନାହିଁ । ତ୍ରିପାଦ ଭୂମି ଦିଅ ତୁହି ।।୮୯
ଏକଇ ମାତ୍ର ମୋ ଜୀବନ । ଅଧିକେ କିବା ପ୍ରୟୋଜନ ।।୯୦
ଆନନ୍ଦେ କହେ ବ୍ୟାସସୁତ । ଶୁଣ ହେ ନୃପ ପରୀକ୍ଷିତ ।।୯୧

ଶୁକ ଉବାଚ

ଏମନ୍ତେ ବିପ୍ର ଯହୁଁ ଭାଷି । ସେ ବାକ୍ୟ ଶୁଣି ବଳି ହସି ।।୯୨
ବୋଲଇ ଧରି କୁଶପାଣି । ତୋ ପାଦ-ପ୍ରମାଣେ ଧରଣୀ ।।୯୩
ଦେବଇଁ ସତ୍ୟ ମୋ ବଚନ । ଭୋ ବିପ୍ର ତୋଷଚିତ୍ତେ ଘେନ ।।୯୪
ଶୁକ୍ର ଯେ ବଳି ପାଶେ ଥିଲା । ଦାନର ନିର୍ଣ୍ଣୟ ଜାଣିଲା ।।୯୫
କରଅଞ୍ଜଳି ବ୍ୟଗ୍ରେ ଧରି । ବଳିକି କହେ ଆଗସରି ।।୯୬

ଶୁକ୍ର ଉବାଚ

ଶୁଣ ହେ ବିରୋଚନ ସୁତ । ତୋର ଦେଖଇଁ ବିପରୀତ ।।୯୭
ପାତ୍ର-ଅପାତ୍ର ତୁ ନ ଜାଣୁ । ବିପ୍ରଙ୍କୁ ଦାନେ ପରିମାଣୁ ।।୯୮
ଦେଖ ଏ ପ୍ରଭୁ ଭଗବାନ । କପଟେ ଶରୀର ବାମନ ।।୯୯
ବିବୁଧକୁଳ ରକ୍ଷା କାର୍ଯ୍ୟେ । ଜନ୍ମିଲେ କଶ୍ୟପର ବୀର୍ଯ୍ୟେ ।।୧୦୦
ଅଦିତି-ଗର୍ଭେ ଜାତ ହୋଇ । ଅଇଲେ ତୋର ମନମୋହି ।।୧୦୧
ଅର୍ଥ ଅନର୍ଥ ତୁ ନ ଜାଣି । ହସ୍ତେ ଧଇଲୁ କୁଶପାଣି ।।୧୦୨
ଦିତିର ଗର୍ଭେ ଜାତ ହୋଇ । ଏମନ୍ତ ଦେଖିଲା ତ ନାହିଁ ।।୧୦୩
ଏ ବିଷ୍ଣୁ ତୋର ଯଶଶିରୀ । ମାୟା ବାମନ ରୂପେ ହରି ।।୧୦୪
ଇନ୍ଦ୍ରକୁ ଦେବ ବୁଦ୍ଧିବଳେ । ତୁ ମୂଢ଼ ପଶିବୁ ପାତାଳେ ।।୧୦୫
ତିନିଚରଣେ ତିନିପୁର । ସମ୍ପଦ ହରିବ ତୋହର ।।୧୦୬
ସର୍ବସ୍ୱ ବିଷ୍ଣୁ ହସ୍ତେ ଦେଇ । ତୁ ମୂଢ଼ ବିଶ୍ରାମିବୁ କାହିଁ ।।୧୦୭
ପାଦକେ ଅବନୀ ପୂରିବ । ଶରୀର ବ୍ରହ୍ମାଣ୍ଡେ ଘୋଟିବ ।।୧୦୮
ଦ୍ୱିତୀୟ ପାଦେ ହୃଷୀକେଶ । ବିକ୍ରମି ଘେନିବ ଆକାଶ ।।୧୦୯
ତୃତୀୟପାଦ କାହୁଁ ଦେବୁ । ନିଶ୍ଚୟେ ନରକେ ପଡ଼ିବୁ ।।୧୧୦
ସଙ୍କଳ୍ପ କରି ଦାନ ଅର୍ଥେ । ପଛେ ନ ଦ୍ୟନ୍ତି ଯେ ଯୁଗତେ ।।୧୧୧
ସେ କାହିଁ ଥିବେ ଏ ସଂସାରେ । ପଡ଼ନ୍ତି ଅନ୍ଧତମ ଘୋରେ ।।୧୧୨
ଯେ ଦାନେ ବୃତ୍ତି ଯାଏ ନାଶ । କୁଳ ସମ୍ପଦ ଧର୍ମ ଯଶ ।।୧୧୩
ସେ ଦାନ କେବେହେଁ ନକରି । ଯଶ ସମ୍ପଦ ପରିହରି ।।୧୧୪
ଧର୍ମ ଅର୍ଥ ଯେ ଯଶ କାମ । ଆବର କୁଟୁମ୍ବ ପୋଷଣ ।।୧୧୫
ଏଥକୁ ରଖି ଦାନ କଲେ । ଆନନ୍ଦ ଲଭେ ପ୍ରାଣୀ ଭଲେ ।।୧୧୬
ପୂର୍ବେ ଯେ ସିଦ୍ଧମୁନି ଯେତେ । ସେ କହିଛନ୍ତି ଧର୍ମଶାସ୍ତ୍ରେ ।।୧୧୭
ତାହା କହିବା ତୋ ଅଗ୍ରତେ । ରାଜନ ଶୁଣ ଏକଚିତ୍ତେ ।।୧୧୮
ମନବଚନେ ସତ୍ୟକରି । ଓଁ କାର-ବାକ୍ୟ ଯେ ଉଚ୍ଚାରି ।।୧୧୯
ଦେବି ମୁଁ ବୋଲି ସତ୍ୟକରେ । କେ ତାହା ଜ୍ଞାନ ଥାଉଁ ହରେ ।।୧୨୦
ମିଥ୍ୟା ବୋଲିଟି ତାର ନାମ । ଜାଣ ହେ ଅସୁରଉତ୍ତମ ।।୧୨୧
ଏ ଦେହ-ବୃକ୍ଷ ମିଥ୍ୟାମୂଳ । ସତ୍ୟ ଯେ ତାର ଫୁଲଫଳ ।।୧୨୨
ବୃକ୍ଷର ନାଶେ ନାଶ ଯାନ୍ତି । ବୃକ୍ଷର ମୂଳ ଥିଲେ ଥାନ୍ତି ।।୧୨୩
ସଙ୍କଳ୍ପ-ସତ୍ୟ ନାଶ ଯାନ୍ତେ । ଅଙ୍କୁର ନୁହଁଇ ବିହିତେ ।।୧୨୪
ଅ କାର ଉ କାର ମ କାରେ । ଶବ୍ଦ ଉଚ୍ଚାର ପ୍ରଣବରେ ।।୧୨୫
ଯେ ତାହା ଅଜ୍ଞାନେ ହରନ୍ତି । ନିଜ ଶରୀର ନ ଧରନ୍ତି ।।୧୨୬
ରତି-ସମ୍ଭୋଗେ ନାରୀ ସଙ୍ଗେ । ବିବାହେ କନ୍ୟାବର ଯୋଗେ ।।୧୨୭
ବୃତ୍ତ୍ୟର୍ଥେ ପ୍ରାଣର ସଙ୍କଟେ । ଗୋରୁ-ବ୍ରାହ୍ମଣଙ୍କର କଷ୍ଟେ ।।୧୨୮
ମିଥ୍ୟା କହିଲେ ଯେବେ ତରେ । ଏ କଥା କେ ଅବା ନ କରେ ।।୧୨୯
ଗୁରୁ ଏମନ୍ତ ବାକ୍ୟ କହି । ବଳି ତା ବାକ୍ୟେ ମନ ଦେଇ ।।୧୩୦
ସଂଶୟ ରହିଲା ତା ଚିତ୍ତେ । ଗୁରୁ ବଚନେ ଧର୍ମମତେ ।।୧୩୧
ବଳି-ବାମନ ବାକ୍ୟବନ୍ଧେ । ଯେମନ୍ତେ ଏ ଅଷ୍ଟମସ୍କନ୍ଧେ ।।୧୩୨
ସୁଜନେ ଶୁଣ ଏକ ଚିତ୍ତେ । ହରିଚରିତ ଭାଗବତେ ।।୧୩୩
ଶ୍ରୀହରି-ଚରିତ ଏ ଭାବ । ଭାବିଲେ ସଂସାରୁ ତରିବ ।।୧୩୪
ବୋଲଇ ବିପ୍ର ଜଗନ୍ନାଥ । ଭାଷା-ପ୍ରବନ୍ଧେ ଭାଗବତ ।।୧୩୫

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟା ସଂହିତାୟାଂ
ଅଷ୍ଟମସ୍କନ୍ଧେ ବାମନ ପ୍ରାଦୁର୍ଭାବେ ଅଷ୍ଟାଦଶୋଽଧ୍ୟାୟଃ ।।

ଊନବିଂଶ ଅଧ୍ୟାୟ

ଶୁକ ଉବାଚ

ଶୁକ କହନ୍ତି ମୃଦୁବାଣୀ । ଶୁଣ ପାଣ୍ଡବ-ଚୂଡ଼ାମଣି ।।୧
ବଳି ଯେ ଅସୁରଙ୍କ ପତି । ସ୍ୱଭାବେ ଧର୍ମେ ଶୁଦ୍ଧମତି ।।୨
କୁଳ ଆଚାର୍ଯ୍ୟ ବାକ୍ୟ ଶୁଣି । ଧର୍ମ ଅଧର୍ମ ମନେ ଗୁଣି ।।୩
ତୁନି ହୋଇଲା କ୍ଷଣମାତ୍ର । ଶିଥିଳେ କମ୍ପମାନ ଗାତ୍ର ।।୪
କ୍ଷଣକେ ଗୁରୁ ମୁଖ ଚାହିଁ । ବୋଲଇ ଶିରେ କର ଦେଇ ।।୫

ବଳି ଉବାଚ

ଭୋ ଗୁରୁ ସତ୍ୟ ତୁମ୍ଭ କଥା । ଗୃହସ୍ଥ ଧର୍ମର ବ୍ୟବସ୍ଥା ।।୬
ଯେ ଧର୍ମେ ଅର୍ଥ କାମ ଯଶ । ବୃତ୍ତି ସହିତେ ଯିବ ନାଶ ।।୭
ଏବେ ମୁଁ ଧନେ ହୋଇ ଲୋଭୀ । ବିପ୍ରଙ୍କୁ କେମନ୍ତେ ଲଂଘିବି ।।୮
ସର୍ବଦେବତା ବିଷ୍ଣୁ ଦେହେ । ବ୍ରାହ୍ମଣ ଦେହେ ବିଷ୍ଣୁ ରହେ ।।୯
ଏକ ବିପ୍ରଙ୍କୁ ବଞ୍ଚାଇଲେ । ବ୍ରହ୍ମାଣ୍ଡ ନାଶ ଯାଇ ଭଲେ ।।୧୦
ମୁଁ ପ୍ରହଲ୍ଲାଦ ବଂଶେ ଜାତ । ଏ କଥା ଜଗତେ ବିଖ୍ୟାତ ।।୧୧
କେମନ୍ତେ ସତ୍ୟବାକ୍ୟ କହି । କପଟ କରି ମାୟା ବହି ।।୧୨
ଲଂଘିବି ପାପ-କର୍ମ-ବଳେ । ଅଯଶ ଲଭିବି ଶୟଲେ ।।୧୩
ସତ୍ୟ ଉପରେ ଧର୍ମ ନାହିଁ । ଏ କଥା ଭୂମି ଅଛି କହି ।।୧୪
ସର୍ବ ଅପ୍ରାଧ ସହିପାରେ । ମିଥ୍ୟାର ଭାରେ ମୁହିଁ ଡରେ ।।୧୫
ଅଧର୍ମ କରନ୍ତି ଯେ ଜନେ । ନରକେ ପଡ଼ନ୍ତି ସେମାନେ ।।୧୬
ନ ଡରେ ଦୁଃଖ ପାରାବାରେ । ନରକେ କିବା ମରଣରେ ।।୧୭
ସ୍ୱସ୍ଥାନ ଭ୍ରଷ୍ଟେ ନାହିଁ ତପ । ବିପ୍ର-ଲଙ୍ଘନେ ମହାପାପ ।।୧୮
ଏ ଭୂମି ଛାଡ଼ି ଅନ୍ତକାଳେ । ମୁହିଁ ଗମିବି ଅନ୍ତରାଳେ ।।୧୯
ଏ ଭୂମି ବିପ୍ର କରେ ଦେଇ । କେମନ୍ତେ ଲଂଘିବଇଁ ମୁହିଁ ।।୨୦
ପ୍ରାଣୀଙ୍କ ହିତେ ସାଧୁଜନ । ତ୍ୟଜନ୍ତି ଏ ଧନ-ଜୀବନ ।।୨୧
ଦଧୀଚି ଆଦି ଋଷି ଯେତେ । ପୂର୍ବେ ଯେ ସାଧବ ସମସ୍ତେ ।।୨୨
ପୃଥିବୀ ଆତ୍ମବଶ କଲେ । ସଙ୍ଗତେ କିବା ଘେନିଗଲେ ।।୨୩
ମୋହର ବଂଶର ଅସୁରେ । ଏ ଭୂମି ମଧ୍ୟେ ଯେତେ ଥିଲେ ।।୨୪
ସେ ସର୍ବ କାଳେ ଅସ୍ତ ଗଲେ । ଯଶ ରହିଲା ମହୀତଳେ ।।୨୫
ସମରେ ଯେ ବୀରେ ପଶନ୍ତି । ଆତ୍ମ-ବିଚାର ନ କରନ୍ତି ।।୨୬
ଯେ ତୀର୍ଥେ ତ୍ୟଜନ୍ତି ଶରୀର । ସ୍ୱଧର୍ମେ କରନ୍ତି ବିଚାର ।।୨୭
ଯେ ସତପାତ୍ରେ ଦ୍ୟନ୍ତି ଦାନ । ସେ ସର୍ବେ ସାତ୍ତ୍ୱିକ-ଜୀବନ ।।୨୮
ଏ ସତ୍ୟ-ଧର୍ମ ଦୂର କରି । ତୁମ୍ଭ ବଚନ ମନେ ଧରି ।।୨୯
ଏ ମୋର ଶରୀର ନଥିବ । ଏଥକୁ ସାକ୍ଷୀ ସଦାଶିବ ।।୩୦
ବ୍ରହ୍ମାର ବଂଶେ ଜାତ ହୋଇ । ଏମନ୍ତ କହ କାହିଁପାଇଁ ।।୩୧
ନିଶ୍ଚେ ଧରଣୀ ଦେବି ଦାନ । ଏଥକୁ ସାକ୍ଷୀ ଭଗବାନ ।।୩୨
ବେଦ-ବିଧାନ ଯେ ଜାଣନ୍ତି । ଆତ୍ମାକୁ ସର୍ବଭୂତେ ଚିନ୍ତି ।।୩୩
ଅନେକ ଯଜ୍ଞମତେ ଚିନ୍ତି । ଯାର ଚରଣ ନ ଲଭନ୍ତି ।।୩୪
ସେ ହରି ମୋତେ ଦୟା କରୁ । ଅଥବା ଶରୀର ସଂହାରୁ ।।୩୫
ତହିଁକି ଚିନ୍ତା ମୋର ନାହିଁ । ବିପ୍ରେ ଧରଣୀ ଦେବି ମୁହିଁ ।।୩୬
ଅଧର୍ମ-ମାର୍ଗେ ଯେବେ ମୋତେ । ବିପ୍ର ମାରିବ କୋପଚିତ୍ତେ ।।୩୭
ଏ ବ୍ରହ୍ମତନୁ ଇଷ୍ଟ ମୋର । ମୁଁ ତ ଏହାର ନିର୍ବଇର ।।୩୮
ଛଦ୍ମେ ବ୍ରାହ୍ମଣ ରୂପ ଧରି । ବିଷ୍ଣୁ ମୋ ସଙ୍ଗେ ବାଦ କରି ।।୩୯
ଯେବେ ମାରିବେ ଯୁଦ୍ଧେ ମୋତେ । ମୋ ତହୁଁ ଧନ୍ୟ କେ ଜଗତେ ।।୪୦
ବ୍ୟାସତନୟ କହେ ଧୀର । ଶୁଣ ପରୀକ୍ଷ ମହୀଧର ।।୪୧

ଶୁକ ଉବାଚ

ଏମନ୍ତ ଶୁଣି ବଳି ମୁଖେ । ସେ ଭୃଗୁସୁତ ମନଦୁଃଖେ ।।୪୨
ବଳିର ସତ୍ୟକଳ୍ପ ଦେଖି । କ୍ରୋଧେ ଅରୁଣ କଲା ଆଖି ।।୪୩
କଟାକ୍ଷ ନୟନେ ଅନାଇଁ । ମୁଖେ କି ଅନଳ ଜଳଇ ।।୪୪
ନିର୍ଘାତେ କମ୍ପିତ-ନିଃଶ୍ୱାସେ । ବଳିକି ଶାପ ଦେଲା ରୋଷେ ।।୪୫

ଶୁକ୍ର ଉବାଚ

ତୁ ସତ୍ୟସନ୍ଧ ନୃପମଣି । ମୋହର ମହିମା ନଜାଣି ।।୪୬
ଗର୍ବ ବହିଲୁ ଯେବେ ଦୁଷ୍ଟ । ସର୍ବ ସମ୍ପଦୁ ହୁଅ ଭ୍ରଷ୍ଟ ।।୪୭
ଏମନ୍ତେ ଗୁରୁଶାପ ପାଇ । ଧରଣୀ-ଦାନେ ମନଦେଇ ।।୪୮
ବାମନ ବେନିପାଦ ଧରି । ବିଧିପୂର୍ବକ ପୂଜା କରି ।।୪୯
ବଳିର ପତ୍ନୀ ବିନ୍ଧ୍ୟାବଳୀ । କଣ୍ଠେ ଭୂଷଣ ରତ୍ନମାଳୀ ।।୫୦
ଉଦକେ ପୂର୍ଣ୍ଣ ଘଟ ବେଗେ । ଘେନି ମିଳିଲା ସ୍ୱାମୀ ଆଗେ ।।୫୧
ବଳି ବାମନପାଦ ଯୁଗେ । ଜଳ ଢାଳିଲା ନେଇ ବେଗେ ।।୫୨

ପାଦଉଦକ ଘେନି ଶିରେ । ଆନନ୍ଦ ପୁଲକ ଶରୀରେ ।।୫୩
ଯେ ଜଳ ଭୁବନପାବିନୀ । କାନ୍ତକାମିନୀ ଶିରେ ଘେନି ।।୫୪
କୃତାର୍ଥ ହୋଇ କରଯୋଡ଼ି । କିଙ୍କର ପ୍ରାୟେ ପାଦ ପଡ଼ି ।।୫୫
ଆନନ୍ଦ-ସାଗରେ ବୁଡ଼ିଲେ । ଶୂନ୍ୟେ ଯେ ଦେବେ ଦେଖୁଥିଲେ ।।୫୬
ଗନ୍ଧର୍ବଗଣ ବିଦ୍ୟାଧର । ସୁସିଦ୍ଧ ଚାରଣ କିନ୍ନର ।।୫୭
କରନ୍ତି ଜୟ ଜୟ ବାଣୀ । କୁସୁମ କଳ୍ପବୃକ୍ଷୁ ଆଣି ।।୫୮
ସିଞ୍ଚଣ ମନ୍ଦାକିନୀ-ବାରି । ପୁଷ୍ପ ବରଷି ସ୍ତୁତି କରି ।।୫୯
ସହସ୍ର ଦୁନ୍ଦୁଭି ଶବଦ । ବଜାନ୍ତି ଚତୁର୍ବିଧ ବାଦ୍ୟ ।।୬୦
ନୃତ୍ୟ କରନ୍ତି ଅପସରୀ । ମଙ୍ଗଳ ନାଦେ ମୋଦଭରି ।।୬୧
ଆଗରେ ଉଭା ତାର ରାଣୀ । ବଳି ଘେନିଲା କୁଶ ପାଣି ।।୬୨
ବେଦ-ବଚନେ ବାକ୍ୟ କରି । କାନ୍ତ-କାମିନୀ ମୋଦଭରି ।।୬୩
ବାମନ କଲେ ବେଦନାଦ । ଧରଣୀ ଦେଲା ତିନିପାଦ ।।୬୪
ଆତ୍ମସନ୍ତୋଷେ ଯେତେ ଧନ । ଦକ୍ଷିଣା ଦେଲା ଯଜମାନ ।।୬୫
ତାର ଦୁର୍ଲ୍ଲଭ କଥା ଶୁଣି । ଦେବେ କରନ୍ତି ଜୟବାଣୀ ।।୬୬
ବାମନ କରେ ଜଳ ଘେନି । ପାଦକେ ଢାଙ୍କିଲେ ଅବନୀ ।।୬୭
ବାମନ ବଳି-ମୁଖ ଚାହିଁ । ବୋଲନ୍ତି ଆଉ ମହୀ କାହିଁ ।।୬୮
ବଳି ବୋଇଲା ଦେବି ସ୍ୱର୍ଗ । ବାମନ ପାଦ ଦେଲେ ବେଗ ।।୬୯
ଦ୍ୱିତୀୟ ପାଦେ ସ୍ୱର୍ଗ ଝାମ୍ପେ । ଘୋର-ଶବଦେ ଦିଗ କମ୍ପେ ।।୭୦
ଅଦ୍‌ଭୁତ ବାମନ ଶରୀର । ପୂରିଲା ସ୍ୱର୍ଗ-ଅଭ୍ୟନ୍ତର ।।୭୧
ବଳି ଯେ ଆଚାର୍ଯ୍ୟ ସହିତେ । ଅଛନ୍ତି ବାମନ ଅଗ୍ରତେ ।।୭୨
ଦେଖଇ ବାମନ ଶରୀର । ଦେବଦାନବେ ଅଗୋଚର ।।୭୩
ନିର୍ଗୁଣ ଆତ୍ମା ସେ ସ୍ୱଭାବେ । କିବା ଉପମା ଦେବା ଏବେ ।।୭୪
ବେନିଚରଣ ଭୂ-ଆକାଶେ । ପର୍ବତଗଣ ଜଂଘଦେଶେ ।।୭୫
ବିହଙ୍ଗଗଣ ଜାନୁମୂଳେ । ଉଡ଼ନ୍ତି ଜନ୍ତୁ ଅନ୍ତରାଳେ ।।୭୬
ସନ୍ଧ୍ୟା ଦିଶଇ ବସ୍ତ୍ରପ୍ରାୟେ । ନିଜ ସ୍ୱଭାବେ ବିଶ୍ୱକାୟେ ।।୭୭
ଗୁହ୍ୟଦେଶରେ ପ୍ରଜାପତି । ଜଘନେ ଅସୁରେ ବସନ୍ତି ।।୭୮
ନାଭି ପ୍ରଦେଶେ ନଭ ଦିଶେ । ସପତ ସିନ୍ଧୁ କୁକ୍ଷିଦେଶେ ।।୭୯
ଉରେ ବିରାଜେ ତାରାଗଣ । ଯେହ୍ନେ ଅଳଙ୍କାର-ଭୂଷଣ ।।୮୦
ଧର୍ମ ବିରାଜେ ହୃଦମଧେ । ନିଜ ଶରୀର ଅଧଉର୍ଦ୍ଧ୍ୱେ ।।୮୧
ସ୍ତନମଣ୍ଡଳେ ଋତ-ସତ୍ୟ । ମନେ ନିବାସ ନିଶାନାଥ ।।୮୨
କମଳା ହୃଦୟେ ବିରାଜେ । ବେନି କମଳ କରେ ସାଜେ ।।୮୩
କଣ୍ଠେ ବିରାଜେ ସାମବେଦ । ଆବର ଯେ ଅବା ଶବଦ ।।୮୪
ବାସବ ଆଦି ଦିଗପାଳେ । ଭୁଜେ ବସନ୍ତି ଅନ୍ତରାଳେ ।।୮୫
ଗଗନ ଦିଶେ ଶିର ଦେଶେ । ମେଘେ ଦିଶନ୍ତି କେଶପାଶେ ।।୮୬
ନାସିକା ମଧେ ହୋଇ ଶ୍ୱାସ । ବହେ ପବନ ଅଣଚାଶ ।।୮୭
ବେନି ଲୋଚନେ ରବି ଦିଶେ । ବଦନେ ଅନଳ ପ୍ରକାଶେ ।।୮୮
ସପତ ଛନ୍ଦ ବାଣୀ ଦେଶେ । ଜିହ୍ୱାରେ ବରୁଣ ପ୍ରକାଶେ ।।୮୯
ବିଧି ନିଷେଧ ଭୂରୁ ଦେଶେ । ରାତ୍ର ଦିବସ ପକ୍ଷ୍ମେ ଦିଶେ ।।୯୦
ଲଲାଟେ କ୍ରୋଧ ପ୍ରକାଶଇ । ଅଧର ଓଷ୍ଠେ ଲୋଭ ବହି ।।୯୧
ସ୍ମରଣେ କନ୍ଦର୍ପ ରହଇ । ରେତେ ସଲିଳ ବିରାଜଇ ।।୯୨
ଅଧର୍ମ ପୃଷ୍ଠ ଦେଶେ ରହେ । କ୍ରମଣ ମାର୍ଗେ ଯଜ୍ଞ ଶୋହେ ।।୯୩
ଛାୟାରେ ମୃତ୍ୟୁ ବିରାଜଇ । ହସିତ ମାୟାରେ ବସଇ ।।୯୪
ବୃକ୍ଷ-ଔଷଧି ରୋମଗଣ । ଆଶ୍ରିତ ନାନା ପୁଷ୍ପବନ ।।୯୫
ନଦୀ-ସମୂହ ନାଡ଼ୀଦେଶେ । ଅଚଳକୁଳ ନଖେ ବସେ ।।୯୬
ବ୍ରହ୍ମା ବିରାଜେ ବୁଦ୍ଧି ମଧେ । ପ୍ରାଣେ ଦେବତା-ଋଷି ସାଧେ ।।୯୭
ସ୍ଥାବର ଜଙ୍ଗମ ସହିତେ । କୀଟ ପତଙ୍ଗ ଦିଶେ ଗାତ୍ରେ ।।୯୮
ସର୍ବାଙ୍ଗେ ଦିଶେ ତିନିପୁର । ଦେବମାନବେ ଅଗୋଚର ।।୯୯
ନିଜ ଆୟୁଧ ଅଷ୍ଟଭୁଜେ । ଶଙ୍ଖ କମଳ ଚକ୍ର ସାଜେ ।।୧୦୦
ଗଦା ସାରଙ୍ଗ ଅସିବର । ତୂଣ ଅକ୍ଷୟ ବାଣ ଶର ।।୧୦୧
ସୁନନ୍ଦ ଆଦି ପାରିଷଦେ । ସମୀପେ ଖଟନ୍ତି ଆନନ୍ଦେ ।।୧୦୨

ଦିଗ ଉଭାରି ଦିଗପାଳେ । ମୁନି ବିବୁଧ ଅନ୍ତରାଳେ ।।୧୦୩
କିରୀଟ ଅଙ୍ଗଦ ଉଜ୍ଜ୍ୱଳ । ଶ୍ରବଣେ ମକରକୁଣ୍ଡଳ ।।୧୦୪
ଶ୍ରୀବତ୍ସଚିହ୍ନ ବନମାଳା । କଟୀରେ ସୁବର୍ଣ୍ଣ ମେଖଳା ।।୧୦୫
ବନମାଳାର ଗନ୍ଧ ଆଶେ । ଭ୍ରମରେ ଉଡୁଛନ୍ତି ପାଶେ ।।୧୦୬
ପାଦକେ ଧରଣୀ ପୂରିଲା । ଦ୍ୱିତୀୟେ ସ୍ୱର୍ଗ ଗ୍ରସ୍ତ ହେଲା ।।୧୦୭
ଦିଗ ପୂରିଲା ଅଷ୍ଟଭୁଜେ । ମେଘେ ଦିଶନ୍ତି ଚୂଳ ମାଝେ ।।୧୦୮
ଏମନ୍ତେ ବାମନର ଦେହୀ । ତୃତୀୟ ପାଦ ଠାବ ନାହିଁ ।।୧୦୯
ମହତ-ଜନ-ତପ-ଲୋକେ । ଲୁଚିଲେ ବାମନ ମସ୍ତକେ ।।୧୧୦
ବୋଲଇ ଦାସ ଜଗନ୍ନାଥ । ଅଦ୍‌ଭୁତ ବାମନ ଚରିତ ।।୧୧୧
ସୁଜନେ ଚିନ୍ତ ଏକ ଚିତ୍ତେ । ଭାଷା ପ୍ରବନ୍ଧେ ଭାଗବତେ ।।୧୧୨
ବଳି-ବାମନର ପ୍ରସ୍ତାବ । ଶୁଣି ତ୍ରିତାପୁ ନିସ୍ତରିବ ।।୧୧୩

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟା ସଂହିତାୟାଂ
ଅଷ୍ଟମସ୍କନ୍ଧେ ବାମନବିଶ୍ୱରୂପଦର୍ଶନଂ ନାମ ଊନବିଂଶୋଽଧ୍ୟାୟଃ ।।

ବିଂଶ ଅଧ୍ୟାୟ

କହନ୍ତି ବ୍ୟାସଙ୍କର ବଳା । ଶୁଣ ପରୀକ୍ଷ କୃଷ୍ଣଲୀଳା ।।୧

ଶୁକ ଉବାଚ

ବାମନ ବିଶ୍ୱରୂପ ଦେଖି । ବୁଜିଲେ ହରବ୍ରହ୍ମା ଆଖି ।।୨
ଭୟେ ମିଳିଲେ ବିଷ୍ଣୁପାଶେ । ଅଭୟ ଚରଣ ବିଶ୍ୱାସେ ।।୩
ଅମର ଆଦି ମୁନିଗଣେ । ନମିଲେ ବାମନ ଚରଣେ ।।୪
ସନନ୍ଦ ଆଦି ଯୋଗୀଜନେ । ବେଦ ଉପବେଦ ସୁମନେ ।।୫
ଯମ ନିୟମ ବେନିପାଶେ । ସର୍ବେ ମିଳିଲେ ମହାତ୍ରାସେ ।।୬
ତର୍କ ପୁରାଣ ଇତିହାସ । ଆଗମ ନିଗମ ପ୍ରକାଶ ।।୭
ଅପର ଯୋଗୀ ସିଦ୍ଧ ଯେତେ । ଜ୍ଞାନ-ଅନଳ ଜାଳି ଚିତ୍ତେ ।।୮
ଅଶେଷ କର୍ମବନ୍ଧ-ଫାଶି । ଯେ କରିଛନ୍ତି ଭସ୍ମରାଶି ।।୯
ବେଗେ ମିଳିଲେ ମୋଦଭରି । ସ୍ତୁତି-ବନ୍ଦନ ମୁଖେ କରି ।।୧୦
ହର ବିରଞ୍ଚି ତୋଷମନେ । କରସଂପୁଟ ଉପାୟନେ ।।୧୧
ବାମନ ପାଦତଳେ ଥୋଇ । ତକ୍ଷଣେ ବ୍ରହ୍ମା ଆଗ ହୋଇ ।।୧୨
ଯେ ବିଷ୍ଣୁ ନାଭିପଦ୍ମୁଁ ଜାତ । ଯାହାରେ ସର୍ଜିଲା ଜଗତ ।।୧୩
ଆନନ୍ଦେ ଭରି କମଣ୍ଡଳେ । ଶୁଚି ପବିତ୍ର ଶୁଦ୍ଧଜଳେ ।।୧୪
ମନ୍ତ୍ର ଉଚ୍ଚାରି କରେ ଘେନି । ଯେ ନୀର ଭୁବନ ପାବନୀ ।।୧୫
ବାମନ-ପାଦ ଶୂନ୍ୟେ ଗଲା । ବାଜନ୍ତେ ବ୍ରହ୍ମାଣ୍ଡ କମ୍ପିଲା ।।୧୬
ସେ ଅଣ୍ଡ ଭେଦି ଜଳରାଶି । ବେଗେ ବ୍ରହ୍ମାଣ୍ଡ ମଧ୍ୟେ ପଶି ।।୧୭
ବିଷ୍ଣୁ-ଚରଣ ପଖାଳିଲା । ପତିତପାବନୀ ହୋଇଲା ।।୧୮
ସେ ଜଳ କମଣ୍ଡଳେ ଘେନି । ବିଷ୍ଣୁ ସମୀପେ ପଦ୍ମଯୋନି ।।୧୯
ସଙ୍ଗତେ ଘେନି ଦେବଗଣ । ଯେ ସିଦ୍ଧ କିନ୍ନର ଚାରଣ ।।୨୦
ଯେ ଯାର ଘେନି ଉପାୟନ । ମିଳିଲେ ବିଷ୍ଣୁ ସନ୍ନିଧାନ ।।୨୧
ନମି ବାମନ ପାଦତଳେ । ନିଜ ଅଧିକାର ନିଶ୍ଚଳେ ।।୨୨
ଗଙ୍ଗା ଯେ କମଣ୍ଡଳେ ଥିଲା । ବ୍ରହ୍ମା ବିଷ୍ଣୁପାଦେ ଢାଳିଲା ।।୨୩
ଶୁଦ୍ଧ ପବିତ୍ର ଜଳରାଶି । ଗୋବିନ୍ଦ ନଖକୋଣେ ପଶି ।।୨୪
ତହୁଁ ଉଚ୍ଛୁଳି ଅନ୍ତରୀକ୍ଷେ । ପଡ଼ିଲା ମୁନିଙ୍କ ସମକ୍ଷେ ।।୨୫
ସୋମ ଆଦିତ୍ୟଲୋକ ଜିଣି । ସ୍ୱର୍ଗେ ପଡ଼ିଲା ତରଙ୍ଗିଣୀ ।।୨୬
ସୁମେରୁଶିଖେ ଅନ୍ତରୀକ୍ଷେ । ସେ ଜଳ ପଡ଼ିଲା ପ୍ରତ୍ୟକ୍ଷେ ।।୨୭
ଚତୁରଦିଗେ ଚାରିଧାରେ । ପଡ଼ିଲା ଧରଣୀ ଉପରେ ।।୨୮
ସମୁଦ୍ରେ ମିଶେ ଚାରିଦିଗେ । ନଦୀ ସ୍ୱରୂପେ ଅତିବେଗେ ।।୨୯
ଏବେ ହୋ ଶୁଣ ମହୀପତି । ଚରଣ ଧୋଇ ପ୍ରଜାପତି ।।୩୦
ଘେନି ସୁଗନ୍ଧ ପୁଷ୍ପମାଳ । ଚନ୍ଦନ କର୍ପୂର ଶୀତଳ ।।୩୧
ସନ୍ନିଧେ ଧୂପ ଦୀପ ଥୋଇ । ଫଳ ଅକ୍ଷତ ଲାଜା ଦେଇ ।।୩୨
ଜୟ ଶବଦେ ସ୍ତୁତି ଭଣି । ନିର୍ମଳ ବାକ୍ୟେ ବେଦବାଣୀ ।।୩୩
ବିଷ୍ଣୁର ମହିମା ଉକତେ । ତାଣ୍ଡବ ବାଦ୍ୟ ନୃତ୍ୟଗୀତେ ।।୩୪

ଶଙ୍ଖଦୁନ୍ଦୁଭି ଶୂନ୍ୟେ ଘୋଷେ । ସର୍ବେ ମିଳିଲେ ବିଷ୍ଣୁପାଶେ ।।୩୫
ଅତି ଉଲ୍ଲାସେ ଜାମ୍ବବାନ । ମିଳିଲା ବିଷ୍ଣୁ ସନ୍ନିଧାନ ।।୩୬
ବିଷ୍ଣୁର ଯଶ ଗାଇ ତୋଷେ । ଯେ ଯଶ ପୂରେ ଦଶଦିଶେ ।।୩୭
ଏମନ୍ତ ମହୋତ୍ସବ ଦେଖି । ଅସୁର ଭୁବନ ଉପେକ୍ଷି ।।୩୮
ଦ୍ୱିପାଦ ଦାନେ ସ୍ୱର୍ଗ ମହୀ । ପୂରିଲା ବାମନର ଦେହୀ ।।୩୯
ସ୍ୱସ୍ଥାନେ ରହି ନ ପାରିଲେ । ବଳିର ସମୀପେ ମିଳିଲେ ।।୪୦
ଗୁରୁବଚନେ କୋପଚିତ୍ତେ । ବୋଲନ୍ତି ବଳିର ଅଗ୍ରତେ ।।୪୧

ଅସୁରଗଣ ଉବାଚ

ବ୍ରାହ୍ମଣ ନୋହେ ଏ ବାମନ । ପ୍ରତ୍ୟକ୍ଷେ ପ୍ରଭୁ ଭଗବାନ ।।୪୨
ମାୟାବୀମାନଙ୍କ ମୋହନ । କପଟେ ମାଗେ ଭୂମିଦାନ ।।୪୩
ମାୟାବୀମାନଙ୍କର ବର । ସମ୍ପଦ ହରିଲା ତୋହର ।।୪୪
ବାମନରୂପ ଏ ଜଗତେ । ଦେବଙ୍କ କାର୍ଯ୍ୟସିଦ୍ଧି ଅର୍ଥେ ।।୪୫
ଏ ବଳି ନିତ୍ୟେ ସତ୍ୟବ୍ରତ । ବିଶେଷେ ବ୍ରାହ୍ମଣ ଭକତ ।।୪୬
କେବେହେଁ ମିଥ୍ୟା ଏ ନ କହେ । ଦୁଃଜନଙ୍କୁ ଦୟା ବହେ ।।୪୭
ଆମ୍ଭର ପ୍ରଭୁ ଏ ରାଜନ । ନିଶ୍ଚେ ବଇରୀ ଏ ବାମନ ।।୪୮
ଆସ ଏହାକୁ ବଧ କର । ବଳିକି ସଙ୍କଟୁ ଉଦ୍ଧର ।।୪୯
ଏ ମଲେ ଶତ୍ରୁ ନାହିଁ ଦୁଜା । ବଳି ହୋଇବ ସ୍ୱର୍ଗେ ରାଜା ।।୫୦
ଆମ୍ଭେ କରିବୁ ତୋର କାର୍ଯ୍ୟ । ହେ ଦୈତ୍ୟ ବଳି ମହାରାଜ ।।୫୧
ଏମନ୍ତ ବୋଲି ଏକଚିତ୍ତେ । ଅସୁରେ ଧାଇଁଲେ ତୁରିତେ ।।୫୨
ଶୂଳ ଖଡ଼ଗ ଧରି କରେ । ଧାଇଁଲେ ଘୋରନାଦ ଭରେ ।।୫୩
ଶବଦେ ଭୁବନ କମ୍ପିଲା । ସିନ୍ଧୁ କି ଉଚ୍ଛୁଳି ପଡ଼ିଲା ।।୫୪
ତାହାଙ୍କୁ ଦେଖି ବିଷ୍ଣୁଗଣେ । ତକ୍ଷଣେ ଉଭାରିଲେ ରଣେ ।।୫୫
ମିଳିଲେ କରେ ଶସ୍ତ୍ର ଧରି । ଶଙ୍ଖ-ଶବଦେ ମୋଦ ଭରି ।।୫୬
ନନ୍ଦ ସୁନନ୍ଦ ଜୟ ଆଦି । ବିଜୟ ପ୍ରବଳ ସୁବୁଦ୍ଧି ।।୫୭
ବଳ କୁମୁଦ କୁମୁଦାକ୍ଷ । ବିନତାସୁତ ଆଦି ଦକ୍ଷ ।।୫୮
ବିଶ୍ୱକସେନ ଯେ ଜୟନ୍ତ । ସୁବାହୁ ପିଶଙ୍ଗୀ ସମସ୍ତ ।।୫୯
ସାତ୍ୱତ ପୁଷ୍ପଦନ୍ତ ବୀର । ଶ୍ରୁତଦେବ ଯେ ମନୋହର ।।୬୦
ଦଶସହସ୍ର ହସ୍ତୀବଳ । ସ୍ୱଭାବେ ତେଜ ଅନର୍ଗଳ ।।୬୧
ବେଗେ ମିଳିଲେ ଘୋରରଣେ । କୁଞ୍ଜରେ ଯେହ୍ନେ ପଦ୍ମବନେ ।।୬୨
ଅସୁରବଳ ନାଶ ଦେଖି । ବଳି ହୋଇଲା ମନେ ଦୁଃଖୀ ।।୬୩
ଗୁରୁବଚନ ମନେ ସ୍ମରି । ବୋଲଇ ଜଣ ଜଣ କରି ।।୬୪
ହେ ବିପ୍ରଚିତ୍ତି ବ୍ୟଗ୍ରଗତି । ହେ ରାହୁ କଉଣପପତି ।।୬୫
ମୋର ବଚନ ଚିତ୍ତେ ଧର । କେବେ ହେଁ ସମର ନ କର ।।୬୬
ଆମ୍ଭର ନୋହେ ଜୟକାଳ । ଈଶ୍ୱର-ମାୟା ଅନ୍ତରାଳ ।।୬୭
ଯେ ପ୍ରଭୁ ବଳେ ବଳବନ୍ତା । ପ୍ରାଣୀଙ୍କ ଦୁଃଖ-ସୁଖ-ଦାତା ।।୬୮
ସେ ଯେ ଅଶେଷ ମାୟାଧର । ସଂସାର ଯାର ଖେଡ଼ଘର ।।୬୯
ସେ ଯାକୁ କାଳେ ବାମହୋଇ । ତାହାର ଜୟ ଯଶ କାହିଁ ।।୭୦
ଯେବେ ଦଇବ ଆମ୍ଭପକ୍ଷେ । ସୁକାଳ ହୋଇବ ପ୍ରତ୍ୟକ୍ଷେ ।।୭୧
ତେବେ ଜିଣିବା ଆମ୍ଭେ ରଣେ । ଏମନ୍ତ ବୋଧି ଜଣେ ଜଣେ ।।୭୨

ଶୁକ ଉବାଚ

ବଳି ବଚନ ବୀରେ ଶୁଣି । ଜୟଅଜୟ ପରିମାଣି ।।୭୩
ପୁଣି ମିଳିବୁ ଜୟକାଳେ । ଏମନ୍ତ ବୋଲି ରସାତଳେ ।।୭୪
ପଶିଲେ ମନେ କ୍ରୋଧଭରି । ଏବେ ହୋ ଶୁଣ ଦଣ୍ଡଧାରୀ ।।୭୫
ଗରୁଡ଼ ବିଷ୍ଣୁ ଆଜ୍ଞା ପାଇ । ବଳି ସମୀପେ କ୍ରୋଧ ବହି ।।୭୬
ବରୁଣ ପାଶ ଘେନି କରେ । ବଳିକୁ ଯଜ୍ଞର ଶାଳରେ ।।୭୭
ସୋମ-ଅଭିଷେକ-ଦିବସେ । ବଳିକୁ ବାନ୍ଧେ ଅତି ରୋଷେ ।।୭୮
ଶୁଭିଲା ହାହାକାର ନାଦ । ଅସୁରେ ଲଭିଲେ ବିଷାଦ ।।୭୯
ବଳିର ଦେଖିଣ ବନ୍ଧନ । ବୋଲନ୍ତି ପ୍ରଭୁ ଭଗବାନ ।।୮୦
ତୃତୀୟପାଦ ମୋର କରେ । ଦେଲୁ ଯେ ଓଁକାର ଉଚ୍ଚାରେ ।।୮୧
ଭୂମି ଗଗନେ ବେନିପାଦ । ଆବର ପାଦ ଶୂନ୍ୟେ ଭେଦ ।।୮୨

ତୃତୀୟପାଦ ଏବେ ଦିଅ । ସଙ୍କଳ୍ପ ଦୋଷୁ ପାରି ହୁଅ ।।୮୩

ଯାବତ ଚନ୍ଦ୍ର ସୂର୍ଯ୍ୟ ଦିଶେ । ପବନ ଅନଳ ପ୍ରକାଶେ ।।୮୪

ତାବତ ଭୂମି ଏ ତୋହର । ମୁଁ ଯେ ଘେନିଲି ବେନିପୁର ।।୮୫

ତୃତୀୟପାଦେ ସ୍ଥାନ ଦେଇ । ତୁଏବେ ରହ ସୁଖୀ ହୋଇ ।।୮୬

ନ ଦେଲେ ପଡ଼ିବୁ ନରକେ । ଅଯଶ ହେବ ତିନିଲୋକେ ।।୮୭

ଏମନ୍ତ ବଳି ଆଗେ କହି । ବିଷ୍ଣୁ ରହିଲେ ସ୍ଥିର ହୋଇ ।।୮୮

ବଳିର ସତ୍ୟ ଧ୍ୟାନ କରି । ମାୟାସଂସାରୁ ଯାନ୍ତି ତରି ।।୮୯

ସୁଜନେ ଏଣେ ମନ ଦିଅ । ଯେବେ ଖଣ୍ଡିବ ମାୟାମୋହ ।।୯୦

ବୋଲଇ ଦାସ ଜଗନ୍ନାଥ । ସୁଜନ ହିତେ ଭାଗବତ ।।୯୧

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ବାମନ ପ୍ରାଦୁର୍ଭାବେ ବଳିନିଗ୍ରହୋ ନାମ ବିଂଶୋଽଧ୍ୟାୟଃ ।।

ଏକବିଂଶ ଅଧ୍ୟାୟ

କହନ୍ତି ଶୁକମୁନି ହସି । ଶୁଣ ପାଣ୍ଡବବଂଶ-ଶଶୀ ।।୧

ରାଜନ ଶୁଣ ସ୍ଥିର ହୋଇ । ହରିଚରଣେ ମନ ଦେଇ ।।୨

ଶୁକ ଉବାଚ

ବଳିକି ହରି ଯେତେବେଳେ । ବନ୍ଧନ କଲେ ଦାନଛଳେ ।।୩

ବନ୍ଧନ-ଦୁଃଖେ ବଳି ମନ । ସାତ୍ତ୍ୱିକେ ନ ଭଜିଲା ଛନ୍ନ ।।୪

ବିଷ୍ଣୁର ପାଦେ ମନ ଦେଇ । କହନ୍ତି ଶ୍ରୀମୁଖକୁ ଚାହିଁ ।।୫

ବଳି ଉବାଚ

ଭୋ ନାଥ ମୋର ବାକ୍ୟ ଯେବେ । ମୁହିଁ ଲଂଘିବି ମୂଢ଼ ଭାବେ ।।୬

ଏ କଥା କେବେହେଁ ନ ଘଟେ । ଯେବେ ଜୀବନ ମୋର ତୁଟେ ।।୭

ତୃତୀୟପାଦ ତୋର ହସ୍ତେ । ଦେଇ ମୁଁ ଲଂଘିବି କେମନ୍ତେ ।।୮

ଚରଣ ଅଛି ଯେବେ ତୋର । ଭୋ ନାଥ ଦିଅ ମୁଣ୍ଡେ ମୋର ।।୯

ନରକେ ମୋର ଭୟ ନାହିଁ । ପାଶ-ବନ୍ଧନେ ନ ଡରଇ ।।୧୦

ତୋର ନିଗ୍ରହେ ନାହିଁ ଭୟ । ଅସାଧୁବାଦେ ମୋର ଭୟ ।।୧୧

ତୋ ଅନୁଗ୍ରହ ଯାରେ ହୋଏ । ସେ ପ୍ରାଣୀ ସର୍ବଦୁଃଖ ସହେ ।।୧୨

ତୁ ନାଥ ଅସୁରଙ୍କ ପକ୍ଷେ । ପରୋକ୍ଷ-ଗୁରୁ ତୁ ପ୍ରତ୍ୟକ୍ଷେ ।।୧୩

ଆମ୍ଭର ଚକ୍ଷୁ ମଦେ ଅନ୍ଧ । ସତ୍ୟ ଯେ ମଣୁ ଏ ସମ୍ପଦ ।।୧୪

ଏ ମଦେ ଅଞ୍ଜନ ସଦୃଶ । ଦୟାରେ କରୁ ତୁ ପ୍ରକାଶ ।।୧୫

ବଇରୀ କରି ତୋ ବିଷୟେ । ପୂର୍ବେ ଯେ ଥିଲେ ମହାରାୟେ ।।୧୬

ଅନ୍ତେ ଲଭିଲେ ତୋ ଚରଣ । ଯେ ଗତି ମୁନି-ସିଦ୍ଧଗଣ ।।୧୭

ତୁ ନାଥ ମୋତେ ଦୟା କଲୁ । ବରୁଣପାଶେ ଯା ବାନ୍ଧିଲୁ ।।୧୮

ନିଗ୍ରହ କରୁ ଯେତେ ମୋତେ । ସେ ଭୟ ନାହିଁ ମୋର ଚିତ୍ତେ ।।୧୯

ତୋ ଭକ୍ତ ମୋର ପିତାମହ । ସାଧୁ ସୁଗୁଣ ମହାଶୟ ।।୨୦

ତୋର ଚରଣେ ଆଶ୍ରେ କରି । ପିତାର ଦଣ୍ଡରୁ ନିସ୍ତରି ।।୨୧

ଜାଣଇ ମିଥ୍ୟା ଏ ସଂସାର । କେ ମିତ୍ର ବନ୍ଧୁ କେବା ପର ।।୨୨

କେବା ଜନନୀ ଭ୍ରାତା ତାତ । କିବା ସମ୍ପଦ ଏ ଜଗତ ।।୨୩

ପତ୍ନୀ ତନୟ କେହି ନୋହେ । ସର୍ବେ ଯନ୍ତ୍ରିତ ମାୟା ମୋହେ ।।୨୪

ଏ ଯେତେ ସଂସାର ଦେଖଇ । ଜନ୍ମ ମରଣେ ହେତୁ ତୁହି ।।୨୫

ସେ ପୁଣି ଏମନ୍ତ ବିଚାରି । ତୋ ପାଦେ ଚିତ୍ତ ଦୃଢ଼ କରି ।।୨୬

ଅନ୍ତେ ପଶିଲା ତୋର ପାଦେ । ମାୟାକୁ ଜିଣି ଅପ୍ରମାଦେ ।।୨୭

ରହିଲା ପାରିଷଦ ହୋଇ । ଜନ୍ମ-ମରଣ ଆର କାହିଁ ।।୨୮

ତୋର ମହିମା ଭାବଗ୍ରାହୀ । ମୁଁ ମୂଢ଼ ଜାଣିବି ତା କାହିଁ ।।୨୯

କହନ୍ତି ଶୁକ ବ୍ରହ୍ମଯତି । ଶୁଣ ହେ ଉତ୍ତରା-ସନ୍ତତି ।।୩୦

ଶୁକ ଉବାଚ

ଏମନ୍ତେ କହୁଁ କହୁଁ ବଳି । ପ୍ରତ୍ୟକ୍ଷେ ଯେସନେ ବିଜୁଳି ।।୩୧

ଗଗନେ ଶୁଭେ ଶଙ୍ଖନାଦ । ତକ୍ଷଣେ ମିଳେ ପ୍ରହଲ୍ଲାଦ ।।୩୨

ବଳି ନମିଲା ତାଙ୍କୁ ଦେଖି । ବାମନ-ସଙ୍ଗତ ଉପେକ୍ଷି ।।୩୩

ବିଷ୍ଣୁର ପ୍ରାୟେ ତାର ତେଜ । ତୁଲ୍ୟ ନୋହିବେ ଗ୍ରହରାଜ ।।୩୪

ପୀତବସନ ପରିଧାନ । ସୁନ୍ଦର ନଳିନ ନୟନ ।।୩୫
ଆଜାନୁ ବେନିବାହୁ ଶୋହେ । ରୂପେ ଅନଙ୍ଗ ସମ ନୋହେ ।।୩୬
ବଳି ଆନନ୍ଦ ଗଦଗଦେ । କଣ୍ଠେ କୁଣ୍ଠିତ-ବାକ୍ୟ ରୁନ୍ଧେ ।।୩୭
ଚରଣେ ଦଣ୍ଡବତ ହୋଇ । ମନ-କଳ୍ପିତେ ଅର୍ଘ୍ୟ ଦେଇ ।।୩୮
ରହିଲା ପିତାମହ ପାଶେ । ବାମନ-ଅନୁଗ୍ରହ ଆଶେ ।।୩୯
ସେ ପ୍ରହଲ୍ଲାଦ ଅତି ବେଗେ । ନମିଲା ବିଷ୍ଣୁପାଦଯୁଗେ ।।୪୦
ନୟନେ ଅଶ୍ରୁଜଳ ଭରି । କର-ଅଞ୍ଜଳି ଶିରେ ଧରି ।।୪୧
ଆନନ୍ଦେ ଶୋକ ଗଦଗଦ । ସ୍ତୁତି କରଇ ପ୍ରହଲ୍ଲାଦ ।।୪୨

ପ୍ରହ୍ଲାଦ ଉବାଚ

ତୁ ନାଥ ଅନୁଗ୍ରହ ମନେ । ଏହାକୁ ସ୍ଥାପି ଇନ୍ଦ୍ରାସନେ ।।୪୩
ପୁଣି ଭ୍ରମାଉ ସୁଖସ୍ଥାନୁ । ଯେଣୁ ହୋଇଲା ତୋର ମନୁ୍ୟ ।।୪୪
ନିଶ୍ଚୟ କଲୁ ଅନୁଗ୍ରହ । ଯେଣୁ ନାଶିଲୁ ମାୟାମୋହ ।।୪୫
ନମସ୍ତେ ଜଗତ ଈଶ୍ୱର । ନମସ୍ତେ ଶଙ୍ଖ-ଚକ୍ରଧର ।।୪୬
ତୁ ନାରାୟଣ ବିଶ୍ୱଗୁରୁ । ମହାମହିମ ମହାମେରୁ ।।୪୭
ତୁ ନାରାୟଣ ବିଶ୍ୱରୂପୀ । ବିଶ୍ୱସମ୍ଭୂତ ବିଶ୍ୱବ୍ୟାପି ।।୪୮
ଆତ୍ମାପ୍ରକାଶ ସର୍ବଭୂତେ । ଭୋ ନାଥ ନମସ୍ତେ ନମସ୍ତେ ।।୪୯

ଶୁକ ଉବାଚ

ପ୍ରହଲ୍ଲାଦର ଭକ୍ତି ଦେଖି । ହିରଣ୍ୟଗର୍ଭ ମନେ ସୁଖୀ ।।୫୦
ବେଗେ ନମିଲେ ବିଷ୍ଣୁପାଦେ । ଚତୁରସୁଖେ ବେଦନାଦେ ।।୫୧
ବଳିର ପତ୍ନୀ ଆସି ବେଗେ । ବିଷ୍ଣୁଚରଣେ ଅନୁରାଗେ ।।୫୨
ସ୍ୱାମୀ କଷଣେ ଅତି ଦୁଃଖୀ । ସ୍ତୁତି କରଇ ଅଶ୍ରୁମୁଖୀ ।।୫୩

ବିନ୍ଧ୍ୟାବଳୀ ଉବାଚ

ଭୋ ନାଥ ନିଜ କ୍ରୀଡ଼ାଅର୍ଥେ । ତୋର ପ୍ରକାଶ ଏ ଜଗତେ ।।୫୪
ତୋହର ମହିମା ନ ଜାଣି । ଗର୍ବ ବହନ୍ତି ଯେତେ ପ୍ରାଣୀ ।।୫୫
ଜ୍ଞାନ ହରାନ୍ତି ସୁଖଭୋଳେ । ସେ କାହିଁଥିବେ ଏ ଶୟଳେ ।।୫୬
ତୋ ପାଦ ସର୍ବ ସୁଖଘର । ଆମ୍ଭଙ୍କୁ ଅନୁଗ୍ରହ କର ।।୫୭
ବ୍ରହ୍ମା ବାମନ ମୁଖ ଚାହିଁ । ସ୍ତୁବନ୍ତି ଶିରେ କର ଦେଇ ।।୫୮

ବ୍ରହ୍ମା ଉବାଚ

ଭୂତଭାବନ ଭୂତଈଶ । ହେ ଦେବଦେବ ଜଗଦୀଶ ।।୫୯
ଏହାକୁ ନିଗ୍ରହ ତୁ କଲୁ । ସକଳ ସମ୍ପଦ ହରିଲୁ ।।୬୦
ସର୍ବସମ୍ପଦ ଦେଇ ତୋତେ । ଭ୍ରାନ୍ତି ନ କଲା କିଛି ଚିତ୍ତେ ।।୬୧
ନିର୍ମଳ ଚିତ୍ତେ ତୋର ପାଦେ । ଅର୍ଘ୍ୟ ନିବେଶି ଅପ୍ରମାଦେ ।।୬୨
ତ୍ରିଲୋକଦାନ ତୋତେ ଦେଲା । ଚିତ୍ତେ ବିଷାଦ ନ ଚିନ୍ତିଲା ।।୬୩
ତୁ ନାଥ ବସୁ ସର୍ବଭୂତେ । ଏହାକୁ ବାନ୍ଧିଲୁ କେମନ୍ତେ ।।୬୪
ତୁ ନାଥ ସର୍ବଚିତ୍ତ ଜାଣୁ । କେ ତୋର ମହିମା ବଖାଣୁ ।।୬୫

ଶୁକ ଉବାଚ

ବ୍ରହ୍ମା ବଚନ ଶୁଣି ହରି । ବଳିକି ଚିତ୍ତେ ଦୟା କରି ।।୬୬
ବୋଲନ୍ତି ପ୍ରଭୁ ଭଗବାନ । ବିଧାତା ଶୁଣ ମୋ ବଚନ ।।୬୭

ଭଗବାନ ଉବାଚ

ମୁଁ ଯାକୁ ଅନୁଗ୍ରହ ବହି । ତା ସର୍ବ ସମ୍ପଦ ହରଇ ।।୬୮
ଯେ ଅର୍ଥ-ମଦେ ମତ୍ତ ହୋଇ । ପର ଅପର ନ ଜାଣଇ ।।୬୯
ମୁଁ ଯେ ବସଇ ସର୍ବଭୂତେ । ମୋତେ ନ ଗଣେ ଗର୍ବଚିତ୍ତେ ।।୭୦
ଏ ଜୀବଆତ୍ମା ନିଜ କର୍ମେ । ମାୟାରେ ସର୍ବଭୂତେ ଭ୍ରମେ ।।୭୧
ନାନା-ଯୋନିରେ ଜନ୍ମ ହୋଏ । ଜ୍ଞାନ ନ ଲଭେ ମାୟାମୋହେ ।।୭୨
ଜନ୍ମ କରମ ବୟ ରୂପ । ବିଦ୍ୟା ଐଶ୍ୱର୍ଯ୍ୟ ଧନାଧିପ ।।୭୩
ଏ ଭାବେ ଯାର ଗର୍ବ ନାହିଁ । ମୋହର ଅନୁଗ୍ରହ ତହିଁ ।।୭୪
ଯେ ଜନ ମାନଗର୍ବ ବହେ । ଧନ ସମ୍ପଦ ରୂପ ଦେହେ ।।୭୫
ସେ ମୋତେ ଜାଣିବ କେମନ୍ତେ । ମାୟା-ମୋହିତ ଅବିରତେ ।।୭୬
ଏ ଯେ ଦାନବ ଦୈତ୍ୟରାଜା । ନିଜ ସ୍ୱଭାବେ ମହାତେଜା ।।୭୭
ଅସୁରବୁଦ୍ଧି ନ ଘେନିଲା । ଗୁରୁବଚନ ନ ମାନିଲା ।।୭୮

ବନ୍ଧୁ-ବାନ୍ଧବ-ଜ୍ଞାତି ଯେତେ । ଏହାଙ୍କୁ ଛାଡ଼ିଲେ ସମସ୍ତେ ।।୭୯
କେବେ ହେଁ ସତ୍ୟ ନ ଛାଡ଼ିଲା । ମୋର ବଚନେ ମନ ଦେଲା ।।୮୦
ଏ ଭୂମିଦାନ ଦେଲା ମୋତେ । ଏ ଲୋକେ ଥିବ ଏ କେମନ୍ତେ ।।୮୧
ଏହାକୁ ଦେବି ଦିବ୍ୟସ୍ଥାନ । ସ୍ୱର୍ଗହୁଁ ଦୁର୍ଲ୍ଲଭ ଭୁବନ ।।୮୨
ନିର୍ମିତ ବିଶ୍ୱକର୍ମା ପୁର । ଦେବ-ଦାନବେ ଅଗୋଚର ।।୮୩
ଯେ ପୁରେ ଆଧି-ବ୍ୟାଧି ନାହିଁ । କାଳର ତେଜ ନ ଲାଗଇ ।।୮୪
ସେ ପୁରେ ଥିବ ଏ ନିଶ୍ଚିନ୍ତେ । ସାବର୍ଣ୍ଣିମନୁ ପରିଯନ୍ତେ ।।୮୫
ସେ ମନୁକାଳେ ସ୍ୱର୍ଗପୁରେ । ବସିବ ଅମର ଶରୀରେ ।।୮୬
ଇନ୍ଦ୍ର ହୋଇବ ସ୍ୱର୍ଗଦେଶେ । ମୁଁ ଏବେ ଥିବି ଏହା ପାଶେ ।।୮୭
ନିଶ୍ଚିନ୍ତେ ଥାଉ ଏ ସୁତଳେ । ଦାରା ତନୟ ଜ୍ଞାତି ମେଳେ ।।୮୮
ଧନ ହିଁ ଥିବ ଅପ୍ରମିତ । ଶତ୍ରୁ ନୋହିବ ଉପଗତ ।।୮୯
ସୁଦରଶନ ତା ଅଗ୍ରତେ । ଆବୋରିଥିବ ଅବିରତେ ।।୯୦
ଦୈତ୍ୟଦାନବ ତାର ସଙ୍ଗେ । ନିରତେ ଥିବେ ମନରଙ୍ଗେ ।।୯୧
ମୁହିଁ ଯେ କରେ ଗଦା ଧରି । ଥିବଇଁ ତା ପୁର ଆବୋରି ।।୯୨
ନିରତେ ଦେଖୁଥିବ ମୋତେ । ଥିବି ମୁଁ ଏହାର ଅଗ୍ରତେ ।।୯୩
ଏମନ୍ତ କହି ଭଗବାନ । ଫେଡ଼ିଲେ ବଳିର ବନ୍ଧନ ।।୯୪
ସେ ହରିଚରଣ ପଙ୍କଜେ । ବ୍ରାହ୍ମଣ ଜଗନ୍ନାଥ ଭଜେ ।।୯୫

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଅଷ୍ଟମସ୍କନ୍ଧେ ବାମନ-ପ୍ରାଦୁର୍ଭାବେ ବଳି-ବାମନ ସମ୍ବାଦୋ ନାମ ଏକବିଂଶୋଽଧ୍ୟାୟଃ ।।

ଦ୍ୱାବିଂଶ ଅଧ୍ୟାୟ

ହରଷେ କହେ ବ୍ୟାସସୁତ । ଶୁଣ ରାଜନ ପରୀକ୍ଷିତ ।।୧

ଶୁକ ଉବାଚ

ଏମନ୍ତ ବିଷ୍ଣୁ ମୁଖୁଁ ଶୁଣି । ବଳି କୃତାର୍ଥ ପ୍ରାୟ ମଣି ।।୨
ସାଧୁ ସୁମତି ସେ ସ୍ୱଭାବେ । ପ୍ରସନ୍ନ ମନେ ପ୍ରିୟ ଭାବେ ।।୩
କର-ଅଞ୍ଜଳି ଶିରେ ଧରି । ରୋମ-ପୁଳକେ ଅଶ୍ରୁଭରି ।।୪
ପ୍ରଣାମ କରି ବିଷ୍ଣୁପାଦେ । ବୋଲେ ଆନନ୍ଦ ଗଦଗଦେ ।।୫

ବଳି ଉବାଚ

ମୋହର ଭାଗ୍ୟ ଏ ଜଗତେ । ଦାନ ମୁଁ ଦେଲି ତୋର ହସ୍ତେ ।।୬
ବ୍ରହ୍ମା-ସୃଷ୍ଟିରେ ହୋଇ ଜନ୍ମ । କେବା ଲଭିବ ଏଡ଼େ କର୍ମ ।।୭
ଭୋ ନାଥ ଅନୁଗ୍ରହ ତୋର । ଦିଗପାଳଙ୍କୁ ଅଗୋଚର ।।୮
କମଳା-ଆଶ୍ରୟ ଯେ ପାଦ । ଦୁର୍ଲ୍ଲଭ ଲଭିଲି ପ୍ରସାଦ ।।୯
କହନ୍ତି ଶୁକ ମୁନିବର । ଶୁଣ ପାଣ୍ଡବ ବଂଶଧର ।।୧୦

ଶୁକ ଉବାଚ

ଏମନ୍ତ ବିଷ୍ଣୁପାଦେ କହି । ପୁତ୍ର-କଳତ୍ର ସଙ୍ଗେ ଲଇ ।।୧୧
ବଳି ଯେ ବସିଲା ନିଶ୍ଚଳେ । ଗୋବିନ୍ଦ ଶ୍ରୀଚରଣ ତଳେ ।।୧୨
ହୁଙ୍କାର ନାଦ ବେଗେ କରି । ନାଭିରୁ ପାଦ ଜାତ କରି ।।୧୩
ତାହାର ଶିରେ ପାଦ ଦେଇ । ଚାପିଲେ ବ୍ରହ୍ମାଣ୍ଡଗୋସାଇଁ ।।୧୪
ବଳି ଦେଖନ୍ତେ ବେନିଡୋଳେ । ଗୋବିନ୍ଦ ଚାପିଲେ ପାତାଳେ ।।୧୫
ଭକ୍ତବତ୍ସଳ ଭାବଗ୍ରାହୀ । ସୁତଳପୁରେ ଠାବ ଦେଇ ।।୧୬
ତକ୍ଷଣେ ସୁତଳେ ପ୍ରବେଶ । ଶୁଭିଲା ଜୟ ଜୟ ଘୋଷ ।।୧୭
ଇନ୍ଦ୍ରକୁ ଆଣି ତୋଷମନେ । ସ୍ଥାପିଲେ ଅମର ଭୁବନେ ।।୧୮
ଅଦିତି କଲା ପୟୋବ୍ରତ । ସଫଳ କଲେ ଜଗନ୍ନାଥ ।।୧୯
ଦେଖିଣ ନିଜ ନୀତି ଗତି । କୃତାର୍ଥ ପ୍ରହଲ୍ଲାଦ ମତି ।।୨୦
ଖଣ୍ଡିଲେ ଜଗତ ବିଷାଦ । ବଳି ଲଭିଲା ପଦ୍ମପାଦ ।।୨୧
ଏମନ୍ତେ ନମି ବିଷ୍ଣୁପାଦେ । ଆନନ୍ଦେ ଅଶ୍ରୁ ଗଦଗଦେ ।।୨୨
ହିରଣ୍ୟକଶିପୁ କୁମର । ବୋଲଇ ଦେଖ ଭାଗ୍ୟ ମୋର ।।୨୩
ଏ ଜଗନ୍ନାଥଙ୍କ ପ୍ରସାଦ । ଲଭି ନ ପାରେ ବ୍ରହ୍ମା ରୁଦ୍ର ।।୨୪
କମଳା ବକ୍ଷସ୍ଥଳେ ବସେ । କଟାକ୍ଷେ ଜନଦୁଃଖ ନାଶେ ।।୨୫

ସର୍ବଦା ସମୀପେ ବସଇ । ପ୍ରସାଦ ଲଭି ନ ପାରଇ ।।୨୬
ଯାହା ନ ଲଭେ ବାମଦେବ । ଆନ ବା କେ ତାହା ପାଇବ ।।୨୭
ଯେ ପାଦପଦ୍ମ-ରେଣୁ ଆଶେ । ଯୋଗୀଏ ଯୋଗ ସାଧି ପ୍ରାସେ ।।୨୮
ଅଷ୍ଟାଙ୍ଗଯୋଗେ ପାଇ ତ୍ରାସ । ଚରଣେ କରୁଥାନ୍ତି ଆଶ ।।୨୯
ସେ କାହିଁ ଲଭିବେ ସେ ଭାବ । ଯାହା ନ ପାନ୍ତି ବ୍ରହ୍ମାଶିବ ।।୩୦
ଏମନ୍ତ ପ୍ରହଲ୍ଲାଦ କହି । ବାମନପାଦେ ଶିର ଦେଇ ।।୩୧
ଦେଖି ସନ୍ତୋଷ ଭଗବାନ । କହନ୍ତି କୋମଳ ବଚନ ।।୩୨

ଭଗବାନ ଉବାଚ

ପ୍ରହ୍ଲାଦ ଶୁଣ ମୋ ଉତ୍ତର । ଯାଅ ତୁ ସୁତଳ ମନ୍ଦିର ।।୩୩
ଆନନ୍ଦେ ନିଜ ପୌତ୍ର ତୁଲେ । ସୁଖେ ବିହର ଜ୍ଞାତି ମେଳେ ।।୩୪
ମୁଁ ଥିବି ଗଦାପାଣି ହୋଇ । ନିତ୍ୟେ ଦେଖିବୁ ମୋତେ ତୁହି ।।୩୫
ମୋ ଆହାଲ୍ଲାଦ ମୋ ଦର୍ଶନ । ନାଶିବ କର୍ମର ବନ୍ଧନ ।।୩୬

ଶୁକ ଉବାଚ

ବିଷ୍ଣୁର ବଚନ ଶୁଣିଲା । ଅନେକ ମତେ ସ୍ତୁତି କଲା ।।୩୭
ପ୍ରହ୍ଲାଦ ସଙ୍ଗେ ଦୈତ୍ୟବଳ । ସକଳେ ମିଳିଲେ ସୁତଳ ।।୩୮
ଏବେ ହୋ ଶୁଣ ପରୀକ୍ଷିତ । ଅଦ୍‌ଭୁତ ଗୋବିନ୍ଦ ଚରିତ ।।୩୯
ଏଥୁ ଅନ୍ତରେ ସେ ବାମନ । ଶୁକ୍ରଙ୍କୁ ଆଜ୍ଞା ଦେଲେ ପୁଣ ।।୪୦
ଯାଗର ଶେଷ ତୁମ୍ଭେ କର । ବଳିକି ନ କର ବିଚାର ।।୪୧
ଯେ ଯଜ୍ଞେ ସନ୍ତୋଷ ଭୃଗୁର । ନ୍ୟୁନାତିରିକ୍ତ କାହିଁ ତାର ।।୪୨
ଶ୍ରୀକୃଷ୍ଣ ବାକ୍ୟେ ଭୃଗୁ ତୋଷ । ଯଜ୍ଞାବଶେଷ କରି ଶେଷ ।।୪୩
ଯଜ୍ଞାନ୍ତେ ସେ ଯଜ୍ଞପୁରୁଷ । ତକ୍ଷଣେ ହୋଇଲେ ସନ୍ତୋଷ ।।୪୪
ଯଜ୍ଞପୁରୁଷ ରୂପେ ହରି । ଅନଳ କୁଣ୍ଡୁ ଅବତରି ।।୪୫
ଭୃଗୁବଦନ ଚାହିଁ ତୋଷେ । ବୋଲନ୍ତି ସ୍ୱଧର୍ମ ବିଶ୍ୱାସେ ।।୪୬
ଯଜ୍ଞେ ସ୍ୱଭାବେ ବ୍ରହ୍ମା ଆଦି । ବିପ୍ରେ ଅଛନ୍ତି ବେଦବାଦୀ ।।୪୭
ତାହାଙ୍କୁ ଗଉରବ କରି । କହନ୍ତି ଯଜ୍ଞରୂପଧାରୀ ।।୪୮

ଯଜ୍ଞପୁରୁଷ ଉବାଚ

ତୁ ବ୍ରହ୍ମ ସନାତନ ଶିଷ୍ୟ । ଜାଣୁ ତୁ ଏ ଭୂତ ଭବିଷ୍ୟ ।।୪୯
ଆଗମ ନିଗମ ବିଦିତ । ମୁଁ ତ ଦେଖିଲି ବିପରୀତ ।।୫୦
ଯଜ୍ଞ ସଙ୍କଳ୍ପ କଲୁ ହାଦେ । ବଳି ବସିବ ଇନ୍ଦ୍ରପଦେ ।।୫୧
ଏବେ ତୁ କର୍ମଛିଦ୍ର ଦେଖି । ରହିଲୁ ଯଜ୍ଞକୁ ଉପେକ୍ଷି ।।୫୨
ଯଜ୍ଞ ଲଂଘନ-କର୍ମ କଲେ । କେମନ୍ତେ ବର୍ତ୍ତିବୁ ତୁ ଭଲେ ।।୫୩
ଏ ଯଜ୍ଞ ତୋହର ଗୋଚର । ତୁ ଏବେ ପୂର୍ଣ୍ଣାହୁତି କର ।।୫୪
ଫଳ ପାଇବ ଯଜମାନ । ତା କୁଳେ ଥିବ ତୋର ମାନ୍ୟ ।।୫୫

ଶୁକ ଉବାଚ

ଯଜ୍ଞପୁରୁଷ ମୁଖୁଁ ଶୁଣି । ଭୃଗୁ ଅନେକ ସ୍ତୁତି ଭଣି ।।୫୬
ଚାହିଁ ସେ ବାମନ ଚରଣ । ଯଜ୍ଞସ୍ୱରୂପୀ ନାରାୟଣ ।।୫୭
ବୋଲଇ ଯୋଡ଼ି ବେନିକର । ପୁଲକ ଆନନ୍ଦ ଶରୀର ।।୫୮
ଭୋ ନାଥ ଏ ଯଜ୍ଞ-ଶରୀର । ଅଶେଷ ଜନ ଉପକାର ।।୫୯
କର୍ମର ଈଶ୍ୱର ତୁ ଯହିଁ । ତା କର୍ମ ଛିଦ୍ରହୋଇ କାହିଁ ।।୬୦
ଯେ ମନ୍ତ୍ର ଆଦି ଦେଶକାଳ । ଯେ ଛିଦ୍ର ହୁଅଇ ସକଳ ।।୬୧
ତୋ ନାମ-କୀର୍ତ୍ତନେ ସଫଳ । ଅଛିଦ୍ର ହୁଅଇ ସକଳ ।।୬୨
ତୁ ପ୍ରଭୁ ସଂସାର-କାରଣ । ନମୋ ନମସ୍ତେ ନାରାୟଣ ।।୬୩
ଏମନ୍ତ ଆଜ୍ଞା ଘେନି ମାଥେ । ଶ୍ରୁବ ଧଇଲା ଦକ୍ଷହସ୍ତେ ।।୬୪
ଋତ୍ୱିଜ ଋଷିଗଣ ସଙ୍ଗେ । ଆହୁତି ଦେଲା ବେଦମାର୍ଗେ ।।୬୫
ଆନନ୍ଦେ ହୋଇ ଦ୍ରବୀଭୂତ । ଭୃଗୁ ହୋଇଲେ କୃତକୃତ୍ୟ ।।୬୬
ଶ୍ରୀକୃଷ୍ଣ ପାଦ କରି ଧ୍ୟାନ । କହନ୍ତି ବ୍ୟାସଙ୍କ ନନ୍ଦନ ।।୬୭
ଏବେ ତୁ ଶୁଣ ହେ ରାଜନ । ବାମନ ରୂପେ ଭଗବାନ ।।୬୮
ବଳିର ହସ୍ତୁ ଘେନି ଦାନ । କପଟେ ଏ ତିନିଭୁବନ ।।୬୯
ଇନ୍ଦ୍ରକୁ ଇନ୍ଦ୍ରପଦେ ସ୍ଥାପି । ତିନି ଭୁବନେ ତନୁ ବ୍ୟାପୀ ।।୭୦
ବିଷ୍ଣୁର ଦେଖି ଦିବ୍ୟଗତି । ସକଳ ଦେବେ ବେଦପତି ।।୭୧

ଭୃଗୁ-ଅଙ୍ଗିରା ଘେନି ତୁଲେ । ପିତୃ-ରାଜର୍ଷି-ଦକ୍ଷ ମେଳେ ।।୭୨
କୁମାର ମେଳେ ଭୂତପତି । ମିଳିଲେ କଶ୍ୟପ-ଅଦିତି ।।୭୩
ଦିଗପାଳଙ୍କ ମଧ୍ୟେ ଆଣି । କଳ୍ପକୁସୁମ ଗଙ୍ଗା ପାଣି ।।୭୪
ବାମନେ କରି ଅଭିଷେକ । ସର୍ବସମ୍ପଦେ ମନ ସୁଖ ।।୭୫
ଅଶେଷ ନୃତ୍ୟ-ଗୀତ ବାଦ୍ୟେ । ଇନ୍ଦ୍ରକୁ ସ୍ଥାପି ଇନ୍ଦ୍ରପଦେ ।।୭୬
ସର୍ବସମ୍ପଦ ସଙ୍ଗେ ଘେନି । ମଙ୍ଗଳ-ବେଦନାଦେ ମୁନି ।।୭୭
ବ୍ରହ୍ମାଶଙ୍କର ତୋଷମନେ । ବାମନେ ବସାଇ ବିମାନେ ।।୭୮
ଆନନ୍ଦେ ପ୍ରଜାପତି ବୋଲେ । ସକଳେ ସ୍ୱର୍ଗପୁର ଗଲେ ।।୭୯
ଇନ୍ଦ୍ର ବାମନ ଭୁଜବଳେ । ସକଳ ଦିଗପାଳ ମେଳେ ।।୮୦
ନିଶ୍ଚିନ୍ତେ ସ୍ୱର୍ଗେ ସେ ବସିଲା । ଯେଣୁ ଅଦିତି ବ୍ରତ କଲା ।।୮୧
ଏବେ ହୋ ପରୀକ୍ଷିତ ଶୁଣ । ବ୍ରହ୍ମାଶଙ୍କର ଦେବଗଣ ।।୮୨
ବାମନପଦେ ସ୍ତୁତି କଲେ । ଆନନ୍ଦେ ନିଜପୁରେ ଗଲେ ।।୮୩
ବଳି-ବାମନର ପ୍ରସ୍ତାବେ । ପ୍ରତୋଷେ କହିଲୁ ତୋ ଭାବେ ।।୮୪
ତୁ ଯେଣୁ ପଚାରିଲୁ ମୋତେ । ବାମନରୂପ ତୋ ଅଗ୍ରତେ ।।୮୫
କହିଲୁ ଆଦି-ଅନ୍ତ କରି । ଯେ କଥା-ଶ୍ରବଣେ ନିସ୍ତରି ।।୮୬
ବିଷ୍ଣୁ-ମହିମା କେ କହିବ । ଯାହା ନ ଜାଣେ ବ୍ରହ୍ମାଶିବ ।।୮୭
ଭୂମିରେ ରେଣୁ ଅଛି ଯେତେ । ଆକାଶେ ନକ୍ଷତ୍ର ସହିତେ ।।୮୮
ମେଘ-ବରଷା ଯେତେ ଧାର । ଯେ ବିନ୍ଦୁ ପ୍ରକାଶ ନିହାର ।।୮୯
ଏହା ଗଣି ତ ଅତିରେକେ । ଜଗତେ ଅଛନ୍ତି ନା ଲୋକେ ।।୯୦
ହରି-ମହିମା ସଂଖ୍ୟାକାରୀ । ସଂସାରେ ନାହିଁ ଦେହଧରି ।।୯୧
ଅଦ୍‌ଭୁତ ଚରିତ ବାମନ । ଯେ କରେ ଶ୍ରବଣ କୀର୍ତ୍ତନ ।।୯୨
ସକଳ ବିଘ୍ନ ନାଶ ଯାଇ । ଅନ୍ତେ ପରମଗତି ପାଇ ।।୯୩
ସେ ହରି ଚରଣପଙ୍କଜେ । ବ୍ରାହ୍ମଣ ଜଗନ୍ନାଥ ଭଜେ ।।୯୪

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ଅଷ୍ଟମସ୍କନ୍ଧେ ବାମନାବତାର ଚରିତେ ନାମ ଦ୍ୱାବିଂଶୋଽଧ୍ୟାୟଃ ।।

ତ୍ରୟୋବିଂଶ ଅଧ୍ୟାୟ

ଚିନ୍ତି ଶ୍ରୀକୃଷ୍ଣ-ପଦାମ୍ବୁଜ । କହନ୍ତି ବ୍ୟାସଙ୍କ ତନୁଜ ।।୧

ଶୁକ ଉବାଚ

ଶୁଣ ହେ ଅଭିମନ୍ୟୁ ବଳା । ଏମନ୍ତ ଈଶ୍ୱରର ଲୀଳା ।।୨
ମାୟାକଳ୍ପିତ ଏ ସଂସାରେ । ମତ୍ସ୍ୟାଦି ନାନା ଅବତାରେ ।।୩
ଧର୍ମକୁ ପାଳେ ଯୁଗେ ଯୁଗେ । ସାଧୁଙ୍କୁ ରଖେ ଅନୁରାଗେ ।।୪
ଦୁଷ୍ଟ ନିବାରି ସନ୍ଥ ପାଳେ । ରୂପ ପ୍ରକାଶେ ଯଥାକାଳେ ।।୫
ତା ରୂପ କେ କରିବ ଅନ୍ତ । ସ୍ୱଭାବେ ମହିମା ଅନନ୍ତ ।।୬
ଏମନ୍ତ ଶୁକମୁଖୁଁ ଶୁଣି । ଆନନ୍ଦମନେ ନୃପମଣି ।।୭
ବୋଲେ ଚରଣେ କର ଦେଇ । ଭୋ ମୁନି ନିସ୍ତରିଲି ମୁହିଁ ।।୮

ପରୀକ୍ଷିତ ଉବାଚ

ବୋଲ ଯେ ମୀନ ଅବତାର । ହୋଇଲେ ଜଗତ ଈଶ୍ୱର ।।୯
ନିନ୍ଦିତ ଜଳଚର ରୂପେ । ଦେହ ବହିଲେ କେଉଁ କଳ୍ପେ ।।୧୦
କେବଣ କାର୍ଯ୍ୟେ କିସ ଅର୍ଥେ । ପ୍ରସନ୍ନେ କହ ମୋ ଅଗ୍ରତେ ।।୧୧
ତାର ଚରିତ ପାପହର । ଅଶେଷ ପ୍ରାଣୀ ସୁଖଘର ।।୧୨
ଅନାଦି ପ୍ରଭୁ ନାରାୟଣ । ମାୟାର ପରମ କାରଣ ।।୧୩
ସୁତ କହନ୍ତି ମୁନିମଧ୍ୟେ । ଅତି ଆନନ୍ଦ ଗଦଗଦେ ।।୧୪

ସୂତ ଉବାଚ

ଶୁଣ ସକଳ ମୁନିଗଣେ । ଶୁକ ପରୀକ୍ଷେ ଯା ବଖାଣେ ।।୧୫
ଏମନ୍ତେ ରାଜାବାକ୍ୟ ଶୁଣି । ପରମାନନ୍ଦ ଶୁକମୁନି ।।୧୬
ଅତି ହରଷେ ଗଦଗଦେ । କହନ୍ତି ପରମ ଆନନ୍ଦେ ।।୧୭

ଶୁକ ଉବାଚ

ଶୁଣ ହୋ ଅଭିମନ୍ୟୁସୁତ । କହିବା ବିଷ୍ଣୁର ଚରିତ ।।୧୮
ଅନାଦି ପ୍ରଭୁ ନାରାୟଣ । ଅଶେଷ ବ୍ରହ୍ମାଣ୍ଡ କାରଣ ।।୧୯
ଯେ ପ୍ରଭୁ ଜଗତ ଈଶ୍ୱର । ବ୍ରହ୍ମାଣ୍ଡ ଯାର ଖେଳଘର ।।୨୦

ସୃଜଇ ପାଳଇ ସଂହରେ । ସଂସାରେ ନାନାରୂପ ଧରେ ।।୨୧

ଧର୍ମ ସ୍ଥାପନେ ଦେହ ଧରି । ଅଧର୍ମ ସମୂହ ନିବାରି ।।୨୨

ଅସାଧୁକୁଳ ସଂହାରିଣ । ସାଧୁଙ୍କୁ ରଖେ ନାରାୟଣ ।।୨୩

ଶୁଣ ତୁ ଯେବା ଅର୍ଥେ ହରି । ଇଚ୍ଛାରେ ମୀନରୂପ ଧରି ।।୨୪

ବ୍ରହ୍ମା ଯେ ସୃଷ୍ଟି-ଅନ୍ତଃକାଳେ । ବେଦପୁସ୍ତକ ଥୋଇ କୂଳେ ।।୨୫

ଜଳେ ପଶିଲେ ସନ୍ଧ୍ୟା କରି । ସେ ବେଦ ହୟଗ୍ରୀବ ହରି ।।୨୬

ଅଗାଧ-ଜଳେ ପଶିଗଲା । ବିଧାତା ବିଷ୍ଣୁଙ୍କୁ ଚିନ୍ତିଲା ।।୨୭

ଦାନବ ଦୁଷ୍ଟମତି ଜାଣି । ତକ୍ଷଣେ ପ୍ରଭୁ ଚକ୍ରପାଣି ।।୨୮

ଶଫରୀ ରୂପକୁ ଧଇଲେ । ସେ ମହାଜଳରେ ପଶିଲେ ।।୨୯

ଯେମନ୍ତେ ମାଇଲେ ଅସୁର । ବେଦ ଉଦ୍ଧରି ଚକ୍ରଧର ।।୩୦

ସେ କଥା ଶୁଣ ଏକଚିତ୍ତେ । ଭାବେ କହିବି ତୋ ଅଗ୍ରତେ ।।୩୧

ପ୍ରବେଶ ବ୍ରହ୍ମାର ରଜନୀ । କଳ୍ପର ନାମ ଦୈନନ୍ଦିନୀ ।।୩୨

ଏମନ୍ତେ ପ୍ରଳୟ ନିକଟେ । ରାଜାଏ ଥିଲା ସିନ୍ଧୁତଟେ ।।୩୩

ତାହାର ନାମ ସତ୍ୟବ୍ରତ । ଅଶେଷ ଗୁଣରେ ଭୂଷିତ ।।୩୪

ସ୍ୱଭାବେ ବିଷ୍ଣୁ-ପରାୟଣ । ତପ ସାଧନେ ଦୃଢ଼ମନ ।।୩୫

ତପ ସାଧଇ ସିନ୍ଧୁତୀରେ । ଜଳ ଭକ୍ଷଣେ ଦିନ ହରେ ।।୩୬

ସେ ତପ ସାଧି କଳ୍ପଅନ୍ତେ । ମନୁ ହୋଇବ ଭବିଷ୍ୟତେ ।।୩୭

ଆଦିତ୍ୟ ବୀର୍ଯ୍ୟେ ଜନ୍ମ ହୋଇ । ସେ ଶ୍ରାଦ୍ଧଦେବ ନାମ ବହି ।।୩୮

ମନୁ ହୋଇବ ଏ ଜଗତେ । ହରି ସ୍ଥାପିବେ ତୋଷଚିତ୍ତେ ।।୩୯

ଏବେ ହୋ ଶୁଣ ନରପତି । ସେ ସତ୍ୟବ୍ରତ ରାଜା କୀର୍ତ୍ତି ।।୪୦

ସେ ସତ୍ୟବ୍ରତ ଏକକାଳେ । ମିଳିଲା କୃତମାଳା କୂଳେ ।।୪୧

ସେ ନଦୀଜଳେ ସ୍ନାନକରି । ଗୋବିନ୍ଦ ନାମ ଚିତ୍ତେ ସ୍ମରି ।।୪୨

ସ୍ନାହାନ ସାରି ସନ୍ଧ୍ୟା ଅର୍ଥେ । ଜଳଅଞ୍ଜଳି କଲା ହସ୍ତେ ।।୪୩

ତକ୍ଷଣେ ପ୍ରଭୁ ନରହରି । ମାୟାରେ ମୀନରୂପ ଧରି ।।୪୪

ପଶିଲେ ଜଳାଞ୍ଜଳି ମଧ । ଶଫରୀରୂପେ ଆଦିକନ୍ଦ ।।୪୫

ସେ ସତ୍ୟବ୍ରତ ତା ଦେଖିଲା । ଜଳଅଞ୍ଜଳି ପକାଇଲା ।।୪୬

ରାଜାର ହସ୍ତୁ ପଡ଼ି ଜଳେ । ସେ ମୀନ ଡାକିଲା ବିକଳେ ।।୪୭

ମହାକାରୁଣ୍ୟ ହେ ରାଜନ । ମୁଁ ଦୁଃଖୀ ତୁ ଦୀନପାଳନ ।।୪୮

ଜଳେ ଯେ ପକାଇଲୁ ମୋତେ । ମୋ ଜ୍ଞାତି ରିପୁ ଏ ସମସ୍ତେ ।।୪୯

ମୋତେ ଗିଳିବେ ବୋଲି ଡରେ । ପଶିଲି ତୋର ଅଞ୍ଜଳିରେ ।।୫୦

ମୋତେ ଗିଳିବେ ଏହିକ୍ଷଣି । ମୋ ପ୍ରାଣ ରଖ ନୃପମଣି ।।୫୧

ପ୍ରାଣୀ ଜୀବନ ରକ୍ଷା କଲେ । ଆପଣେ ରକ୍ଷା ପାଇ ଭଲେ ।।୫୨

ଏବେ ମୁଁ ତୋହର ଶରଣ । ପଶିଲି ରଖ ମୋର ପ୍ରାଣ ।।୫୩

ଏମନ୍ତ ଶଫରୀ ବଚନେ । ସେ ରାଜା ଶୁଣି ଅବଧାନେ ।।୫୪

ଜଳଅଞ୍ଜଳି କରେ ଧରି । ମୀନକୁ ଜଳରୁ ଉଦ୍ଧରି ।।୫୫

ଜନ୍ତୁ ଜୀବନେ ଦୟା କରି । ଥୋଇଲା କମଣ୍ଡଳେ ଭରି ।।୫୬

ଜଳେ ତର୍ପଣ ବେଗେ ସାରି । ଗୃହେ ମିଳିଲେ ଦଣ୍ଡଧାରୀ ।।୫୭

ସେ ମୀନ କମଣ୍ଡଳ-ଜଳେ । ରହି ନ ପାରି ରାତ୍ରକାଳେ ।।୫୮

ବିକଳେ କରଇ ରୋଦନ । ମୋ ପ୍ରାଣ ରଖ ହେ ରାଜନ ।।୫୯

ଚଳି ନ ପାରେ କମଣ୍ଡଳେ । ବେଗେ ତୁ ଥୁଅ ଅନ୍ୟଜଳେ ।।୬୦

ଏମନ୍ତ ଶଫରୀ ବଚନ । ଶୁଣି ସଂଭ୍ରମେ ସେ ରାଜନ ।।୬୧

ସେ ମୀନ କମଣ୍ଡଳୁ ଫେଇ । କଳସ ଜଳ ମଧ୍ୟେ ଥୋଇ ।।୬୨

ଏମନ୍ତେ ରଜନୀ ପାହିଲା । ପୁଣି ସେ ମୀନ ଡାକଦେଲା ।।୬୩

ବୋଲଇ ଶୁଣ ଦଣ୍ଡଧର । କଳସୁ ମୋ ପ୍ରାଣ ଉଦ୍ଧର ।।୬୪

ମୋ ଦେହ କଳସେ ନ ଚଳେ । ବେଗେ ତୁ ଥୁଅ ଅନ୍ୟ ଜଳେ ।।୬୫

ଯେ ଜଳେ ଆନନ୍ଦେ ବିହରି । ଅଳପ ଜଳେ ପ୍ରାଣହାରି ।।୬୬

ତକ୍ଷଣେ କଳସୁଁ ଉଦ୍ଧରି । କୂପେ ଥୋଇଲା ଦଣ୍ଡଧାରୀ ।।୬୭

ମୁହୂର୍ତ୍ତେ କୂପ ମଧ୍ୟେ ରହି । ବିସ୍ତାର କଲା ତାର ଦେହୀ ।।୬୮

କୂପେ ସେ ଡାକଇ ବିକଳେ । ହେ ନୃପ ଥୁଅ ଅନ୍ୟଜଳେ ।।୬୯

କୂପେ ମୁଁ ନ ପାରଇ ରହି । ମୋର ଜୀବନ ରଖ ତୁହି ।।୭୦

ଶଫରୀ ବାକ୍ୟେ ନୃପମଣି । କୂପୁଁ ଉଦ୍ଧରି ବେଗେ ଆଣି ।।୭୧
ତକ୍ଷଣେ ଖାତଜଳେ ଥୋଇ । ଖାତେ ପୂରିଲା ତାର ଦେହୀ ।।୭୨
ଡାକଇ ଜୀବନ ବିକଳେ । ଭୋ ନୃପ ରଖ ଅନ୍ୟଜଳେ ।।୭୩
ଏମନ୍ତେ ଖାତୁଁ ନେଇ ଧୀରେ । ବେଗେ ଥୋଇଲା ସରୋବରେ ।।୭୪
ଦିବସେ ସରୋବରେ ରହି । ଜଳେ ନ ଚଳେ ତାର ଦେହୀ ।।୭୫
ପୁଣି ଡାକଇ ଭୟଙ୍କରେ । ଭୋ ନୃପ ଥୁଅ ଅନ୍ୟ ନୀରେ ।।୭୬
ତକ୍ଷଣେ ତଡ଼ାଗୁଁ ଉଦ୍ଧରି । ହ୍ରଦେ ରଖିଲା ଦଣ୍ଡଧାରୀ ।।୭୭
ସେ ମୀନ ଦଣ୍ଡେ ହ୍ରଦେ ରହେ । ତହିଁ ବଢ଼ିଲା ମହାକାୟେ ।।୭୮
ପୁଣି ଡାକିଲା ଘୋରନାଦେ । ରାଜନ ରହି ନୋହେ ହ୍ରଦେ ।।୭୯
ତା ଶୁଣି ହ୍ରଦୁଁ ଟେକି ବଳେ । କ୍ଷେପିଲା ସମୁଦ୍ରର ଜଳେ ।।୮୦
ସେ ମୀନ ପଡ଼ି ସିନ୍ଧୁଜଳେ । ଡାକିଲା ଜୀବନ ବିକଳେ ।।୮୧
ଭୋ ନୃପ ରଖ ମୋର ପ୍ରାଣ । ତୋରେ ମୁଁ ପଶିଛି ଶରଣ ।।୮୨
ଶରଣ ଜନ ଉପେକ୍ଷିଲେ । କେ ତାକୁ ପ୍ରଶଂସଇ ଭଲେ ।।୮୩
ଏ ଜଳେ ଜୀବଛନ୍ତି ଯେତେ । ବଳେ ଭକ୍ଷିବେ ଏବେ ମୋତେ ।।୮୪
ଏମନ୍ତ ମୀନ ମୁଖୁଁ ଶୁଣି । ମନେ ବିଚାରେ ନୃପମଣି ।।୮୫
ଏ କି ଅଦ୍‌ଭୁତ କର୍ମ ମୁହିଁ । ଜଗତେ ଦେଖିଲିତ ନାହିଁ ।।୮୬
କେଉଁ ଦେବତା ମାୟାବଳେ । ମୋତେ ଛଳଇ ମୀନଛଳେ ।।୮୭
କି ବୁଦ୍ଧି କରିବଇଁ ମୁହିଁ । ଭାଳଇ ମୀନ ମୁଖ ଚାହିଁ ।।୮୮
ବିଷ୍ଣୁର ମାୟାରେ ମୋହିତ । ଦଣ୍ଡେ ରହିଲା ସ୍ତମ୍ଭୀଭୂତ ।।୮୯
ପୁଣି କ୍ଷଣକେ ନୃପବର । କପୋଳେ ଦେଇ ବେନିକର ।।୯୦
ବୋଲଇ ମୀନମୁଖ ଚାହିଁ । ମୋହର ଧର୍ମ ରଖ ତୁହି ।।୯୧
କେଉଁ ଦେବତା ଆସି ଛଳେ । ମୋତେ ମୋହିଲୁ ମାୟାବଳେ ।।୯୨
ଏ ତୋର ବିଶ୍ୱରୂପ ଦେହ । ମାୟା ନ କରି ସତ୍ୟ କହ ।।୯୩
ଏମନ୍ତ ଜଳଚର-ଦେହୀ । ଜଗତେ ଦେଖିଲା ତ ନାହିଁ ।।୯୪
ଭୋ ମୀନ ତୋହର ଶରୀରେ । ଶତେ-ଯୋଜନ-ହ୍ରଦ ପୂରେ ।।୯୫
ନିଶ୍ଚେ ଜାଣିଲି ତୋତେ ଆଜ । ତୁ ନାରାୟଣ ଦେବରାଜ ।।୯୬
ଅନାଦି ପ୍ରଭୁ ନିରଞ୍ଜନ । ଅବ୍ୟକ୍ତ-ରୂପ ଭଗବାନ ।।୯୭
ପ୍ରାଣୀଙ୍କ ନିସ୍ତାରଣ ଅର୍ଥେ । ମୀନ ଶରୀର ଏ ଜଗତେ ।।୯୮
ସ୍ଥିତି-ପାଳନ-ସଂହାରଣ । ତୁ ନାଥ ପରମକାରଣ ।।୯୯
ନମସ୍ତେ ଜଳଚର-ଦେହୀ । ଭୋ ନାଥ କର ମୋତେ ତ୍ରାହି ।।୧୦୦
ତୋର ମାୟାରେ ଭ୍ରମ ହୋନ୍ତି । ହର ବିରଞ୍ଚି ସୁରପତି ।।୧୦୧
ତୁ ନାଥ ଜନ ଉପକାରେ । ନାନା ଶରୀର ଏ ସଂସାରେ ।।୧୦୨
ତୋ ଅବତାର ଭକ୍ତହିତେ । ଧର୍ମ-ସ୍ଥାପନ ଶୁଭ ଅର୍ଥେ ।।୧୦୩
କି କାର୍ଯ୍ୟେ ମୀନ ଅବତାର । କହ ହେ କମଳାର ବର ।।୧୦୪
ଏମନ୍ତ ରାଜ ବାକ୍ୟ ଶୁଣି । କହନ୍ତି ପ୍ରଭୁ ଚକ୍ରପାଣି ।।୧୦୫

ଭଗବାନ ଉବାଚ

ଶୁଣ ରାଜନ ସତ୍ୟବ୍ରତ । ତୁ ଯେଣୁ ମୋହର ଭକତ ।।୧୦୬
ଯେ କାର୍ଯ୍ୟେ ମୀନରୂପ ମୋର । କହୁଛି ଶୁଣ ନୃପବର ।।୧୦୭
ତେଣୁ ଅଇଲି ତୋତେ କହି । ଅଦ୍‌ଭୁତ ମୀନରୂପ ହୋଇ ।।୧୦୮
ମାୟାବୀ ପ୍ରଚଣ୍ଡ ଦାନବ । ନାମ ଯାହାର ହୟଗ୍ରୀବ ।।୧୦୯
ବ୍ରହ୍ମାର ବେଦ ହରି ବଳେ । ବେଗେ ପଶିଲା ମହାଜଳେ ।।୧୧୦
ପ୍ରଳୟ ଜଳେ ମୁଁ ବିହରି । ସେ ବେଦ ଉଦ୍ଧାରଣ କରି ।।୧୧୧
ରଖିବି ସଂସାରର ବୀଜ । ହରିବି ହୟଗ୍ରୀବ ତେଜ ।।୧୧୨
ତୁ ଏବେ ରହ ମୋ ବଚନେ । ଆଜହୁଁ ଗଣି ସାତଦିନେ ।।୧୧୩
ପ୍ରଳୟ ଜଳେ ତିନିପୁର । ନାଶିବ ଶୁଣ ନୃପବର ।।୧୧୪
ଅଠରଖଣ୍ଡ ମେଘ ମିଳି । ସ୍ଫୁରିବ ପ୍ରଚଣ୍ଡେ ବିଜୁଳି ।।୧୧୫
ବହିଣ ଅଣଚାଶ ବାତ । ଆକାଶେ ବିଜୁଳି ପୂରିତ ।।୧୧୬
ଗଭୀରନାଦେ ମେଘମାଳ । ପ୍ରଚଣ୍ଡେ ବରଷିବେ ଜଳ ।।୧୧୭
କ୍ଷଣକେ ସିନ୍ଧୁ ଉଚ୍ଛୁଳିବ । ଉଲ୍ଲୋଳ ଗଗନେ ମିଳିବ ।।୧୧୮
ସପତଋଷିଙ୍କ ମଣ୍ଡଳେ । ଜଳଧି ଲାଗିବ ଉଲ୍ଲୋଳେ ।।୧୧୯

ବ୍ରହ୍ମାର ରଜନୀ ହୋଇବ । ଏ ତିନିପୁର ନାଶଯିବ ।।୧୨୦
ତୁ ଏବେ ମୋର ବୋଲ କର । ଔଷଧି ବୀଜ ସଙ୍ଗେ ଧର ।।୧୨୧
ତୋର କୁଟୁମ୍ବଛନ୍ତି ଯେତେ । ସକଳ ଘେନିଣ ସଙ୍ଗତେ ।।୧୨୨
ଆଜୁହୁଁ ସପତ ଦିବସେ । ନାବ ମିଳିବ ଆସି ପାଶେ ।।୧୨୩
ଯେ ନାବ ସମୁଦ୍ରର କୂଳେ । ତୋତେ ମିଳିବ ସନ୍ଧ୍ୟାକାଳେ ।।୧୨୪
ତୁ ତହିଁ ବସି ସର୍ବ ଘେନି । ତରିବୁ ବ୍ରହ୍ମାର ରଜନୀ ।।୧୨୫
ଆଗତକଳ୍ପ ପରିଯନ୍ତେ । ତୁ ଥିବୁ ଋଷିଙ୍କ ସଙ୍ଗତେ ।।୧୨୬
ସେ ନାବ ମୋର ଶୃଙ୍ଗେ ବାନ୍ଧି । ମୁହିଁ ବିହରିବି ଜଳଧି ।।୧୨୭
ବ୍ରହ୍ମା ରଜନୀକାଳ ଯେତେ । ସେ ନାବେ ଥିବୁ ତୁ ନିଶ୍ଚିନ୍ତେ ।।୧୨୮
ସପତଋଷି ସଙ୍ଗେ ଘେନି । ବଞ୍ଚିବୁ ବ୍ରହ୍ମାର ରଜନୀ ।।୧୨୯
ସେ ମହାଜଳେ ଯେବେ ନାବ । ପ୍ରଳୟ ପବନେ କମ୍ପିବ ।।୧୩୦
ତହିଁକି ନ କରିବୁ ଭୟ । କହଇ ଶୁଣ ମହାରାୟ ।।୧୩୧
ମୋହର ଶୃଙ୍ଗେ ସେ ନିଶ୍ଚଳେ । ବନ୍ଧନେ ଥିବ ଯୋଗବଳେ ।।୧୩୨
ପରମବ୍ରହ୍ମ ମୋ ମହିମା । ଜାଣି ନ ପାରେ ହରବ୍ରହ୍ମା ।।୧୩୩
ମୋ ଅନୁଗ୍ରହେ ମୋତେ ଜାଣି । ସଙ୍କଟୁ ତର ନୃପମଣି ।।୧୩୪
ଏମନ୍ତ କହି ଚକ୍ରଧର । ତକ୍ଷଣେ ହୋଇଲେ ଅନ୍ତର ।।୧୩୫
ଗୋବିନ୍ଦ ଆଜ୍ଞା ଘେନି ଶିରେ । ରାଜା ମିଳିଲେ ସିନ୍ଧୁତୀରେ ।।୧୩୬
ଘେନାଇ ସର୍ବ ଅଉଷଧି । ରାଜାର ଯେତେକ ସମୃଦ୍ଧି ।।୧୩୭
ସମୁଦ୍ରତୀରେ କୁଶ ପାଡ଼ି । କପୋଳେ ବେନିକର ଯୋଡ଼ି ।।୧୩୮
ମୀନରୂପକୁ ଧ୍ୟାନ କରି । କୃଷ୍ଣଚରଣ ମନେ ଧରି ।।୧୩୯
ସମୁଦ୍ରତୀରେ ସେ ରହିଲା । ଏମନ୍ତେ ସାତଦିନ ଗଲା ।।୧୪୦
ରାତ୍ରହୁଁ ମେଘ ସଙ୍ଗେ ମିଳି । ପ୍ରଚଣ୍ଡେ ପ୍ରକାଶେ ବିଜୁଳି ।।୧୪୧
ବହେ ପବନ ଅଣଚାଶ । ଶବଦେ କମ୍ପେ ଦଶଦିଶ ।।୧୪୨
ଘୋର ଶବଦେ ଜଳରାଶି । ହସ୍ତୀ-ଶୁଣ୍ଡ ପ୍ରାୟେ ବରଷି ।।୧୪୩
ସମୁଦ୍ର ଉଛୁଳିଲା ବେଗେ । ଘୋର-ପ୍ରଚଣ୍ଡ-ବାତ ଯୋଗେ ।।୧୪୪

ଗୋବିନ୍ଦ ଆଜ୍ଞା ପରମାଣେ । ନାବ ମିଳିଲା ତତକ୍ଷଣେ ।।୧୪୫
ଋଷିଏ ଶୂନ୍ୟମାର୍ଗୁଁ ଆସି । ରାଜା ସହିତେ ନାବେ ବସି ।।୧୪୬
ଦେଖିଲେ ସର୍ବ ଅଉଷଧି । ରାଜାର ଯେତେକ ସମୃଦ୍ଧି ।।୧୪୭
ସେ ନାବେ ରାଜା ସଙ୍ଗେ ବସି । ମୁନିଏ ରାଜାକୁ ପ୍ରଶଂସି ।।୧୪୮
ବୋଲନ୍ତି ତୁମ୍ଭେ ଭାଗ୍ୟବନ୍ତ । ସଙ୍କଟୁ ରଖିଲୁ ଆମ୍ଭନ୍ତ ।।୧୪୯
ଏବେ ଆମ୍ଭର ବୋଲକର । ଏ ନାବେ ବିଷ୍ଣୁଙ୍କୁ ସୁମର ।।୧୫୦
ତୋହର ଭାବେ ସେ ମାଧବ । ଆମ୍ଭଙ୍କୁ ସଙ୍କଟୁ ତାରିବ ।।୧୫୧
ଏମନ୍ତେ ଋଷିଙ୍କ ବଚନେ । ରାଜା ବସିଲା ବିଷ୍ଣୁଧ୍ୟାନେ ।।୧୫୨
ତକ୍ଷଣେ ପ୍ରଭୁ ନରହରି । ମିଳିଲେ ମୀନରୂପ ଧରି ।।୧୫୩
ଏକଇ ଶୃଙ୍ଗ ଶିରେ ସାଜେ । ରୂପେ ସୁବର୍ଣ୍ଣତେଜ ଗଞ୍ଜେ ।।୧୫୪
ମେରୁର ପ୍ରାୟେ ଅତିଦମ୍ଭ । ନିୟୁତଯୋଜନ ତା ଲମ୍ବ ।।୧୫୫
ସେ ଶୃଙ୍ଗେ ନାବ ବାନ୍ଧି ବଳେ । ସେ ରାଜା ବସିଲା ନିଶ୍ଚଳେ ।।୧୫୬
ସେ ନାବେ ମୁନିଙ୍କ ସଙ୍ଗତେ । କୃଷ୍ଣଙ୍କୁ ଧ୍ୟାନ କଲା ଚିତ୍ତେ ।।୧୫୭
ମହାପ୍ରଳୟେ ନାବେ ବସି । ଗୋବିନ୍ଦ-ବଚନେ ବିଶ୍ୱାସି ।।୧୫୮
ଆକୁଳେ ଶିରେ କର ଦେଇ । ବୋଲଇ ରଖ ଭାବଗ୍ରାହୀ ।।୧୫୯
ଏ ଘୋର-ସଙ୍କଟ ତରଣେ । ଶରଣ ଗଲୁ ତୋ ଚରଣେ ।।୧୬୦
କପୋଳେ ଦେଇ ବେନିକର । ଗୋବିନ୍ଦ ଚିନ୍ତେ ନୃପବର ।।୧୬୧
ସପତଋଷିଙ୍କ ବଚନେ । ନିଶ୍ଚଳେ ବସି ଯୋଗଧ୍ୟାନେ ।।୧୬୨
ମନ-ବଚନ ହୃଦେ ଛନ୍ଦି । ଚଞ୍ଚଳ ଇନ୍ଦ୍ରିୟ ନିରୋଧି ।।୧୬୩
ଅନ୍ତରେ ମନ ସ୍ଥିର କଲା । ସୁମରି ଗୋବିନ୍ଦର ଲୀଳା ।।୧୬୪
ଆନନ୍ଦ ମନେ ସତ୍ୟବ୍ରତ । ସ୍ତୁବଇ ଯୋଡ଼ି ବେନିହସ୍ତ ।।୧୬୫

ରାଜା ଉବାଚ

ଭୋ ନାଥ ସଙ୍କଟ ତାରଣ । ତୋ ପାଦେ ପଶିଲି ଶରଣ ।।୧୬୬
ଅଶେଷ ବ୍ରହ୍ମାଣ୍ଡ-ଠାକୁର । ଏ ଘୋର-ସଙ୍କଟୁ ଉଦ୍ଧର ।।୧୬୭
ଅନାଦି ଅବିଦ୍ୟାର ବଳେ । ପ୍ରାଣୀ ଭ୍ରମନ୍ତି ଏ ଶୟଳେ ।।୧୬୮

ଅଶେଷ-ବ୍ରହ୍ମାଣ୍ଡ-କାରଣ । ତୋ ପାଦେ ରଖ ନାରାୟଣ ।।୧୬୯
ଯାବତ ତୋ ପାଦ ନ ଚିନ୍ତେ । ତାବତ ସୁଖୀ କେ ଜଗତେ ।।୧୭୦
ତୁ ନାଥ ତାପତ୍ରୟୁଁ ତାରୁ । ଅଶେଷ ଗୁରୁଙ୍କର ଗୁରୁ ।।୧୭୧
ଅଜ୍ଞାନୀଜନ ଏ ଜଗତେ । ବନ୍ଧନ କର୍ମର ଆୟତ୍ତେ ।।୧୭୨
ସୁଖର ଲୋଭେ ଦୁଃଖେ ପଡ଼େ । ଯାବତ ଭକ୍ତିମାର୍ଗ ହୁଡ଼େ ।।୧୭୩
ତାବତ ସୁଖ ନାହିଁ ତାର । ଲଭଇ ଦୁଃଖ ମହାଘୋର ।।୧୭୪
ଯାବତ ନ ଜାଣଇ ତୋତେ । ତାବତ ଭ୍ରମଇଁ ଜଗତେ ।।୧୭୫
ତୋହର ମାୟା ଏ ସଂସାର । ଦୁର୍ଗମ ଘୋର ଅନ୍ଧକାର ।।୧୭୬
ତୋର ଭଜନ ରବିତ୍ରାସ । ଆତ୍ମାର ତମ କରେ ନାଶ ।।୧୭୭
ତୁମ୍ଭ ପ୍ରସାଦାୟତ ଲେଶ । ଯେ ଗୁରୁଦେବେ ଅପ୍ରକାଶ ।।୧୭୮
ସମସ୍ତ ଇନ୍ଦ୍ରିଙ୍କ ପ୍ରକାଶ । ସୁଗତି ତୁମ୍ଭେ କର ଦୃଶ୍ୟ ।।୧୭୯
ବରଣ କରି ଗୁରୁ କଲୁ । ସକଳ କଳୁଷ ଛେଦିଲୁ ।।୧୮୦
ମୂର୍ଖକୁ ମୂର୍ଖ କଲେ ଗୁରୁ । ତରିକି ପାରେ ତମଘୋରୁ ।।୧୮୧
ଏ ଭୟେ ତୋ ପାଦେ ସେବିଲୁ । ଜ୍ଞାନଦୀପକୁ ପ୍ରକାଶିଲୁ ।।୧୮୨
ତୁମ୍ଭେ ସକଳ ପ୍ରିୟବନ୍ଧୁ । ଗୁରୁର ଜ୍ଞାନେ କୃପାସିନ୍ଧୁ ।।୧୮୩
ଏ ମହାପ୍ରଭୁ ହୃଦେ ସ୍ଥିତି । ଜୀବ ନ ଜାଣେ ତୁମ୍ଭ ଗତି ।।୧୮୪
ହେ ପ୍ରଭୁ ବରଦ ଈଶ୍ୱର । ତୁମ୍ଭରେ ଶରଣ ମୋହର ।।୧୮୫
ହୃଦୟ-ମଳ-ଗ୍ରନ୍ଥି ନାଶ । ତୁମ୍ଭର ଶରୀର ପ୍ରକାଶ ।।୧୮୬
କହନ୍ତି ଶୁକ ମୁନିବର । ହୃଦୟେ ଚିନ୍ତି ଗଦାଧର ।।୧୮୭

ଶୁକ ଉବାଚ

ଏମନ୍ତ ଭାବେ ଦଣ୍ଡଧାରୀ । ଚିତ୍ତେ ଅନେକ ସ୍ତୁତି କରି ।।୧୮୮
ରହିଲା ସମାଧି ନିଶ୍ଚଳେ । ନାବେ ଗୋବିନ୍ଦ ପାଦମୂଳେ ।।୧୮୯
ଏମନ୍ତେ ଶୁଣ ନୃପମଣି । ତକ୍ଷଣେ ପ୍ରଭୁ ଚକ୍ରପାଣି ।।୧୯୦
ପ୍ରଳୟ ଜଳେ ମୀନରୂପ । ହୟଗ୍ରୀବର ହରି ଦର୍ପ ।।୧୯୧
ଜଳେ ଅସୁର ପ୍ରାଣହରି । ବ୍ରହ୍ମାର ବେଦକୁ ଉଦ୍ଧରି ।।୧୯୨
ମିଳିଲେ ନୃପତିର ଆଗେ । ସଦୟଚିତ୍ତେ ଅନୁରାଗେ ।।୧୯୩
ବୋଲନ୍ତି ରାଜାମୁଖ ଚାହିଁ । ସଂସାରେ ଭାଗ୍ୟବନ୍ତ ତୁହି ।।୧୯୪
ଏମନ୍ତ କହି ଭଗବାନ । ଆନନ୍ଦେ ଦେଲେ ତତ୍ତ୍ୱଜ୍ଞାନ ।।୧୯୫
ବୋଇଲେ ଦିବାକର ବଂଶେ । ଜନ୍ମ ଲଭିବୁ ଆୟୁ ଶେଷେ ।।୧୯୬
ବଇବସ୍ୱତ ମନୁ ହୋଇ । ପ୍ରଜା ପାଳିବୁ ଧର୍ମ ବହି ।।୧୯୭
ଏ ଜ୍ଞାନେ ତୋହର ଜୀବନ । ମନୁଙ୍କ ମଧ୍ୟେ ହେଉ ଧନ୍ୟ ।।୧୯୮
ଏ ମୋର ମୀନ ଅବତାର । ଧ୍ୟାନେ ରହିବ ତୋ ଅନ୍ତର ।।୧୯୯
ତୋହର ତୁଲେ ମୋ ସମ୍ବାଦ । ଶୁଣନ୍ତେ ତୁଟଇ ପ୍ରମାଦ ।।୨୦୦
ଏମନ୍ତ କହି ଭଗବାନ । ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ ।।୨୦୧
ଅଷ୍ଟମ ସ୍କନ୍ଧେ ଏ ଚରିତ । ଅମୃତ ରସମୟ ଗୀତ ।।୨୦୨
ସୁଜନେ ଶୁଣ ଏକଚିତ୍ତେ । ସଂସାରୁ ତରିବ ଯେମନ୍ତେ ।।୨୦୩
ଖଣ୍ଡିବ ଅଶେଷ ଦୁର୍ଗତି । ସୁଜନେ ଏଣେ କର ମତି ।।୨୦୪
ବୋଲଇ ବିପ୍ର ଜଗନ୍ନାଥ । ଭାଷା-ପ୍ରବନ୍ଧେ ଭାଗବତ ।।୨୦୫

ଇତି ଶ୍ରୀମଦ୍‌ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ଅଷ୍ଟମସ୍କନ୍ଧେ ମତ୍ସ୍ୟାବତାର ଚରିତ ଅନୁବର୍ଣ୍ଣନଂ ନାମ ତ୍ରୟୋବିଂଶୋଽଧ୍ୟାୟଃ ।।